# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୬/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, September 6/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 260 | ମୂଲ୍ୟ ₹୭/-




**ପ୍ରଥମଥର କ୍ୱାର୍ଟରରେ ଗଫ୍**

ଆମେରିକାର କୋକୋ ଗଫ୍ ପ୍ରଥମଥର ପାଇଁ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୧୦

**୨୩ରେ 'ବବ୍‌ଲି ବାଉନ୍ସର'**

ଅଭିନେତ୍ରୀ ତମନ୍ନା ଭାଟିଆ ଏକ ନୂଆ ଚରିତ୍ର 'ବବ୍‌ଲି ବାଉନ୍ସର'ରେ ନଜର ଆସିବେ। ଆସନ୍ତା ୨୩ ତାରିଖରେ ଏହି ଫିଲ୍ମ ମୁକ୍ତିଲାଭ କରିବ।



# ଟ୍ରସ୍ ବ୍ରିଟେନ ପ୍ରଧାନମନ୍ତ୍ରୀ

- ଲିଜ୍ ଟ୍ରସ୍‌ଙ୍କୁ ୮୧, ୩୨୬ ଭୋଟ
- ରଷି ସୁନକ ପାଇଲେ ୬୦,୩୯୯

**ଲଣ୍ଡନ,୫।୯**

୧୦ ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ବ୍ରିଟେନ୍‌ର ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ରଷି ସୁନକଙ୍କୁ ୨୦,୯୨୭ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଟ୍ରସ୍‌ଙ୍କୁ ୮୧,୩୨୬ ଖଣ୍ଡ ଭୋଟ ମିଳିଥିବାବେଳେ ସୁନକଙ୍କ ସପକ୍ଷରେ ୬୦,୩୯୯ ଭୋଟର ମତଦାନ କରିଛନ୍ତି। ୪୭ ବର୍ଷୀୟା ଟ୍ରସ୍ କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ନିର୍ବାଚିତ ହୋଇଥିବା ନେଇ ଦଳର ନିର୍ବାଚନ ଅଧିକାରୀ ସାର ଗ୍ରାହାମ ବ୍ରାଡି ସୋମବାର ୱେଷ୍ଟମିନିଷ୍ଟରସ୍ଥିତ ଏଲିଜାବେଥ୍ ଦ୍ୱିତୀୟ ସେଣ୍ଟରରେ ଘୋଷଣା କରିଛନ୍ତି। ଶାସକ ଦଳର ନୂଆ ନେତା ହେବା ପରେ ସେ ଏବେ ବିଦାୟୀ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଭାବେ ଆନୁଷ୍ଠାନିକ ରୂପେ ଦାୟିତ୍ୱ ଗ୍ରହଣ କରିବେ। ଏଥିପାଇଁ ଟ୍ରସ୍‌ଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

୨୦୧୯ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ବିପୁଳ ବିଜୟ ପରେ ଜୁଲାଇ ୨୪ରେ ବୋରିସ୍ ଜନ୍‌ସନ୍ ବ୍ରିଟେନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। କରୋନା ଲକ୍‌ଡାଉନ୍ ବେଳେ ସେ ଏକାଧିକ ପାର୍ଟି ଆୟୋଜନ କରି ନିୟମ ଭଙ୍ଗ କରିଥିବା ଅଭିଯୋଗ ହୋଇଥିଲା। ବିବାଦୀୟ ହେବା ପରେ ବି ସେ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ବୋରିସ୍‌ଙ୍କ କ୍ୟାବିନେଟରେ ଅର୍ଥମନ୍ତ୍ରୀ ଥିବା ରଷି ସୁନକ ଗତ ଜୁଲାଇରେ ତାଙ୍କ ନେତୃତ୍ୱ ଉପରୁ ଆସ୍ଥା ତୁଟିଯାଇଥିବା ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଥିଲେ। ସୁନକଙ୍କ ପରେ କ୍ୟାବିନେଟର ଅନେକ ମନ୍ତ୍ରୀ ☞ପୃଷ୍ଠା-୪



ଲିଜ୍ ଟ୍ରସ୍

## ୱିନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କଠୁ ନେଇ ଲିଜ୍ ଟ୍ରସ୍



**ଏଲିଜାବେଥ୍ ଦ୍ୱିତୀୟଙ୍କ ୧୫ ପ୍ରଧାନମନ୍ତ୍ରୀ**

ବ୍ରିଟେନ୍‌ର ବିଦାୟୀ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଆନୁଷ୍ଠାନିକ ଭାବେ ଇସ୍ତଫା ଦେବା ପରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ମଙ୍ଗଳବାର କଞ୍ଜରଭେଟିଭ୍ ପାର୍ଟିର ନବନିର୍ବାଚିତ ନେତା ଲିଜ୍ ଟ୍ରସ୍‌ଙ୍କୁ ନୂଆ ସରକାର ଗଠନ କରିବା ପାଇଁ ପରାମର୍ଶ ଦେବେ। ଏଲିଜାବେଥ୍ ଦ୍ୱିତୀୟଙ୍କ ଶାସନକାଳରେ ଟ୍ରସ୍ ହେବେ ଦେଶର ପଞ୍ଚଦଶ ପ୍ରଧାନମନ୍ତ୍ରୀ। ୧୯୫୨ରେ ମହାରାଣୀଙ୍କ ରାଜାଭିଷେକ ପରଠାରୁ ୧୦ ଡାଉନିଂ ଷ୍ଟ୍ରିଟ୍ ଦଖଲ କରିଥିବା ଟ୍ରସ୍‌ଙ୍କ ☞ପୃଷ୍ଠା-୪

## ୮ରୁ ଦକ୍ଷିଣ, ୧୧ରୁ ଉପକୂଳରେ ପ୍ରବଳ ବର୍ଷା

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି। ଦିନର ତାପମାତ୍ରା ୩୬ ଡିଗ୍ରୀ ଉପରେ ରହୁଛି। ଆହୁରି ୨ ଦିନ ଏଭଳି ପାଗ ଲାଗି ରହିବ। ତେବେ ଆସନ୍ତା ୮ରୁ ପାଗରେ ପରିବର୍ତ୍ତନ ହେବ। ଘୂର୍ଣ୍ଣିବଳୟ ଓ ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ସେପ୍ଟେମ୍ବର ୮ ରୁ ୧୦ ତାରିଖ ଯାଏ ପ୍ରବଳ ବର୍ଷା ହେବ। ସେହିପରି ୧୧ରୁ ୧୩ ତାରିଖ ଯାଏ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କଟକ, ଜଗତ୍‌ସିଂହପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

ମାତା ମାତାଲ

**ଆଜିର ମନ୍ତବ୍ୟ**

"ତ୍ରୁଟିପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ସଡ଼କ ଦୁର୍ଘଟଣା ପାଇଁ ଦାୟୀ। ରାଜପଥ ନିର୍ମାଣ ଲାଗି ଉପଯୁକ୍ତ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତି ନିମନ୍ତେ କମ୍ପାନୀଗୁଡ଼ିକ ତାଲିମ ନେବା ଆବଶ୍ୟକ।

– ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ

ମାତୃଭାଷାରେ ଶିକ୍ଷା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱ

ପୃଷ୍ଠା-୩






# ହାଉୟାଉ ନକଲି ବ୍ରାଣ୍ଡ୍

## ଅଡୁଆରେ ଖାଉଟି

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ହାଟବଜାରରେ ହାଉୟାଉ ନକଲି ବ୍ରାଣ୍ଡ୍। ତେଲ, ଲୁଣ, ହଳଦୀ, ସସ୍, ଡିଟରଜେଣ୍ଟ, ଦୁଗ୍ଧ, ଘିଅ, ପନିରଠାରୁ ଆରମ୍ଭକରି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଭେଜାଲ ବଜାରକୁ କବଳିତ କରିଛି। ଗତ କିଛି ବର୍ଷ ହେବ ଏଭଳି ଅପମିଶ୍ରଣ ରାଜ୍ୟରେ ବଢ଼ି ବଢ଼ି ଚାଲିଛି, ଯାହାର କୁପରିଣାମ ଖାଉଟିଙ୍କୁ ଭୋଗିବାକୁ ପଡୁଛି। ବଜାରରେ ମିଳୁଥିବା ଖାଦ୍ୟସାମଗ୍ରୀ କେତେ ସୁରକ୍ଷିତ ତାହା ଜାଣିବା ଖାଉଟିଙ୍କ ପକ୍ଷେ ମୁସ୍କିଲ। ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ନକଲି ସାମଗ୍ରୀକୁ ବଜାରକୁ ଛଡ଼ାଯାଉଛି। ଏଥିରେ ଅସାଧୁ ବ୍ୟବସାୟୀଙ୍କ ସମେତ ଅପମିଶ୍ରଣକାରୀଙ୍କର ସମ୍ପୃକ୍ତି ରହୁଛି। ଆଖିକୁ ନାମୀ ବ୍ରାଣ୍ଡ ଦେଖାଯାଉଥିଲେ ମଧ୍ୟ ପ୍ୟାକେଟରେ ବିଷ ଭରି ରହିଛି। ଅପମିଶ୍ରିତ ବ୍ରାଣ୍ଡ୍ ଖାଦ୍ୟସାମଗ୍ରୀ ବ୍ୟବହାର କରି ଅନେକ ସମୟରେ ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ନିକଟରେ କଟକ ଜିଲାର ବଡ଼ମ୍ବାରେ ଘରେ ପ୍ରସ୍ତୁତ ଚାଟ୍ ଖାଇ ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ହେବା ଘଟଣା ମଧ୍ୟ ଅପମିଶ୍ରଣର କଳା ସାମ୍ରାଜ୍ୟକୁ ସୂଚାଉଛି।

ଗତ କିଛି ବର୍ଷ ଧରି ଏଭଳି ଅପମିଶ୍ରଣ ଓ ନକଲି ବ୍ରାଣ୍ଡର ଖାଦ୍ୟସାମଗ୍ରୀ ବଜାରକୁ ବହୁମାତ୍ରାରେ ପ୍ରବେଶ କରିଛି। ୨୦୧୯ ଜାନୁୟାରୀରେ କୋରାପୁଟର ଜୟପୁରଠାରେ ମସଲା ଅପମିଶ୍ରଣ ୟୁନିଟ୍ ଠାବ କରାଯାଇଥିବା ବେଳେ ସେହିବର୍ଷ ଫେବୃୟାରୀରେ ଅନୁଗୋଳରେ ଡାଲି, ଦୁଗ୍ଧ ଓ ଲଙ୍କାଗୁଣ୍ଡ ☞ପୃଷ୍ଠା-୪

## ୮୦ କୁଇଣ୍ଟାଲ ନକଲି ଲୁଣ, ସର୍ଫ ଜବତ

- ପ୍ୟାକିଂ ମେଶିନ ଜବତ, ଜଣେ କର୍ମଚାରୀ ଗିରଫ
- ଅନିର୍ଦ୍ଦିଷ୍ଟକାଳ ପାଇଁ କାରଖାନା ବନ୍ଦ



**ଫୁଲନଖରା/ବାଲିଅନ୍ତା,୫।୯(ଡି.ଏନ୍.ଏ.)**

କଟକରେ ବିଭିନ୍ନ ସାମଗ୍ରୀର ନକଲି ଧରାପଡୁଥିବା ବେଳେ ଏବେ ରାଜଧାନୀ ଉପକଣ୍ଠ ଅଞ୍ଚଳରେ ମଧ୍ୟ ନକଲି ସାମଗ୍ରୀ ବିକ୍ରି ହେଉଥିବା ଧରାପଡ଼ିଛି। ପାହାଳ ଥାନା ଅନ୍ତର୍ଗତ ଅଣ୍ଡିଲୋ ମୌଜାର ଅଟଳା ନିକଟସ୍ଥ ଶିବଶକ୍ତି ନଗର ଲେନ-୧୫ରେ ଥିବା ନକଲି ଲୁଣ ଓ ସର୍ଫ କାରଖାନାରେ ସୋମବାର କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ଓ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ମିଳିତ ☞ପୃଷ୍ଠା-୪




# ଡାଉନିଂ ଷ୍ଟ୍ରିଟ୍‌ରେ ଲିଜ୍ ଟ୍ରସ୍



ବ୍ରିଟେନ୍‌ର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ

## ମଜଭୁତ ହେବ ଭାରତ-ବ୍ରିଟେନ ସମ୍ପର୍କ

ଲଣ୍ଡନ,୫।୯

କଞ୍ଜରଭେଟିଭ୍ ପାର୍ଟିର ନବନିର୍ବାଚିତ ନେତା ତଥା ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବା ଲିଜ୍ ଟ୍ରସ୍ ଭାରତ-ବ୍ରିଟେନ୍ ମଧ୍ୟରେ ରଣନୈତିକ, ଅର୍ଥନୈତିକ ସମ୍ପର୍କକୁ ମଜଭୁତ୍ ସପକ୍ଷରେ ଥିବା ବରିଷ୍ଠ ବ୍ରିଟିଶ୍ ରାଜନେତାଙ୍କ ମଧ୍ୟରୁ ଅନ୍ୟତମ। ଟ୍ରସ୍ ଅନ୍ତର୍ଜାତୀୟ ବାଣିଜ୍ୟ ସଚିବ ଥିବାବେଳେ ଗତବର୍ଷ ମେ'ରେ ବୋରିସ୍ ଜନ୍‌ସନ ସରକାରଙ୍କ ପକ୍ଷରୁ ଭାରତ ସହ ତ୍ୱରାନ୍ୱିତ ବାଣିଜ୍ୟିକ ସହଭାଗିତା (ଇଟିପି) ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ବର୍ତ୍ତମାନର ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ଆଲୋଚନାକୁ ଆଗକୁ ବଢ଼ାଇବାରେ ଏଇଠୁ ମୂଳଦୁଆ ପଡ଼ିଥିଲା। ୪୭ ବର୍ଷୀୟା ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ଟ୍ରସ୍ ଭାରତ ଗସ୍ତ କରିବା ସହ ଏକାଧିକ ଥର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ଭର୍ଚୁଆଲ ମୋଡ୍‌ରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଟ୍ରସ୍ ଭାରତକୁ 'ଏକ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ସୁଯୋଗ' ବୋଲି ଅଭିହିତ କରିଥିଲେ। ଇଟିପିରେ ସ୍ୱାକ୍ଷର କରିବା ପରେ ଟ୍ରସ୍ କହିଥିଲେ, ସେ ବାଣିଜ୍ୟ କ୍ଷେତ୍ରରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ଏକ ମଧୁର ସମ୍ପର୍କ ପ୍ରତିଷ୍ଠ ହେଉଥିବା ଦେଖୁଛନ୍ତି। ଏହି ବିସ୍ତୃତ ବାଣିଜ୍ୟିକ ରାଜିନାମାରେ ଆର୍ଥିକ ସେବାଠୁ ନେଇ ଆଇନଗତ ସେବା, ଡିଜିଟାଲ, ଡାଟା ତଥା ସାମଗ୍ରୀ ଓ କୃଷି କ୍ଷେତ୍ର ଅନ୍ତର୍ଭୁକ୍ତ। ଚୁକ୍ତିନାମା ଫଳରେ ଉଭୟ ପକ୍ଷ ଆମଦାନୀ ଓ ରପ୍ତାନି କ୍ଷେତ୍ରରେ ନିମ୍ନ ଟିକସ ବସାଇବେ ବୋଲି ଟ୍ରସ୍ ଆଶାବ୍ୟକ୍ତ କରିଥିଲେ। ବହିର୍ବ୍ୟାପାର ମନ୍ତ୍ରୀ ରୂପେ ପଦୋନ୍ନତି ପାଇବା ପରେ ଟ୍ରସ୍ ଡିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ (ଡିଆଇଟି) ଭାର ଆନ୍ନେ ମାରିଏ-ଟ୍ରେଭେଲ୍ୟାନ୍‌ଙ୍କୁ ଦେଇଥିଲେ, ଯିଏକି ବାଣିଜ୍ୟ ସଚିବ ଭାବେ ଭାରତ ସହ ଏଫ୍‌ଟିଏ ଆଲୋଚନାକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। ନିଟକରେ ନିଜ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କ କ୍ୟାମ୍ପେନ୍ ଟ୍ରାଏଲ୍ ବେଳେ ଟ୍ରସ୍ ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ନେଇ ତାଙ୍କ ଆଭିମୁଖ୍ୟ ଦୋହରାଇଥିଲେ। ବୋରିସ୍ ଜନ୍‌ସନ ଚଳିତବର୍ଷ ଶେଷ ସୁଦ୍ଧା ଏଫ୍‌ଟିଏ ଚୂଡ଼ାନ୍ତ ହୋଇଯିବ ବୋଲି ପୂର୍ବରୁ ଘୋଷଣା କରିଥିବାବେଳେ ଟ୍ରସ୍ ଏହାକୁ ଆସନ୍ତା ଦୀପାବଳି ସୁଦ୍ଧା ସମ୍ପନ୍ନ କରାଯିବ ବୋଲି କହିଥିଲେ। ଏପରି କି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରତିରକ୍ଷା ଓ ସୁରକ୍ଷା ସହଭାଗିତାକୁ ତ୍ୱରାନ୍ୱିତ କରାଯିବ ବୋଲି ଟ୍ରସ୍ ଏକାଧିକ ଥର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଋଷି ସୁନକ ନିରାଶ

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଦୌଡ଼ରେ ପଛରେ ପଡ଼ିଯାଇଥିବା ୪୨ ବର୍ଷୀୟ ରିଚ୍‌ମଣ୍ଡ ଏମ୍‌ପି ଋଷି ସୁନକ ଶେଷ ପର୍ଯ୍ୟାୟ ମତଦାନରେ ଫ୍ରଣ୍ଟରନର୍ ଲିଜ୍ ଟ୍ରସ୍‌ଙ୍କଠାରୁ ପ୍ରାୟ ୨୧ ହଜାର ଭୋଟରେ ପରାଜିତ ହୋଇଛନ୍ତି। ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ତଥା ଭାରତୀୟ ବଂଶୋଦ୍ଭବ ସୁନକ ବୋରିସ୍ ଜନ୍‌ସନ କ୍ୟାବିନେଟରେ ଅର୍ଥମନ୍ତ୍ରୀ ଥିବାବେଳେ କରୋନା ମହାମାରୀ ସମୟରେ ସଂସ୍କାରମୂଳକ ପଦକ୍ଷେପ ନେଇ ବ୍ରିଟେନବାସୀଙ୍କ ପ୍ରିୟପାତ୍ର ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ବୋରିସ୍‌ଙ୍କ ନେତୃତ୍ୱ ପ୍ରତି ସନ୍ଦେହ ବ୍ୟକ୍ତ କରି ସେ ହିଁ ତାଙ୍କ ଉପରେ ଇସ୍ତଫା ଦେବା ପାଇଁ ଚାପ ସୃଷ୍ଟି କରିଥିଲେ। ସୁନକଙ୍କ ଇସ୍ତଫା ପରେ କଞ୍ଜରଭେଟିଭ୍ ପାର୍ଟିର ଅନେକ ନେତା ଓ ମନ୍ତ୍ରୀ ନିଜ ପଦ ଛାଡ଼ିଥିଲେ। ଜୁଲାଇ ୧୩ରେ ୧୦ ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ଶାସକ ଦଳର ୮ ଏମ୍‌ପି ସାମିଲ ଥିଲେ। ସେମାନେ ହେଲେ ଲିଜ୍ ଟ୍ରସ୍, ଋଷି ସୁନକ, ପେନି ମୋର୍ଡ୍‌ଣ୍ଟ, ନଧିମ୍ ଜହାୱି, ଟମ୍ ଟୁଗେନ୍‌ଧାତ୍, ସୁଲେଲା ବ୍ରେଭର୍‌ମ୍ୟାନ, ଜେରେମି ହଣ୍ଟ ଏବଂ କେମି ବେଡେନୋକ୍। ବ୍ରିଟେନ୍‌ରେ ବସବାସ କରୁଥିବା ୧.୫ ନିୟୁତ ଭାରତୀୟ ବଂଶୋଦ୍ଭବ ଏବଂ କଞ୍ଜରଭେଟିଭ୍ ପାର୍ଟିର ଏକ ବଡ଼ ଗୋଷ୍ଠୀ ତାଙ୍କୁ ସମର୍ଥନ କରିଥିଲେ। ଏସବୁ ସତ୍ତ୍ୱେ ସୁନକଙ୍କ ପରାଜୟ ତାଙ୍କୁ ନିରାଶ କରିଛି।

> ଏହି ଅଭିଯାନରେ ମୋ ସପକ୍ଷରେ ମତଦାନ କରିଥିବା ସମସ୍ତଙ୍କୁ ଧନ୍ୟବାଦ। କଞ୍ଜରଭେଟିଭ୍‌ମାନେ ଗୋଟିଏ ପରିବାର ବୋଲି ମୁଁ ମୂଳରୁ କହିଆସୁଛି। ନୂଆ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ପଛରେ ଛିଡ଼ାହୋଇ ଆମେ ସମସ୍ତେ ଏକାଠି ହେବାର ସମୟ ଉପନୀତ। ଏହି କଠିନ ସମୟରେ ସେ ବ୍ରିଟେନକୁ ଏକ ସଫଳ ନେତୃତ୍ୱ ଦେବେ ବୋଲି ଆଶା।
>
> **-ଋଷି ସୁନକ, ପରାଜିତ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ**



## ପରିଚୟ ଓ ଆହ୍ୱାନ

**ଋଷିଆ-ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଭଳି ଜଟିଳ ପରିସ୍ଥିତି ଦେଇ ଗତି କରୁଥିବା ବ୍ରିଟେନ ସୋମବାର ନୂଆ ନେତା ପାଇଛି। ଏସବୁର ସମାଧାନ କରି ନିଜ ପ୍ରତିଶ୍ରୁତି ରକ୍ଷା କରିବା ଲିଜ୍ ଟ୍ରସ୍‌ଙ୍କ ପାଇଁ ସବୁଠି ବଡ଼ ଚ୍ୟାଲେଞ୍ଜ ହେବ। ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଟ୍ରସ୍ ଏହି ଆହ୍ୱାନଗୁଡ଼ିକର ମୁକାବିଲା କରି କିପରି ବ୍ରିଟେନବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିବ। ତାଙ୍କ କ୍ୟାରିୟର ଓ ସଫଳତା ସମ୍ପର୍କରେ ସଂକ୍ଷିପ୍ତ ଅବତାରଣା...**





ମାର୍ଗାରେଟ୍ ଥାଚର ଓ ଥେରେସା ମେ'ଙ୍କ ପରେ ଟ୍ରସ୍ ହେଉଛନ୍ତି ବ୍ରିଟେନର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ। କଞ୍ଜରଭେଟିଭ୍ ପାର୍ଟିର ଥାଚର ୧୯୭୯ରୁ ୧୯୯୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ। ସେହିପରି ଏହି ଦଳର ଥେରେସା ମେ' ୨୦୧୬ରୁ ୨୦୧୯ ଯାଏ ଶାସନ କ୍ଷମତାରେ ଥିଲେ।




➡୧୯୭୫ରେ ଅକ୍ସଫୋର୍ଡରେ ଜନ୍ମିତ ଲିଜ୍ ଟ୍ରସ୍ ଅକ୍ସଫୋର୍ଡ ୟୁନିଭର୍ସିଟିରେ ଦର୍ଶନ ଶାସ୍ତ୍ର, ରାଜନୀତି ଓ ଅର୍ଥନୀତିରେ ପାଠ ପଢ଼ିବା ବେଳେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ।

➡ସାଉଥ୍ ୱେଷ୍ଟ ନୋରଫକ୍ ଏମ୍‌ପି ଟ୍ରସ୍ ୨୦୧୦ରୁ ଏହି ଆସନରେ ଦୁଇଥର ବିଜୟୀ ହୋଇଥିଲେ। ସେ ଡେଭିଡ୍ କାମେରନ୍, ଥେରେସା ମେ' ଏବଂ ବୋରିସ୍ ଜନ୍‌ସନଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ବିଭିନ୍ନ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇ ନିଜ ବିଚକ୍ଷଣତାର ପରିଚୟ ଦେଇଛନ୍ତି।

➡ଟ୍ରସ୍ ଟ୍ରେଜେରି ଚିଫ୍ ସେକ୍ରେଟାରି ହେବା ପୂର୍ବରୁ ଥେରେସା ମେ'ଙ୍କ ଅଧୀନରେ ନ୍ୟାୟ ସଚିବ ଭାବେ କାର୍ଯ୍ୟ କରିଥିଲେ।

➡୨୦୧୯ରେ ବୋରିସ୍ ଜନ୍‌ସନଙ୍କ ଅଧୀନରେ ଟ୍ରସ୍ ଅନ୍ତର୍ଜାତୀୟ ବାଣିଜ୍ୟିକ ସଚିବ ଦାୟିତ୍ୱ ତୁଲାଇଥିଲେ। ୨୦୨୧ରେ ତାଙ୍କୁ ବହିର୍ବ୍ୟାପାର ସଚିବ ନିଯୁକ୍ତ କରାଯାଇଥିଲା।

➡ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଟ୍ରସ୍ ହେଉଛନ୍ତି ୨୦୧୫ ସାଧାରଣ ନିର୍ବାଚନ ପରେ କଞ୍ଜରଭେଟିଭ୍ ପାର୍ଟିର ଚତୁର୍ଥ ପ୍ରଧାନମନ୍ତ୍ରୀ।

➡ୟୁରୋପୀୟ ସଂଘ (ଇୟୁ) କୂଟନୀତିଜ୍ଞମାନଙ୍କ ମତରେ ଲିଜ୍ ଟ୍ରସ୍ ବ୍ରେକ୍‌ଜିଟ୍ (ୟୁରୋପରୁ ବ୍ରିଟେନ ଅଲଗା ହେବା)କୁ ପ୍ରଥମେ ବିରୋଧ କରୁଥିଲେ। ୨୦୧୬ ବ୍ରେକ୍‌ଜିଟ୍ ଗଣଭୋଟ ବେଳେ ସେ ଏହାକୁ ବିରୋଧ କରିଥିଲେ ହେଁ ପରବର୍ତ୍ତୀ ସମୟରେ ବୋରିସ ଜନ୍‌ସନଙ୍କ କ୍ୟାବିନେଟର ସଦସ୍ୟ ରୂପେ ସମର୍ଥନ କରିଥିଲେ।

➡ଟ୍ରସ୍ ନିର୍ବାଚିତ ହେଲେ ସପ୍ତାହେ ମଧ୍ୟରେ ବ୍ରିଟେନର ବ୍ୟୟ ସଙ୍କଟ ଓ ଶକ୍ତି ସମସ୍ୟା ଦୂର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟ୍ରସ୍ କହିଥିଲେ, ଭବିଷ୍ୟତରେ ଇନ୍ଧନ ଯୋଗାଣ ଓ ଏନର୍ଜି ବିଲ୍ ସମସ୍ୟାର ସମାଧାନ ପାଇଁ ତାଙ୍କ ପାଖରେ ଏକ ବ୍ଲୁ ପ୍ରିଣ୍ଟ ରହିଛି।

➡ଟିକସ ବୃଦ୍ଧିର ପରମ୍ପରାକୁ ଚ୍ୟାଲେଞ୍ଜ କରି ମୁଦ୍ରାସ୍ଫୀତି ଉପରେ ରୋକ୍ ଲଗାଯିବ ବୋଲି ମାସାଧିକ କାଳର ଲିଡରଶିପ୍ କ୍ୟାମ୍ପେନ୍ ବେଳେ ୪୭ ବର୍ଷୀୟା ଟ୍ରସ୍ ସଙ୍କେତ ଦେଇଥିଲେ।






## ଋଷିଆ ଦୂତାବାସରେ ବିସ୍ଫୋରଣ: ୨ କୂଟନୀତିଜ୍ଞ ମୃତ

**କାବୁଲ, ୫।୯:** ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ଋଷିଆ ଦୂତାବାସ ନିକଟରେ ସୋମବାର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ଦୂତାବାସର ୨ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ମୃତକ ଆଫ୍‌ଗାନର ହୋଇଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ଆଫ୍‌ଗାନମାନେ ଭିଜା ପାଇଁ ଅପେକ୍ଷା କରିଥିବାବେଳେ ଦୂତାବାସର କନ୍‌ସୁଲାର ବିଭାଗ ପ୍ରବେଶ ପଥ ନିକଟରେ ବିସ୍ଫୋରଣ ଘଟିଥିଲା। ଏଥିପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ୨୦୨୧ ଅଗଷ୍ଟ ୧୫ରେ ଆଫଗାନିସ୍ତାନକୁ ତାଲିବାନ କବ୍‌ଜା କରିବାପରଠାରୁ ସେଠାରେ ଥିବା କୌଣସି ଦୂତାବାସ ନିକଟରେ ବିସ୍ଫୋରଣ ପ୍ରଥମ ଘଟଣା।

## ଚାଇନାରେ ଭୂକମ୍ପ: ୪୬ ମୃତ

**ବେଜିଂ, ୫।୯:** ଚାଇନାର ସିଚୁଆନ୍ ପ୍ରଦେଶରେ ସୋମବାର ଶକ୍ତିଶାଳୀ ଭୂମିକମ୍ପ ହୋଇଛି। ଏଥିଯୋଗୁ ଅନ୍ୟୂନ ୪୬ ଜଣଙ୍କ ମୃତ୍ୟୁ ଘଟିଛି। ଏହାର ତୀବ୍ରତା ୬.୮ ରହିଛି। ୨୦୧୭ ପରଠାରୁ ଏହି ଅଞ୍ଚଳରେ ଏହା ସବୁଠାରୁ ବଡ଼ ଧରଣର ଭୂକମ୍ପ। କେତେକ ସ୍ଥାନରେ ଭୂସ୍ଖଳନ ହୋଇ ରାସ୍ତାଘାଟ ଦବି ଯାଇଥବାବେଳେ ଘରଦ୍ୱାର ଭାଙ୍ଗିଯାଇଛି। ଲୁଡିଂ ସହରରେ ଏହାର କେନ୍ଦ୍ରସ୍ଥଳ ଥିଲା।

## ଲିଙ୍ଗାୟତ ସନ୍ଥଙ୍କ ଆତ୍ମହତ୍ୟା

**ବେଲଗାଭି, ୫।୯:** କର୍ନାଟକର ବେଲଗାଭି ଜିଲାରେ ଥିବା ଶ୍ରୀଗୁରୁ ମାଡିୱାଲେଶ୍ୱର ମଠରୁ ଲିଙ୍ଗାୟତ ସନ୍ଥ ବାସବ ସିଦ୍ଧାଲିଙ୍ଗ ସ୍ୱାମୀଙ୍କ ମୃତଦେହ ଜବତ ହୋଇଛି। ତାଙ୍କୁ ନିକଟରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ଏକ ଭିଡିଓରେ ଦୁଇ ମହିଳା କେତେକ ମଠରେ ଚାଲିଥିବା ଯୌନ ନିର୍ଯାତନା ଘଟଣାକୁ ନେଇ ଆଲୋଚନା କରୁଥିବା ଏବଂ ସନ୍ଥ ବାସବଙ୍କ ନାଁ ମଧ୍ୟ ନେଇଥିବା ଦେଖାଯାଇଥିଲା। ଏହାକୁ ନେଇ ସନ୍ଥ ମାନସିକ ଚାପରେ ଥିଲେ ବୋଲି କୁହାଯାଉଛି।
















**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୦୪,୯୬,୭୨୨ | ୬୫,୦୪,୩୯୧ | ୫୮,୭୪,୩୦,୧୩୧ |
| ଭାରତ | ୪,୪୪,୬୨,୪୪୫ | ୫,୨୮,୦୦୭ | ୪,୩୮,୮୦,୪୬୪ |
| ଓଡ଼ିଶା | ୧୩,୨୮,୬୪୪ | ୯୧୮୧(+୫୩) | ୧୩,୧୮,୦୬୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ୭ହଜାର ଶିକ୍ଷକ ପଦବୀ ପୂରଣ ହେବ

**ଭୁବନେଶ୍ୱର, ୫।୯(ବ୍ୟୁରୋ):** ରାଜ୍ୟରେ ଖୁବ୍‌ଶୀଘ୍ର ପୂରଣ ହେବ ଆଉ ୭ହଜାର ଶିକ୍ଷକ ପଦବୀ। ଆସନ୍ତା ମାସରେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇ କହିଛନ୍ତି, ଗୁଣାତ୍ମକ ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୧୩ହଜାର ଶିକ୍ଷକ ନିଯୁକ୍ତି ପାଇସାରିଛନ୍ତି। ଏବେ ଆଉ ୭ହଜାର ଶିକ୍ଷକ ପଦବୀ ପୂରଣ ହେବ। ସେପଟେ ଗୁରୁଦିବସ ଉପଲକ୍ଷେ ଶିକ୍ଷକଙ୍କୁ ପ୍ରଣାମ ଜଣାଇବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି ମନ୍ତ୍ରୀ। ସେ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ତାଙ୍କ ଗୁରୁଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିଛନ୍ତି। କୋଭିଡ୍ ସମୟରେ ପାଠପଢ଼ା ଅବଦାନ ଅତୁଳନୀୟ। ଦଶମ ଓ ଦ୍ୱାଦଶ ପାଠପଢ଼ା ସହ ପରୀକ୍ଷା କରି ରେଜଲ୍ଟ ପ୍ରକାଶ କରାଇବାରେ ଆମେ ସକ୍ଷମ ହୋଇପାରିଛୁ। ଗୁରୁଦିବସକୁ ସଙ୍କଳ୍ପ ଦିବସ ଭାବେ ଗ୍ରହଣ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ପୁରସ୍କାର ପାଇଥିବା ରାଜ୍ୟର ଏକମାତ୍ର ଶିକ୍ଷକ ଈଶ୍ୱର ନାୟକଙ୍କୁ ମନ୍ତ୍ରୀ ଦାଶ ଅଭିନନ୍ଦନ ଜଣାଇଛନ୍ତି।

### ରାଜପଥ ହେବ 'କର୍ତ୍ତବ୍ୟ ପଥ'

**ନୂଆଦିଲ୍ଲୀ,୫।୯:** ନୂଆଦିଲ୍ଲୀର କେନ୍ଦ୍ରସ୍ଥଳରେ ଥିବା ରାଜପଥ ଏବଂ ଖୁବ୍‌ଶୀଘ୍ର ଉଦ୍‌ଘାଟିତ ହେବାକୁ ଯାଉଥିବା ସେଣ୍ଟ୍ରାଲ ଭିଷ୍ଟା ଲନ୍ ନୂଆ ନାଁରେ ପରିଚିତ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିଟିଶ ଶାସନ ସମୟର ନାଁ ଓ ଚିହ୍ନ ହଟାଇବା ଉପରେ ଗୁରୁତ୍ୱ ଦେଉଥିବାରୁ ଉକ୍ତ ଅଞ୍ଚଳକୁ କର୍ତ୍ତବ୍ୟ ପଥ (ପାଥ୍ ଅଫ୍ ଡ୍ୟୁଟି) ଭାବେ ନାମିତ କରାଯିବ। ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିଠାରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ କର୍ତ୍ତବ୍ୟ ପାଥ୍ ହେବ। ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେବାବେଳେ ପ୍ରଧାନମନ୍ତ୍ରୀ ଉପନିବେଶୀୟ ଚିହ୍ନ ଓ ମନୋଭବ ଉଚ୍ଛେଦ ଉପରେ ଜୋର୍ ଦେଇଥିଲେ। ସେହି ଅନୁଯାୟୀ ନିକଟରେ ନୌସେନାର ପତାକାକୁ ବଦଳାଯାଇଛି। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଠିକଣା ରେସ୍‌କୋର୍ସ ରୋଡରୁ ଲୋକକଲ୍ୟାଣ ମାର୍ଗକୁ ପରିବର୍ତ୍ତନ କରାଯାଇଥିଲା।



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିମାପଡ଼ାର ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରୁଛନ୍ତି।

# ମାତୃଭାଷାରେ ଶିକ୍ଷା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱ

## ଗୁରୁଦିବସରେ ୪୭ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର

**ନୂଆଦିଲ୍ଲୀ,୫।୯**

ବିଦ୍ୟାଳୟ ଶିକ୍ଷାକ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୪୭ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଗୁରୁଦିବସ ଅବସରରେ ଜାତୀୟ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପୁରସ୍କୃତ ଶିକ୍ଷକଙ୍କ ମଧ୍ୟରେ ଓଡ଼ିଶାର ଈଶ୍ୱର ଚନ୍ଦ୍ର ନାୟକ ଅଛନ୍ତି। ପୁରୀ ଜିଲା ନିମାପଡ଼ା ବ୍ଲକ ଗଡ଼ପଦନପୁର ପଞ୍ଚାୟତ ଅନ୍ତର୍ଗତ ବାଙ୍ଗୁରୁଷପାଟଣା ଗ୍ରାମରେ ଶିକ୍ଷକ ନାୟକଙ୍କ ଜନ୍ମ। ସମ୍ପ୍ରତି ସେ ନିମାପଡ଼ା ବ୍ଲକ ଶଗଡ଼ା ପଞ୍ଚାୟତ ଅଧୀନ କାନପୁର ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ୨୦୧୭ରେ ସେ ରାଜ୍ୟ ଶିକ୍ଷକ ସମ୍ମାନ ପାଇଥିଲେ। ସେ ବହୁ ପୁସ୍ତକ ରଚନା କରିଥିବାବେଳେ ଅନେକ ପୁରସ୍କାର ଲାଭ କରିଛନ୍ତି। ତାଙ୍କ ରଚିତ 'ଅଳିଆରୁ ଅ ଆ' ପୁସ୍ତକ ପୁରସ୍କୃତ ଓ ପ୍ରଶଂସିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନାୟକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମେତ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଏବଂ ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି ବିଜ୍ଞାନ, ସାହିତ୍ୟ ଓ ସାମାଜିକ ବିଜ୍ଞାନରେ ମେଧା ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ମାତୃଭାଷାରେ ଶିକ୍ଷାଦାନ ଦ୍ୱାରା ଏହା ଅଧିକ ପ୍ରଭାବୀ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି। ସେଥିପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ରେ ସ୍କୁଲ୍ ଶିକ୍ଷା ଏବଂ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ପିଲାମାନଙ୍କଠାରେ ପ୍ରଶ୍ନ ପଚାରିବାର ଅଭ୍ୟାସ ବଢ଼ାଇବାକୁ ରାଷ୍ଟ୍ରପତି ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ଅଧିକ ପ୍ରଶ୍ନ ପଚାରିବା ଓ ଉତ୍ତର ଦେବା ଦ୍ୱାରା ସେମାନଙ୍କ ସମସ୍ୟା ସମାଧାନ ହେବା ସହ ଜ୍ଞାନ ବୃଦ୍ଧି ହୋଇପାରିବ। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ବିଜ୍ଞାନ ଭବନରେ ଆୟୋଜିତ ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

ଜାତୀୟ ଶିକ୍ଷକ ପୁରସ୍କାର ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ରାଷ୍ଟ୍ରପତି ତାଙ୍କ ସ୍କୁଲ୍ ଶିକ୍ଷକମାନଙ୍କ ଅବଦାନକୁ ମନେପକାଇଥିଲେ। ସେହି ଶିକ୍ଷକମାନଙ୍କ ପାଇଁ ସେ ତାଙ୍କ ଗ୍ରାମର ପ୍ରଥମ ଝିଅ ଭାବରେ କଲେଜ ଯାଇପାରିଥିଲେ। ଭାରତର ବିଦ୍ୟାଳୟ ଶିକ୍ଷା ବିଶ୍ୱର ସର୍ବବୃହତ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଗଣାଯାଉଥିବା ରାଷ୍ଟ୍ରପତି କହିଛନ୍ତି।

# ସ୍ୱତଃ ତାଲିକା ବ୍ୟବସ୍ଥା ଲାଗୁ କର: ସୁପ୍ରିମକୋର୍ଟ

## ଓଡ଼ିଶା ହାଇକୋର୍ଟଙ୍କୁ ପ୍ରସ୍ତାବ

**ନୂଆଦିଲ୍ଲୀ, ୫।୯**

ଓଡ଼ିଶା ହାଇକୋର୍ଟରେ ମାମଲାଗୁଡ଼ିକର ସ୍ୱତଃ ତାଲିକାଭୁକ୍ତ(ଅଟୋ ଲିଷ୍ଟିଂ) ପଦ୍ଧତି ଆପଣାଇବାକୁ ସୁପ୍ରିମକୋର୍ଟ ସୋମବାର ପ୍ରସ୍ତାବ ଦେଇଛନ୍ତି। ବିଚାରପତି ଏମ୍.ଆର୍. ଶାହା ଏବଂ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମାମଲାର ତାଲିକା(ଲିଷ୍ଟିଂ) ବ୍ୟବସ୍ଥାକୁ ତ୍ୱରିତ ଭିତ୍ତିରେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏପରି କି କୌଣସି ଏକ ମାମଲା ରୁଜୁ ହେବା ପରେ ତାହା ଯେପରି ୭ ରୁ ୧୦ଦିନ ମଧ୍ୟରେ ସ୍ୱତଃଭାବେ ଉପଯୁକ୍ତ କୋର୍ଟ ନିକଟରେ ତାଲିକାଭୁକ୍ତ ହୋଇପାରିବ ସେନେଇ ଅଟୋ ଲିଷ୍ଟିଂ ବ୍ୟବସ୍ଥାକୁ ଆପଣାଇବାକୁ ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀ ସୌରଭ ଶେଖର ବେହେରା ତାଙ୍କ ମାମଲାର ଅଗ୍ରଗତି ସମ୍ପର୍କରେ ପ୍ରତି ସପ୍ତାହରେ ତାଲିକାଭୁକ୍ତ କରିବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଉକ୍ତ ଆବେଦନର ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଜାଣିବାକୁ ପାଇଥିଲେ ଯେ, ଆବେଦନକାରୀ ହାଇକୋର୍ଟଙ୍କ ନିକଟରେ ଏକ ରିଟ୍ ପିଟିଶନ ଦାଖଲ କରିଛନ୍ତି ଏବଂ ତାହା ଦୀର୍ଘଦିନ ହେବ ବିଚାର ଅପେକ୍ଷାରେ ରହିଥିବାବେଳେ ଶୁଣାଣି ନିମନ୍ତେ ତାଲିକାଭୁକ୍ତ ହେଉ ନ ଥିଲା। ହାଇକୋର୍ଟରେ ଆବେଦନ କରାଯାଉଥିବା ପ୍ରତ୍ୟେକ ଆବେଦନର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଲିକାଭୁକ୍ତ କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ଆବେଦନର ଏକ କିତା ନକଲ ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ପଠାଇବା ସହ ଉକ୍ତ ଆବେଦନକୁ ମୁଖ୍ୟ ବିଚାରପତିଙ୍କ ନିକଟରେ ଶୁଣାଣି କରିବାକୁ ଖଣ୍ଡପୀଠ କହିଛନ୍ତି। ଏଥିସହିତ ମାମଲାକୁ କିପରି ତ୍ୱରିତଭାବେ ତାଲିକାଭୁକ୍ତ କରାଯାଇପାରିବ ସେନେଇ ମୁଖ୍ୟ ବିଚାରପତି ଧ୍ୟାନଦେବାକୁ କହିଛନ୍ତି।

# ନିଖୋଜ ଗଣବଳାତ୍କାର ପୀଡ଼ିତା ଘରକୁ ଫେରିଲେ

## ଟାହିଟାପରା ସହି ନ ପାରି ଆତ୍ମହତ୍ୟା ଉଦ୍ୟମ କରିଥିଲେ

**ପାରାଦୀପ,୫।୯(ସ୍ୱ.ପ୍ର.)**

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଗତମାସ ୨୬ ତାରିଖରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ଆଶାକର୍ମୀ ୩ ତାରିଖରୁ ଘରୁ କାର୍ଯ୍ୟସ୍ଥଳ ଅଭିମୁଖେ ବାହାରି ଆଉ ଫେରି ନ ଥିଲେ। ତାଙ୍କ ବାପା ଜଟାଧାରମୁହାଁଣ ସାମୁଦ୍ରିକ ଥାନାରେ ଝିଅ ନିଖୋଜ ବୋଲି ଅଭିଯୋଗ କରିଥିଲେ। ହେଲେ ଆଶାକର୍ମୀ ଜଣକ ଟାହିଟାପରା ସହି ନ ପାରି ଆତ୍ମହତ୍ୟା ଉଦ୍ୟମ କଲାବେଳେ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗଣବଳାତ୍କାର ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇ କୁଜଙ୍ଗ ସମାଗୋଳ ଜେଲରେ ଅଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗତ ୧ ତାରିଖରେ ପ୍ରଥମ ଦୁଇଜଣ ଅଭିଯୁକ୍ତଙ୍କୁ ନେଇ ଟିଆଇ ପରେଡ କରାଯାଇଥିଲା। ୨ ତାରିଖରେ ହେବାକୁ ଥିବା ଦ୍ୱିତୀୟ ଟିଆଇ ପରେଡ କୋର୍ଟ ବନ୍ଦ ଯୋଗୁ ବାତିଲ ହୋଇଥିଲା। ୩ ତାରିଖରେ ଟିଆଇ ପରେଡ ନିମନ୍ତେ ଆଶାକର୍ମୀ କୋର୍ଟ ଯିବା ପାଇଁ ପାରାଦୀପ ଆଦର୍ଶଥାନା ପୋଲିସ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଧରି ନ ଥିଲେ। ପୋଲିସ ତାଙ୍କ ଘରେ ପହଞ୍ଚି ବାପାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲା। ସେତେବେଳେ ତାଙ୍କ ବାପା କହିଥିଲେ ଝିଅ ଡ୍ୟୁଟି ଯାଇଛନ୍ତି। ରବିବାର ତାଙ୍କ ବାପା ଆଦର୍ଶ ଥାନା ବଦଳରେ ଜଟାଧାରମୁହାଁଣ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସୋମବାର ସକାଳୁ ପୀଡ଼ିତା ଆଶାକର୍ମୀ ଘରକୁ ଫେରିଛନ୍ତି। ଏହାପରେ ସେ ବାପାଙ୍କ ସହ ଜଟାଧାରମୁହାଁଣ ଥାନାରେ ଦେଇଥିବା ଅଭିଯୋଗକୁ ଫେରସ୍ତ ନେବା ପାଇଁ କହିଥିଲେ। ପୋଲିସ ଷ୍ଟେସନ ଡାଏରୀ (୮/୨୨)କରି ବୟାନ ରେକର୍ଡ କରିଥିଲା। ଗଣମାଧ୍ୟମକୁ ଆଶାକର୍ମୀଙ୍କ କହିବାନୁଯାୟୀ, ଶନିବାର ସାହି ପଡ଼ିଶା ଲୋକେ ଯାବତୀୟ କଥା କହିବାରୁ ସେ ଘର ଛାଡି ପଳାଇଥିଲେ। ଏପରିକି ଆତ୍ମହତ୍ୟା କରିବା ପାଇଁ ସେ କୁଜଙ୍ଗ ଷ୍ଟେଶନ ପାଖରେ ଉଦ୍ୟମ କରିଥିଲେ। ସେଠାରେ ଦୁଇଜଣ ଯୁବକ ତାଙ୍କୁ ବୁଝାଇ ଗଡକୁଜଙ୍ଗ ପାଖରେ ଜଣେ ମାଉସୀଙ୍କ ଘରେ ଆଶ୍ରୟ ଦେଇଥିଲେ। ସୋମବାର ଘର ଲୋକେ ଯିବାରୁ ଫେରିଥିଲେ ବୋଲି ଆଶାକର୍ମୀ ଜଣକ କହିଛନ୍ତି।




# ପ୍ରଦୂଷଣମୁକ୍ତ ହେବ ୨୮୧ ଜଳାଶୟ

ଯାଜପୁର ଅଫିସ,୫।୯

ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀ ପାଣି ବ୍ୟବହାର ଅନୁପଯୋଗ ହୋଇ ପଡ଼ିଛି। ବର୍ଷ ବର୍ଷ ଧରି ପଙ୍କ ଉଦ୍ଧାର କରାଯାଉ ନାହିଁ। ଏହାସହ ପୋଖରୀରେ ନର୍ଦ୍ଦମା ପାଣି ପଶି ଜଳକୁ ପ୍ରଦୂଷିତ କରୁଛି। ଫଳରେ ସଂରକ୍ଷିତ ପାଣି ଅପରିଷ୍କାର ହୋଇଯାଉଛି। ଏହିକ୍ରମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ୩୨୫/୨୦୧୫ ମାମଲାର ନିର୍ଦ୍ଦେଶ ଉପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ୧୦ ହେକ୍ଟର କିମ୍ବା ଊର୍ଦ୍ଧ୍ୱ ପରିମିତ ଅଞ୍ଚଳର ୨୮୧ ଜଳାଶୟକୁ ପ୍ରଦୂଷଣମୁକ୍ତ କରାଯିବ। ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କ୍ଷୁଦ୍ର ଜଳସେଚନ ମୁଖ୍ୟ ଯନ୍ତ୍ରୀଙ୍କୁ ସୋମବାର ନିର୍ଦ୍ଦେଶ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସହାୟତା ନେଇ ଏହି ପ୍ରକ୍ରିୟା ୨୦।୯।୨୦୨୨ ସୁଦ୍ଧା ସମ୍ପନ୍ନ କରିବାକୁ ଜଳ ସମ୍ପଦ ବିଭାଗ ନୋଡାଲ ଅଫିସର ଡି.ଡି.ଆର୍.ଆର୍. ପଟ୍ଟନାୟକ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି। ଉକ୍ତ ଜଳାଶୟଗୁଡିକର ସ୍ଥାନ ନିରୂପଣ କରିବାକୁ ଏକ ନକ୍ସା ପ୍ରସ୍ତୁତ କରାଯାଇଛି। ଜଳନମୁନା ସଂଗ୍ରହ କରିବା ପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ପ୍ରସ୍ତୁତ ଫର୍ମାଟ ଅନୁସାରେ ପରୀକ୍ଷା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହା ଯଦି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୁଏ ତେବେ ଜଳାଶୟଗୁଡିକ ପ୍ରଦୂଷଣମୁକ୍ତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।


ଯାଜପୁର ରୋଡ୍ ନଟପଡାରେ ଥିବା ସିଙ୍ଗାଡିଆ ପୋଖରି।

■ ନମୁନା ସଂଗ୍ରହ ପ୍ରକ୍ରିୟା ଆରମ୍ଭ
■ ୨୦ ସୁଦ୍ଧା ନମୁନା ପରୀକ୍ଷା ରିପୋର୍ଟ ଦାଖଲ ନିର୍ଦ୍ଦେଶ

ରାଜ୍ୟରେ ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଶିଳ୍ପ କାରଖାନା ବୃଦ୍ଧି ସାଙ୍ଗକୁ ମୋରମ ଓ ପଥର ଖାଦାନରେ ବେଆଇନ ବିସ୍ଫୋରଣ ଯୋଗୁ ଶତାଧିକ ଜଳାଶୟ ସମେତ ଭୂତଳ ଜଳ ପ୍ରଦୂଷିତ ହେଉଛି। ଏଭଳି ସ୍ଥିତିରେ ଜଳାଶୟ କିସମ ଜମି ହ୍ରାସ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ପୋଖରୀ ପୁନରୁଦ୍ଧାର ଅବା ଖୋଲାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୧୮ ଜାନୁୟାରୀରେ ରାଜ୍ୟର ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରାଞ୍ଚଳ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଏନେଇ ତାଗିଦ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଳାଶୟ କିସମ ଜମିକୁ ସୁରକ୍ଷିତ ରଖିବାକୁ ଆର୍‌ଡିସିଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହୋଇଥିଲା। ଏଥିରେ ଜିଲାପାଳ ଆବାହକ, ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଥିଲେ। ହେଲେ ଜଳାଶୟଗୁଡିକର ସୁରକ୍ଷା ତ ଦୂରର କଥା କ୍ରମଶଃ ସେଗୁଡ଼ିକୁ ପୋତାଯାଉଥିବା ଅଭିଯୋଗ ହେଉଛି। ଏଭଳି ପୋଖରୀ ସଂଖ୍ୟା ହ୍ରାସ ପାଇବା ଯୋଗୁ କ୍ରମବର୍ଦ୍ଧିଷ୍ଣୁ ଉତ୍ତପ୍ତ ପରିବେଶରୁ ସାଧାରଣ ଲୋକେ ଆଶ୍ୱସ୍ତ ହେବାର ବାଟ ବନ୍ଦ ହୋଇଯାଇଛି।

ରାଜାରାଜୁଡା ସମୟରେ ପୋଖରୀ ଖୋଳିଲେ ମହାପୁଣ୍ୟ ବୋଲି ବିଶ୍ୱାସ ରହିଥିଲା। ତେଣୁ ପ୍ରତ୍ୟେକ ଗ୍ରାମରେ ୫/୬ ପୋଖରୀ ଖୋଲାଯାଉଥିଲା। ମନ୍ଦିର ପାର୍ଶ୍ୱରେ ପୋଖରୀଟିଏ ନିଶ୍ଚିତ ଭାବେ ଖନନ ହେଉଥିଲା। ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଜଳାଶୟ ଥିଲା, ଯାହା ଏବେ ୨୦୦୦କୁ ହ୍ରାସ ପାଇଥିବା କୁହାଯାଉଛି। ବର୍ଷାଜଳର ସଂରକ୍ଷଣ ସହ ସହର ବସତିକୁ ଅତିବୃଷ୍ଟି ଜନିତ କ୍ଷୟକ୍ଷତିରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବେ ଖୋଲାଯାଇଥିବା ଶହ ଶହ ବର୍ଷର ପୋଖରୀଗୁଡ଼ିକ ହଜିଯାଉଛି। ଅନ୍ୟପକ୍ଷରେ ଜଳାଶୟ ବକ୍ଷରେ ବଡ଼ ଅଟ୍ଟାଳିକା, ଶିଳ୍ପ ଆଦି ଗଢ଼ି ଉଠିଛି। ଏହିସବୁ ଜମିକୁ ପ୍ରଶାସନ ଫେରାଇ ଆଣିଲେ ବାସ୍ତବରେ ଜଳାଶୟ ଜମିର ପୁନରୁଦ୍ଧାର ହୋଇପାରିବ ବୋଲି ମତପ୍ରକାଶ ପାଉଛି।

ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ବରୁ ଜଳାଶୟଗୁଡିକର ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏଥିରେ ଏସ୍‌ପିସିବିକୁ ସହାୟତା କରିବାକୁ ପରାମର୍ଶ ହୋଇଥିଲା। ହେଲେ ପରବର୍ତ୍ତୀ ପଦକ୍ଷେପ ସଂକ୍ରାନ୍ତରେ ତାଙ୍କୁ କୌଣସି ନିର୍ଦ୍ଦେଶ ହୋଇନାହିଁ ବୋଲି ସେ କହିଛନ୍ତି।

# ମୋହନାରେ ପହଞ୍ଚିଲା ୧୬ ଜଣିଆ ଡାକ୍ତରୀ ଟିମ୍

ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୫।୯(ଡି.ଏନ୍.ଏ.)

ପ୍ରଥମ ଦିନ ପରୀକ୍ଷାରେ ୩୧ ଡେଙ୍ଗୁ ପଜିଟିଭ୍ ଚିହ୍ନଟ

ଗଜପତି ଜିଲା ମୋହନା ବ୍ଲକରେ ଡେଙ୍ଗୁଜ୍ୱର ଆତଙ୍କ ଦେଖାଦେଇଛି। ମାସକ ମଧ୍ୟରେ ଡେଙ୍ଗୁ ଲକ୍ଷଣଯୁକ୍ତ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଏବେ ବ୍ରହ୍ମପୁର, ଭୁବନେଶ୍ୱର, ବିଶାଖାପାଟଣା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବାରୁ ସୋମବାର ଭୁବନେଶ୍ୱରରୁ ହାଇଟେକ୍ ମେଡିକାଲର ୧୬ ଜଣିଆ ଡାକ୍ତରୀ ଟିମ୍ ଆସିଛି। ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନ ମୋହନା ପଞ୍ଚାୟତର ୭, ୮ ଓ ୯ନଂ. ୱାର୍ଡରୁ ୧୩୮ ଜଣଙ୍କ ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୧ ଜଣ ପଜିଟିଭ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ନମିତା ପଣ୍ଡା ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ପଞ୍ଚାୟତରେ ଗୋଟିଏ ଆମ୍ବୁଲାନ୍ସ ମଧ୍ୟ ରହିଛି। ଡାକବାଜି ଯନ୍ତ୍ର ଦ୍ୱାରା ଅଙ୍ଗନୱାଡି ଓ ଆଶା କର୍ମୀମାନେ ଲୋକଙ୍କୁ ପରିବେଶ ସ୍ୱଚ୍ଛ ରଖିବା ଓ କୌଣସି ସ୍ଥାନରେ ପାଣି ଜମିବାକୁ ନ ଦେବା ଲାଗି ସଚେତନ କରାଉଛନ୍ତି। ଅନ୍ୟପକ୍ଷରେ ତହସିଲଦାର କିଶୋର ଦାଶ, ବିଡିଓ ତପସ୍ୱିନୀ ହାଁସ୍‌ଦା, ଶିଶୁ ବିକାଶ ଅଧିକାରିଣୀ ଲଳିତା ମଲିକ, ଜିଲା ପରିଷଦ ଅଧକ୍ଷ ତିରୁପତି ରାଓ, ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ମୋହନା ଓ ଚନ୍ଦ୍ରଗିରି ଜୋନ୍‌ର ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ବିଷୋୟୀ, ଚନ୍ଦ୍ରକାନ୍ତ ମଲିକଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ପ୍ରତ୍ୟେକ ସାହି ପରିଦର୍ଶନ କରିଥିଲେ। ମୋହନାରେ ଡ୍ରେନ୍ ସୁବିଧା ନାହିଁ। ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି, ଯାହାଫଳରେ ଏଡିସ୍ ମଶାବଂଶ ବୃଦ୍ଧି ପାଉଛି। ଡ୍ରେନ୍ ଓ ରାସ୍ତା ନିର୍ମାଣ ପାଇଁ ଜିଲା ପରିଷଦ ଅଧକ୍ଷ ରାଓ ବିଡିଓଙ୍କୁ କହିଛନ୍ତି।






# ସ୍ଥିତି ଅନୁଧ୍ୟାନ କଲେ ସ୍ୱତନ୍ତ୍ର ପ୍ରତିନିଧି ଦଳ

■ ନାଳି ପିମ୍ପୁଡ଼ି ଆତଙ୍କ ଘଟଣା
■ ଗ୍ରାମରେ ସ୍ପ୍ରେ ହେଲା ଔଷଧ

**ପିପିଲି,୫।୯(ସ୍ୱ.ପ୍ର./ଡି.ଏନ୍.ଏ.):** ଭାର୍ଗବୀ ନଦୀରେ ବନ୍ୟାଜଳ ପ୍ରବାହିତ ପରେ କିଛିଦିନ ହେବ ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତ ବ୍ରାହ୍ମଣସାହିରେ ନାଳି ପିମ୍ପୁଡ଼ି ଆତଙ୍କ ଦେଖିବାକୁ ମିଳିଛି। ଏଥିଯୋଗୁ ସାଧାରଣ ଲୋକେ ଭୟଭୀତ ହେଉଥିବା ବେଳେ ଜୀବଜନ୍ତୁଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଏପରି କି ୩ ପରିବାର ନାଳି ପିମ୍ପୁଡି ଭୟରେ ଘର ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଏହି ସମସ୍ୟା ନେଇ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପୁରୀ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଏ ନେଇ ସୋମବାର ପିପିଲି ବିଡିଓ ରଶ୍ମିତା ନାଥଙ୍କ ନେତୃତ୍ୱରେ ଦୁଇଟି ଟିମ୍ ପିପି ପେଷ୍ଟ କଣ୍ଟ୍ରୋଲର ଭୁବନେଶ୍ୱର ଓ ପୁରୀ ଜିଲା ମୁଖ୍ୟ କୃଷି ବିଭାଗର ୪ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ଚନ୍ଦ୍ରାଦେଇପୁର ବ୍ରାହ୍ମଣସାହିରେ ପହଞ୍ଚିଛନ୍ତି। ବିଡିଓ ନାଥଙ୍କ ସହ ଜିଲା ସହକାରୀ କୃଷି ଅଧିକାରୀ ତଥା ଓୟୁଏଟିର ପ୍ରଫେସର ପୀୟୁଷ ପଲ୍ଲବ ପରିଡା ଓ କେନ୍ଦ୍ର କୃଷି ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି, ଜିଲା କୃଷି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ପିପିଲି ସହକାରୀ କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁ ପ୍ରମୁଖ ସେଠାରେ ପହଞ୍ଚି ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିବା ସହିତ ନାଳି ପିମ୍ପୁଡି ଘଉଡ଼ାଇବା ପାଇଁ ୪ପ୍ରକାର ମିଶ୍ରଣର ଔଷଧକୁ ପିପି ପେଷ୍ଟ କଣ୍ଟ୍ରୋଲର ପକ୍ଷରୁ ଗ୍ରାମର ବିଭିନ୍ନ ସ୍ଥାନରେ ସ୍ପ୍ରେ କରାଯାଇଛି। ଆସିଥିବା ଏହି ୪ଜଣିଆ ଦଳ ସହ ସ୍ଥାନୀୟ ଆଶା, ସ୍ୱାସ୍ଥ୍ୟ କର୍ମଚାରୀ, ଜିଆର୍‌ଏସ୍‌ମାନେ ନାଳି ପିମ୍ପୁଡ଼ି ସମସ୍ୟାରୁ କିପରି ଲୋକମାନଙ୍କୁ ସୁରକ୍ଷା ଦିଆଯିବ ସେନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ପରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ୨୪ ନମ୍ବର ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ରାଧାମୋହନ, ସରପଞ୍ଚ ସୁରେନ୍ଦ୍ର ବେହେରା, ସଞ୍ଜୟ ସ୍ୱାଇଁ, ୱାର୍ଡମେମ୍ବର ରାଜପ୍ରସାଦ ଦାସ, ବିଶ୍ୱଜିତ ଦାଶ, ଆଦିତ୍ୟ ପ୍ରସାଦ ଭୋଲ ପ୍ରମୁଖ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ ବିଚାରବିମର୍ଶ କରିଛନ୍ତି।

# ନିଦ ନ ହେବାରୁ ଚରମ ନିଷ୍ପତ୍ତି ନେଇଥିଲେ କୁନି

ଭୁବନେଶ୍ୱର,୫।୯(ବ୍ୟୁରୋ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜାମୁକୋଳି ବରକୁଦାସ୍ଥିତ ଏକ ଘରୋଇ ନର୍ସିଂ କଲେଜର ପ୍ରଥମବର୍ଷ ଛାତ୍ରୀ କୁନି କହଁର(୨୩) ରବିବାର ଆତ୍ମହତ୍ୟା କରିବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ସୋମବାର ପୂର୍ବାହ୍ନରେ ପରିବାର ଲୋକଙ୍କ ଉପସ୍ଥିତିରେ କମିଶନରେଟ ପୋଲିସ କୁନିଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୫/୨୦୨୨) ରୁଜୁ କରି ତଦନ୍ତ କରାଯାଉଥିବା ବେଳେ କୁନିଙ୍କ ହଷ୍ଟେଲ ରୁମ୍‌ରୁ ପୋଲିସ ଏକ ହାତଲେଖା ନୋଟ୍ ଜବତ କରିଛି। ନିଦ ହେଉ ନ ଥିବାରୁ କୁନି ଏଭଳି ଚରମ ନିଷ୍ପତ୍ତି ନେଇଥିବା ଉକ୍ତ ଚିଠିରୁ ଜଣାପଡିଛି।

ଚିଠି ଆରମ୍ଭରୁ ଆଦିବାସୀ ଭାଷାରେ ଉଲ୍ଲେଖ ରହିଛି 'ମା, ପରିବାର, ସାଙ୍ଗସାଥୀ ସମସ୍ତଙ୍କୁ ମୁଁ କ୍ଷମା ମାଗୁଛି। ଏଥିରେ କାହାର ଦୋଷ ନାହିଁ। ମୋତେ ନିଦ ନ ହେବାରୁ ଶୋଇପାରୁନାହିଁ। କଷ୍ଟ ଲାଗୁଛି। ଆଉ କିଛି କରିବାର ଇଚ୍ଛା ବି ନାହିଁ। ମୁଁ କ'ଣ କରିବି କିଛି ବୁଝିପାରୁ ନାହିଁ। ଭଗବାନ ମୋତେ ନେଇଯାଅ, ସରି ସରି, କାହାର କିଛି ଭୁଲ୍ ନାହିଁ, ପୋଲିସ କିଛି ନ କରିବାକୁ ଚିଠିରେ ଅନୁରୋଧ କରାଯାଇଛି। ତେବେ ହାତଲେଖାଟି କୁନିଙ୍କର ନା ନୁହେଁ, ତାହା ଜାଣିବାକୁ ଉକ୍ତ ଚିଠିକୁ ଲାବ୍‌କୁ ପଠାଯିବ ବୋଲି ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ଏଥିସହ ମାମଲାର ତଦନ୍ତ ଚାଲିଥିବାବେଳେ ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରାଯାଉଛି। ଏଥିସହ ପୋଷ୍ଟମର୍ଟମ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଥିବା ଥାନାଧିକାରୀ କହିଛନ୍ତି। ଏପଟେ କୁନିଙ୍କ ବାପା କହିଛନ୍ତି, ଝିଅକୁ ନେଇଯିବାକୁ କଲେଜ କର୍ତ୍ତୃପକ୍ଷ ମୋତେ କହିଥିଲେ। କୁନିଙ୍କୁ ରାତି ସାରା ନିଦ ହେଉନାହିଁ। ହଷ୍ଟେଲ ବିଭିନ୍ନ ମହଲାରୁ ସେ ତଳ ଉପର ହେଉଛନ୍ତି। ତେଣୁ ଅନ୍ୟ ଝିଅମାନେ ତାଙ୍କୁ ଜଗି ରହୁଛନ୍ତି ବୋଲି କଲେଜ କର୍ତ୍ତୃପକ୍ଷ ଜଣାଇଥିବା ସେ କହିଛନ୍ତି। ତେବେ ନିଦ ନ ହେବା କାରଣରୁ ଜଣେ ଛାତ୍ରୀ ଏଭଳି ଚରମ ନିଷ୍ପତ୍ତି ନେବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ନିଦ୍ରାରୋଗ ବିଶେଷଜ୍ଞ ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ କହିଛନ୍ତି, ଯେତେ ପ୍ରକାରର ନିଦ୍ରା ରୋଗ ଅଛି, ତାହା ଭିତରୁ ସବୁଠୁ ଭୟାନକ ରୋଗ ହେଉଛି ସ୍ଲିପ୍ ଅନ୍‌ସେଟ୍ ଇନ୍‌ସୋମ୍‌ନିଆ। ଏହାଦ୍ୱାରା ଜଣେ ଆତ୍ମହତ୍ୟା କରିବାର ସମ୍ଭାବନା ଥିବା ବୈଜ୍ଞାନିକଙ୍କ ମତ ରହିଛି। ସାଧାରଣତଃ ଅତ୍ୟଧିକ ମୋବାଇଲ ବ୍ୟବହାରରୁ ଏଭଳି ରୋଗ ହେଉଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ମୃତା ଛାତ୍ରୀ କୁନିଙ୍କ ଘର ବଲାଙ୍ଗୀର ଜିଲା ମୁରିବାହାଲ ଥାନା ବନବାହାଲ ଗ୍ରାମରେ। କୁନି ରବିବାର ଉକ୍ତ ନର୍ସିଂ କଲେଜର କମନ୍ ରୁମ୍‌ରେ ଏକ ଓଢଣି ଦ୍ୱାରା ଝୁଲି ପଡ଼ିଥିବା କର୍ମଚାରୀ ଦେଖିଥିଲେ। କଲେଜ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ପୋଲିସ କଲେଜରେ ପହଞ୍ଚି କୁନିଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଉକ୍ତ ରୁମ୍‌କୁ ତାଲା ପକାଇ ରଖିଥିଲା।




କୁନି କହଁର ଏବଂ ପୋଲିସ ଜବତ କରିଥିବା ହାତଲେଖା ଚିଠି।

ରାଜଧାନୀରେ ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

■ ହଷ୍ଟେଲ ରୁମ୍‌ରୁ ମିଳିଲା ହାତଲେଖା ନୋଟ୍
■ ଲେଖାଅଛି 'ଭଗବାନ ମତେ ନେଇଯାଅ'
■ ପୂର୍ବରୁ ଅଭିଭାବକଙ୍କୁ ଜଣାଇଥିଲେ କଲେଜ କର୍ତ୍ତୃପକ୍ଷ









# ଗୁଣି ସନ୍ଦେହରେ ପଡ଼ୋଶୀ ମହିଳାଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ

**ରାୟଗଡ଼ା ଅଫିସ,୫।୯:** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ବି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିନାହିଁ । ଗ୍ରାମାଞ୍ଚଳ ଦୂରର କଥା ସହରୀ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିନାହିଁ। ରାୟଗଡ଼ା ସହର କୋଇଲାପଡ଼ା ଅଞ୍ଚଳରେ ସୋମବାର ମଧ୍ୟାହ୍ନରେ ଜଣେ ମହିଳାଙ୍କୁ ଗୁଣି ସନ୍ଦେହରେ ହତ୍ୟା କରାଯାଇଛି। ଏହି ଘଟଣାରେ ରାୟଗଡ଼ା ଟାଉନ୍ ଥାନା ପୋଲିସ ପଡ଼ୋଶୀ ଯୁବକ ରାଜେଶ କୁଲେସିକାଙ୍କୁ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, କୋଇଲାପଡ଼ାରେ ରହୁଥିବା ଚନ୍ଦ୍ରମା ବିଭାର(୫୦) ସାହି ଲୋକଙ୍କୁ ଗୁଣିଗାରେଡ଼ି କରୁଥିବା ନେଇ ପଡ଼ୋଶୀ ରାଜେଶ କୁଲେସିକା ଦୀର୍ଘଦିନ ଧରି ସନ୍ଦେହକରି ଆସୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାଜେଶ ସୋମବାର ଚନ୍ଦ୍ରମାଙ୍କ ଘରେ ପଶି ଟାଙ୍ଗିଆରେ ତାଙ୍କ ବେକକୁ ଆକ୍ରମଣ କରିଥିଲେ। ଏଥିରେ ଚନ୍ଦ୍ରମାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ରାଜେଶ ବାହାରକୁ ଆସି ସାହି ଲୋକଙ୍କୁ ଭୟଭୀତ କରିଥିଲେ। ଚନ୍ଦ୍ରମା ଗୁଣିକରି ସାହି ଲୋକଙ୍କୁ ଅସୁସ୍ଥ କରୁଥିବା ରାଜେଶ ସାହି ଲୋକଙ୍କୁ କହିଥିଲେ। ଖବର ପାଇ ରାୟଗଡ଼ା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଟାଉନ ଏସ୍‌ଡିପିଓ ଦେବଜ୍ୟୋତି ଦାସ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଚନ୍ଦ୍ରମାଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ମଧ୍ୟ ଜବତ କରାଯାଇଛି। ଗୁଣି ସନ୍ଦେହରେ ମା'ଙ୍କୁ ହତ୍ୟା କରାଯାଇଛି ବୋଲି ଚନ୍ଦ୍ରମାଙ୍କ ପୁଅ ଅବିନାଶ ଅଭିଯୋଗ କରିଛନ୍ତି। ଘରେ ଚନ୍ଦ୍ରମା ଏକା ଥିବାର ସୁଯୋଗ ନେଇ ରାଜେଶ ହତ୍ୟାକାଣ୍ଡ ଘଟାଇଥିବା ସେ କହିଛନ୍ତି। ତେବେ ରାଜେଶ ଗୁଣିଗାରେଡ଼ି ସନ୍ଦେହରେ କିମ୍ବା ଅନ୍ୟ କାରଣରୁ ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତର ମାନସିକ ସ୍ଥିତି ଭଲ ନ ଥିବାରୁ ସେ ଘଟଣା ବିଷୟରେ ଠିକ୍‌ରେ ସୂଚନା ଦେଇନାହାନ୍ତି। ତେଣୁ ଅଧିକ ପଚରାଉଚରା କରାଯାଉଥିବା ସେ କହିଛନ୍ତି। ଏ ନେଇ ଟାଉନ ଥାନାରେ ୨୧୫/୨୨ ରେ ଏକ ମାମଲା ରୁଜୁ କରାଯାଇଛି।




ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା



# ମାତା ମାତାଲ

ପୁଡୁଚେରୀର କରାଇକାଲରେ ୧୩ ବର୍ଷର ଅଷ୍ଟମ ଶ୍ରେଣୀ ଛାତ୍ର ଆର. ବାଲାମଣିକନ୍ଦନଙ୍କୁ ତାଙ୍କ ସହପାଠିନୀଙ୍କ ମାଆ ବିଷ ଦେଇ ମାରିଦେଇଥିବା ବିଷୟ ଏବେ ପଦାକୁ ଆସିଛି। ଅଭିଯୁକ୍ତ ଜେ. ସହାୟାରାଣୀ ଭିକ୍ଟୋରିଆ ନିଜ ଝିଅଠାରୁ ଉକ୍ତ ଛାତ୍ର ଜଣଙ୍କ ପରୀକ୍ଷାରେ ଅଧିକ ମାର୍କ ରଖି ପ୍ରଥମ ସ୍ଥାନରେ ରହିବା ଯୋଗୁ ସେ ପ୍ରତିହିଂସାପରାୟଣ ହୋଇପଡ଼ିଥିଲେ। ସେପ୍ଟେମ୍ବର ୨ରେ ସେହି ଘରୋଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଲାଗି ଆୟୋଜନ ଚାଲିଥିବା ବେଳେ ଭିକ୍ଟୋରିଆ ସମ୍ପୃକ୍ତ ଛାତ୍ରଙ୍କ ମାତା ବୋଲି ପରିଚୟ ଦେଇ ସ୍କୁଲର ଜଗୁଆଳିଙ୍କୁ କେତୋଟି କୋଲ୍ଡ ଡ୍ରିଙ୍କ୍ ତାଙ୍କୁ ଦେବାକୁ କହିଥିଲେ। ତାହାକୁ ପିଇବା ପରେ ବାଲାମଣିକନ୍ଦନ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତା' ପରଦିନ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍କୁଲର ସିସିଟିଭି ଫୁଟେଜ୍‌ରୁ ଭିକ୍ଟୋରିଆଙ୍କ କାରନାମା ଧରାପଡ଼ିବାରୁ ତାଙ୍କୁ ଗିରଫ କରାଯାଇଛି। ମାର୍କ ପଛରେ ଧାଉଁଥିବା ମାତାପିତାଙ୍କ ସହ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହି ଘଟଣା ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିବା ଦରକାର। ସମ୍ଭବତଃ ଭିକ୍ଟୋରିଆ ଭାବି ନେଇଥିଲେ ଯେ ଦ୍ୱିତୀୟ ସ୍ଥାନରେ ତାଙ୍କ ଝିଅ ପଡ଼ିଯାଇଥିବାରୁ ସମଗ୍ର ପୃଥିବୀରେ ସର୍ବନାଶ ଘଟିଲା। ନିଜ ପିଲାକୁ ଏକ ନମ୍ବର ସ୍ଥାନର ଅଧିକାରୀ ଭାବେ ଦେଖିବାକୁ ମାତା ଭିକ୍ଟୋରିଆ ଆଜି ଭାରତରେ ଏକାକୀ ନୁହନ୍ତି। ପିଲାଙ୍କ ନିଜର ଇଚ୍ଛାକୁ ଅଣଦେଖା କରି ଅଭିଭାବକମାନଙ୍କର ଲୋଭ କରାଇକାଲ ଭଳି ଦୁର୍ଦ୍ଦଶା ଘଟାଉଛି।

ଏବର ସ୍ଥିତିକୁ ଦେଖିଲେ ଭିକ୍ଟୋରିଆ ନିରୀହ ଛାତ୍ରଙ୍କ ଜୀବନ ନେଲେ, ନିଜେ ଗିରଫ ହେଲେ ଓ ତାଙ୍କ ଝିଅଙ୍କ କ୍ୟାରିୟର କେଉଁ ରୂପ ନେବ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖୁଥିବା ଛାତ୍ର ଜୀବନର ସବୁ କ୍ଷେତ୍ରରେ ସଫଳତା ପାଇବେ ବୋଲି କୌଣସି ନିଶ୍ଚିତତା ନାହିଁ। ତଥାପି ମାତାପିତା ଓ ଅଭିଭାବକ ପିଲାଙ୍କ କମ୍ ନମ୍ବର ରଖିବାରେ ଯେଉଁଭଳି ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି, ତାହାର ଚାପ ସନ୍ତାନସନ୍ତତି ଉପରେ ସିଧାସଳଖ ପଡୁଛି। ଅତ୍ୟଧିକ ଆଶା ରଖୁଥିବା ଏଭଳି ଗୁରୁଜନବର୍ଗ ନିଜ ଜୀବନରେ ଯେଉଁ ସଫଳତା ପାଇପାରି ନ ଥାଆନ୍ତି, ତାହା ପିଲାଙ୍କ ଉପରେ ଲଦିଦେବାକୁ ଚାହୁଁଥିବାରୁ ପରିଣତି ଭୟଙ୍କର ହେଉଛି।

> **ମୋ ପିଲା ନବେ ପ୍ରତିଶତ ମାର୍କ ରଖିଥିବା ବେଳେ ତୋ ପିଲା ୮୯ ପ୍ରତିଶତ ରଖି ତା'ଠାରୁ ହୀନ ବୋଲି ପ୍ରମାଣିତ ହେଉଛି। ଏହିଭଳି ମାନସିକତା ପୋଷଣ କରୁଥିବା ମାତାପିତା ନିଜ ପିଲା ମନରେ ବନ୍ଧୁତ୍ୱ, ଭାଇଚାରା ସୃଷ୍ଟି କରିବା ପରିବର୍ତ୍ତେ କେବଳ ସ୍ୱାର୍ଥପରତା ଓ ତୀବ୍ର ପ୍ରତିଯୋଗିତା ଜନ୍ମାଉଛନ୍ତି।**

ଉପରୋକ୍ତ ଚିନ୍ତାରୁ କୁହାଯାଇପାରେ ଯେ, ମାତାପିତାଙ୍କ ଜୀବନରେ ହୁଏତ ପିଲାଙ୍କ ପାଠପଢ଼ାକୁ ଛାଡ଼ିଦେଲେ କ୍ରୀଡ଼ା, ମନୋରଞ୍ଜନ ଭଳି କ୍ଷେତ୍ରରେ ସଫଳତା ହାସଲ କରିବାର ସୁଯୋଗ ମିଳିନାହିଁ। ସେମାନଙ୍କ ଜୀବନର ଅସନ୍ତୋଷରୁ ମୁକ୍ତି ପାଇବା ପାଇଁ ପିଲାଙ୍କ ପାଠପଢ଼ାରେ ସଫଳତା ଏକମାତ୍ର ଧ୍ୟେୟ ହୋଇଯାଉଛି। ପୂର୍ବରୁ ଗାଡ଼ି, ଘର, ସୁନାଗହଣା ଭଳି ବିଷୟକୁ ନେଇ ଅଭିଭାବକମାନେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରୁଥିଲେ। ଏବେ ସେଥିରୁ କିଛିଟା ଦୂରେଇ ଯାଇ ସେହି ମାତାପିତା କେବଳ ନିଜ ପିଲା ଦ୍ୱାରା ହାସଲ କରାଯାଇଥିବା ପରୀକ୍ଷା ମାର୍କକୁ ନେଇ ଗର୍ବିତ ହେଉଥିବା ଭଳି ପ୍ରତୀୟମାନ ହେଉଛି। ମୋ ପିଲା ନବେ ପ୍ରତିଶତ ମାର୍କ ରଖିଥିବା ବେଳେ ତୋ ପିଲା ୮୯ ପ୍ରତିଶତ ରଖି ତା'ଠାରୁ ହୀନ ବୋଲି ପ୍ରମାଣିତ ହେଉଛି। ଏହିଭଳି ମାନସିକତା ପୋଷଣ କରୁଥିବା ମାତାପିତା ନିଜ ପିଲା ମନରେ ବନ୍ଧୁତ୍ୱ, ଭାଇଚାରା ସୃଷ୍ଟି କରିବା ପରିବର୍ତ୍ତେ କେବଳ ସ୍ୱାର୍ଥପରତା ଓ ତୀବ୍ର ପ୍ରତିଯୋଗିତା ଜନ୍ମାଉଛନ୍ତି। ଏହାଦ୍ୱାରା ସେହି ପିଲା ବଡ଼ ହେଲା ବେଳକୁ ଏକ ଅତ୍ୟନ୍ତ ସ୍ୱାର୍ଥପର ଓ ବିକୃତ ମାନସିକତା ନେଇ ବଢ଼ିବ।

ଆଜିର ସମାଜରେ ଅଣୁ କିମ୍ବା ଅତ୍ୟନ୍ତ କ୍ଷୁଦ୍ର ପରିବାର ସୃଷ୍ଟି ହେବା ସହିତ ସ୍ୱାର୍ଥପରତା ବୃଦ୍ଧି ପାଉଛି। ଏହାଦ୍ୱାରା ସମାଜରେ ବିଭାଜନ ବଢ଼ୁଛି ଏବଂ ପ୍ରତ୍ୟେକ ନାଗରିକ ଏକାକୀ ବଞ୍ଚିଥିଲା ଭଳି ହୃଦ୍‌ବୋଧ କରୁଛି। କେବଳ ନିଜର ଅତି ନିକଟ ପରିବାରକୁ ଛାଡ଼ିଦେଲେ ସାଙ୍ଗସାଥୀମାନଙ୍କ ଉପରେ ମଧ୍ୟ ଭରସା କରି ବଞ୍ଚିବା ସମ୍ଭବପର ବୋଲି ଅଧିକାଂଶ ଭାବୁନାହାନ୍ତି। ସବୁ ବନ୍ଧୁତ୍ୱ ଏକ ଉପରଠାଉରିଆ ସ୍ତରରେ ଆସି ପହଞ୍ଚିଥିବାରୁ ପରସ୍ପରକୁ ସନ୍ଦେହ କରିବା ଦେଖାଦେଲାଣି। ଏଭଳି ପ୍ରଚ୍ଛଦପଟରେ ଭିକ୍ଟୋରିଆଙ୍କ ଭଳି ମାତା ଅତ୍ୟନ୍ତ ସ୍ୱାର୍ଥପରତାରେ ମାତାଲ ହୋଇଯାଉଥିବା ବୁଝାପଡୁଛି। କିନ୍ତୁ ସେ ଏକୁଟିଆ ନୁହନ୍ତି; ସୁଯୋଗ ମିଳିଲେ ତାଙ୍କ ଭଳି ମାରାତ୍ମକ ମାତା ସୃଷ୍ଟି ହେଲେ କେହି ଆଶ୍ଚର୍ଯ୍ୟ ହେବା କଥା ନୁହେଁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| 1 | | | | | | 7 | | |
| | 6 | | | | 1 | | | |
| 6 | | | | | | | | |
| | | | | 8 | 6 | | 9 | |
| 2 | 7 | | | | | 4 | 5 | |
| 9 | | | | | | | | 5 |
| | 8 | | | 7 | 3 | | 1 | |
| | | | | 6 | 5 | 3 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 4 | 6 | 2 | 5 | 1 | 3 |
| 4 | 2 | 3 | 5 | 1 | 8 | 7 | 9 | 6 |
| 5 | 1 | 6 | 9 | 3 | 7 | 4 | 2 | 8 |
| 1 | 6 | 5 | 8 | 7 | 3 | 2 | 4 | 9 |
| 2 | 3 | 9 | 6 | 4 | 5 | 8 | 7 | 1 |
| 8 | 7 | 4 | 1 | 2 | 9 | 6 | 3 | 5 |
| 6 | 9 | 2 | 7 | 5 | 1 | 3 | 8 | 4 |
| 3 | 5 | 1 | 2 | 8 | 4 | 9 | 6 | 7 |
| 7 | 4 | 8 | 3 | 9 | 6 | 1 | 5 | 2 |

ଗତକାଲିର ଉତ୍ତର

# ଚାଷୀ ଆତ୍ମହତ୍ୟାର ମୂଳ କାରଣ



ବିଚିତ୍ର ବିଶ୍ୱାଳ

ଓଡ଼ିଶାରେ ବାତ୍ୟା, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଖୁବ୍ ସାଧାରଣ। ସେହି ବାତ୍ୟାକୁ ନେଇ ଗୋଟିଏ ଘଟଣା। ଥରେ ବାତ୍ୟାରେ ଗୋଟିଏ ଗଛ ଉପୁଡ଼ି ନିକଟରେ ଥିବା ଏକ ଗୁହାଳ ଉପରେ ପଡ଼ି କାନ୍ଥ ଭାଙ୍ଗିଗଲା। କାନ୍ଥ ଭାଙ୍ଗିଯିବାରୁ ଭିତରେ ବନ୍ଧା ହୋଇଥିବା ଏକ ଛେଳିର ବେକ ଦଉଡ଼ିରେ ଚିପି ହୋଇଗଲା ଓ ଛେଳିଟି ମରିଗଲା। ଏବେ ଆସିବା ଛେଳି ମରିବା କାରଣକୁ। ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିଲା, ଛେଳିଟିର ବେକରେ ପଘା ଚିପି ହୋଇଯିବାରୁ ଅଣନିଃଶ୍ୱାସୀ ହୋଇ ମରିଛି। ବେକରେ ପଘା ଚିପି ହୋଇଯିବା ଛେଳି ମୃତ୍ୟୁର ଏକମାତ୍ର କାରଣ ନା ଏହା ପଛରେ ଆଉ କିଛି କାରଣ ଅଛି ? ବେକରେ ପଘା ଚିପି ହୋଇଯାଇଥିବାରୁ ଛେଳିଟି ମରିଥାଇପାରେ, କିନ୍ତୁ ଏହା ତା'ର ଏକମାତ୍ର କାରଣ ନୁହେଁ। ଛେଳିଟି ମରିବା ପଛରେ ଏକାଧିକ ଓ ଗୁରୁତ୍ୱପୂର୍ଣ୍ଣ କାରଣ ଅଛି। ସ୍ୱାଭାବିକ ଭାବେ ଛେଳିଟିର ବେକରେ ପଘା ଚିପି ହୋଇନାହିଁ। କାନ୍ଥ ପଡ଼ିବା ଯୋଗୁ ଛେଳିଟିର ବେକରେ ପଘା ଚିପି ହୋଇଗଲା। ଆହୁରି କାରଣ ବିଶ୍ଳେଷଣ କଲେ ପାଇବା ଯେ, ବାତ୍ୟା ହେବାରୁ ହିଁ ଗଛ ପଡ଼ିଲା, ଗଛ ପଡ଼ିବାରୁ କାନ୍ଥ ପଡ଼ିଲା ଓ ଛେଳିର ବେକରେ ପଘା ଚିପି ହୋଇଗଲା ଏବଂ ମୃତ୍ୟୁବରଣ କଲା। ତେଣୁ ଛେଳିମୃତ୍ୟୁର ଅସଲ କାରଣ ବା ମୂଳ କାରଣ ହେଉଛି ବାତ୍ୟା। କେବଳ ପଘା ବେକରେ ଚିପି ହୋଇ ଛେଳିଟି ମରିଛି କହିଲେ ଏହା ଅର୍ଦ୍ଧସତ୍ୟ ହେବ।

ସମାଜବିଜ୍ଞାନ ଅନୁସାରେ ପ୍ରତ୍ୟେକ ଘଟଣାର ତିନୋଟି କାରଣ ଅଛି। ତୁରନ୍ତ କାରଣ, ଅନ୍ତର୍ନିହିତ କାରଣ ଓ ମୂଳ କାରଣ ବା ମୌଳିକ କାରଣ। ଛେଳିମୃତ୍ୟୁ କ୍ଷେତ୍ରରେ ପଘା ବେକରେ ଚିପି ହେବା ହେଉଛି ତୁରନ୍ତ କାରଣ। ଗଛ ପଡ଼ିବା ହେଉଛି ଅନ୍ତର୍ନିହିତ କାରଣ ଓ ବାତ୍ୟା ହେଉଛି ମୂଳ କାରଣ। ସମ୍ପ୍ରତି ଆମ ରାଜ୍ୟ ଓ ଦେଶରେ ଦେଖାଯାଉଥିବା ବ୍ୟାପକ କୃଷକ ଆତ୍ମହତ୍ୟା ଘଟଣାଗୁଡ଼ିକୁ ଠିକ୍ ଏହିପରି ତର୍ଜମା ନ କଲେ ସତ୍ୟର ଅପଲାପ ହେବ। ରିପୋର୍ଟ ଅନୁସାରେ, ୨୦୧୩ରୁ ୨୦୨୨, ଦଶ ବର୍ଷ ମଧ୍ୟରେ ଆମ ରାଜ୍ୟର ୨୧ଟି ଜିଲାରେ ୭୯ ଜଣ ଚାଷୀ କୃଷିଜନିତ କାରଣରୁ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି। କିନ୍ତୁ ଏହିସବୁ ଆତ୍ମହତ୍ୟାକୁ ସରକାର ଚାଷୀ ଆତ୍ମହତ୍ୟା ତଥା କୃଷିଜନିତ କାରଣରୁ ଆତ୍ମହତ୍ୟା ବୋଲି ମାନିବାକୁ ରାଜି ନୁହନ୍ତି। ରାଜ୍ୟ ସରକାରଙ୍କ ଜିଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଏହିସବୁ ଆତ୍ମହତ୍ୟାର ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ, କୃଷିଜନିତ କାରଣରୁ ନୁହେଁ ବରଂ ପାରିବାରିକ ସମସ୍ୟା ଓ ଅନ୍ୟାନ୍ୟ କାରଣରୁ ଚାଷୀମାନେ ଆତ୍ମହତ୍ୟା କରିଛନ୍ତି। ଖୋଦ୍ କୃଷିମନ୍ତ୍ରୀ ଗତ ବିଧାନସଭାରେ ଏହି ତଥ୍ୟ ରଖିଥିଲେ। ୨୦୧୫ରେ ବଲାଙ୍ଗୀର ଜିଲାରେ ଆତ୍ମହତ୍ୟା କରିଥିବା ୩ ଜଣ ଚାଷୀଙ୍କ ତଦନ୍ତ ରିପୋର୍ଟରେ କୃଷି ବିଭାଗର ଅଧିକାରୀ କହିଛନ୍ତି ଯେ, ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଯଦି କାରଣ ଜଣାପଡ଼ିନାହିଁ, ତାହେଲେ ଏହା କିପରି ତଦନ୍ତ! ନବରଙ୍ଗପୁର ଜିଲାରେ ଆତ୍ମହତ୍ୟା କରିଥିବା ୩ ଚାଷୀଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ପାରିବାରିକ କାରଣ ଯୋଗୁ ସେମାନେ ଆତ୍ମହତ୍ୟା କରିଛନ୍ତି। ବରଗଡ଼ ଜିଲାରେ ୨୦୧୫ରୁ ୨୦୧୭ ମଧ୍ୟରେ ସର୍ବାଧିକ ୧୪ ଜଣ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ, କିଛି ଚାଷୀ ପାରିବାରିକ କଳହ ଓ କିଛି ଚାଷୀ ମାନସିକ ଚାପରେ ରହିଥିବା ଯୋଗୁ ଆତ୍ମହତ୍ୟା କରିଛନ୍ତି। ଆଉ କିଛି ଚାଷୀଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ବରଗଡ଼, ବଲାଙ୍ଗୀର ଓ ନବରଙ୍ଗପୁର ପରି ଅନ୍ୟାନ୍ୟ ଜିଲାର ଆତ୍ମହତ୍ୟା ଘଟଣାର ତଦନ୍ତ ରିପୋର୍ଟରେ ବି ଏକାପରି କାରଣ ଦର୍ଶାଯାଇଛି।



ଆତ୍ମହତ୍ୟାର କାରଣ ଦର୍ଶାଉଥିବା ଏହିସବୁ ତଦନ୍ତ ରିପୋର୍ଟ ଠିକ୍ ଛେଳି ମୃତ୍ୟୁର କାରଣ ବେକରେ ପଘା ଚିପି ହେବା ପରି। ମୂଳ ଅର୍ଥାତ୍ ମୌଳିକ କାରଣକୁ ଜାଣି ଜାଣି ତଦନ୍ତ ରିପୋର୍ଟରେ ଦର୍ଶାଯାଇନାହିଁ। ଜଣେ ଆତ୍ମହତ୍ୟା କରିଛି ଅର୍ଥ, ସେ ମାନସିକ ଚାପରେ ରହିବା ଯୋଗୁ ହିଁ ଆତ୍ମହତ୍ୟା କରିଛି। କିନ୍ତୁ ଅସଲ ପ୍ରଶ୍ନ ହେଉଛି, ସେ ମାନସିକ ଚାପରେ ଥିଲା କାହିଁକି ? ଏହି ମୂଳ କାରଣକୁ ଜାଣି ଜାଣି ତଦନ୍ତ ପ୍ରବେଶ କରିନାହିଁ। ପାରିବାରିକ ଅଶାନ୍ତି କାରଣ ଯୋଗୁ ଚାଷୀଟି ଆତ୍ମହତ୍ୟା କରିଛି, ଏହା ସତ୍ୟ। କିନ୍ତୁ ଏହା ହେଉଛି ଆତ୍ମହତ୍ୟାର ତୁରନ୍ତ କାରଣ। ତା'ର ଅନ୍ତର୍ନିହିତ କାରଣ କ'ଣ ? ମୌଳିକ କାରଣ କ'ଣ ? ତାହା ହିଁ ହେବ ଚାଷୀ ଆତ୍ମହତ୍ୟାର ଅସଲ କାରଣ। ତୁରନ୍ତ କାରଣକୁ ଟପି ଯଦି ଆମେ ଘଟଣାକୁ ଆହୁରି ଗମ୍ଭୀର ଭାବେ ବିଶ୍ଳେଷଣ କରିବା, ତେବେ ଆତ୍ମହତ୍ୟାର ଅନ୍ତର୍ନିହିତ କାରଣ ଓ ମୌଳିକ କାରଣକୁ ଠାବ କରିପାରିବା। ଯଦି ଘଟଣାର ମୂଳକୁ ଦେଖିବାକୁ ଚେଷ୍ଟା କରିବା ତେବେ ପାଇବା ଯେ, ଚାଷୀଟିଏ ଦୀର୍ଘ ବର୍ଷ ହେବ ଚାଷରେ କ୍ଷତି ସହି ଆସୁଛି। ଏହା ପଛରେ ଥିବା କାରଣଗୁଡ଼ିକ ହେଉଛି, ଚାଷରେ ନିବେଶ ଖର୍ଚ୍ଚ ବହୁତ ବଢ଼ିଛି। ଅମଳ ପରେ ଚାଷୀ ଯେତେବେଳେ ତା'ର ଉତ୍ପାଦକୁ ବିକ୍ରି କରୁଛି, ସେତେବେଳେ ତାକୁ ଉଚିତ୍ ଓ ନ୍ୟାୟପୂର୍ଣ୍ଣ ମୂଲ୍ୟ ମିଳୁନାହିଁ। ଏକ କ୍ୱିଣ୍ଟାଲ ଧାନ ବା ଗହମ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନାମରେ ଚାଷୀକୁ ଯାହା ମିଳୁଛି, ତାହା ତା'ର ନିବେଶ ଖର୍ଚ୍ଚଠାରୁ କମ୍। ତେଣୁ ଚାଷୀଟି ସିଧାସିଧା କ୍ଷତି ସହୁଛି। ଏତଦ୍ ବ୍ୟତୀତ ଅନେକ ଚାଷୀ ମଣ୍ଡିରେ ସର୍ବନିମ୍ନ ସହାୟକ ମୂଲ୍ୟରେ ତାଙ୍କ ଉତ୍ପାଦ ବିକିବାକୁ ସକ୍ଷମ ନ ହୋଇପାରି ଆହୁରି କମ୍ ଦାମ୍‌ରେ ଘରୋଇ ବେପାରୀଙ୍କୁ ବିକ୍ରି କରୁଛନ୍ତି। ଏହା ବାଦ୍ ପ୍ରାୟ ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷୀର ବ୍ୟାପକ ଫସଲ ହାନି ହେଉଛି। ଉଜୁଡ଼ା ଫସଲର କ୍ଷତିପୂରଣ ସରକାର ଯାହା ଦେଉଛନ୍ତି ଓ ଯେତେ ବିଳମ୍ବରେ ଦେଉଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ପରି। ତେଣୁ ଗୋଟିଏ ପଟେ ଚାଷରେ କ୍ଷତି ବଢ଼ୁଛି ଓ ଅନ୍ୟପଟେ ଚାଷରେ ନିବେଶ ଖର୍ଚ୍ଚ ବଢୁଥିବା ଯୋଗୁ ଚାଷୀର ଋଣଭାର ବଢ଼ିବଢ଼ି ଚାଲୁଛି। ବର୍ଷକୁବର୍ଷ ଚାଷରେ କ୍ଷତି ଓ ବର୍ଦ୍ଧିତ ଋଣଭାର ଯୋଗୁ ଚାଷୀ ତା'ପରିବାରର ବୋଝକୁ ଉଠେଇବାକୁ ସକ୍ଷମ ହୋଇପାରୁ ନାହିଁ। ତେଣୁ ପାରିବାରିକ କଳହ ଓ ଅଶାନ୍ତି ବଢ଼ି ଚାଷୀ ମାନସିକ ଚାପରେ ରହୁଛି। ଋଣଭାର ବଢ଼ିବାରୁ ଋଣଦାତାଙ୍କର ଚାଷୀ ଉପରେ ଜୁଲୁମ ବଢ଼ୁଛି। ଏହାଦ୍ୱାରା ମାନସିକ ଚାପ ଆହୁରି ବୃଦ୍ଧିପାଉଛି। ଫଳରେ ଚାଷୀଟି ସହି ନ ପାରି ଆତ୍ମହତ୍ୟାର ରାସ୍ତା ଆପଣେଇ ନେଉଛି। ଏହିସବୁ ଚାଷୀ ଆତ୍ମହତ୍ୟାର ମୂଳ କାରଣକୁ ଯଦି ବିଶ୍ଳେଷଣ କରିବା, ତେବେ ଆମେ ପାଇବା ଯେ ଚାଷରେ କ୍ରମାଗତ କ୍ଷତି ଯୋଗୁ ପାରିବାରିକ ଅଶାନ୍ତି ଓ ମାନସିକ ଚାପ ବଢ଼ୁଛି। ଯଦି ଚାଷୀଟି ଚାଷର ଲାଭ ପାଇଥା'ନ୍ତା ବା ତା' ପରିବାରର ବୋଝକୁ ସୁରୁଖୁରୁରେ ଉଠେଇ ପାରନ୍ତା, ତେବେ ନା ପାରିବାରିକ ଅଶାନ୍ତି ବଢ଼ନ୍ତା ନା ମାନସିକ ଚାପ ବଢ଼ନ୍ତା। ତେଣୁ ଚାଷୀ ଆତ୍ମହତ୍ୟାର ମୂଳ ବା ମୌଳିକ କାରଣକୁ ଯଦି ବିଶ୍ଳେଷଣ କରିବା, ତେବେ ଗୋଟିଏ କଥା ମିଳିବ ଯେ ଏହା କେବଳ ଚାଷଜନିତ ଆତ୍ମହତ୍ୟା। କିନ୍ତୁ ଦୁର୍ଭାଗ୍ୟର ବିଷୟ, ସରକାର ନିଜ ଭୂମିକାକୁ ଲୁଚେଇବା ପାଇଁ କେବଳ ତୁରନ୍ତ କାରଣକୁ ତଦନ୍ତ ରିପୋର୍ଟରେ ଦର୍ଶେଇ ମୂଳ କାରଣକୁ ଆଲୋକକୁ ଆଣୁନାହାନ୍ତି। ଚାଷୀ ଆତ୍ମହତ୍ୟାର ମୂଳ କାରଣକୁ ନ ଗଲେ ବା ସତ୍ୟକୁ ସ୍ୱୀକାର ନ କଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ଯଦି ଆମେ ସତରେ ଚାଷୀ ଆତ୍ମହତ୍ୟା ପରି ଘଟଣାର ସ୍ଥାୟୀ ସମାଧାନ ଚାହୁଁଛେ, ତେବେ ପ୍ରଥମେ ତା'ର ମୂଳ କାରଣକୁ ଯିବାକୁ ହେବ ଓ ନମ୍ରତାର ସହିତ ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର କରିବାକୁ ହେବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଆଞ୍ଚଳିକ ବୈଷମ୍ୟ



ଡ. ଦୀପକ କୁମାର ନନ୍ଦ

ଓଡ଼ିଶାର ଆଞ୍ଚଳିକ ବୈଷମ୍ୟ ତଥା ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ, ପଶ୍ଚିମ, ଦକ୍ଷିଣ ଏବଂ ଉତ୍ତରାଞ୍ଚଳ ମଧ୍ୟରେ ଅତିମାତ୍ରାରେ ପରିଲକ୍ଷିତ ହୁଏ। ୧୯୯୪ ରେ ପଶ୍ଚିମ ଓଡ଼ିଶା ପାଇଁ ଭିନ୍ନ ଏକ ବିକାଶ ପରିଷଦ ଗଠନ, ମାନବ ବିକାଶ ରିପୋର୍ଟ–୨୦୦୨ ଏବଂ ଆଞ୍ଚଳିକ ବୈଷମ୍ୟ ଆୟୋଗ ରିପୋର୍ଟ–୨୦୦୮ ମାଧ୍ୟମରେ ଏହାର ମାତ୍ରା ପରିଲକ୍ଷିତ। ସାମ୍ପ୍ରତିକ ସମୟରେ ଆଞ୍ଚଳିକ ବୈଷମ୍ୟ ପାଇଁ ଭାରତରେ ପୃଥକ୍ ରାଜ୍ୟର ତର୍କ ଆଧାର ପାଲଟିଛି ଏବଂ ସେହିଭଳି ଭିନ୍ନ ଏକ କୋଶଳ ରାଜ୍ୟର ତର୍କ ଏହାର ପ୍ରତିଫଳନ। ଅବଶ୍ୟ କୋଶଳ ରାଜ୍ୟର ତର୍କ ଏକ ପୁରାତନ ବିଷୟ। ପ୍ରଥମକରି ଦେଶ ସ୍ୱାଧୀନ ପରେ ପରେ ରାଜ୍ୟ ଏକତ୍ରୀକରଣ ସମୟରେ ସାମନ୍ତବାଦୀ ଶାସକ ଗୋଷ୍ଠୀ ଏହାର ପରିକଳ୍ପନା କରିଥିଲେ। ପାଟ୍ନା ରାଜ୍ୟ (ବର୍ତ୍ତମାନର ବାଲାଙ୍ଗୀର)ର ଶାସକ ଏହାର ନେତୃତ୍ୱ ନିଭାଇ ଥିଲେ। ତେଣୁ କୋଶଳ ରାଜ୍ୟର ପ୍ରଥମ ଦାବିଠାରୁ ଇତିମଧ୍ୟରେ ପାଖାପାଖି ୭୫ ବର୍ଷ ବିତିଗଲାଣି ଏବଂ ଆନ୍ଦୋଳନର ପ୍ରକୃତି ମଧ୍ୟ ସମ୍ପୂର୍ଣ୍ଣ ବଦଳିଗଲାଣି। ଏହା ପୂର୍ବରୁ ସାମନ୍ତବାଦୀ ଶାସକମାନଙ୍କ ପାଇଁ କୋଶଳ ରାଜ୍ୟର ଦାବି କେବଳ ନିଜର ଶାସନ ବଜାୟ ରଖିବାର ଏକ ସୁନିୟୋଜିତ ପରିକଳ୍ପନା ଥିଲା। କିନ୍ତୁ ବର୍ତ୍ତମାନ ଏହା ଏକ ସର୍ବସାଧାରଣ ସମ୍ବଳ ବଣ୍ଟନରେ ଆଞ୍ଚଳିକ ପ୍ରାଧାନ୍ୟ ଏବଂ ଶୋଷଣ ଉପରେ ଅଧାରିତ। ତେବେ ପ୍ରଶ୍ନ ହେଉଛି, ଓଡ଼ିଶାରେ କାହିଁକି ଆଞ୍ଚଳିକ ବୈଷମ୍ୟ ପରିଲକ୍ଷିତ ହୁଏ ?

ଅର୍ଥନୈତିକ, ଭୌଗୋଳିକ, ସାମାଜିକ ଏବଂ ଶାସନ ପରିଏକାଧିକ କାରଣ ଆଞ୍ଚଳିକ ବୈଷମ୍ୟ ସହିତ ଜଡ଼ିତ। ହେଲେ ବିକାଶର ରାଜନୀତି ଅନେକ ମାତ୍ରାରେ ଜଡ଼ିତ। ପ୍ରତ୍ୟେକ ସମ୍ବଳର ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନ ପ୍ରକ୍ରିୟାରେ ଭବିଷ୍ୟତର ଲାଭ ଏବଂ ହାନିକୁହିସାବ ଆଧାରରେ ବିବାଦ ସୃଷ୍ଟି ହୋଇଥାଏ। ଯୋଉମାନେ ଶାସନଭାର ସମ୍ଭାଳିଥା'ନ୍ତି, ସେମାନେ ନିଜର ଚାହିଦା ଏବଂ ଲାଭାନୁସାରେ ସର୍ବସାଧାରଣ ସମ୍ବଳର ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନକୁ ପ୍ରଭାବିତ କରିଥା'ନ୍ତି ଉଭୟ ବ୍ୟକ୍ତିଗତ, ସାମାଜିକ ଏବଂ ଆଞ୍ଚଳିକ ସ୍ତରରେ। ତେଣୁ ଓଡ଼ିଶାରେ ଆଞ୍ଚଳିକ ବୈଷମ୍ୟର ତିନୋଟି ମୁଖ୍ୟ କାରଣ ହେଉଛି, ସାମାଜିକ ଏବଂ ସଂସ୍କୃତିକୁ ବିବିଧତା, ଜାତିଗତ ଏବଂ ଆଞ୍ଚଳିକ ଭେଦଭାବକାରୀ ରାଜନୈତିକ ନେତୃତ୍ୱ ଶକ୍ତି ଏବଂ ସର୍ବସାଧାରଣ ସମ୍ବଳର ଅସନ୍ତୁଳିତ ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନ, ଯାହା ଏକ ଆରେକକୁ ପ୍ରଭାବିତ କରିଥାଏ।

ସର୍ବସାଧାରଣ ସମ୍ବଳର ବ୍ୟବହାର ଏବଂ ବିତରଣରେ ସାମାଜିକ ତଥା ଆଞ୍ଚଳିକ ସ୍ତରରେ ରାଜନୈତିକ ଶକ୍ତି ଏବଂ ନେତୃତ୍ୱର ସ୍ୱାର୍ଥ, ଆଦର୍ଶ ଏବଂ ପ୍ରକୃତି ଉପରେ ନିର୍ଭର କରେ। ଓଡ଼ିଶାରେ ଏହା ଏକ ଐତିହାସିକ ଏବଂ ସମସାମୟିକ ସମସ୍ୟା। ଉଦାହରଣ ସ୍ୱରୂପ ଐତିହାସିକ ଭାବରେ, ମଧ୍ୟଯୁଗ କାଳରେ, ପୂର୍ବ ଉପକୂଳ ଅଞ୍ଚଳ ମୋଗଲ ଶାସନ ଅଧୀନରେ ଥିଲା ଏବଂ ଅଷ୍ଟାଦଶ ଶତାବ୍ଦୀରେ ପ୍ରତ୍ୟକ୍ଷ ବ୍ରିଟିଶ୍ ଶାସନ ଅଧୀନରେ ଆସିଥିଲା। ଅନ୍ୟପଟେ, ରାଜପୁତ ଶାସକମାନେ ଓଡ଼ିଶାର ପଶ୍ଚିମାଞ୍ଚଳକୁ ପ୍ରାୟତଃ ଖ୍ରୀଷ୍ଟାବ୍ଦ ୮୦୦–୧୦୦୦ରୁ ନିଜ ଅକ୍ତିଆରରେ ରଖିଥିଲେ। ଇଂରେଜ ଶାସନ ସମୟରେ ମଧ୍ୟ ତାଙ୍କ ସହିତ ମିଶି ଶାସନ କରିଥିଲେ। ତେଣୁ କୃଷି ଜମିର



ବଣ୍ଟନ ଏବଂ ଅନ୍ୟାନ୍ୟ ଜନ କଲ୍ୟାଣ କାର୍ଯ୍ୟ ଯେପରିକି ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପଦକ୍ଷେପ ଦୁଇଟି ଅଞ୍ଚଳରେ ଭିନ୍ନ। ଅବଶ୍ୟ କୃଷି ଜମିର ବଣ୍ଟନ ଉଭୟ ଅଞ୍ଚଳରେ ସମାଜରେ ସମାନ ଭାବରେ ବଣ୍ଟନ କରାଯାଇ ନାହିଁ, କିନ୍ତୁ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଆଧୁନିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରଥମେ ସୃଷ୍ଟି କରାଯାଇଥିଲା। ଅନ୍ୟପକ୍ଷରେ, ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପଶ୍ଚିମ ଅଞ୍ଚଳରେ ବ୍ରିଟିଶ୍ ଶାସକଙ୍କ ପ୍ରଭାବ ପରେ ବିଦ୍ୟାଳୟ ଏବଂ ଡାକ୍ତରଖାନା ଖୋଲାଯାଇଥିଲା। ଅବଶ୍ୟ ଉଭୟ ଅଞ୍ଚଳରେ ସାମାଜିକ ଏବଂ ସାଂସ୍କୃତିକ ପରମ୍ପରା ଏବଂ ଆଦର୍ଶ ସର୍ବଦା ଜାତିବାଦୀ, ଯାହାକି ଐତିହାସିକ ଭାବରେ ଓଡ଼ିଶାର ରାଜପୁତ ସାମ୍ରାଜ୍ୟବାଦୀଙ୍କ ଶ୍ରେୟ, ଯେଉଁଠାରେ ଦଳିତ, ଆଦିବାସୀ ଏବଂ ଅନ୍ୟାନ୍ୟ ଅନଗ୍ରସର ଜାତିମାନେ ଅବହେଳିତ ଏବଂ ଶୋଷିତ। ସେହି ସମାନ ବ୍ୟବସ୍ଥା ଦେଶ ସ୍ୱାଧୀନ ପରବର୍ତ୍ତୀ ଓଡ଼ିଶା ରାଜ୍ୟ ଶାସନ ଏବଂ ରାଜନୈତିକ ନେତୃତ୍ୱରେ ମଧ୍ୟ ପରିଲକ୍ଷିତ ହୁଏ। ରାଜନୈତିକ ବିଶେଷଜ୍ଞ ମନୋରଞ୍ଜନ ମହାନ୍ତିଙ୍କ ଅନୁସାରେ, ରାଜ୍ୟ ନିର୍ବାଚନ ରାଜନୀତିରେ ଉଚ୍ଚ ବର୍ଗର ରାଜନେତାଙ୍କ ଅତ୍ୟଧିକ ପ୍ରଭାବ ଗଣତନ୍ତ୍ରରେ ସଙ୍କଟ ସୃଷ୍ଟି କରୁଛି। ଅନ୍ୟପକ୍ଷରେ, ଆଦିବାସୀ ଏବଂ ଦଳିତବର୍ଗ ଏବେ ମଧ୍ୟ ଅଧିକାଂଶ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ୨୦୧୧–୧୨ ଦାରିଦ୍ର୍ୟ ଜନଗଣନା ଅନୁଯାୟୀ, ଏସ୍‌ଟି ଏବଂ ଏସ୍‌ସି ବର୍ଗର ଦାରିଦ୍ର୍ୟ ହାର ଯଥାକ୍ରମେ ୬୩.୫୨ ଏବଂ ୪୧.୩୯ ପ୍ରତିଶତ ଥିଲାବେଳେ ଅନ୍ୟାନ୍ୟ ଅନଗ୍ରସର ଏବଂ ସାଧାରଣବର୍ଗ ଗୋଷ୍ଠୀର ଦାରିଦ୍ର୍ୟ ହାର ୨୪.୧୬ ଏବଂ ୧୪.୨୦ ପ୍ରତିଶତ। ତେବେ ପ୍ରଶ୍ନହୁଏ ସାମାଜିକ, ଅର୍ଥନୀତି ଏବଂ ରାଜନୀତିରେ ଅଗ୍ରସର ସାଧାରଣ ବର୍ଗ କିଭଳି ଭାବରେ ପୂର୍ବ ଉପକୂଳ ଅଞ୍ଚଳର ପ୍ରାଧାନ୍ୟକୁ ଦର୍ଶାଏ ? ଯାହା କୋଶଳ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି। ଏହାର ଉତ୍ତରଟି ଅତି ସରଳ; ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଅନ୍ୟାନ୍ୟ ଅନଗ୍ରସର ଏବଂ ସାଧାରଣବର୍ଗ ଗୋଷ୍ଠୀ ଅଧିକ ବସବାସ କରୁଥିଲାବେଳେ ପଶ୍ଚିମାଞ୍ଚଳରେ ଆଦିବାସୀ ଏବଂ ଦଳିତଙ୍କ ଜନସଂଖ୍ୟା ଅଧିକ। ୨୦୧୧ ଜନଗଣନା ଅନୁଯାୟୀ, ସମୁଦାୟ ପୂର୍ବବର୍ତ୍ତୀ ଅଞ୍ଚଳ ଜନସଂଖ୍ୟାର (୧,୫୭,୬୯,୦୫୨) ୧୯.୪୨ ଏବଂ ୪.୮୦ ପ୍ରତିଶତ ଭାଗ ଏସ୍‌ସି ଏବଂ ଏସ୍‌ଟି ହୋଇଥିବାବେଳେ ତାହା ସମୁଦାୟ ପଶ୍ଚିମାଞ୍ଚଳ ଜନସଂଖ୍ୟାର (୯୯,୫୪,୨୪୭) ୧୬.୬୬ ଏବଂ ୩୦.୬୦ ପ୍ରତିଶତ। ତେଣୁ ଓଡ଼ିଶା ଶାସନ ଏବଂ ରାଜନୈତିକ ନେତୃତ୍ୱରେ ପୂର୍ବ ଉପକୂଳବର୍ତ୍ତୀ ଆଞ୍ଚଳିକ ପ୍ରାଧାନ୍ୟର ଅନ୍ୟ ଅର୍ଥ ହେଉଛି ସାଧାରଣବର୍ଗ ଗୋଷ୍ଠୀଙ୍କ ଶାସନ ଏବଂ ରାଜନୈତିକ ନେତୃତ୍ୱରେ ଅଧିପତ୍ୟ, କାହିଁକିନା ଏହାର ଜନସଂଖ୍ୟାକୁ ନେଇ ହିଁ କୌଣସି ଏକ ଅଞ୍ଚଳ ଗଠିତ। ଅନ୍ୟପଟେ ପଶ୍ଚିମାଞ୍ଚଳର ଚିତ୍ରପଟ ମଧ୍ୟ ସମାନ। ଯଥା ସାମ୍ରାଜ୍ୟବାଦୀ ରାଜପୁତ ଶାସକ ବଂଶ ସହିତ ଅନ୍ୟାନ୍ୟ ସାଧାରଣବର୍ଗର ଶାସନ ଏବଂ ରାଜନୈତିକ ନେତୃତ୍ୱ ପରିଲକ୍ଷିତ। ଆଉ ସେହି ଦୁଇ ସାମାଜିକ ଶ୍ରେଣୀ ହିଁ ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳର ନେତୃତ୍ୱ ସହିତ ମିଶି ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରୁ କ୍ଷମତାସୀନ। ଅତଏବ, ସାମାଜିକ ଅସମାନତା ଅବଂ ଆଞ୍ଚଳିକ ବୈଷମ୍ୟ ଏକ ଆରେକର ପରିପୂରକ। ତେଣୁ ଆଞ୍ଚଳିକ ବୈଷମ୍ୟ ଦୂର କରିବାରେ ସାମାଜିକ ଏବଂ ସାଂସ୍କୃତିକ ଅସମାନତା, ଜାତିଗତ ଏବଂ ଆଞ୍ଚଳିକ ଭେଦଭାବକାରୀ ରାଜନୈତିକ ଶକ୍ତି ଏବଂ ସର୍ବସାଧାରଣ ସମ୍ବଳର ଅସନ୍ତୁଳିତ ଉତ୍ପାଦନ, ବ୍ୟବହାର ଏବଂ ବଣ୍ଟନକୁ ନିଶ୍ଚୟ ସମାନ ଭାବରେ ପ୍ରାଧାନ୍ୟ ଦେବା ଉଚିତ।

nandadeepak3@gmail.com

## ଏଇ ଭାରତରେ

ଗୁରୁଙ୍କ ଗୌରବ କଥା ଆସିଲେ ମନେପଡ଼ନ୍ତି ବିହାରର ରଜନୀକାନ୍ତ(ଆର.କେ.) ଶ୍ରୀବାସ୍ତବ। ୧୫ ବର୍ଷ ହେଲା ସେ ପିଲାମାନଙ୍କୁ ଏକ ଟଙ୍କା ଦକ୍ଷିଣାର ପଢ଼ାଉଛନ୍ତି। ରୋହତାସ ଜିଲା ବିକ୍ରମଗଞ୍ଜରେ ସେ ଏକ ସ୍ୱତନ୍ତ୍ର କ୍ଲାସ କରୁଛନ୍ତି ଓ ତାହାକୁ 'ଏକ ଟଙ୍କା ଦକ୍ଷିଣା କ୍ଲାସ୍' ବୋଲି ସମସ୍ତେ ଜାଣନ୍ତି। ଆର.କେ ସାର୍ ଜଣେ ଗଣିତ ଶିକ୍ଷକ। ସେ ପିଲାମାନଙ୍କୁ ଦେଶର ପ୍ରତିଷ୍ଠିତ ଇଞ୍ଜିନିୟରିଂ ଏବଂ ମେଡିକାଲ କଲେଜରେ ନାମ ଲେଖାଇବାରେ ସାହାଯ୍ୟ କରୁଛନ୍ତି। ତାଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଛାତ୍ରଙ୍କ ପାଇଁ ଦେୟ ରଖିଛନ୍ତି ମାତ୍ର ୧ଟଙ୍କା। ତାଙ୍କର ଏପରି କାର୍ଯ୍ୟ ପଛରେ ଏକ କାହାଣୀ ରହିଛି। ଆର୍.କେ.ସାର୍‌ଙ୍କ ଆଦ୍ୟଜୀବନ ଅଭାବରେ କଟିଥିଲା। ବହୁକଷ୍ଟରେ ସେ ପାଠପଢି ଦ୍ୱାଦଶ ପାସ କରିବା ପରେ ଇଞ୍ଜିନିୟର ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଆଇଆଇଟି ପାଇଁ ପ୍ରସ୍ତୁତ ହେବା ସମୟରେ ତାଙ୍କୁ ଟିବି ହୋଇଗଲା ଓ ସେ ସଥିରୁ ବଞ୍ଚିତ ହୋଇଥିଲେ। ପରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ୧ଟଙ୍କା ଦେୟରେ ପଢ଼ାଇବା ସହ ନିଜେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୨୦୦୮ରେ ସେ କୋଚିଂ କ୍ଲାସ୍ ଖୋଲିଥିଲେ। ଏବେ ସୁଦ୍ଧା ତାଙ୍କ ନିକଟରୁ ୫୪୫ ପିଲା କୋଚିଂ ନେଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ସାରିଲେଣି। କେବଳ ଏତିକି ନୁହେଁ, ଆର୍.କେ. ସାର୍ ମଧ୍ୟ ଦେଶର ପ୍ରତିଷ୍ଠିତ କୋଚିଂ ସେଣ୍ଟରରେ ପଢ଼ାଇ ଯାହା ରୋଜଗାର କରୁଛନ୍ତି ତାହାକୁ ତାଙ୍କ କୋଚିଂ କ୍ଲାସ୍ ପରିଚାଳନାରେ ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୭

- ବଡ଼ଧରଣର ଘୂର୍ଣ୍ଣିବାତ୍ୟା ଘଟି ପାରାଗୁଏରେ ଏକ ଷ୍ଟାଡ଼ିୟମ୍‌ର ଛାତ ଭୁଶୁଡ଼ି ୪୦ ମୃତ।
- ନୋବେଲ ପୁରସ୍କାର ବିଜୟିନୀ ତଥା ଶାନ୍ତି, ମୈତ୍ରୀର ମୂର୍ତ୍ତିମନ୍ତ ପ୍ରତୀକ ମଦର ଟେରେସାଙ୍କ ୮୭ ବର୍ଷ ବୟସରେ ପରଲୋକ।
- ନାଇଜେରିଆର ଦକ୍ଷିଣ–ପୂର୍ବାଞ୍ଚଳ ରାଜ୍ୟ ବାୟେଲସାଠାରେ ଏକ ନୌକା ଦୁର୍ଘଟଣା ଘଟି ୧୩୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଖାଉଟି ସାମଗ୍ରୀରେ ଅପମିଶ୍ରଣ

ମହାଶୟ,

ପୁରୀ ସହର ତଥା ଜିଲାର ସମସ୍ତ ପଞ୍ଚାୟତ ଓ ତାହାର ଆଖପାଖ ଅଞ୍ଚଳରେ ଚାଉଳ, ଅଟା, ଡାଲି, ଘିଅ, ତେଲ, ମସଲାଗୁଣ୍ଡ ଆଦି ଖାଉଟି ସାମଗ୍ରୀରେ ବ୍ୟାପକ ଅପମିଶ୍ରଣ ହେଉଥିବା ଦେଖାଯାଉଛି। ମୁଷ୍ଟିମେୟ ଦଲାଲମାନେ ବେଆଇନ ଭାବେ ଏହି ଅପମିଶ୍ରଣ ଅବାଧରେ ଚଳାଇ ବାର୍ଷିକ କୋଟି କୋଟି ଟଙ୍କା ରୋଜଗାର କରୁଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନୀରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୀ ଜିଲାର ୨ୟ ପର୍ଯ୍ୟଟନ କ୍ଷେତ୍ର ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ଚାଉଳରେ ଖୁଦ ଏବଂ ସ୍ୱତନ୍ତ୍ର ଆକାରର ଗୋଡି ମିଶାଯାଇ ବିକ୍ରି କରାଯାଉଥିବା ବେଳେ ଅପେକ୍ଷାକୃତ ନିମ୍ନମାନର ମୁଗଡାଲି ଓ ହରଡଡାଲିରେ ଏକ ପ୍ରକାର ହଳଦିଆ ରଙ୍ଗ ଦିଆଯାଉଛି। ଜିରାରେ ପାନମଧୁରୀ ସଦୃଶ ଶସ୍ୟ ଫିରା ମିଶାଇ ଜିରା ଦରରେ ବିକ୍ରିବଟା ହେଉଥିବା ବେଳେ ପୋସ୍ତକରେ ମଧ୍ୟ ସ୍ୱତନ୍ତ୍ର ଧରଣର ମଞ୍ଜି ମିଶାଇ ଚନ୍ଦନପୁର, ସାତଶଙ୍ଖ ଓ ସତ୍ୟବାଦୀ ଅଞ୍ଚଳରେ ବିକ୍ରି ଚାଲିଛି। ସେହିପରି ଘିଅ, ତେଲ ଓ ଶିଶୁ ଖାଦ୍ୟରେ ଅପମିଶ୍ରଣ ହେଉଛି। ଏଣୁ ଅପମିଶ୍ରଣ ରୋକିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**–ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜି ଏନ୍ଆର୍‌ଟିଏସ୍ ପରୀକ୍ଷା**

**କଟକ ଅଫିସ:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ନ୍ୟାଶନାଲ ରୁରାଲ ଟାଲେଣ୍ଟ ସର୍ଚ୍ଚ (ଏନ୍ଆର୍‌ଟିଏସ୍) ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଏଥିପାଇଁ ରାଜ୍ୟର ୫୮ ହଜାର ୧୧୮ ଜଣ ଛାତ୍ରୀଛାତ୍ର ଫର୍ମପୂରଣ କରିଛନ୍ତି। ୩୭୧ଟି କେନ୍ଦ୍ରରେ ଏହି ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧା ମୃତ

ଦେବଗଡ଼,୫।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ ପଞ୍ଚାୟତ କାଲକାଠ ନିକଟ ଫଟାଟାଙ୍ଗର ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଯଶପିନ କୁଜୁର (୬୨)ଙ୍କ ମୃତ୍ୟୁ ଘଟିଛି। ସେ ଉକ୍ତ ଗ୍ରାମର ସ୍ୱର୍ଗତ ରାଜୁ କୁଜୁରଙ୍କ ସ୍ତ୍ରୀ। ଯଶପିନ ରବିବାର ସନ୍ଧ୍ୟାରେ ଚାଷଜମିରୁ ଏକ ଜଙ୍ଗଲିଆ ରାସ୍ତାରେ ଘରକୁ ଫେରୁଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେବା ସହ ପାଦରେ ଦଳିଦେଇ ପାଖ ଜଙ୍ଗଲକୁ ପଳାଇଥିଲା। ଉକ୍ତ ଜାଗାଟି ନିଛାଟିଆ ଥିବାରୁ କେହି ଘଟଣା ସମ୍ପର୍କରେ ଜାଣିପାରି ନ ଥିଲେ। ସୋମବାର ଜଙ୍ଗଲକୁ ଯାଇଥିବା ଲୋକେ ଯଶପିନଙ୍କ ମୃତଦେହ ଦେଖି ପରିବାର ଲୋକ ଓ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ବନ କର୍ମଚାରୀମାନେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

### ସିଲ୍ ହେଲା ନିଶା ନିବାରଣ କେନ୍ଦ୍ର

**ବାରିପଦା ଅଫିସ,୫।୯:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯିବା ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ଟାଉନ ଥାନା ପୋଲିସ କେନ୍ଦ୍ରରେ ଥିବା ଅନ୍ତେବାସୀମାନଙ୍କୁ ଘରକୁ ପଠାଇବା ପରେ କେନ୍ଦ୍ରକୁ ସିଲ୍ କରିଛି। ତେବେ ଉକ୍ତ ଅନ୍ତେବାସୀମାନଙ୍କୁ ଥଇଥାନ କରିବା ପାଇଁ ସେମାନଙ୍କ ଅଭିଭାବକମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ନିଶା ନିବାରଣ କେନ୍ଦ୍ରର ମୁଖ୍ୟ ଅବନୀ ପତି ଅନ୍ତେବାସୀମାନଙ୍କୁ ମ୍ୟୁଜିକର ତାଳେ ତାଳେ ନିସ୍ତୁକ ମାଡ଼ ମାରୁଥିବା ଦୃଶ୍ୟ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଏହାପରେ କେନ୍ଦ୍ରକୁ ବନ୍ଦ କରିବା ସହ ଅନ୍ତେବାସୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶକୁ ବେଖାତିର କରି ନିଶା ନିବାରଣ କେନ୍ଦ୍ରର ମୁଖ୍ୟ ପତି ପୁନର୍ବାର କେନ୍ଦ୍ର ଚଳାଇଥିଲେ। ଏହି ଘଟଣାରେ ରବିବାର ପୋଲିସ ତାଙ୍କୁ ଗିରଫ କରିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଉକ୍ତ କେନ୍ଦ୍ରକୁ ସିଲ୍ କରାଯାଇଛି। ବାରିପଦା ତହସିଲଦାର ବିକ୍ରମ କେଶରୀ ପରିଡ଼ା ଓ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ଉପସ୍ଥିତ ରହି ୩୨ଜଣ ଅନ୍ତେବାସୀଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ତେବେ କେନ୍ଦ୍ରରେ ଥିବା ଅନ୍ତେବାସୀମାନେ କାନ୍ଦି କାନ୍ଦି ଦୁଃଖ ବଖାଣିବା ସହିତ ମୁକ୍ତ କରିବାକୁ ହାତଯୋଡ଼ି ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା।

# ଝାଡ଼ାବାନ୍ତିରେ ୨ମୃତ, ୨୫ ଆକ୍ରାନ୍ତ

- ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ
- ପ୍ରଭାବିତ ଗାଁରେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲା ମେଡିକାଲ ଟିମ୍

ଖପ୍ରାଖୋଲ, ୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ଅନ୍ତର୍ଗତ ଦେଦର୍ହ ଗାଁରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫ଜଣ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ କୁମାରୀ ମେହେର (୪୮) ଓ ତାଙ୍କ ୧୦ ବର୍ଷର ନାତି ବବୁଲୁ। ନୂଆଁଖାଇ ପରେ ଗାଁର କେତେକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କୁମାରୀ, ବବୁଲୁଙ୍କ ସହ ୪ଜଣ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ କୁମାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସୋମବାର ସକାଳେ ଡାକ୍ତର ବବୁଲୁଙ୍କୁ ମୃତ ଘୋଷିତ କରିଥିଲେ। ଏବେ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ପାଟଣାଗଡରେ ଏବଂ ଅନ୍ୟ ୨୩ଜଣ ଘରେ ଚିକିତ୍ସିତ ହେଉଛନ୍ତି।

ସୋମବାର ସକାଳେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ା. ସୁରଜ ଦୀପଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ୍ ଦେଦର୍ହ ଗାଁରେ ପହଞ୍ଚି ଥିଲା। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରାଯାଇଥିଲ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ନଳକୂପ, ଖୋଲାକୂପ ଓ ଜଳଯୋଗାଣ ପ୍ରକଳ୍ପ କୂପରେ ବ୍ଲିଚିଂ ପାଉଡର ପକାଯାଇଥିଲା। ଝାଡ଼ାବାନ୍ତି କିପରି ଅଧିକ ନ ବ୍ୟାପିବ ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଅପରାହ୍ନରେ ଜିଲାପାଳ ଚଞ୍ଚଳ ରାଣା ଦେଦର୍ହରେ ପହଞ୍ଚି ସ୍ଥାନୀୟ ସରପଞ୍ଚ, ଗ୍ରାମବାସୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ମୃତକଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୫ହଜାର ଟଙ୍କାର ଚେକ ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଲେଖାଏ ସେ ପ୍ରଦାନ କରିଥିଲେ। ଏହି ଅବସରରେ ସିଡିଏମଓ ଡ଼ ସ୍ନେହଲତା ସାହୁ, ପାଟଣାଗଡ ଉପଜିଲାପାଳ ଡ଼ ପୁଷ୍ପାଞ୍ଜଳି ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର କ୍ଷୀରୋଦ ଚନ୍ଦ୍ର ସାହୁ, ଉପଖଣ୍ଡ ମେଡିକାଲ ଅଫିସର ଡ଼ ସୁବ୍ରତ ମେହେର, ସିଡିପିଓ ସୁଜାତା ଦୋରା, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସରିତା କୁଜୁର, ଚିନ୍ମୟ ପଧାନ, ସରପଞ୍ଚ ଦେବରାଜ ପଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମୋହନ ବେହେରା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ରାଣାଙ୍କୁ ପଚାରିବାରୁ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ ଅଛି। କାରଣ ଅନୁଧ୍ୟାନ ପାଇଁ ଗାଁରୁ ପାନୀୟ ଜଳର ନମୁନା ସଂଗ୍ରହ କରାଯାଇଛି। ଗାଁରେ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟସେବା ଦଳକୁ ନିୟୋଜିତ କରାଯାଇଛି ବୋଲି ସେ କହିଛନ୍ତି।



ମୃତକଙ୍କ ପରିବାର ଲୋକଙ୍କୁ ଜିଲାପାଳ ଚଞ୍ଚଳ ରାଣା ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

## ୬୫ବର୍ଷୀୟ ଇରାକୀୟଙ୍କ ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୫।୯(ବ୍ୟୁରୋ)

ସମ୍ ଅଲ୍ଟିମେଟ୍ ମେଡିକେୟାର(ସମମ୍)ରେ ଜଣେ ୬୫ବର୍ଷୀୟ ଇରାକୀ ନାଗରିକଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ସେ ହେଲେ ଅବଦୁଲ ଖାଲେକ ଆବେଦ ଇମ୍ରାନ ଅଲ୍ କନନ୍। ସେ ସେଣ୍ଟ୍ରାଲ ସ୍କଲ୍ ବେସ୍ ଓଷ୍ଟିଓମାଇଲିଟିଜ୍ ସମସ୍ୟାରେ ପୀଡ଼ିତ ଥିଲେ। ଇରାକରେ ଏହି ଜଟିଳ ରୋଗର ଚିକିତ୍ସା ସୁବିଧା ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଥିଲେ। ଚିକିତ୍ସାରେ ବିଳମ୍ବ ହେବାରୁ ଧୀରେ ଧୀରେ ତାଙ୍କ ମୁହଁ ବଙ୍କା ହୋଇଥିଲା ଓ ମୁଣ୍ଡରେ ଯନ୍ତ୍ରଣା ମଧ୍ୟ ବଢ଼ିଥିଲା। ଭାରତ ଆଣି ବାପାଙ୍କ ଚିକିତ୍ସା କରିବା ପାଇଁ ପୁଅ ସାଫା ଅବଦୁଲ ଖାଲେକ ଆବେଦ ଇଚ୍ଛା ପ୍ରକାଶ କରିଥିଲେ। ଭାରତରେ ବହୁ ହସ୍ପିଟାଲ ସନ୍ଧାନ ପରେ ସେ ଭୁବନେଶ୍ୱର ସମ୍ ଅଲ୍ଟିମେଟ୍‌ରେ ଚିକିତ୍ସା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଠାରେ ପହଞ୍ଚିବା ପରେ ଇଏନ୍‌ଟି ଆଣ୍ଡ୍ ସ୍କଲ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲଟାଣ୍ଟ ତଥା ମୁଖ୍ୟ ଡା. ରାଧାମାଧବ ସାହୁଙ୍କ ଅଧୀନରେ ଚିକିତ୍ସା ପାଇଁ ଇମ୍ରାନ ଭର୍ତ୍ତି ହୋଇଥିଲେ। କେତେକ ପରୀକ୍ଷା କରାଯିବା ପରେ ତୁରନ୍ତ ତାଙ୍କର ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଅସ୍ତ୍ରୋପଚାର ସଫଳ ହୋଇଛି। ଏବେ ଧୀରେ ଧୀରେ ତାଙ୍କ ମୁହଁର ଅବସ୍ଥା ସୁସ୍ଥ ହେବାରେ ଲାଗିଛି ବୋଲି ଡା. ସାହୁ କହିଛନ୍ତି। ରୋଗ ସମ୍ପର୍କରେ ସେ କହିଛନ୍ତି, ଏହା ଏକ ବିରଳ ରୋଗ ଓ ଏଥିରେ ଜୀବନ ପ୍ରତି ବିପଦ ଥାଏ। କାନ ଓ ନାକରେ ଏହାର ସଂକ୍ରମଣ ହୋଇଥାଏ। ଅସ୍ଥିମଜ୍ଜାରେ ବ୍ୟାକ୍ଟେରିଆ ବା ଫଙ୍ଗସ ଯୋଗୁ ଏହି ସଂକ୍ରମଣ ହୋଇଥାଏ। କମ୍ ରୋଗ ପ୍ରତିରୋଧକ ଶକ୍ତି ଥିବା ଓ ବହୁଳ ମାତ୍ରାରେ ମଧୁମେହରରେ ପୀଡ଼ିତ ଥିବା ବ୍ୟକ୍ତି ଏହି ସଂକ୍ରମଣର ଶିକାର ହୁଅନ୍ତି ବୋଲି ଡା. ସାହୁ କହିଛନ୍ତି। ସମ୍ ଅଲ୍ଟିମେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଶ୍ୱେତପଦ୍ମା ଦାସ କହିଛନ୍ତି, ବିଦେଶୀ ରୋଗୀଙ୍କ ଉତ୍ତମ ଚିକିତ୍ସା ଓ ପୂର୍ବାଞ୍ଚଳରେ ଚିକିତ୍ସା ପର୍ଯ୍ୟଟନକୁ ଆଗକୁ ନେବା ପାଇଁ ଆମେ ଖୁବ୍‌ଶୀଘ୍ର ଏକ ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ ଥିବା ଏକ ସ୍ୱତନ୍ତ୍ର ୟୁନିଟ୍ ପ୍ରସ୍ତୁତ କରିବୁ।

## ଘୁଷୁରି ମଡ଼କ ନେଇ ଲୋକେ ଛାନିଆ



ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଖାନ୍‌ସୀରାଣୀ ତପସୀ ଘୁଷୁରି ମରିପଡ଼ିଥିବା ସ୍ଥାନରେ ଅନୁଧ୍ୟାନ କରୁଛନ୍ତି।

**ଅନୁଧ୍ୟାନ କଲେ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ**

ଧାମନଗର, ୫।୯(ସ୍ୱ.ପ୍ର./ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସୋହଡ଼ା ପଞ୍ଚାୟତ ବେଦପୁର ଛକନିକଟ ଧାନବିଲ ଓ ଘାସବଣରେ ପ୍ରାୟ ୧୦୦ଘୁଷୁରି ମରିପଡିଥିବା ଦେଖିବାକୁ ମିଳିଛି। ଆଉ କେତେକ ଘୁଷୁରି ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାରୁ ଅଜଣା ରୋଗ ହୋଇଥିବା ଭାବି ସ୍ଥାନୀୟ ଲୋକେ ଛାନିଆ ହୋଇପଡିଛନ୍ତି। ଘୁଷୁରି ମଡ଼କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ୩ ଦିନ ପୂର୍ବରୁ କେତେଜଣ ଲୋକ ବେଦପୁର ଛକ ରାସ୍ତାପାର୍ଶ୍ୱରେ ଶତାଧିକ ଘୁଷୁରି ଆଣି ଚରାଉଥିଲେ। ଦିନକ ପରେ ପ୍ରାୟ ୨୦ ଘୁଷୁରି ମୃତ୍ୟୁ ହେବା ପରେ ସେମାନେ ଚରାଳିଙ୍କୁ ସେଠାରୁ ପଳାଇଯିବାକୁ କହିଥିଲେ। ତେବେ ସୋମବାର ସକାଳେ ଏତେସଂଖ୍ୟାକ ଘୁଷୁରି ମଡ଼କ ଦେଖି ଲୋକେ ପ୍ରାଣୀଧନ ବିଭାଗକୁ ଖବର ଦେଇଥିଲେ। ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଶୁଭେନ୍ଦୁ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସନ୍ଧ୍ୟାରେ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଖାନ୍‌ସୀରାଣୀ ତପସୀ, ଗୋମିତ୍ର ସନ୍ତୋଷ କୁମାର ରାଉତ ଓ ଏଲ୍ଆଇ ଶେଖ୍ ହବିବୁଲ୍ଲା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ଡା. ଖାନ୍‌ସୀ କହିଛନ୍ତି, ଘୁଷୁରି ଯାଜପୁର ଜିଲାର। ଘୁଷୁରିଆ ଘୁଷୁରି ଆଣି ଏଠାରେ ରଖି ଚରାଉଥିଲେ। ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଯୋଗୁ ଘୁଷୁରିଗୁଡ଼ିକୁ ବିଷ ଦେଇ ଏଠାରୁ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଛି। ତେବେ ଜେସିବି ଆସିବାରେ ବିଳମ୍ବ ଯୋଗୁ ମୃତ ଘୁଷୁରିଗୁଡ଼ିକୁ ପୋତାଯାଇପାରିନାହିଁ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ମଙ୍ଗଳବାର ନମୁନା ପରୀକ୍ଷା କରାଯିବ।

ଉଲ୍ଲେଖଯୋଗ୍ୟ ଯେ, ବନ୍ୟା ସମୟରେ ବୈତରଣୀ ନଦୀ ଉପରମୁଣ୍ଡରେ ଥିବା କଳକାରଖାନାର କୌଣସି ରାସାୟନିକ ପଦାର୍ଥ ପାଣିରେ ମିଶିଥିବା ଅନୁମାନ କରାଯାଉଛି। ଏହି ମିଶ୍ରଣ ପାଣି ପିଇବା ଯୋଗୁ ଘୁଷୁରିଗୁଡିକ ମୃତ୍ୟୁମୁଖରେ ପଡ଼ିଥିବା ଲୋକେ ସନ୍ଦେହ କରୁଛନ୍ତି।

## ପ୍ରେମ କରିବାରୁ ଯୁବକଙ୍କୁ ପିଟି ହତ୍ୟା

**୧୦ଦିନ ପରେ ମାଟିତଳୁ ମୃତଦେହ ଜବତ**

ବାଲିଗୁଡ଼ା,୫।୯(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଲଣ୍ଡାଗାଁ ପଞ୍ଚାୟତ ତଳିପଡ଼ା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ତାଙ୍କ ପ୍ରେମିକାପରିବାର ଲୋକେ ହତ୍ୟା କରି ମାଟିତଳେ ପୋତି ଦେଇଥିଲେ। ମୃତକ ହେଲେ ଶୁକଦେବ ରଣା। ୧୦ଦିନ ପରେ ପୋଲିସ ମାଟିତଳୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏହି ଘଟଣାରେ ଦୁଃଶାସନ ମଲିକ, ଗିରିଶ ମଲିକ ଓ ନିଳବନ୍ତ ମଲିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ତଳିପଡ଼ାର ଜଣେ ଯୁବତୀଙ୍କୁ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ଘଣ୍ଟାପଡ଼ା ଗ୍ରାମର ଶୁକଦେବ ଭଲପାଇ ଆସୁଥିଲେ। ଯୁବତୀଙ୍କ ପରିବାର ଲୋକେ ଏହାକୁ ବିରୋଧ କରୁଥିଲେ। ଗତ ୨୬ ତାରିଖରେ ଯୁବତୀ ତାଙ୍କ ପ୍ରେମିକ ଶୁକଦେବଙ୍କୁ ଗାଁକୁ ଡାକିଥିଲେ। ଯୁବତୀଙ୍କ ପରିବାର ଲୋକେ କଥା ହେବେ କହି ଶୁକଦେବଙ୍କୁ ନିକଟସ୍ଥ ଜଙ୍ଗଲକୁ ଡାକି ନେଇ ପିଟି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋତି ଦେଇଥିଲେ। ଅନ୍ୟପଟେ ଶୁକଦେବ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ କଣ୍ଟାମାଳ ଓ ବାଲିଗୁଡ଼ା ଥାନାରେ ଏତଲା ହୋଇଥିଲା। ପୋଲିସ ଖୋଜା ଖୋଜି କରୁଥିଲା। ସୋମବାର ବାଲିଗୁଡ଼ା ପୋଲିସକୁ ସୁରାକ ମିଳିବାରୁ ଯୁବତୀଙ୍କ ପରିବାର ଲୋକଙ୍କୁ ପଚରାଉଚରା ପରେ ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡିଥିଲା। ମାମଲା ନଂ.୧୯୨/୨୨ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବାଲିଗୁଡ଼ା ଥାନା ଅଧିକାରୀ ବାବା ଶଙ୍କର ସରାଫ କହିଛନ୍ତି।

## ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଡ. ଗୁରୁପ୍ରସାଦଙ୍କ ପରଲୋକ

ଭୁବନେଶ୍ୱର, ୫।୯(ବ୍ୟୁରୋ)



ଡ. ଗୁରୁ ପ୍ରସାଦ ମହାନ୍ତି

ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସଭାପତି ତଥା ଉପଦେଷ୍ଟା ଡ. ଗୁରୁ ପ୍ରସାଦ ମହାନ୍ତିଙ୍କ ରବିବାର ରାତିରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଉତ୍କଳ ସମ୍ମିଳନୀର କଟକ ଜିଲା ଶାଖାର ସଭାପତି, ରାଜ୍ୟ ଉତ୍କଳ ସମ୍ମିଳନୀର ପ୍ରଥମ ଉପସଭାପତି ପରେ ସଭାପତି ଓ ଉପଦେଷ୍ଟା ଭାବେ ଦାୟିତ୍ୱ ତୁଲାଇ ଥିଲେ। ଉତ୍କଳ ସମ୍ମିଳନୀ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସମୟରେ ସେ ଆମେରିକାରେ ଥିବା ଓଡିଆମାନଙ୍କଠାରୁ ଆର୍ଥିକ ତଥା ଅନ୍ୟାନ୍ୟ ସହାୟତା ପାଇ ଅନୁଷ୍ଠାନକୁ ଆଗକୁ ନେବାରେ ସକ୍ଷମ ହୋଇଥିଲେ। ଏଥିସହ ଆମେରିକାରେ ଉତ୍କଳ ସମ୍ମିଳନୀର ଶାଖା ମଧ୍ୟ ଗଠନ କରିଥିଲେ। ତାଙ୍କ ବିୟୋଗରେ ସମ୍ମିଳନୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଗୁରୁ ପ୍ରସାଦଙ୍କ ବିୟୋଗରେ ସମ୍ମିଳନୀର ଅପୂରଣୀୟ କ୍ଷତି ହେଲା ବୋଲି ସମ୍ମିଳନୀର ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି।


**OFFICE OF THE HEADMISTRESS, KASTURABA GANDHI BALIKA VIDYALAYA**
**(KGBV), BORINGPADAR, KESINGA BLOCK, KALAHANDI**
**TENDER CALL NOTICE**

Letter No.13/2022-23 Date:29.08.22

Office of the Headmistress, KGBV, Boringpadar, Kesinga of Kalahandi district invite sealed tenders from the registered firms/ manufacturer/authorised dealers/whole sellers/ Govt. stores for suppy of the item grocery, cosmetics, Dress Materials, Non-Veg, Vegetable, Milk, Curd, Sweet Etc. reading writing materials. Items to KGBV, Boringpadar of Kalahandi Dist as per following details.

| | |
|---|---|
| Particular | Kasturaba Gandhi Balika Vidyalaya (KGBV), Boringpadar |
| Address | At/Po- Boringpadar, Block- Kesinga, Dist- Kalahandi |
| Cost of tender paper | Rs.200/- |
| Last date & time of receiving tender | Dt.14.09.2022 before 5.00 PM |
| Date & Time of opening of tender | Dt.15.09.2022 at 11.00 A.M. |

For details visit District website www.kalahandi.nic.in & www.opepa.in.
By order of BDO-cum-Chairman
Sd./- Headmistress, K.G.B.V., Boringpadar


## ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ବନ୍ଦ ହେବ ଓଡ଼ିଶା ଆକ୍ୱା



ଖବରଦାତା ସମ୍ମିଳନୀରେ ଓସାର କର୍ମକର୍ତ୍ତା।

**ସମ୍ବେଦନଶୀଳ ଅଞ୍ଚଳରେ ଚିଙ୍ଗୁଡ଼ିଘେରି ମାମଲା**

- ଲିଜ୍‌ଧାରୀ ଫାଲ୍‌କନ ଘେରି ପୂର୍ବରୁ ବନ୍ଦ ହୋଇଛି
- ଅଭିଯୋଗକାରୀ ସ୍ୱର୍ଗତ ରଞ୍ଜନ ଦାସଙ୍କୁ ଓସାର ପ୍ରଶଂସା

କେନ୍ଦ୍ରାପଡ଼ା ଅଫିସ, ୫।୯

ରାଜ୍ୟର ମେସର୍ସ ଓଡ଼ିଶା ଆକ୍ୱା ଟ୍ରେଡର୍ସ ଆଣ୍ଡ ମେରାଇନ ଏକ୍ସପୋର୍ଟସ ପ୍ରାଇଭେଟ କମ୍ପାନୀକୁ ଲୋକାୟୁକ୍ତରୁ ବଡ଼ ଧକ୍କା ଲାଗିଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଣପଦାଠାରେ ଚିଙ୍ଗୁଡ଼ି ଫାର୍ମ କରିବା ପାଇଁ ୧୫ ବର୍ଷିଆ ଲିଜ୍‌କୁ ଲୋକାୟୁକ୍ତ ବାତିଲ କରିଛନ୍ତି। ଗତ ୪ ତାରିଖ ସୁଦ୍ଧା ଲିଜ୍ ବାତିଲ ସହ ରାଜ୍ୟ ସରକାରଙ୍କ ୨୦୧୯–୨୦, ୨୦୨୦–୨୧ ଓ ୨୦୨୧–୨୨ର ଦେୟ ପ୍ରଦାନ ପାଇଁ ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲାର ତତ୍କାଳୀନ ଆବାହକ ସ୍ୱର୍ଗତ ରଞ୍ଜନ କୁମାର ଦାସଙ୍କ ମୂଳ ମାମଲା ଶୁଣାଣି କରି ଲୋକାୟୁକ୍ତ ଅଗଷ୍ଟ ୨୨ରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା (କେସ୍ ନଂ.୧୭୦/୨୦)ର ପରିଚାଳନା ଅଭିଯୋଗକାରୀ ଓସାର ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଏ ସମ୍ପର୍କରେ ସୋମବାର ଏକ ଖବରଦାତା ସମ୍ମିଳନୀ କରି ରଞ୍ଜନ ଦାସଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ମାମଲା ସମ୍ପର୍କରେ ସୂଚନା ଦେଇଛନ୍ତି।

କେନ୍ଦ୍ରାପଡ଼ା ସହରର ପ୍ରେସ୍ କ୍ଲବ ଗୃହରେ ଆୟୋଜିତ ସମ୍ମିଳନୀରେ ଅଧ୍ୟକ୍ଷ ପ୍ରଧାନ କହିଥିଲେ, ଓଡ଼ିଶା ଆକ୍ୱା ଓ ଫାଲ୍‌କନ ମେରାଇନ ଏକ୍ସପୋର୍ଟସ ଲିମିଟେଡ ନାମକ ୨ କମ୍ପାନୀ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଣପଦା ଓ ଜଗତଜୋରରେ ଚିଙ୍ଗୁଡି ଚାଷ ପାଇଁ ୨୦୧୬ରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ସହ ଏକ ଏମ୍ଓୟୁ କରିଥିଲେ। ଏହି ଏମ୍ଓୟୁ ବଳରେ ଫାଲ୍‌କନ ଜଗତଜୋରଠାରେ ଏବଂ ଓଡ଼ିଶା ଆକ୍ୱା ନିଜର ଭିତ୍ତିଭୂମି ବଣପଦାଠାରେ ୨୦୧୭ରୁ ୧୧୩୭ ଏକର ଜମି ଉପରେ ପ୍ରତିଷ୍ଠା କରିଥିଲେ। ତେବେ ଏହି ଦୁଇ ସ୍ଥାନ ଭିତରକନିକା ପରିବେଶ ସମ୍ବେଦନଶୀଳ ଜୋନ୍ ମଧ୍ୟରେ ଆସୁଛି। ଏଥିସହ ଦୁଇ ପ୍ରକଳ୍ପ ପାଇଁ ଏମ୍ଓୟୁ ହୋଇଥିଲେ ମଧ୍ୟ ପରିବେଶ ପ୍ରଭାବ ସମ୍ପର୍କରେ କୌଣସି ଆକଳନ ଅଥବା ଜନଶୁଣାଣି ହୋଇ ନ ଥିଲା। ଚିଙ୍ଗୁଡ଼ିଘେରିର କୁପ୍ରଭାବ ସ୍ଥାନୀୟ ବାସିନ୍ଦା ଓ ଭିତରକନିକା ସଂରକ୍ଷିତ ଅଞ୍ଚଳରେ ପଡ଼ିବା ଆଶଙ୍କାରେ ୨୦୨୦ ଜାନୁୟାରୀ ୨୭ରେ ରଞ୍ଜନ ଦାସ ଲୋକାୟୁକ୍ତରେ ମାମଲା କରିଥିଲେ। ତେବେ ଏହାର ୪ ଦିନ ପରେ ରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଦୁଇ କମ୍ପାନୀ ମାମଲାକୁ ବିରୋଧ କରି ଏମ୍ଓୟୁ ଅନୁଯାୟୀ ୧୫ ବର୍ଷ ପର୍ଯ୍ୟନ୍ତ ଲିଜ୍ ବାତିଲ ନ କରିବାକୁ ଯୁକ୍ତି ବାଢ଼ିଥିଲେ। ତେବେ ପରବର୍ତ୍ତୀ ସମୟରେ ଫାଲ୍‌କନ ଏଥିରୁ ଓହରି ଯାଇଥିବା ଲୋକାୟୁକ୍ତଙ୍କୁ ଲିଖିତ ଭାବେ ଜଣାଇଥିଲେ। ରାଜ୍ୟ ମତ୍ସ୍ୟ ବିଭାଗ ଓ ଲୋକାୟୁକ୍ତଙ୍କ ତଦନ୍ତ ରିପୋର୍ଟ ପରେ ଓଡ଼ିଶା ଆକ୍ୱାକୁ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ମିଳନୀରେ ସୂଚନା ଅଧିକାର ଆଇନର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି, ନିରଞ୍ଜନ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

### ନାଟି ଗ୍ରାମରୁ ହରିଣ ଉଦ୍ଧାର

ନିଆଳି,୫।୯(ଡି.ଏନ୍.ଏ.)

ନିଆଳି ଥାନା ଅନ୍ତର୍ଗତ ଦେବୀ–କନ୍ଦଳ ଦ୍ୱୀପାଞ୍ଚଳର ନାଟି ଗ୍ରାମ ନିକଟରୁ ଏକ ହରିଣ ଉଦ୍ଧାର କରାଯାଇଛି। ସୋମବାର ମଧ୍ୟାହ୍ନରେ ଦେବୀନଦୀରେ ଭାସି ଯାଉଥିବା ଏହି ହରିଣକୁ ନାଟି ଗ୍ରାମର କେତେଜଣ ଲୋକ ଦେଖିଥିଲେ। ଏହାପରେ ଗ୍ରାମର ଯୁବକମାନେ ନଦୀରୁ ଉକ୍ତ ହରିଣକୁ ଉଦ୍ଧାର କରି ଗ୍ରାମରେ ରଖି ଫୁଲନଖରା ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଆସି ହରିଣକୁ ଉଦ୍ଧାର କରିଛି।




**GOVT. (AUTO.) COLLEGE, ANGUL**
www.gaca.nic.in
**Admission Notice:2022-23**

Applications in prescribed form are invited for admission into the following Self-financing Courses (PPP) offered under Utkal University for the academic session 2022-23.

| COURSE | DURATION | ELIGIBILITY |
|---|---|---|
| M.COM (Finance & Control) | 2 Years (4 Semester) | +3 or Equivalent with 40% in aggregate |
| I-MBA | 5 Years (10 Semester) | +2 or Eqv. with 40% in aggregate |
| MBA (Lateral entry) | 2 Years (4 Semester) | +3 or Equivalent with 40% in aggregate |

Scholarship: Available for eligible SC, ST, OBC & Minority Category

The application form can be obtained from the College on all working days on payment of Rs.100/- and the last date for sale & receipt of form is 10.09.2022.
PRINCIPAL
Phone: 06764-237370
I-MBA:9853590609, MBA (LE):9439494248, M. Com (F&C): 9040717438



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1689 OSIC GST No. 21AAACO2101M1Z1
**TENDER CALL NOTICE**

Tender Notice No.3770/OSIC/MKT Dt.02.09.2022

Sealed quotation is invited from the experienced MSMEs duly empanelled with OSIC for supply of the Road Side Dustbin and Wheel Barrows to the Cuttack Municipal Corporation, Cuttack which shall be dropped in the Tender Box on or before 12.00 PM on 17.09.2022 and the offers shall be opened on the same day at 2.00 PM in the presence of participants. The specification and all other terms & conditions are available in **www.osicltd.in**. The Authority reserves the right to reject/cancel any or all the bids in toto without assigning any reason thereof.

By order of MD
Sd/-Manager(Mktg)
OIPR-14073/11/0073/2223



Ref.No:SO/VIII/(IEDO-42)/312 Date:03.09.2022
Startup Odisha
(2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar-751024)
**REQUEST FOR PROPOSAL**

**No.CAD-1688:**Sealed proposals are invited from reputed firms for "Request for Proposal (RFP) for Selection of Alternative Investment Funds Under the Odisha Startup Growth Fund Scheme (Fund-of-Funds)". The details of tender/RFP documents and other details can be downloaded from www.startupodisha.gov.in wef 03.09.2022. Important dates are as follows:

| Date of Commencement of RFP | Date & Time Pre-Submission Meeting | Last Date & Time for Submission of Proposal | Date and Time for Opening of Technical Bid & Short listing | Date and Time for Presentation by the shortlist-ed AIFs | Opening of Financial Bids and Selection of AIFs |
|---|---|---|---|---|---|
| 03.09.2022, 10.00 am | 10.09.2022, 11.00 am (Virtual) | 27.09.2022, 3.00 pm | 28.09.2022, 11.00 am | 29.09.2022, 11.00 am | 29.09.2022, 5.00 pm |

The last date of receipt of proposal is 27/09/2022, 3.00 PM, which will be opened on the same day. All the Prospective Bidders are also advised to kindly keep referring Startup Odisha website (www.startupodisha.gov.in) for any updates in reference to the RFP/Tender.
Sd./-CEO, STARTUP ODISHA
OIPR-43007/11/0011/2223



WORKS DEPARTMENT
OFFICE OF THE CHIEF CONSTRUCTION ENGINEER
EASTERN CIRCLE (R&B), BALASORE
No.B-540 e-mail: - seec_bls@rediffmail.com
**Government of Odisha "e" Procurement Notice**
**Bid Identification No.CCEEC-11/2022-23**
**No: 4293/Dt: 30.08.2022**

| | |
|---|---|
| Nature of work | :- Building & Road Works |
| Number of works | :- 2 (Two) No. Buildings & 3 (Nos) Road Work & Bridge Work |
| Amount put to Tender | :- Rs. 238.61 Lakh to Rs. 471.33 Lakh |
| Class of Contractor | :- "B" Class / "A" Class / "Special" Class |
| Date & Time of availability of bid document in the portal | :- Dt.08.09.2022 at 10:00 AM |
| Last Date / Time of receipt of bid in the portal | :- Dt.22.09.2022 up to 05:00 PM |
| Date of opening of bid | :- Dt.23.09.2022 at 11:00 AM |
| Name & address of the Office inviting bid | :- Chief Construction Engineer, Eastern Circle (R&B), Balasore |

The bidders have to participate in **ONLINE** bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.
Sd./- R.Rout
Chief Construction Engineer
Eastern Circle (R&B) Balasore
OIPR-34026/11/0014/2223

**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

ସିନାପାଲି,(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ଗ୍ରାମପଞ୍ଚାୟତ ମୁଣ୍ଡାପଲା ଗ୍ରାମର ଏକ ସଜନା ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ଜଣକ ମୁଣ୍ଡାପଲା ଗ୍ରାମର ଦୁସମନ୍ତ ବାଗ (୨୨)। ପ୍ରାପ୍ତଖବର ଅନୁସାରେ ରବିବାର ରାତିରେ ଦୁଷ୍କନ୍ତ କୌଣସି କାରଣକୁ ନେଇ ଏକ ସଜନା ଗଛରେ ଓଢଣୀ ଟାଣି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରେ ସିନାପାଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକ ମୃତ

ଖଡ଼ିଆଳ,୫।୯(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଖୁଦପେଜ ପଞ୍ଚାୟତ ଠକପାଲି ଛକଠାରେ ଦୁର୍ଘଟଣାରେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଖଇରପଦର ଗ୍ରାମର ତ୍ରିନାଥ ବାଗ (୩୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ତ୍ରିନାଥ ରବିବାର ସନ୍ଧ୍ୟାରେ ବୋଡ଼େନ ଖଇରା ଗ୍ରାମରୁ ଖଇରପଦରକୁ ବାଇକ୍ (ନଂ.ଓଡି୨୬-୨୩୧୯) ଯୋଗେ ଫେରୁଥିଲେ। ଏହି ସମୟରେ ଖଡ଼ିଆଳ ପଟୁ ବୋଡ଼େନ ଯାଉଥିବା ଏକ ଓଟୋ ତ୍ରିନାଥଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ତ୍ରିନାଥ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ରାୟପୁର ନିଆଯାଉଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏକ ମାମଲା (ନଂ. ୩୪୫/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି।

### କୋକସରା ବ୍ଲକ: ନୂତନ ବିଡିଓଙ୍କ ଯୋଗଦାନ



କୋକସରା,୫।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଭାବେ ବିନୟ କୁମାର ଭୋଇ ସୋମବାର ଯୋଗଦେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ବିଡିଓ ଭୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମୟରେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିପିଓ ନାରାୟଣ ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରାଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ, ସମିତି ସଭ୍ୟ ସହ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଉପସ୍ଥିତ ରହିଥିଲେ। ପୂର୍ବରୁ କୋକସରା ବିଡିଓ ମନୀଷା ଦାସଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ଭୋଇ ଯୋଗ ଦେଇଛନ୍ତି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା ଅଭିଯୋଗ

ଖପ୍ରାଖୋଲ, ୫।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମାଇପାଲି ପଞ୍ଚାୟତ ଅନ୍ତର୍ଗତ ବଡଉଡେନ ଗାଁରେ ମହାତ୍ମା ଗାନ୍ଧଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାମରେ ଅନିୟମିତତା ହୋଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଗାଁ ଜଙ୍ଗଲରେ ଟିସିବି କାମ ଚାଲିଛି। ତେବେ କାମ କରୁ ନ ଥିବା ଶ୍ରମିକଙ୍କ ନାରେ ମଧ ଟଙ୍କା ପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଏକ ଅଭିଯୋଗ ପତ୍ର ଖଗେଶ୍ୱର ମାଝି, ଚନ୍ଦ୍ରମଣି ଡାଙ୍ଗ, ଚନ୍ଦ୍ରଶେଖର ବେହେରା, ଫକୀର ରଣା ପ୍ରମୁଖ ଶ୍ରମିକ ସ୍ଥାନୀୟ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କ ନିକଟରେ କରିଛନ୍ତି। ଏନେଇ ବିଡ଼ିଓ ରାଉତଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଭାରତୀୟ ଜୀବନ ବୀମା ଅଭିକର୍ତ୍ତାମାନଙ୍କ ଆନ୍ଦୋଳନ

ଖଡ଼ିଆଳ,୫।୯(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଭାରତୀୟ ଜୀବନ ବିମା ନିଗମ ଶାଖାର ଅଭିକର୍ତ୍ତାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଖଡ଼ିଆଳ ଭାରତୀୟ ଜୀବନ ବିମା ନିଗମ ଶାଖାର ଅଭିକର୍ତ୍ତାଙ୍କ ଦ୍ୱାରା କେନ୍ଦ୍ରିୟ ଯୁଗ୍ମ କମିଟି ନିର୍ଦ୍ଦେଶ ଅନୁଯାୟୀ ୫ ତାରିଖରେ ଭାରତୀୟ ଜୀବନ ବୀମାର କୌଣସି କାର୍ଯ୍ୟକ୍ରମରେ ଯୋଗଦାନ ନ କରିବା ସଙ୍ଗେ ସଙ୍ଗେ ନୂତନ ବ୍ୟବସାୟ, ଋଣ, ପଲିସି ଭଳି କୌଣସି ସେବା ଯୋଗେଇବେ ନାହିଁ। ଖଡ଼ିଆଳ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ପୂର୍ଣ୍ଣଚନ୍ଦ୍ର ବଂଛୋର ଓ ସମ୍ପାଦକ ଉଦେଚରଣ ନାଗଙ୍କ ନେତୃତ୍ୱରେ ବରିଷ୍ଠ ଅଭିକର୍ତ୍ତା ପୁରନ୍ଧର ପଣ୍ଡା, ତରେକେଶ୍ୱର ମହାନ୍ତି, କୃଷ୍ଣବଲଭ ଯୋଶୀ, ଶୈଳେଶ ପଣ୍ଡା, ସରୋଜ କୁମାର ସାହୁ, ସନତ କୁମାର ତାଣ୍ଡି, ଅଭୟ ଚରଣ ଦାସ, ସାଧୁରାମ ପୋଡ଼, ପୂର୍ଣ୍ଣଚନ୍ଦ୍ର ଅଗସ୍ତି, ନିଶିକାନ୍ତ ପଣ୍ଡା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଜିଲାପାଳଙ୍କ ପ୍ରଭାବିତ ଅଞ୍ଚଳ ସ୍ଥିତି ଅନୁଧ୍ୟାନ

**ଥୁ. ରାମପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**
- ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ
- ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଶଯ୍ୟା ବ୍ୟବସ୍ଥା
- ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ



ଜିଲାପାଳ ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଭବାନୀପାଟଣା,୫।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ପ୍ରକୋପ ଦେଖାଦେଇଛି। ଗତ ଏକ ସପ୍ତାହରେ ୬ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଅଭଯୋଗ ହୋଇଛି। ଏହି ଘଟଣା ପରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଥୁ. ରାମପୁର ଗସ୍ତରେ ଆସି ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ସେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟସେବା ପରିଚାଳନା ଓ ସମ୍ପ୍ରତି ସ୍ଥିତିକୁ ନେଇ ସ୍ଥାନୀୟ ତହସିଲଦାର ଈଶ୍ୱର ଚନ୍ଦ୍ର ଦାଶ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡକ୍ଟର ନିତିଶ ଝା, ବିପିଏମ ଦୀପକ ମାଝି, ଫାର୍ମାସିଷ୍ଟ ସୁଧାଂଶୁ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ଜେ.ଜ୍ୟୋସ୍ନାରାଣୀ ପାତ୍ର, ସିଡିପିଓ ମିନତୀବାଳା ପଟ୍ଟନାୟକ, ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ମନ୍ମଥ ମୁର୍ମୁ, ବ୍ଲକ ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ବିଡିଓ ଭରତ କୁମାର ମେହେର, ସହକାରୀ ଯନ୍ତ୍ରୀ ବାଞ୍ଛାବଟ ପାଣ୍ଡେ, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ମାଝି ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ରୋଗୀ ସେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଶଯ୍ୟା ବ୍ୟବସ୍ଥା କରାଯିବା ନେଇ ନେଇ ନିର୍ଦ୍ଦେଶ ଦେଇଥିବା ବେଳେ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ସମସ୍ତ ରୋଗୀଙ୍କୁ ସଚେତନତା କରିବା ପାଇଁ ବ୍ୟାପକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଅଙ୍ଗନୱାଡ଼ି, ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଏ ନେଇ ତତ୍ପରତା ସହ ତଥ୍ୟ ଦେବା ସହିତ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ଏହାପରେ ବିଶେଷ ପ୍ରଭାବିତ ବିରିକୋଟ ପଞ୍ଚାୟତ ଅଧୀନ ସେମେଲପଦରର କେନ୍ଦୁପଡା ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୪୦ ପରିବାର ଗାଁରେ ବସବାସ କରୁଥିବାବେଳେ ବିଶୁଦ୍ଧ ପାନୀୟ ଜଳର ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ଜଣାପଡିଛି। ଫଳରେ ଲୋକେ ନିକଟ ଝରଣାର ଦୂଷିତ ପାଣି ବ୍ୟବହାର କରୁଥିବା ଅଭିଯୋଗ ଜାଣିବା ପରେ ଜିଲାପାଳ ତୁରନ୍ତ ପାନୀୟ ଜଳର ସମାଧାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମସ୍ତଙ୍କୁ ଶୌଚାଳୟ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ। ଏହାସହ ସମସ୍ତଙ୍କୁ ମଶାରୀ ବ୍ୟବହାର କରିବା ପାଇଁ ମଧ କହିଛନ୍ତି। ସେହିପରି ସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଗଡ଼ଜାତ ଅଞ୍ଚଳରେ ନୂଆଁଖାଇ ପାଳିତ

ଭବାନୀପାଟଣା,୫।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ସୋମବାର ଦଶମୀ ତିଥିରେ ଜିଲାର ଗଡ଼ଜାତ ଅଞ୍ଚଳର ଲୋକେନୂଆଁଖାଇଛନ୍ତି। ଜିଲାରଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବା ପରେ ଗଡ଼ଜାତ ଅଞ୍ଚଳର ଭବାନୀପାଟଣା ସହର ସମେତ ଲାଞ୍ଜିଗଡ଼, ଜୟପାଟଣା, ମଦନପୁର-ରାମପୁର ଓ ମା'ଙ୍କ ମୂଳପୀଠ ଥୁଆମୂଳ ରାମପୁରରେ ପାଳିତ ହୋଇଥିଲା ଗଣପର୍ବ ନୂଆଁଖାଇ। ନିଜ ପରିବାର ସହ ନୂଆଁ ଖାଇବା ସହ ଜୁହାର ଭେଟ କରି ନାଚଗୀତରେ ମସଗୁଲ ହୋଇଛନ୍ତି ଗଡ଼ଜାତ ଅଞ୍ଚଳବାସୀ। ସେହିପରି ମା' ମାଣିକେଶ୍ୱରୀଙ୍କ ନବାନ୍ନ ନେବା ପାଇଁ ମନ୍ଦିର ଫାଟକ ସମ୍ମୁଖରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।



ମା' ମାଣିକେଶ୍ୱରୀଙ୍କ ନବାନ୍ନ ନେବା ପାଇଁ ଭକ୍ତଙ୍କ ଭିଡ଼।

# ଗୌରଗୋଠରେ ନୂଆଁଖାଇ ଭେଟ୍‌ଘାଟ

ଦେଓଗାଁ, ୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପୁରୁଣା ହାଟପଦାଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅଶୋକ ରଣାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିକାଶ କୁମାର ସାହୁ, ସମ୍ମାନୀତ ଅତିଥି ଶିକ୍ଷକ ନବ ସାହୁ, ସମିତିସଭ୍ୟ ଟଙ୍କଧର ବେରିଆ, ମୟ ନନ୍ଦ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ଗୀତ, ନୃତ୍ୟ ଓ ମାଠିଆ ଭଙ୍ଗା କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ପରିଚାଳନା କୁନ୍ଦୁରୁ ରଣା କରିଥିବାବେଳେ ଜୟସିଂହ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।



ଗୌରଗୋଠରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

# ନୂଆପଡ଼ା ଦଳିତ ଅଧିକାର ମଞ୍ଚର ସମର୍ଥନ

ଖଡ଼ିଆଳ,୫।୯(ଡି.ଏନ.ଏ.)

କୋଶଳ ମୁକ୍ତି ମୋର୍ଚ୍ଚା ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ଆସନ୍ତା ୭ ତାରିଖରେ ପଶ୍ଚିମ ଓଡିଶା ବନ୍ଦ ଡାକରା ଦେଇଛି। ଏହାକୁ ନୂଆପଡ଼ା ଦଳିତ ଅଧିକାର ମଞ୍ଚ ସମର୍ଥନ କରିବ। ଏହି ଦିନ ଖଡ଼ିଆଳ, ସିନାପାଲି ଓ ବୋଡ଼େନ ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯିବ ବୋଲି ନୂଆପଡ଼ା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଞ୍ଚର ଜିଲା ସଭାପତି କମଳ ଚରଣ ତାଣ୍ଡି ସୂଚନା ଦେଇଛନ୍ତି। ଓଡିଶା ମନ୍ତ୍ରିମଣ୍ଡଳରେ ପଶ୍ଚିମ ଓଡ଼ିଶାର ପ୍ରତିନିଧିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ନ ମିଳିବା, ପଶ୍ଚିମାଞ୍ଚଳରୁ ଅଧିକ ଅବକାରୀ ରାଜସ୍ୱ ପାଉଥିଲେ ମଧ ଏହା ଉପକୂଳ ଓଡ଼ିଶାରେ ଖର୍ଚ୍ଚ ହେଉଥିବା, କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଏପର୍ଯ୍ୟନ୍ତ ସ୍ଥାନ ନ ମିଳିବା, ନୂଆଁଖାଇ ପାଇଁ ତିନିଦିନ ଛୁଟି ଦାବିକୁ ରାଜ୍ୟ ସରକାର ଅଣଦେଖା, ହାଇକୋର୍ଟ ବେଞ୍ଚ ସ୍ଥାପନ ନ ହେବା ଅଭିଯୋଗ କରି ଆସନ୍ତା ୭ରେ ବନ୍ଦ ପାଳନ କରିବେ। ଏହି ଦିନ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। କିନ୍ତୁ ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ କାର୍ଯ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ପଦ୍ମନାଭ ଜଗତ, ଲିଙ୍ଗରାଜ ଜାଲ, କମଳ ସୁନା, ସମିର ତାଣ୍ଡି, ଆକାଶ ଜଗତ, ତ୍ରିଲୋଚନ ମେହେର, ଅର୍ଜୁନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଗଣ୍ଡାବାହାଲିରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସିନାପାଲି,୫।୯(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗିଣ୍ଡାବାହାଲିଠାରେ ନୂଆଁଖାଇ ଭେଟ୍‌ଘାଟ୍ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ନୂଆଁଖାଇ ପାଳନ କମିଟି ସଭାପତି ଗଙ୍ଗାରାମ ମେହେରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗଦାନ କରି ନୂଆଁଖାଇ ଶାନ୍ତି ସଦଭାବନା ଏବଂ ଭାଇଚାରାର ପର୍ବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଗଡ ସାହିତ୍ୟ ସଂସଦ ସଭାପତି ଅଧାପକ ଲିଙ୍ଗରାଜ ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମାଧୁରୀ ମାଝି, ବିଡିଓ ସର୍ବେଶ୍ୱର ଜାଲ, ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜିଲା ପରିଷଦ ସଭ୍ୟା ଯାଜ୍ଞସେନୀ କଟା, ସରପଞ୍ଚ କୈଶଲ୍ୟା ମେହେର, ସମିତି ସଭ୍ୟା ସସ୍ମିତା ମେହେର ଯୋଗଦାନ କରିଥିଲେ। ଯୁବ ଅଧାପକ ଗୁପ୍ତେଶ୍ୱର ମେହେର ସ୍ୱାଗତ ଅଭିଭାଷଣ ତଥା ମଞ୍ଚ ପରିଚାଳନା କରିଥିଲେ। ଗଣ୍ଡାବାହାଲିଠାରେ ଏକ ଯୁକ୍ତ ୨ ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଐତିହାସିକ ରାମଗଡର ବିକାଶ କରି ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ମନ୍ତ୍ରୀଙ୍କୁ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଥିଲେ। ଗଣ୍ଡାବାହାଲି ପଞ୍ଚାୟତ ହାଇସ୍କୁଲ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଯୁବ ଶିକ୍ଷକ ଯଜ୍ଞେଶର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବଲାଙ୍ଗୀର, ଟିଟିଲାଗଡ଼ର ଜେଏସଆର୍ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ସାଧାରଣ ଜନତା ଯୋଗଦେଇଥିଲେ ।

# ପୁରୁଣାଙ୍କୁ ପରିବର୍ତ୍ତନ, ନୂତନଙ୍କୁ ସୁଯୋଗ ଦାବି

- ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଲେ ଚାଷୀ
- ଟିଟୈଗୁଡ଼ା ପାଣି ପଞ୍ଚାୟତ ନିର୍ବାଚନ

ଜୁନାଗଡ,୫।୯(ଡି.ଏନ.ଏ.)



କନିଷ୍ଠ ଯନ୍ତ୍ରୀଙ୍କୁ ଚାଷୀମାନେ ଲିଖିତ ଅଭିଯୋଗ ଦେଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଟିଟୈଗୁଡା ପାଣି ପଞ୍ଚାୟତ ନିର୍ବାଚନକୁ ନେଇ ଏବେ ବିବାଦ ଦେଖାଦେଇଛି। ଗତ କିଛି ବର୍ଷ ହେଲା ଗ୍ରାମର ନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ଲଗାତର ଭାବେ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ, ସଦସ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ସ୍ଥାନୀୟ ଚାଷୀମାନେ ବିରୋଧ କରିଛନ୍ତି। ସୋମବାର ଟିଟୈଗୁଡାଠାରେ ପାଣି ପଞ୍ଚାୟତ ନିର୍ବାଚନ ହେବା ପାଇଁ ପ୍ରସ୍ତୁତ ଚାଲିଥିବାବେଳେ ଏହା ପୂର୍ବରୁ ସ୍ଥାନୀୟ ଚାଷୀ ଏହାର ପ୍ରତିବାଦ କରିଛନ୍ତି। ଏହି ସମୟରେ ପୁରୁଣା କମିଟିକୁ ପରିବର୍ତ୍ତନ କରି ନୂତନକୁ ସୁଯୋଗ ଦେବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଥିଲେ। ଏ ନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୱରେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ସେହିପରି ଉପରୋକ୍ତ ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ନିର୍ବାଚନ ହୋଇପାରିବ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# କନ୍ଧପାଲି, ହଳଦୀ, ଲୋଇସିଂହା ଏବିଏଫ୍‌ଏ ବିଜୟୀ

ବଲାଙ୍ଗୀର ଅଫିସ,୫।୯

**ବଲାଙ୍ଗୀର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ୫ଟି ମ୍ୟାଚ ଖେଳାଯାଇଥିଲା। ବଲାଙ୍ଗୀର ମିଶନ ପଡିଆରେ କନ୍ଧପାଲି ୧-୦ ଗୋଲରେ ଚାଣ୍ଡିମୁଣ୍ଡାକୁ ହରାଇ ବିଜୟୀ ହୋଇଥିଲା। କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ଡା. ସିଦ୍ଧେଶ୍ୱର ମିଶ୍ର ଓ ସିସିଏଫ୍‌ଏ ସଭାପତି ସୁରେନ୍ଦ୍ର ନାଗ ଅତିଥି ଭାବେ ଯୋଗଦେଇଥିଲେ। ଜରାସିଂହା ପଡିଆରେ ଘୁଚେପାଲି ୧-୦ ଗୋଲରେ ଶିରାବାହାଲକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ କ୍ରୀଡା ସଙ୍ଗଠକ ଖୁସିରାମ ମେହେର, ଅମିତ କୁମାର ତ୍ରିପାଠୀ, ସଦାନନ୍ଦ ପାଢୀ, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ ଯୋଗ ଦେଇଥିଲେ। ହଳଦୀ ପଡିଆରେ ହଳଦୀ ଇବିଏଫ୍‌ଏ ୧-୦ ଗୋଲରେ ପତ୍ରାପାଲିକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ମୁରିବାହାଲ ବିଡିଓ ପ୍ରିୟରଞ୍ଜନ କୁମାର, ସହକାରୀ ଯନ୍ତ୍ରୀ ଅବିନାଶ ମୋଦୀ, ପ୍ରଦୀପ ପୁଟେଲ, ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବାଗ ଯୋଗ ଦେଇଥିଲେ। ଚୁଡାପାଲି ପଡିଆରେ ସୁନାମୁଦି ୨-୧ ଗୋଲରେ ରୁଗୁଡିମୁଣ୍ଡାକୁ ହରାଇ ବିଜୟୀ ହୋଇଥିଲା। ଶରତ କୁମାର ନନ୍ଦ ଓ କ୍ରୀଡା ସଙ୍ଗଠନ ଦେବରାଜ ନାହାକ ଅତିଥି ଭାବେ ଯୋଗଦେଇଥିଲେ। ଖପ୍ରାଖୋଲ ପଡିଆରେ ବେନକେରା ୨-୦ ଗୋଲରେ ଖପ୍ରଖୋଲକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ପ୍ରଧାନଶିକ୍ଷକ ଦ୍ୱୟ ସସ୍ମିତ ଭୋଇ ଓ ସୁଶାନ୍ତ ଦାସ ଯୋଗ ଦେଇଥିଲେ। ଲୋଇସିଂହା ଷ୍ଟାଡିୟମରେ ଅନୁଷ୍ଠିତ ଖେଳ ଏବିଏଫ୍‌ଏ ଲୋଇସିଂହା ୩-୦ ଗୋଲରେ ମାଣ୍ଡିଆପଦରକୁ ହରାଇ ବିଜୟୀ ହୋଇଥିଲା । ଅତିଥି ଭାବରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ ।




ଫୁଟବଲ ଟୁର୍ନାମେଣ୍ଟର ମ୍ୟାଚକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ୩ ପଞ୍ଚାୟତ ଚାଷୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ

**ମେଗା ଲିଫ୍ଟ କେନାଲରୁ ଜଳଯୋଗାଣ ଦାବି**

କୋକସରା,୫।୯(ଡି.ଏନ.ଏ.)

ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ପାଣି ଯୋଗାଣରେ ଅନିୟମିତତା ଅଭିଯୋଗ ହୋଇଛି। କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି, ମୁଷାପାଲି ଓ ଡାଲଗୁମା ପଞ୍ଚାୟତ ଶତାଧିକ ଚାଷୀ ସୋମବାର କୁସୁମଖୁଣ୍ଟି ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, ମେଗାଲିଫ୍ଟ କେନାଲ କାର୍ଯ୍ୟକାରୀ ହୋଇ ପ୍ରାୟ ୨ ବର୍ଷ ହୋଇଛି। ହେଲେ ଆରମ୍ଭରୁ ହିଁ ଜଳଯୋଗାଣ ପରିଚାଳନାରେ ଅନିୟମିତତା ହୋଇଥିବା ଅଞ୍ଚଳ ଚାଷୀମାନେ ଅଭିଯୋଗ କରି ଆସୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଅନେକ ଭୂତଳ ପଏଣ୍ଟରେ ପାଣି ଆସୁନାହିଁ। ଫଳରେ ଚାଷୀ କେନାଲ ପାଣି ଜମିରେ ଲଗାଇବା ପାଇଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ମେଗାଲିଫ୍ଟ କେନାଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ବ୍ଲକରେ ଏକ ଚାଷୀ ସଚେତନତା କର୍ମଶାଳା କରି ଚାଷୀଙ୍କ ସମସ୍ତ ଅଭିଯୋଗକୁ ସମାଧାନ ପାଇଁ ମୁଖୀଗୁଡା ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସମେତ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ବ୍ଲକରେ ୧୧ ହଜାର ହେକ୍ଟର ପାଇଁ ଜଳ ସେଚନ ବ୍ୟବସ୍ଥା ଥିବାବେଳେ ଅଧିକାଂଶ ଚାଷଜମି ଏଥିରୁ ବାଦ ପଡିଥିବା ଚାଷୀ ଅଭିଯୋଗ କରିଛନ୍ତି। ସୋମବାର ବ୍ଲକର ୩ ପଞ୍ଚାୟତ ଚାଷୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିଲେ ମଧ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ପରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଇ ଫେରିଛନ୍ତି। ବାରମ୍ବାର ଜଣାଇବା ପରେ ମଧ ଅଧିକାରୀମାନେ କୌଣସି ସମାଧାନ କରୁ ନ ଥିବା ଚାଷୀ ବିକ୍ରମ କୁମାର ସାହୁ, ଅରବିନ୍ଦ ପଟ୍ଟନାୟକ, ପ୍ରତାପ ବିଶି, ଧୀରେନ୍ଦ୍ର ରାଉତ, ଭୀମସେନ ଖମାରି, ଯଦୁମଣି ସାହୁ, ଅନନ୍ତ ପଟ୍ଟନାୟକ, ମହେନ୍ଦ୍ର ସାହୁ, ନାଗେଶ୍ୱର ଖମାରି, ରାଜ କିଶୋର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ କୁସୁମଖୁଣ୍ଟି ଉପର ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଚାଷୀଙ୍କ ଅଭିଯୋଗ ଅନୁସାରେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ପାଇପ ଲାଇନ ମରାମତି ସହ ଜଳଯୋଗାଣ କରାଯିବ ବୋଲି କହିଛନ୍ତି।



ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ସିନାପାଲି,(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ଗ୍ରାମପଞ୍ଚାୟତ ମୁଣ୍ଡାପଲା ଗ୍ରାମର ଏକ ସଜନା ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ଜଣକ ମୁଣ୍ଡାପଲା ଗ୍ରାମର ଦୁସମନ୍ତ ବାଗ (୨୨)। ପ୍ରାପ୍ତଖବର ଅନୁସାରେ ରବିବାର ରାତିରେ ଦୁଷ୍ମନ୍ତ କୌଣସି କାରଣକୁ ନେଇ ଏକ ସଜନା ଗଛରେ ଓଢଣୀ ଟାଣି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରେ ସିନାପାଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଜିଲାପାଳଙ୍କ ପ୍ରଭାବିତ ଅଞ୍ଚଳ ସ୍ଥିତି ଅନୁଧ୍ୟାନ

**ଥୁ. ରାମପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

- ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ
- ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଶଯ୍ୟା ବ୍ୟବସ୍ଥା
- ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ


ଜିଲାପାଳ ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଭବାନୀପାଟଣା,୫ା୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ପ୍ରକୋପ ଦେଖାଦେଇଛି। ଗତ ଏକ ସପ୍ତାହରେ ୬ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଅଭଯୋଗ ହୋଇଛି। ଏହି ଘଟଣା ପରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଥୁ. ରାମପୁର ଗସ୍ତରେ ଆସି ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ସେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟସେବା ପରିଚାଳନା ଓ ସମ୍ପ୍ରତି ସ୍ଥିତିକୁ ନେଇ ସ୍ଥାନୀୟ ତହସିଲଦାର ଈଶ୍ୱର ଚନ୍ଦ୍ର ଦାଶ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡକ୍ଟର ନିତିଶ ଝା, ବିପିଏମ ଦୀପକ ମାଝି, ଫାର୍ମାସିଷ୍ଟ ସୁଧାଂଶୁ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ଜେ.ଜ୍ୟୋତ୍ସ୍ନାରାଣୀ ପାତ୍ର, ସିଡିପିଓ ମିନତୀବାଳା ପଟ୍ଟନାୟକ, ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ମନ୍ମଥ ମୁର୍ମୁ, ବ୍ଲକ ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ବିଡିଓ ଭରତ କୁମାର ମେହେର, ସହକାରୀ ଯନ୍ତ୍ରୀ ବାଞ୍ଛାବଟ ପାଣ୍ଡେ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝି ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ରୋଗୀ ସେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଶଯ୍ୟା ବ୍ୟବସ୍ଥା କରାଯିବା ନେଇ ନେଇ ନିର୍ଦ୍ଦେଶ ଦେଇଥିବା ବେଳେ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ସମସ୍ତ ରୋଗୀଙ୍କୁ ସଚେତନତା କରିବା ପାଇଁ ବ୍ୟାପକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଅଙ୍ଗନୱାଡ଼ି, ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଏ ନେଇ ତତ୍ପରତା ସହ ତଥ୍ୟ ଦେବା ସହିତ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ଏହାପରେ ବିଶେଷ ପ୍ରଭାବିତ ବିରିକୋଟ ପଞ୍ଚାୟତ ଅଧୀନ ସେମେଲପଦରର କେନ୍ଦୁପଡା ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୪୦ ପରିବାର ଗାଁରେ ବସବାସ କରୁଥିବାବେଳେ ବିଶୁଦ୍ଧ ପାନୀୟ ଜଳର ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ଜଣାପଡିଛି। ଫଳରେ ଲୋକେ ନିକଟ ଝରଣାର ଦୂଷିତ ପାଣି ବ୍ୟବହାର କରୁଥିବା ଅଭିଯୋଗ ଜାଣିବା ପରେ ଜିଲାପାଳ ତୁରନ୍ତ ପାନୀୟ ଜଳର ସମାଧାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମସ୍ତଙ୍କୁ ଶୌଚାଳୟ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ। ଏହାସହ ସମସ୍ତଙ୍କୁ ମଶାରୀ ବ୍ୟବହାର କରିବା ପାଇଁ ମଧ କହିଛନ୍ତି। ସେହିପରି ସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ବୀରମହାରାଜପୁରରେ ନୂଆଁଖାଇ ଭେଟ୍‌ଘାଟ୍

ଅମରପଲି, ୫ା୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋସଲି ସୁନ୍ଦ୍ରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କିଶୋର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଶିକ୍ଷାବିତ୍ ଭୂଷଣ ପାତ୍ର, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ନିରୂପମା ବୈରାଗୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ, ପିଠାପଣା ଆଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତି କରି ପ୍ରତିଯୋଗୀତା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବର୍ଣ୍ଣ ସାହୁ, ମିତା ସିଂ, ସୁଚିତ୍ରା ମିଶ୍ର, ରୀନା ଯାଦବ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆରମ୍ଭରେ ତ୍ରିବେଣୀ ଛକରୁ ସଙ୍କୀର୍ତ୍ତନ, ଢୋଲ, ନିଶାନ ବାଜାରେ ଏକ ଶୋଭାଯାତ୍ରା କରି ସ୍ଥାନୀୟ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଆସିଥିଲେ। ଦିନବେଳା ଷୋଳ ସୁଆଙ୍ଗ ଦଣ୍ଡ ନୃତ୍ୟ, ପତରସଉରା, ବୀଣାକାରିଆ, ମୃଦଙ୍ଗ ପ୍ରତିଯୋଗିତା ହୋଇଥିଲା। ବୀରମହାରାଜପୁରର ପାତାଳୀ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଗ୍ରୁପ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସଭାରେ କୋଶଳବାଦୀ ନେତା ପ୍ରମୋଦ ମିଶ୍ର ମୁଖ୍ୟ ଅତିଥି, ସମାଜସେବୀ ବିନୋଦ କାଲସାଏ ଓ କମିରା ସରପଞ୍ଚ ଅନୁସୟା ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସୋନପୁରର ଚୁମକି ମିଶ୍ରଙ୍କୁ କୋସଲ ସୁନ୍ଦ୍ରି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ଝାରସୁଗୁଡା, କଳାହାଣ୍ଡି, ଦେବଗଡ, ବରଗଡ ଆଦି ଅଞ୍ଚଳରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

**ସୋନପୁରର ଚୁମକି ମିଶ୍ରଙ୍କୁ କୋଶଳ ସୁନ୍ଦ୍ରି ସମ୍ମାନ**


କୋଶଳ ସୁନ୍ଦ୍ରି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକ ମୃତ

**ଖଡ଼ିଆଲ,୫ା୯(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ଥାନା ଅନ୍ତର୍ଗତ ଖୁଦପେଜ ପଞ୍ଚାୟତ ଠକପାଲି ଛକଠାରେ ଦୁର୍ଘଟଣାରେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଖଇରପଦର ଗ୍ରାମର ତ୍ରିନାଥ ବାଗ (୩୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ତ୍ରିନାଥ ରବିବାର ସନ୍ଧ୍ୟାରେ ବୋଡ଼େନ ଖଇରା ଗ୍ରାମରୁ ଖଇରପଦରକୁ ବାଇକ୍ (ନଂ.ଓଡି୨୬-୨୩୧୯) ଯୋଗେ ଫେରୁଥିଲେ। ଏହି ସମୟରେ ଖଡ଼ିଆଲ ପଟୁ ବୋଡ଼େନ ଯାଉଥିବା ଏକ ଓଟୋ ତ୍ରିନାଥଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ତ୍ରିନାଥ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ରାୟପୁର ନିଆଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏକ ମାମଲା (ନଂ. ୩୪୫/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି।

### କାର୍ ଧକ୍କାରେ ବାଳିକା ଆହତ, ଚାଳକ ଫେରାର୍

**ବୌଦ୍ଧ,୫ା୯(ସ୍ୱ.ପ୍ର):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର କଳାଖଣ୍ଡି ଠାରେ ସୋମବାର କାର ଧକ୍କାରେ ଜଣେ ନାବାଳିକା ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୁଚନା ମୁତାବକ କଳାଖଣ୍ଡି ଗ୍ରାମର ରୁନିତା ଭୋଇ (୧୧) ନିଜର ସମ୍ପର୍କୀୟଙ୍କ ସହ କୌଣସି କାମରେ ଆସି ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିଲେ । ଏହି ସମୟରେ ଚାରିଛକ ପଟୁ ବୌଦ୍ଧ ଆଡକୁ ଆସୁଥିବା ଏକ କାର ଓଆର ୦୨-ଏକ୍ୟୁ ୯୦୮୦ ରୁନିତାଙ୍କୁ ଧକ୍କା ଦେଇଥିଲା । ଏଥିରେ ରୁନିତା ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକ ଗୁରୁତର ରୁନିତାକୁ ଉଦ୍ଧାର କରି ପୁରୁଣାକଟକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଦୁର୍ଘଟଣା ପରେ କାର ଚାଳକ କାର ଛାଡି ଫେରାର ହୋଇଯାଇଥିବା ଜଣାପଡିଛି। ଖବରପାଇ ପୁରୁଣାକଟକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାରକୁ ଜବତ କରି ଥାନାକୁ ନେବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ନକଲି ଶିକ୍ଷୟିତ୍ରୀଙ୍କୁ ବହିଷ୍କାର

**ବୌଦ୍ଧ,୫ା୯(ସ୍ୱ.ପ୍ର):** ବୌଦ୍ଧ ଜିଲାରେ ଜାଲ ଶିକ୍ଷକଙ୍କ ଲମ୍ବା ତାଲିକା ଲାଗି ରହିଥିବା ବେଳେ ଅଗଷ୍ଟ ୩୧ ତାରିଖରେ ୩ ଜଣ ଜାଲ ଶିକ୍ଷକଙ୍କୁ ଚାକିରିରୁ ବିଦା କରାଯାଇଥିବା ବେଳେ ପୁଣି ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର କରାଯାଇଛି। ବୌଦ୍ଧ ବ୍ଲକ ତାଳଗରି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌଭାଗିନୀ ଦୀପ ତାଙ୍କର ମାଟ୍ରିକ ମାର୍କସିଟ ଜାଲିଆତି କରିଥିବା ଅଭିଯୋଗରେ ତାଙ୍କୁ ବହିଷ୍କାର କରାଯାଇଛି ବୋଲି ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଧ୍ରୁବ ଚରଣ ଘିବେଲା ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ବୌଦ୍ଧ ଜିଲାରେ ବହୁଳ ମାତ୍ରାରେ ଜାଲ ସାର୍ଟିଫିକେଟ ଦେଇ ଶିକ୍ଷକ ଚାକିରି କରୁଥିବା ବେଳେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସେପରି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ।

### ବାଳକ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ



**ବିନିକା ୫ା୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବାଳକ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନୀଳାଚଳ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସିଆରସିସି କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ଗୁରୁ ଶିଷ୍ୟଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର, ତହସିଲ ଭୋଇ, ସସ୍ମିତା ସାହୁ, ସୂର୍ଯ୍ୟ ନାରାୟଣ ସାହୁ, ନାରାୟଣ ବେହେରା, ସ୍ୱାଗତ ମାହାଣା, ଦିବ୍ୟ ସୁନ୍ଦର ପଧାନ ପ୍ରମୁଖ ଗୁରୁ ଶିଷ୍ୟ ସମ୍ପର୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆକାଂକ୍ଷା ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୌରଗୋଠରେ ନୂଆଁଖାଇ ଭେଟ୍‌ଘାଟ୍

ଦେଓଗାଁ, ୫ା୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପୁରୁଣା ହାଟପଦାଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅଶୋକ ରଣାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିକାଶ କୁମାର ସାହୁ, ସମ୍ମାନୀତ ଅତିଥି ଶିକ୍ଷକ ନବ ସାହୁ, ସମିତି ସଭ୍ୟ ଟଙ୍କଧର ବେରିଆ, ମୟ ନନ୍ଦ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ଗୀତ, ନୃତ୍ୟ ଓ ମାଠିଆ ଭଙ୍ଗା କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ପରିଚାଳନା କୁନ୍ଦୁରୁ ରଣା କରିଥିବାବେଳେ ଜୟସିଂହ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।


ଗୌରଗୋଠରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

## ନୂଆପଡ଼ା ଦଳିତ ଅଧିକାର ମଞ୍ଚର ସମର୍ଥନ

ଖଡ଼ିଆଲ,୫ା୯(ଡି.ଏନ.ଏ.)

କୋଶଳ ମୁକ୍ତି ମୋର୍ଚ୍ଚା ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ଆସନ୍ତା ୭ ତାରିଖରେ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦେଇଛି। ଏହାକୁ ନୂଆପଡ଼ା ଦଳିତ ଅଧିକାର ମଞ୍ଚ ସମର୍ଥନ କରିବ। ଏହି ଦିନ ଖଡ଼ିଆଲ, ସିନାପାଲି ଓ ବୋଡ଼େନ ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯିବ ବୋଲି ନୂଆପଡ଼ା ଦଳିତ ଅଧିକାର ମଞ୍ଚ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଞ୍ଚର ଜିଲା ସଭାପତି କମଳ ଚରଣ ତାଣ୍ଡି ସୂଚନା ଦେଇଛନ୍ତି। ଓଡ଼ିଶା ମନ୍ତ୍ରିମଣ୍ଡଳରେ ପଶ୍ଚିମ ଓଡ଼ିଶାର ପ୍ରତିନିଧିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ନ ମିଳିବା, ପଶ୍ଚିମାଞ୍ଚଳରୁ ଅଧିକ ଅବକାରୀ ରାଜସ୍ୱ ପାଉଥିଲେ ମଧ ଏହା ଉପକୂଳ ଓଡ଼ିଶାରେ ଖର୍ଚ୍ଚ ହେଉଥିବା, କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଏପର୍ଯ୍ୟନ୍ତ ସ୍ଥାନ ନ ମିଳିବା, ନୂଆଁଖାଇ ପାଇଁ ତିନିଦିନ ଛୁଟି ଦାବିକୁ ରାଜ୍ୟ ସରକାର ଅଣଦେଖା, ହାଇକୋର୍ଟ ବେଞ୍ଚ ସ୍ଥାପନ ନ ହେବା ଅଭିଯୋଗ କରି ଆସନ୍ତା ୭ରେ ବନ୍ଦ ପାଳନ କରିବେ। ଏହି ଦିନ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। କିନ୍ତୁ ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ କାର୍ଯ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ପଦ୍ମନାଭ ଜଗତ, ଲିଙ୍ଗରାଜ ଜାଲ, କମଳ ସୁନା, ସମିର ତାଣ୍ଡି, ଆକାଶ ଜଗତ, ତ୍ରିଲୋଚନ ମେହେର, ଅର୍ଜ୍ଜୁନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଗଠିତ ହେଲା କୋଶଳ ରାଷ୍ଟ୍ରୀୟ ମୋର୍ଚ୍ଚା

ଅମରପାଲି, ୫ା୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋଶଳ ରାଷ୍ଟ୍ରୀୟ ମୋର୍ଚ୍ଚା ଗଠନ କରାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ଉକ୍ତ ସଙ୍ଗଠନର ନବନିଯୁକ୍ତ ସଭାପତି କିଶୋର କୁମାର ହୋତା। ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଉକ୍ତ ସଙ୍ଗଠନର ଏକମାତ୍ର ଲକ୍ଷ ବୋଲି ସେ ମତ ରଖିଛନ୍ତି। ସଙ୍ଗଠନରେ ଅଧିକରୁ ଅଧିକ ମହିଳାମାନେ ସାମିଲ ହୋଇ କୋଶଳ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। କୋଶଳ ରାଜ୍ୟ ଗଠନ ପାଇଁ ଲଢୁଥିବା ପ୍ରତ୍ୟେକ ସଙ୍ଗଠନକୁ ଏହାର ସମର୍ଥନ ରହିବ ବୋଲି ସଙ୍ଗଠନର ସଭାପତି ହୋତା ପ୍ରକାଶ କରିଛନ୍ତି। ଏହି ଅବସରରେ କୋଶଳ ରାଷ୍ଟ୍ରୀୟ ମୋର୍ଚ୍ଚା କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା। ରାଧେଶ୍ୟାମ ପଣ୍ଡା, ବରିଷ୍ଠ ଆଇନଜୀବୀ ଶ୍ରୀଧର ଦାଶ, ପ୍ରତାପ କରଙ୍କୁ ସଙ୍ଗଠନ ଉପଦେଷ୍ଟା, କିଶୋର ହୋତାଙ୍କୁ ସଭାପତି, ବିନୋଦ କାଲସା ଉପସଭାପତି,ଅକ୍ଷୟ ସରାଫ ସାଧାରଣ ସମ୍ପାଦକ ସାଙ୍ଗଠନିକ, ଚୁମକି ମିଶ୍ର ସାଧାରଣ ସମ୍ପାଦିକା, ମଦନ ମୋହନ ଜଟିଙ୍କୁ କୋଷାଧ୍ୟକ୍ଷଭାବେ ମନୋନୟନ କରାଯାଇଛି। ସେହିଭଳି ଅନ୍ୟ ଜିଲା ପାଇଁ ମହିଳା ସଂଗଠନ କର୍ମକର୍ତ୍ତାଙ୍କ ନାମ ଘୋଶୋ କରାଯାଇଛି।

## ଗୁରୁଦିବସରେ ଅବସରକାଳୀନ ସମ୍ବର୍ଦ୍ଧନା

ଅମରପାଲି,୫ା୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କୁମରକେଲି ଭୀମ ଭୋଇ ଜନ୍ମଗ୍ରାମ ହାଇସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରମୋଦ ପୂର୍ଣ୍ଣାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅମରପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ଦିଲୀପ କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନରୁଚି ଭୋଇ, କୋଦୋଦର ହାଇସ୍କୁଲ ପ୍ରଧାନଶିକ୍ଷକ ନିଗମାନନ୍ଦ ଦେହୁରୀ, ପ୍ରଦୀପ ଶତପଥୀ, ପୂର୍ବତନ ସରପଞ୍ଚ ମୂରଲୀଧର ପଧାନ, ବେଣୁଧର ପଧାନ, କ୍ଷମାସାଗର ଶତପଥୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଜୟରାମ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରଞ୍ଜନ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣାଙ୍କୁ ପରିବର୍ତ୍ତନ, ନୂତନଙ୍କୁ ସୁଯୋଗ ଦାବି

- ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଲେ ଚାଷୀ
- ଚିଟୈଗୁଡ଼ା ପାଣି ପଞ୍ଚାୟତ ନିର୍ବାଚନ


କନିଷ୍ଠ ଯନ୍ତ୍ରୀଙ୍କୁ ଚାଷୀମାନେ ଲିଖିତ ଅଭିଯୋଗ ଦେଉଛନ୍ତି।

ଜୁନାଗଡ,୫ା୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ପାଣି ପଞ୍ଚାୟତ ନିର୍ବାଚନକୁ ନେଇ ଏବେ ବିବାଦ ଦେଖାଦେଇଛି। ଗତ କିଛି ବର୍ଷ ହେଲା ଗ୍ରାମର ନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ଲଗାତର ଭାବେ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ, ସଦସ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ସ୍ଥାନୀୟ ଚାଷୀମାନେ ବିରୋଧ କରିଛନ୍ତି। ସୋମବାର ଚିଟୈଗୁଡାଠାରେ ପାଣି ପଞ୍ଚାୟତ ନିର୍ବାଚନ ହେବା ପାଇଁ ପ୍ରସ୍ତୁତ ଚାଲିଥିବାବେଳେ ଏହା ପୂର୍ବରୁ ସ୍ଥାନୀୟ ଚାଷୀ ଏହାର ପ୍ରତିବାଦ କରିଛନ୍ତି। ଏହି ସମୟରେ ପୁରୁଣା କମିଟିକୁ ପରିବର୍ତ୍ତନ କରି ନୂତନକୁ ସୁଯୋଗ ଦେବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଥିଲେ। ଏ ନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ସେହିପରି ଉପରୋକ୍ତ ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ନିର୍ବାଚନ ହୋଇପାରିବ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## କନ୍ଧପାଲି, ହଳଦୀ, ଲୋଇସିଂହା ଏବିଏଫ୍‌ଏ ବିଜୟୀ

**ବଲାଙ୍ଗୀର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବଲାଙ୍ଗୀର ଅଫିସ,୫ା୯

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ୫ଟି ମ୍ୟାଚ ଖେଳାଯାଇଥିଲା। ବଲାଙ୍ଗୀର ମିଶନ ପଡିଆରେ କନ୍ଧପାଲି ୧-୦ ଗୋଲରେ ଚାଣ୍ଟିମୁଣ୍ଡାକୁ ହରାଇ ବିଜୟୀ ହୋଇଥିଲା। କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ଡା. ସିଦ୍ଧେଶ୍ୱର ମିଶ୍ର ଓ ସିସିଏଫ୍‌ଏ ସଭାପତି ସୁରେନ୍ଦ୍ର ନାଗ ଅତିଥି ଭାବେ ଯୋଗଦେଇଥିଲେ। ଜରାସିଂହା ପଡିଆରେ ଘୁଚେପାଲି ୧-୦ ଗୋଲରେ ଶିରାବାହାଲକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ କ୍ରୀଡା ସଙ୍ଗଠକ ଖୁସିରାମ ମେହେର, ଅମିତ କୁମାର ତ୍ରିପାଠୀ, ସଦାନନ୍ଦ ପାଢୀ, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ ଯୋଗ ଦେଇଥିଲେ । ହଳଦୀ ପଡିଆରେ ହଳଦୀ ଇବିଏଫ୍‌ଏ ୧-୦ ଗୋଲରେ ପତ୍ରାପାଲିକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ମୁରିବାହାଲ ବିଡିଓ ପ୍ରିୟରଞ୍ଜନ କୁମାର, ସହକାରୀ ଯନ୍ତ୍ରୀ ଅବିନାଶ ମୋଦୀ, ପ୍ରଦୀପ ପୁଟେଲ, ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବାଗ ଯୋଗ ଦେଇଥିଲେ। ଚୁଡାପାଲି ପଡିଆରେ ସୁନାମୁଦି ୨-୧ ଗୋଲରେ ଗୁଗୁଡିମୁଣ୍ଡାକୁ ହରାଇ ବିଜୟୀ ହୋଇଥିଲା। ଶରତ କୁମାର ନନ୍ଦ ଓ କ୍ରୀଡା ସଙ୍ଗଠନ ଦେବରାଜ ନାହାକ ଅତିଥି ଭାବେ ଯୋଗଦେଇଥିଲେ। ଖପ୍ରାଖୋଲ ପଡିଆରେ ବେନକେରା ୨-୦ ଗୋଲରେ ଖପ୍ରଖୋଲକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ପ୍ରଧାନଶିକ୍ଷକ ଦ୍ୱୟ ସସ୍ମିତ ଭୋଇ ଓ ସୁଶାନ୍ତ ଦାସ ଯୋଗ ଦେଇଥିଲେ। ଲୋଇସିଂହା ଷ୍ଟାଡିୟମରେ ଅନୁଷ୍ଠିତ ଖେଳ ଏବିଏଫ୍‌ଏ ଲୋଇସିଂହା ୩-୦ ଗୋଲରେ ମାଣ୍ଡିଆପଦରକୁ ହରାଇ ବିଜୟୀ ହୋଇଥିଲା । ଅତିଥି ଭାବରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ।



ଫୁଟବଲ ଟୁର୍ଣ୍ଣାମେଣ୍ଟର ମ୍ୟାଚକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ୩ ପଞ୍ଚାୟତ ଚାଷୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ

**ମେଗା ଲିଫ୍ଟ କେନାଲରୁ ଜଳଯୋଗାଣ ଦାବି**

କୋକସରା,୫ା୯(ଡି.ଏନ.ଏ.)

ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ପାଣି ଯୋଗାଣରେ ଅନିୟମିତତା ଅଭିଯୋଗ ହୋଇଛି। କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି, ମୁଷାପାଲି ଓ ଡାଲଗୁମା ପଞ୍ଚାୟତ ଶତାଧିକ ଚାଷୀ ସୋମବାର କୁସୁମଖୁଣ୍ଟି ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, ମେଗାଲିଫ୍ଟ କେନାଲ କାର୍ଯ୍ୟକାରୀ ହୋଇ ପ୍ରାୟ ୨ ବର୍ଷ ହୋଇଛି। ହେଲେ ଆରମ୍ଭରୁ ହିଁ ଜଳଯୋଗାଣ ପରିଚାଳନାରେ ଅନିୟମିତତା ହୋଇଥିବା ଅଞ୍ଚଳ ଚାଷୀମାନେ ଅଭିଯୋଗ କରି ଆସୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଅନେକ ଭୂତଳ ପଏଣ୍ଟରେ ପାଣି ଆସୁନାହିଁ। ଫଳରେ ଚାଷୀ କେନାଲ ପାଣି ଜମିରେ ଲଗାଇବା ପାଇଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ମେଗାଲିଫ୍ଟ କେନାଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ବ୍ଲକରେ ଏକ ଚାଷୀ ସଚେତନତା କର୍ମଶାଳା କରି ଚାଷୀଙ୍କ ସମସ୍ତ ଅଭିଯୋଗକୁ ସମାଧାନ ପାଇଁ ମୁଖୀଗୁଡା ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସମେତ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ବ୍ଲକରେ ୧୧ ହଜାର ହେକ୍ଟର ପାଇଁ ଜଳ ସେଚନ ବ୍ୟବସ୍ଥା ଥିବାବେଳେ ଅଧିକାଂଶ ଚାଷଜମି ଏଥିରୁ ବାଦ ପଡିଥିବା ଚାଷୀ ଅଭିଯୋଗ କରିଛନ୍ତି। ସୋମବାର ବ୍ଲକର ୩ ପଞ୍ଚାୟତ ଚାଷୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିଲେ ମଧ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ପରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦେଇ ଫେରିଛନ୍ତି। ବାରମ୍ବାର ଜଣାଇବା ପରେ ମଧ ଅଧିକାରୀମାନେ କୌଣସି ସମାଧାନ କରୁ ନ ଥିବା ଚାଷୀ ବିକ୍ରମ କୁମାର ସାହୁ, ଅରବିନ୍ଦ ପଟ୍ଟନାୟକ, ପ୍ରତାପ ବିଶି, ଧୀରେନ୍ଦ୍ର ରାଉତ, ଭୀମସେନ ଖମାରି, ଯଦୁମଣି ସାହୁ, ଅନନ୍ତ ପଟ୍ଟନାୟକ, ମହେନ୍ଦ୍ର ସାହୁ, ନାଗେଶ୍ୱର ଖମାରି, ରାଜ କିଶୋର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ କୁସୁମଖୁଣ୍ଟି ଉପର ଇନ୍ଦ୍ରାବତୀ ଉଠା ମୁଖ୍ୟବନ୍ଧ ବିଭାଜନ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଚାଷୀଙ୍କ ଅଭିଯୋଗ ଅନୁସାରେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ପାଇପ ଲାଇନ ମରାମତି ସହ ଜଳଯୋଗାଣ କରାଯିବ ବୋଲି କହିଛନ୍ତି।


ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ନାବାଳକ ମୃତ

**ଟେନ୍‌ସା, ୫।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ବେଲକୁଦର ଘାଟି ନିକଟରେ ବାଇକ୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ନାବାଳକ। ମୃତ ନାବାଳକ ଶର୍ଗିଗ ଗ୍ରାମର ଚନ୍ଦନ ମୁଣ୍ଡା(୧୬)। ସୋମବାର ସକାଳେ ଚନ୍ଦନ କକା ରାଉତ ମୁଣ୍ଡାଙ୍କୁ ଡ୍ୟୁଟି କରିବା ପାଇଁ ଓଡ଼ି ୦୯ ପି ୧୬୫୮ ବାଇକ ଯୋଗେ କୋଇଡା ନେଇଯାଇଥିଲେ। କୋଇଡାର ଏକ ଖଣିରେ କକାଙ୍କୁ ଛାଡ଼ି ଗାଁକୁ ଫେରୁଥିବା ବେଳେ ବେଲକୁଦର ବସ୍ତି ନିକଟରେ ଭାରସାମ୍ୟ ହରାଇ କଲଭର୍ଟ ଡିଭାଇଡରେ ପିଟି ହୋଇଯାଇଥିଲେ। ଏତେ ଜୋରରେ ଦୁର୍ଘଟଣା ଘଟିଥିଲା ଯେ, ମୋଟରସାଇକେଲଟି ଏକ ପୋଲ ତଳେ ଛିଟିକି ପଡିଥିଲା। ପୋଲ ତଳେ ପଡିଥିବା ମଦ ବୋତଲ ଉପରେ ପଡ଼ି ଚନ୍ଦନଙ୍କ ମୃତ୍ୟୁ ହୋଇଯାଇଥିଲା। କୋଇଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ସହ ମୃତଦେହ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରିରଖିଛି।

### ମହୁଲି ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୫।୯:** ରାଉରକେଲା ଅବକାରୀ ପୋଲିସ ଦେଶୀ ମହୁଲି ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଫନଗା ଓରାମ। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। କାଲିଛପଲ ଗ୍ରାମର ଫନଗା ଦିନ ସାଢ଼େ ୧୧ଟା ସମୟରେ ଏକ ସାଇକେଲ ଯୋଗେ ୪୦ ଲିଟର ଦେଶୀ ମହୁଲି ମଦ ଧରି ଆମ୍ବବାଗାନରେ ଜଣେ ବ୍ୟବସାୟୀଙ୍କୁ ଦେବାକୁ ଯାଇଥିଲେ। ଏହି ସମୟରେ ଅବକାରୀ ପୋଲିସ ତାଙ୍କୁ କାବୁ କରିଥିଲା।

### ସ୍କ୍ରାପ୍ ଚୋରି, ୨ ଯୁବକ ଗିରଫ

**ରାଉରକେଲା ଅଫିସ,୫।୯:** ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଭିତରୁ ସ୍କ୍ରାପ୍ ଚୋରି କରିବା ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାବଜାର ଅଞ୍ଚଳର ଦିପ୍ତୀ କୁମାର ପଟ୍ଟନାୟକ ଓରଫ କାହ୍ନା(୨୬) ଓ କାର୍ତ୍ତିକ ରାଉତରାୟ(୨୩)। ପୋଲିସ ଉଭୟଙ୍କ ଠାରୁ ୬୦ କେଜି ସ୍କ୍ରାପ୍ ଜବତ କରିଛି। ପୋଲିସ ଏକ ମାମଲା (ନଂ.୧୪୭।୨୨) ରୁଜୁ କରି ଦୁଇ ଅଭିଯୁକ୍ତ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ପ୍ଲାଣ୍ଟସାଇଟ ଥାନା ନୟାବଜାର ଅଞ୍ଚଳରେ ଦୀପ୍ତି ଓ କାର୍ତ୍ତିକ ରବିବାର ବିଳମ୍ବିତ ରାତିରେ ଆରଏସ୍‌ପିର ଷ୍ଟକିୟାର୍ଡରୁ ସ୍କ୍ରାପ୍ ଚୋରି କରି ଫେରାର ହେଉଥିବା ବେଳେ ସିଆଇଏସ୍‌ଏଫ୍ ଯବାନ ଉଭୟଙ୍କୁ କାବୁ କରି ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଲହୁଣୀପଡ଼ା, ୫।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡାସ୍ଥିତ ଲାଟେଇମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଟାଙ୍ଗରପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଲହୁଣୀପଡା ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ସରନିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲହୁଣୀପଡା ବ୍ଲକ ଏବିଇଓ ଇମା କ୍ରିପା ମିଞ୍ଜ, ନରହରି କିଷାନ ଯୋଗଦେଇଥିଲେ। ଲହୁଣୀପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କୀରାଙ୍କ ଅଧକ୍ଷତାରେଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସିଆରସିସି ହରିପଦ ଜେନା ପରିଚୟ ପ୍ରଦାନ କରିଥିବାବେଳେ ଉମେଶ ଚନ୍ଦ୍ର ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ କିରାଣୀ ବୈଦ୍ୟନାଥ ପଣ୍ଡା ଚାକିରିରୁ ଅବସର ଗ୍ରହଣ କରିଥିବାରୁ ରବିବାର ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ରେ ଟାଙ୍ଗର ପାଲି ବିଇଓ ଶସ୍ତ୍ରୀକ ଯୋଗଦେଇ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଜଣାଇବା ସହିତ ଉପହାର ପ୍ରଦାନ କରିଥିଲେ।ଏବଂ ଲହୁଣୀପଡା ବିଇଓ କାର୍ଯ୍ୟାଳୟ ତରଫରୁ ମଧ ସ୍ମୃତି ସନ୍ତକ ପ୍ରଦାନ କରାଯାଇଥିଲା।ସଭା ଶେଷରେ ଶି ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଛନ୍ଦା ଚରଣ ସାହୁ, ଜୟଦେବ ମାହାନ୍ତ, ଲୋଚନ ପ୍ରଧାନ, ଅନୀଲ ପରିଡା,ଦୁର୍ଗେଶ୍ୱର କିଷାନ, ହେମନ୍ତ ମାହାନ୍ତ, ଆଲୋକ ମାହାନ୍ତ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ ବୋଲି ଜଣାପଡିଛି।

# ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି

**ସୁନ୍ଦରଗଡ଼, ୫।୯(ଡି.ଏନ୍.ଏ.)**

ସୋମବାର ସୁନ୍ଦରଗଡ଼ସ୍ଥିତ ସଦଭାବନା ଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଏବଂ ଏସ୍‌ପି ସାଗରିକା ନାଥ ଉପସ୍ଥିତ ରହି ବିଭିନ୍ନ ବ୍ଲକରୁ ଆସିଥିବା ଲୋକଙ୍କର ଅଭିଯୋଗ ଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୨୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଜନଶୁଣାଣିବେଳେ ୨୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ବିଚାରକରି ଆଶୁ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଅଭିଯୋଗ ଭିତରେ ଶିକ୍ଷା, ସ୍ୱାସ୍ଥ୍ୟ, ଅଙ୍ଗନୱାଡ଼ି କେନ୍ଦ୍ର, ଆଲୋକୀକରଣ, ରାସ୍ତା ନିର୍ମାଣ, ଡ୍ରେନ ଓ ପୋଲ ନିର୍ମାଣ ଆଦି ରହିଛି। ସୁନ୍ଦରଗଡ଼ ଜିଲାର କେତେକ ହିତାଧିକାରୀ ଅଧିକ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଲାଗି ପ୍ରଶାସନ ନିକଟରେ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୮ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଏବଂ ୫ଜଣଙ୍କୁ ରେଡକ୍ରସ ସୋସାଇଟିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଡିଏଫଓ ପ୍ରଦୀପ ମିରାସେ, ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଓ ଅଭିମନ୍ୟୁ ବେହେରା, ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ସଦର ଉପଜିଲାପାଳ ଦାଶରଥି ସରାବୁ, ପିଡି ଡ୍ରୁଡା ତଥା ଡିଏମ୍‌ଏଫ୍ ସିଇଓ ରୀତା ଡାଙ୍ଗ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଡେପୁଟି କଲେକ୍ଟର (ଜରୁରିକାଳୀନ) କୁନ୍ତୀରାଣୀ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଲୋକେ ଅଧିକାରୀଙ୍କ ନିକଟରେ ଆପତ୍ତି ଅଭିଯୋଗ କରୁଛନ୍ତି।

# ୭ରେ କୋଶଳ ସମାଜ ପକ୍ଷରୁ ମହାବନ୍ଦ ଡାକରା

**ବଡ଼ଗାଁ, ୫।୯(ଡି.ଏନ୍.ଏ.)**

୭ତାରିଖ ସମଗ୍ର ପଶ୍ଚିମ ଓଡ଼ିଶାରେ ମହାବନ୍ଦ ଡାକରା ଦେଇଛି କୋଶଳ ସମାଜ। କୋଶଳ ସମାଜ ,କୋଶଳ ସେନା, କୋଶଳ ମୁକ୍ତି ମୋର୍ଚ୍ଚା ଆଦି କୋଶଳ ସମର୍ଥିତ ସମସ୍ତ ସଙ୍ଗଠନର ମିଳିତ ନିଷ୍ପତ୍ତି କ୍ରମେ ମହାବନ୍ଦ ଡାକରା ଦିଆଯାଇଛି। ଏ ବିଷୟରେ କୋଶଳ ସମାଜର ସଚିବ ଦିଲ୍ଲୀପ ପଣ୍ଡା ସୁନ୍ଦରଗଡ଼ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସେଥିରେ ଦର୍ଶାଯାଇଛି, ବରଗଡ଼ରେ କୋଶଳ ମିଳିତ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି ଅନୁସାରେ ୭ ସେପ୍ଟେମ୍ବର ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ଓ ସୁନ୍ଦରଗଡ଼ରେ ଘୋଷଣା କରାଯାଇ ଏବଂ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣ, ବ୍ୟବସାୟୀ , ବସ ଓ ଟ୍ରକ ମାଲିକ ସଂଘ, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନୀମାନଙ୍କୁ ସୂଚନା ଦିଆଯାଇଛି। ଏହା ସହିତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୋଶଳ ସମାଜ ଅନ୍ତର୍ଗତ ୧୭ଟି ଜିଲା ଖଣିଜ ସମ୍ପଦ, ଜଳ ସମ୍ପଦରୁ ରାଜ୍ୟ ସରକାର ହଜାର ହଜାର କୋଟି ରାଜସ୍ୱ ଆଦାୟ କରୁଥିଲେ ମଧ ସାମଗ୍ରିକ ଉନ୍ନତି ପ୍ରତି ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ଜିଲା ତଥା ପଶ୍ଚିମ ଓଡ଼ିଶାରେ ଥିବା ବିଭିନ୍ନ ସମସ୍ୟା ଉପରେ ପତ୍ରରେ ଦର୍ଶାଇ ୭ ତାରିଖ ମହାବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ସୋମବାର କୋଶଳ ସମାଜ ସଚିବ ପଣ୍ଡା ବଡ଼ଗାଁର ଦୋକାନ ମାଲିକ, ବିଭିନ୍ନ ଅନୁଷ୍ଠାନର ପରିଚାଳକମାନଙ୍କୁ ୭ତାରିଖ ମହାବନ୍ଦ ସମ୍ପର୍କିତ ସୂଚନାପତ୍ର ବଣ୍ଟନ କରିଛନ୍ତି।

# ଜିଲାର ସାମଗ୍ରିକ ବିକାଶ ପାଇଁ ୧୭ ରାଜନୈତିକ ପ୍ରସ୍ତାବ ଗୃହୀତ


ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

**ସୁନ୍ଦରଗଡ଼/ଲେଫ୍ରିପଡା,୫।୯(ଡି.ଏନ୍.ଏ.)**

**ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଷୋଡଶ ଜିଲା ସମ୍ମିଳନୀ**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଉଜ୍ଜଳପୁରଠାରେ ଦୁଇ ଦିନ ଧରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଷୋଡଶ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ଉତ୍ସବରେ ସୋମବାର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ଦାଶଙ୍କ ଉପସ୍ଥିତିରେ ଆଗାମୀ ତିନି ବର୍ଷ ପାଇଁ ଦଳୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲା କମିଟିର ସମ୍ପାଦକ ଭାବେ ପ୍ରଦୋଷ ମହାନ୍ତି, ସହସମ୍ପାଦକ ଭାବେ ସୁନୀଲ ନାଏକ, ଶୁକଦେବ ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଜିଲା କମିଟିରେ ଆଇନଜୀବି ସନ୍ତୋଷ ଆଚାର୍ଯ୍ୟ, କମଳ ଷଣ୍ଡ, ତରଣୀସେନ ରଣା, ସାବିତ୍ରୀ ପଟେଲ, ସଦାନନ୍ଦ ସାହୁ, କୃତିବାସ ନାଏକ, ଦଶରୁ କିଷାନ, ଦେବଲତା ବାଘ, ଦେବାନନ୍ଦ ବାଦଲ, ମାନଫିଲ ମିଞ୍ଜ, ଭାଲେନ କିଣ୍ଡୋ, ସିରିଲ ଟେଟେ, ସୁରେନ୍ଦ୍ର ଦଣ୍ଡସନା, ଦୀପକ ପଶାଏତ, ରମେଶ ପ୍ରଧାନ, ରାଜେନ୍ଦ୍ର ନାଏକ, ରାଧେଶ୍ୟାମ ଗର୍ଡିଆ, ନରେଶ ମେହେର, ବି. ରାଏ ମମତା ସା ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଅନ୍ୟପକ୍ଷରେ ଜିଲାର ସାମଗ୍ରୀକ ବିକାଶ ପାଇଁ କୃଷି, ଜଳସେଚନ,ବିଦ୍ୟୁତ ସରବରାହ,ବିସ୍ଥାପନ ପ୍ରଦୂଷଣ, ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ, ଉପାନ୍ତ ଅଞ୍ଚଳରେ ପିଇବା ପାଣି, ଗମନାଗମନ, ସ୍ୱାସ୍ଥ୍ୟସେବା, କେନ୍ଦ୍ର ସରକାରଙ୍କ ଖାଦ୍ୟସାମଗ୍ରୀ ଏବଂ ଶିକ୍ଷା ଉପକରଣରେ ଜିଏସଟି ମୁକ୍ତ କରିବା, ଗାଁଗାଁରେ କୁଚିଆ ମଦ ଦୋକାନ ବନ୍ଦ କରିବା ଇତ୍ୟାଦି ୧୭ଗୋଟି ରାଜନୈତିକ ପ୍ରସ୍ତାବକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ପାଇଁ ଗୃହୀତ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲାର ସମସ୍ତ ଜୋନରୁ ନେତୃମଣ୍ଡଳୀ ଯୋଗଦାନ କରିଥିଲେ। ଶେଷରେ ଦଳର ବରିଷ୍ଠ ସାଥି ଦେବାନନ୍ଦ ବାଦଲ ଧ୍ୱଜା ଅବତରଣ କରିଥିବା ବେଳେ ସୁନୀଲ କୁମାର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

## ସୁନ୍ଦରଗଡ଼ ଜିଲାପାଳଙ୍କ ରାଜଗାଙ୍ଗପୁର ଗସ୍ତ ବିଭିନ୍ନ ପ୍ରକଳ୍ପ ସମୀକ୍ଷା

**ରାଜଗାଙ୍ଗପୁର, ୫।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭଲି ସୋମବାର ସନ୍ଧ୍ୟାରେ ପ୍ରଥମ ଥର ପାଇଁ ରାଜଗାଙ୍ଗପୁର ଗସ୍ତରେ ଆସି ମଙ୍ଗଳବାର ହେବାକୁ ଥିବା ଗଣେଶ ମୂର୍ତ୍ତି ବିସର୍ଜନର ପ୍ରାକୃତିକ ପୋଖରୀ ପରିଦର୍ଶନ କରିଥିଲେ। ଏହା ପରେ ରାଜଗାଙ୍ଗପୁରରେ ନିର୍ମାଣାଧିନ ଓଭରବ୍ରିଜ ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। ବିଜୁ ପଟ୍ଟନାୟକ ଛକଠାରେ ନିର୍ମାଣ ହେବାକୁ ଥିବା ଅଣ୍ଡରପାସର ତର୍ଜମା କରିଥିଲେ। ବୁଲି ସାରିବା ପରେ ରାଜଗାଙ୍ଗପୁର ଡାକବଙ୍ଗଳାରେ ପୌରାଧ୍ୟକ୍ଷ ଓ କାଉନସିଲରମାନଙ୍କ ସହ ଆଲୋଚନା କରି ରାଜଗାଙ୍ଗପୁରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ସୁନ୍ଦରଗଡ ସବ୍‌କଲେକ୍ଟର ଦାଶରଥି ସରାବୁ, ରାଜଗାଙ୍ଗପୁର ତହସିଲଦାର ପିୟୁସ ଲୁହାର, କାର୍ଯ୍ୟନିର୍ବାହୀ ଅଧିକାରୀ ମାଥେଦିୟୁସ ଲାକ୍ରା, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା

**ରାଜଗାଙ୍ଗପୁର, ୫।୯(ଡି.ଏନ.ଏ)**

ଗୁରୁଦିବସ ଅବସରରେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେ ଦ୍ୱାରା ସ୍ଥାନୀୟ ରାଜଗାଙ୍ଗପୁର କ୍ଲବରେ ରାଜଗାଙ୍ଗପୁର ଏବଂ କୁତ୍ରା ବ୍ଲକର ଉଚ୍ଚ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଚେତନ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଡିସିବିଏଲ ଓ ୟୁନିଟ ମୁଖ୍ୟ, ରାଜଗାଙ୍ଗପୁର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ବୋଧିତ କରି ଶିକ୍ଷକମାନଙ୍କ ବିଭିନ୍ନ କ୍ଷେତ୍ରରେ ଶିକ୍ଷାର ଉନ୍ନତି ନିମିତ୍ତ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଥିଲେ। ଗୁରୁମାନଙ୍କ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗୁରୁଦିବସ ଅବସରରେ କମ୍ପାନୀ ଦ୍ୱାରା ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାଲମିଆ ସିମେଣ୍ଟର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଡାଲମିଆ ସିମେଣ୍ଟର ଶିବ ନାରାୟଣ ପରିଜା ଉକ୍ତ କାର୍ଯ୍ୟକ୍ରମରେ ସଭା ପରିଚାଳନା କରିଥିଲେ। କମ୍ପାନୀର ଆଡମିନ, ଇଷ୍ଟେଟ, ପୁନର୍ବାସ ଓ ଥଇଥାନ ଏବଂ ସାମାଜିକ ଦାୟିତ୍ୱବୋଧ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ। ଚଳିତବର୍ଷ ଡାଲମିଆ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଜୟଦେବ କର ସକାଳେ ବିଦ୍ୟାଳୟର ଶିକ୍ଷକମାନଙ୍କ ଘରେ ପହଞ୍ଚି ସେମାନଙ୍କୁ ଗୁରୁ ଦିବସର ଶୁଭେଚ୍ଛା ଜଣାଇ ଉପହାର ପ୍ରଦାନ କରିଥିଲେ। ଏହି ନୂତନ ପଦକ୍ଷେପ ଶିକ୍ଷକମାନଙ୍କ ମନରେ ଖୁସିର ଲହରୀ ସୃଷ୍ଟି କରିଥିଲା। ଡାଲମିଆ ବିଦ୍ୟାମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ତରଫରୁ ଡାଲମିଆ ଗ୍ରୁପ ଅଫ ସ୍କୁଲର ସମସ୍ତ ବିଦ୍ୟାଳୟ ପାଇଁ ଭର୍ଚୁଆଲ ଶିକ୍ଷକ ଦିବସ ଆୟୋଜନ କରାଯାଇଥିଲା। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସିଇଓ ଡ଼.ରାସେଟା ୱିଲିୟମ୍ସ ଶିକ୍ଷକମାନଙ୍କ ପ୍ରତି ସମବେଦନା ଜଣାଇବା ସହ ସେମାନଙ୍କୁ ଅଭିନନ୍ଦନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଜୟଦେବ କର ସମାଜରେ ଶିକ୍ଷକଙ୍କ ମହତ୍ତ୍ୱ ତଥା ଦାୟିତ୍ୱ ଉପରେ ଆଲୋକପାତ କରି ଡ଼. ରାଧାକୃଷ୍ଣନଙ୍କ ଆଦର୍ଶକୁ ଜୀବନ୍ତ କରିବାକୁ ବାର୍ତ୍ତା ଦେଇଥିଲେ।


ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ଦ୍ୱାରା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା।

# ଆନନ୍ଦ ଉଲ୍ଲାସର ସହ ଗୁରୁଦିବସ ପାଳିତ

**କୁତ୍ରା ୫।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟର ଛାତ୍ର ସଂସଦ ତରଫରୁ ପବିତ୍ର ଗୁରୁଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ସମସ୍ତ ଗୁରୁଜନଙ୍କୁ ସଭାସ୍ଥଳକୁ ପାଛୋଟିଆଣି ପଦପ୍ରକ୍ଷାଳନ କରିଥିଲେ। ପରେ ଅନୁଷ୍ଠାନ ପରିସରରେ ଅବସ୍ଥାପିତ ଗଜପତି କୃଷ୍ଣଚନ୍ଦ୍ର ମହାରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗୁରୁ ତଥା ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲି ରାଧାକୃଷ୍ଣଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଛାତ୍ର ଛାତ୍ରୀଙ୍କ ତରଫରୁ ଭାବପୂର୍ଣ୍ଣ ଗୁରୁବନ୍ଦନା ପରେ ଛାତ୍ରଛାତ୍ରୀଙ୍କ ତରଫରୁ ଇପସିତା ନିଆଲ, ବିନାୟକ ଜୟପୁରିଆ, ହେମାନନ୍ଦ ସାହୁ, ଗ୍ୟାନରଞ୍ଜନ ଲାକଡା ଡକ୍ଟର ସର୍ବପଲ୍ଲି ରାଧାକୃଷ୍ଣଙ୍କ ଜୀବନି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିଭଳି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ କୃତୀ ଶିକ୍ଷକ ବିଭୀଷଣ ବାରିକ, ବୈଜୟନ୍ତି ପଟେଲ,ଦୀପିକା କେର୍କେଟା, ଜସ୍ମିନ ମିଞ୍ଜ, ଆଶାଲତା ମହାପାତ୍ର ସମେତ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ କମଳିକା କୁଜୁର ପରିଚାଳନା କରିଥିବା ବେଳେ ସ୍ନେହା ଗରଡିଆ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପଙ୍କଜ କୁଜୁର, ମାନସ ନାଏକ, ସ୍ୱର୍ଣ୍ଣଲତା ଟପ୍ପୋ,ରିତେଶ ଲାକଡା, ପୁରୁଷୋତମ ଲାକଡା, ର୍କିତ୍ତି ମାଝି, ସ୍ନେହା ଗର୍ଡିଆ, ନନ୍ଦନି ଲିକଡା ପ୍ରମୁଖ ସହଯୋଗ କରିଥିଲେ। ସେଭଳି ଭାବରେ ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ଧୁମଧାମରେ ଗୁରୁଦିବସ ପାଳନ ହୋଇଯାଇଛି। ଆଜିର ଏହି ପବିତ୍ର ଗୁରୁଦିବସରେ ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ସେଠୀ ଯୋଗ ଦେଇଥିଲେ। ତାଙ୍କ ସହିତ ବ୍ଲକ ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷ୍ମଣା ଜାମୁଣ୍ଡା ଏବଂ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଅତିଥିମାନେ ବିଭିନ୍ନ ପ୍ରକାର ମୂଲ୍ୟବାନ ବୃକ୍ଷ ରୋପଣ କରିଥିଲେ।

## ବ୍ଲକସ୍ତରୀୟ ଗୁରୁଦିବସ ପାଳିତ

**ହେମଗିର,୫।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ କୁଚେଡେଗା ହାଇସ୍କୁଲଠାରେ ଗୁରୁଦିବସ ପାଳନ କରାଯାଇଛି । ହେମଗିର ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲଙ୍କ ତତ୍ତ୍ୱାବଧାନ କ୍ରମରେ ବ୍ଲକ ସ୍ତରୀୟ ଗୁରୁଦିବସ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡୁଡୁକା କଲେଜର ପ୍ରିନ୍ସିପାଲ ସୁଶିଲ ଚୈଧୁରି, ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ୧୪ ଜଣ ଶିକ୍ଷକଙ୍କୁ ଆଦଶ ଶିକ୍ଷକ ଭାବେ ସମ୍ମାନିତ କରାଯାଇ ଥିବା ବେଳେ ୫୮ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୫।୯(ଡି.ଏନ.ଏ)**

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ ଯୋଗଦେଇ ସମୁଦାୟ ୩୪ ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୧୨ଟି ସାମୁହିକ ଅଭିଯୋଗ ରହିଥିବା ବେଳେ ୨୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସେଥିରୁ ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ଉପାଧ୍ୟାୟ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ଅଟୋରିକ୍ସାକୁ ଅଟକାଇ ନିଆଁ ଲଗାଇଦେଲେ ଯୁବକ

**ଦେବଗଡ଼,୫।୯(ଡି.ଏନ.ଏ)**

ଦେବଗଡ଼ ଆଦର୍ଶ ଥାନା ଅନ୍ତର୍ଗତ ସୁଗୁଡା କଲେଜ ଛକରେ ଜଣେ ଯୁବକ ଏକ ଚଳନ୍ତା ଅଟୋ ରିକ୍ସାକୁ ରାସ୍ତାରେ ଅଟକାଇବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଜଣାପଡିଛି। ଫଳରେ ଅଟୋରିକ୍ସା ସମ୍ପୂର୍ଣ୍ଣ ଭାବେ ପୋଡ଼ିଯିବାସହ ଏ ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ସୁଗୁଡା ଗ୍ରାମର ପ୍ରଶାନ୍ତ ସାହୁ (୩୪) ନାମକ ଜଣେ ଯୁବକଙ୍କର ଆବଶ୍ୟକତା ପଡିବାରୁ ସେ ନିକଟସ୍ଥ ଖୁଣ୍ଟିଆପାଲି ଗ୍ରାମର ବିକାଶ ଦୀପ ନାମକ ଜଣେ ଅଟୋ ଚାଳକ/ମାଲିକଙ୍କୁ ଫୋନ କରିଥିଲେ। ମାତ୍ର ବିକାଶ କଲ୍ ରିସିଭ ନ କରିବାରୁ ପ୍ରଶାନ୍ତ ରାଗି ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟାରେ ବିକାଶ ଅଟୋରିକ୍ସ ନେଇ ପଥରଖଣି ଆଡକୁ ଯାଉଥିବା ଦେଖି ପ୍ରଶାନ୍ତ ତାଙ୍କର ପିଛା କରିବାସହ ବୁଢିବିଲ ଗ୍ରାମ ନିକଟସ୍ଥ ସୁଗୁଡା କଲେଜ ଛକ ନିକଟରେ ରାଞ୍ଚି-ବିଜୟୱାଡା ରାସ୍ତାରେ ଅଟକାଇ ପାଟି ତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଯୁକ୍ତିତର୍କ ହେବାପରେ ପ୍ରଶାନ୍ତ ନିକଟସ୍ଥ ସୁଗୁଡା ଗ୍ରାମକୁ ଯାଇ କିଛି ପେଟ୍ରୋଲ ଆଣିବାସହ ରାସ୍ତା କଡରେ ଠିଆ ହୋଇଥିବା ଉକ୍ତ ଅଟୋରିକ୍ସାରେ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଅଟୋ ରିକ୍ସାଟି ହୁହୁ ହୋଇ ଜଳିଯାଇଥିଲା । ସୂଚନା ପାଇ ଦେବଗଡ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ହେଁ ଏହା ପୂର୍ବରୁ ଅଟୋରିକ୍ସାଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ସୂଚନା ପାଇ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରିବାସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବସ୍‌ରେ ବିପଦସଙ୍କୁଳ ଯାତ୍ରୀ ପରିବହନ

**କୁଆଁରମୁଣ୍ଡା,୫।୯(ଡି.ଏନ୍.ଏ.)**

ଯାତ୍ରୀବାହୀ ଯାନ ବିଶେଷକରି ବସ୍‌ରେ ଏହାର ସିଟ୍‌ସଂଖ୍ୟାଠାରୁ ଯଥେଷ୍ଟ ଗୁଣରେ ଅଧିକ ଯାତ୍ରୀ ପରିବହନ ବେଆଇନ୍। ଏପରିକି ବସ୍ ଭିତରେ ଅଖାବସ୍ତାପରି ଯାତ୍ରୀମାନଙ୍କୁ ଖୁନ୍ଦାଖୁନ୍ଦିରେ ନିଆଯିବା ଓ ଅନ୍ୟ କେତେକ ଯାତ୍ରୀମାନଙ୍କୁ ବସ୍ ଛାତ ଉପରେ ନିଆଯାଉଥିବା ସୋମବାର ସକାଳେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଚେକ୍‌ଗେଟ୍ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥରେ ଦେଖିବାକୁ ମିଳିଛି। ଏହିପରି ବିପଦସଙ୍କୁଳ ଯାତ୍ରୀ ପରିବହନ ପ୍ରାୟ ସମୟରେ ଚାଲୁଥିଲେ ମଧ୍ୟ ପରିବହନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଏହି ବେଆଇନ୍ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହିତ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଅନେକ ସମୟରେ ବୀରମିତ୍ରପୁର-ରାଉରକେଲା, ପୁରୁଣାପାଣି-ରାଉରକେଲା, ସଲଙ୍ଗାବାହାଲ-ରାଉରକେଲା, ଢୁମେରଯୋର-ରାଉରକେଲା ଇତ୍ୟାଦି ରୁଟ୍‌ରେ ଚଳାଚଳ କରୁଥିବା ଅଧିକାଂଶ ବସ୍‌ଗୁଡିକେ ନିଜର କ୍ଷମତାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଏପରିକି ଛାତ ଉପରେ ଯାତ୍ରୀ ପରିବହନ କରୁଥିବାରୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ରାଉରକେଲା ପରିବହନ ବିଭାଗର ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।


୧୪୩ ନମ୍ବର ଜାତୀୟ ରାଜପଥରେ ଏକ ବସ୍ ଛାତରେ ଯାତ୍ରୀ ପରିବହନ ହେଉଛି।

## ଖୁଦୁରୁକୁଣୀ ଓଷା ପାଳିତ

**ଖଡ଼ିଆଲ,(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଡୁକଲା ଗ୍ରାମରେ କୁମାରୀମାନଙ୍କ ଦ୍ୱାରା ଚାଲିଥିବା ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ ହୋଇଯାଇଛି। ପୂର୍ବରୁ ୪ ରବିବାର ଏହି ପୂଜା କରିଥିବା ବେଳେ ଶେଷ ରବିବାର ପୂଜା ପାଳନ କରାଯାଇଥିଲା। କୁମାରୀମାନେ ସକାଳୁ ନିକଟସ୍ଥ ପୋଖରୀରେ ବାଲୁକା ପୂଜା ସହ ଉପବାସ ରହି ମା' ଖୁଦୁରୁକୁଣୀଙ୍କ ପୂଜା କରିଥିଲେ। ଭାଇମାନଙ୍କ ମଙ୍ଗଳ କାମନା କରି ଡୁକଲାର ଝିଅମାନେ ଓଷା ପାଳନ କରିଥିଲେ। ବିଭିନ୍ନ ପ୍ରକାର ଫୁଲ, ଫଳ, ଭୋଗ ଅର୍ପଣ କରି ପ୍ରସାଦ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ବିଶ୍ରାମଗାର

**ପଲମ,୫।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ମାଣ୍ଡେଲ ପଞ୍ଚାୟତସ୍ଥିତ ଐତିହାସିକ କିମ୍ବଦନ୍ତିସ୍ଥଳ ଅସୁରଗଡ ଯାତ୍ରୀ ବିଶ୍ରାମଗାର ବିପଦସଙ୍କୁଳ ଅବସ୍ଥାରେ ପଡିରହିଛି। ଗତ ୨୦ ବର୍ଷ ତଳେ ନର୍ଲା ପଞ୍ଚାୟତ ସମିତି ଅନୁଦାନ ରାଶି ଏକ ଲକ୍ଷ କୋଡିଏ ହଜାର ଟଙ୍କାରେ ଏହି ବିଶ୍ରାମଗାର ନିର୍ମିତ ହୋଇଥିଲା। କାମ ସମ୍ପୂର୍ଣ୍ଣ ହେବାର ୫ ବର୍ଷ ପରେ ତାହା ଫାଟିବା ଆରମ୍ଭ ହୋଇଥିଲା। ଏହି ଯାତ୍ରୀ ବିଶ୍ରାମଗାର ଗାଁର ଆର ମୁଣ୍ଡରେ ରହିଛି। ଏହାକୁ କେତେକ ଦୁର୍ବୃତ୍ତମାନେ ଗୃହ ଭିତରେ ନାନା ପ୍ରକାର ଅସାଧୁକର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ସେହିଠାରେ ରହିବା ପାଇଁ ମଧ ବିପଦ ଆସି ପାରେ ବୋଲି ଯାତ୍ରୀମାନେ ଗଛ ତଳେ ରହି ବସ୍‌କୁ ଅପେକ୍ଷା କରୁଛନ୍ତି। ଅସୁରଗଡ ଯାତ୍ରୀ ବିଶ୍ରାମଗାର ଏବେ ଏଭଳି ଅବସ୍ଥାରେ ରହିଛି ଯେ କେତେବେଳେ ଯେ ଭାଙ୍ଗି ପଡିବ ତାହା କେହି ବି କହିପାରିବେ ନାହିଁ। ନର୍ଲା ବ୍ଲକ ବିଡିଓ ତଥା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବିପଦସଙ୍କୁଳ ଯାତ୍ରୀ ବିଶ୍ରାମଗାର ଭାଙ୍ଗି ଏଠାରେ ଏକ ନୂତନ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରିବା ପାଇଁ ଅସୁଗଡ ଗ୍ରାମବାସୀ ଦାବି ଜଣାଇଛନ୍ତି।

### ଠିକାଦାରପଡା ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ,୫।୯:** ବଲାଙ୍ଗୀର ଠିକାଦାରପଡା ପୂଜା ମଣ୍ଡପ ପରିସରରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବୀ ପ୍ରବୀଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଆୟୋଜନ କମିଟି ସଭାପତି ଭାବେ ପ୍ରବୀଣ ମିଶ୍ର, ସାଧାରଣ ସମ୍ପାଦକ କାଳୀଚରଣ ବିଶ୍ୱାଳ, କୋଷାଧକ୍ଷ ଶେଷଦେବ ଯୁଏଡ ମନୋନୀତ ହୋଇଥିଲେ। ସଭ୍ୟଭାବେ ଧ୍ରୁବ ଯୁଏଡ, ସୁରେନ୍ଦ୍ର ବାଗ, ପ୍ରଦ୍ୟୁତ ଖୁଆସ, ମଧୁ ବିଶ୍ୱାଳ, ରଞ୍ଜିତ ବେହେରା, ଦେବେନ ପାତ୍ର, ଅନୀଲ ପାଣିଗ୍ରାହୀ, ସମୀର ମିଶ୍ର, ମନୋଜ ସାହୁ, ରାଜୀବ ସ୍ୱାଇଁ, ଲକ୍ଷୀନ୍ଦ୍ର ସାହୁ, ଦେବା ହରିହା ଉପସ୍ଥିତ ଥିଲେ। ଚଳିତବର୍ଷ ମହାଆଡମ୍ବରରେ ପୂଜା କରିବା ପାଇଁ ମତପ୍ରକାଶ ପାଇଥିଲା। ବରିଷ୍ଠ ସଭ୍ୟ ସୂର୍ଯ୍ୟ ନାରାୟଣ ମିଶ୍ର, ପ୍ରଦୀପ ସାମନ୍ତରାୟ, ମୁରାରୀ ମୋହନ ପଟ୍ଟନାୟକ, ଇଶ୍ୱର ଚିରଗୁନ, ନରେନ୍ଦ୍ର ଜାଲ, ସରୋଜ ଗୁରୁ ଦୁର୍ଗାପୂଜାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ମତ ଦେଇଥିଲେ। ସୁରେନ୍ଦ୍ର ବାଗ ସଭା ପରିଚାଳନା କରିଥିଲେ।

### ଗୁରୁ ହିଁ ଶିଷ୍ୟର ପଥ ପ୍ରଦର୍ଶକ

**ନୂଆପଡ଼ା ଅଫିସ, ୫।୯:** ନୂଆପଡା ସଦର ବ୍ଲକ ଜେଙ୍ଖେରା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଗୁରୁ ଦିବସ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ସୌମ୍ୟ ନାଏକ ଓ ରୋହିତ ନାଗ ସଭା ପରିଚାଳନା କରିଥିଲେ। ଗୁରୁ ହିଁ ଶିଷ୍ୟର ପଥ ପଦର୍ଶକ, ଶୁଭ ଚିନ୍ତକ ଓ ଉତ୍ତମ ବନ୍ଧୁ ବୋଲି ଶିକ୍ଷକମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପଦ୍ମାଳୟା ମହାରଣା, ଲକ୍ଷ୍ମୀ ବର୍ମା, ପ୍ରତିମା ପାଣିଗ୍ରାହୀ, ନିଲେନ୍ଦ୍ରି ଶବର, ଶଶି ଚନ୍ଦ୍ରକାର, ଅହଲ୍ୟା ସ୍ୱାଇଁ, ଅର୍ଜୁନ ଦଲାଇ, ରମାକାନ୍ତ ସେଠ, ନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଅନିତା ଶବର ଧନ୍ୟବାଦ ଦେଇଥିଲେ।

### କାର୍ ଧକ୍କାରେ ନାବାଳିକା ଆହତ, ଚାଳକ ଫେରାର୍

**ବୌଦ୍ଧ,୫।୯(ସ୍ୱ.ପ୍ର):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର କଳାଖଣ୍ଡି ଠାରେ ସୋମବାର କାର ଧକ୍କାରେ ଜଣେ ନାବାଳିକା ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୁଚନା ମୁତାବକ କଳାଖଣ୍ଡି ଗ୍ରାମର ରୁନିତା ଭୋଇ (୧୧) ନିଜର ସମ୍ପର୍କୀୟଙ୍କ ସହ କୌଣସି କାମରେ ଆସି ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିଲେ। ଏହି ସମୟରେ ଚାରିଛକ ପଟୁ ବୌଦ୍ଧ ଆଡକୁ ଆସୁଥିବା ଏକ କାର ଓଆର ୦୨-ଏକ୍ୟୁ ୯୦୮୦ ରୁନିତାଙ୍କୁ ଧକ୍କା ଦେଇଥିଲା। ଏଥିରେ ରୁନିତା ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକ ଗୁରୁତର ରୁନିତାଙ୍କୁ ଉଦ୍ଧାର କରି ପୁରୁଣାକଟକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ପରେ କାର ଚାଳକ କାର ଛାଡି ଫେରାର ହୋଇଯାଇଥିବା ଜଣାପଡିଛି। ଖବରପାଇ ପୁରୁଣାକଟକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାରକୁ ଜବତ କରି ଥାନାକୁ ନେବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# 'ପାଠ ପଢ଼ାଇବା ଭିତରେ ଶିକ୍ଷକ ସୀମିତ ନୁହେଁ'

**ବଲାଙ୍ଗୀର ଅଫିସ,୫।୯**

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟ ହଲରେ ସୋମବାର ଗୁରୁଦିବସ ପାଳନ କରାଯାଇଥିଲା। କମିଟି ସଭାପତି ଇଂ ବେଲାର ସିଂଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ମଧୁସୂଦନ ପତି ଯୋଗଦାନ କରିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କେବଳ ପାଠପଢ଼ା ଭିତରେ ଶିକ୍ଷକ ସୀମିତ ନୁହେଁ। ଶିକ୍ଷକ ମଣିଷ ତିଆରି କରନ୍ତି। ସମାଜ ଓ ରାଷ୍ଟ୍ର ନିର୍ମାଣ କରନ୍ତି। ଶିକ୍ଷକ ପ୍ରଥମେ ନିଜ ଗୁରୁତ୍ୱ ନିଜେ ବୁଝିବା ଏବଂ ନିଜକୁ ନିଜେ ସମ୍ମାନ କରିବା ଉଚିତ୍। ଶିକ୍ଷା ଓ ଶିକ୍ଷକଙ୍କୁ ସମ୍ମାନ ନ ମିଳିଲେ ରାଷ୍ଟ୍ର ବିନାଶ ଆଡକୁ ଗତି କରୁଛି ବୋଲି ବୁଝିବାକୁ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ବ୍ୟକ୍ତିତ୍ୱ ଓ ଦାର୍ଶନିକ ଚିନ୍ତନ ଉପରେ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ଭାବେ ଡା. ଲକ୍ଷ୍ମୀକାନ୍ତ ମହାପାତ୍ର ଆନନ୍ଦମୟ ଶିକ୍ଷା ଓ ଶିକ୍ଷକଙ୍କ ଗୁରୁଦାୟିତ୍ୱ ଉପରେ କହିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷୟିତ୍ରୀ


ଅତିଥି ଓ ଆୟୋଜକ କମିଟି ଗହଣରେ ସମ୍ବର୍ଦ୍ଧିତ ଦୁଇ ଶିକ୍ଷକ, ଶିକ୍ଷୟିତ୍ରୀ।

କସ୍ତୁରୀ ରଥ ଏବଂ ଶିକ୍ଷକ ବିଶେଶ୍ୱର ପୂଜାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ସଭା ସଂଯୋଜନା କରିଥିଲେ। ସଭାରେ ଶିକ୍ଷକ ଗୋପଭୂଷଣ ନାଥ, ପୀତବାସ ପଣ୍ଡା, ତରଣୀସେନ ପଟେଲ, ବ୍ରଜରାଜ ପୁରୋହିତ, ଧର୍ମବ୍ରତ ରଥ, ପ୍ରଫେସର ରାଧାକାନ୍ତ ମିଶ୍ର, ଅଖିଳଚନ୍ଦ୍ର ହୋତା ଗୁରୁଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ କମିଟିର ଗଜେନ୍ଦ୍ର ଭ୍ରମର, ଚକ୍ରପାଣି ଦାଶ, ଜୟରାମ ମିଶ୍ର, ମନୋରଞ୍ଜନ ପୁରୋହିତ, ଦିବାକର ହୋତା, ସୁରେନ୍ଦ୍ର ତ୍ରିପାଠୀ, ବାଦଲ ମହାକୁର ଉପସ୍ଥିତ ଥିଲେ।

ସେହିପରି ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ବ୍ୟା ଆନୁକୂଲ୍ୟରେ ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୁରୁମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଗୁରୁଶ୍ରୀ ପ୍ରାଣବନ୍ଧୁ ନାୟକ, ଭାବଗ୍ରାହୀ ରଥ, ହୃଦାନନ୍ଦ ଜେନା, ଘାସିରାମ ବିଶ୍ୱାଳ, ଜଗଦାନନ୍ଦ ଛୁରିଆ, ବାଳମୁକୁନ୍ଦ ତ୍ରିପାଠୀ ଓ ଆଦିକନ୍ଦ ଷଡଙ୍ଗୀଙ୍କୁ ଗୁରୁ ବନ୍ଦନା ପୂର୍ବକ ମଞ୍ଚାସୀନ କରାଯାଇଥିଲା। ୧୯୭୭ ବ୍ୟାଚ ସଭାପତି ରତନ କୁମାର ମହାରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ଅଧକ୍ଷତା କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ରାଜ୍ୟସ୍ତରୀୟ ଯୋଗ, ଅଲମ୍ପିଆଡ୍ ୨୦୨୨ରେ ସହଭାଗୀ ହୋଇଥିବା ଷଷ୍ଠଶ୍ରେଣୀ ଛାତ୍ର କସ୍ତୁଦତ୍ତ ସ୍ୱାଇଁ, ୧୦ମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁମିତ କୁମାର ଜେନାଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ପ୍ରଶସ୍ତିପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ରଞ୍ଜନ ସାହୁ, ରାଜ କିଶୋର ଦାସ, ବୀରେନ୍ଦ୍ର କୁମାର ମିଶ୍ର, ଡ. ସୁକାନ୍ତ ପୁରୋହିତ, ମୋହନ ଗୋପାଳ ପଣ୍ଡା, ସତ୍ୟନାରାୟଣ ପଣ୍ଡା, ସତ୍ୟ ଦର୍ଜୀ, ଭଗବାନ ବର୍ଗତି, ବିଜୟ କୁମାର ଶତପଥୀ, ରାମ ଶଙ୍କର ଶତପଥୀ, ବ୍ରଜବନ୍ଧୁ ସାଏ, ପ୍ରଦୀପ କୁମାର ସାଏ, ଅଶୋକ କୁମାର ରଣା, ସଲିମ ଖାନ,ଲକ୍ଷ୍ମୀ ପଟ୍ଟନାୟକ, ଡା. ଶିଦ୍ଧେଶ୍ୱର ମିଶ୍ର, ସୁରେନ୍ଦ୍ର ସେଠ ସହଯୋଗ କରିଥିଲେ।

## ୨୦ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ସମ୍ବର୍ଦ୍ଧିତ


ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରୁଛନ୍ତି।

**ନୂଆପଡ଼ା ଅଫିସ,୫।୯**

ନୂଆପଡା ସଦର ବ୍ଲକ ଗୋଡତରସ୍ଥିତ ଜ୍ଞାନଜ୍ୟୋତି କାଞ୍ଚନବେନ ରସିକ ଲାଲ ବିଦ୍ୟାଳୟରେ ଅଧ୍ୟକ୍ଷ ମହମ୍ମଦ ଆସରଫଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସଦର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ବିଜେଡି ଜିଲା ଯୁବ ମୋର୍ଚ୍ଚ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ଜୟ ଢୋଲକିଆ, ଉପସଭାପତି ସୁମନ ଢୋଲକିଆ, କଳ୍ପନା ଢୋଲକିଆ, ସହଗୋଷ୍ଠି ଶିକ୍ଷା ଅଧିକାରୀ ଉଜ୍ଜ୍ୱଳ ଅଗସ୍ତି, ବ୍ଲକ ଶିକ୍ଷକ ସଂଘ ସଭାପତି ଶଙ୍କର୍ଷଣ ପୁରୋହିତ, ବିଦ୍ୟାଳୟ ନିର୍ଦ୍ଦେଶକ ସୁଭ୍ରାଂଶୁ ପାଣିଗ୍ରାହୀ, ସନ୍ଦେଶ ଢୋଲକିଆ ଆମନ୍ତ୍ରୀତ ଅତିଥି ଭାବେ ଯୋଗଦେଇଥିଲେ। ନୂଆପଡା ଓ କୋମନା ବ୍ଲକର ଅବସର ଗ୍ରହଣ କରିଥିବା ୨୦ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପିତାମାତା ହେଉଛନ୍ତି ନିଜର ପ୍ରଥମ ଗୁରୁ, ତେଣୁ ସର୍ବଦା ସେମାନଙ୍କ ଚରଣାଶ୍ରିତ ରହିବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ। କାଞ୍ଚନବେନ ରସିକ ଲାଲ ଢୋଲକିଆ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ଗୁରୁ ଦିବସ ଅବସରରେ ଅବସର ଗ୍ରହଣ କରଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବ ବୋଲି ଘୋଷଣା କରିଥିଲେ।

# ଗୁରୁ ଦିବସରେ ଚାରାରୋପଣ

**ଦେଓଗାଁ, ୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନରେ ଗୁରୁଦିବସ ପାଳନ ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁତୁର୍ଲା ଲୋକନୃତ୍ୟ ଏକାଡେମୀ ଆୟୋଜନରେ ସଚେତନତା ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଚାରାରୋପଣ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଧରଣୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଡିଓ ରାମଦତ୍ତ ଭୋଇ, ସମ୍ମାନୀତ ଅତିଥି କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ ଷଡଙ୍ଗୀ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ବୃକ୍ଷ ହିଁ ଜୀବନ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମକୁ ହଳଧର ସୁନା, ପ୍ରଦୀପ ନାଏକ ତଥା ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପଞ୍ଚାୟତ ସମିତି

**ବୃକ୍ଷ ହିଁ ଜୀବନ କାର୍ଯ୍ୟକ୍ରମ ପରିବେଷଣ କଲେ କଳାକାର**

ହାଇସ୍କୁଲରେ ଛାତ୍ରୀଛାତ୍ରମାନେ ବିଭିନ୍ନ ନାରା ଦେଇ ଗ୍ରାମ ପରିକ୍ରମା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ତତ୍ତ୍ୱାବଧାନ ଏବଂ ତୁଳସୀ ମେହେରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଦାମ ଚରଣ ଭୋଇ ଯୋଗଦେଇଥିଲେ। ଜରାସିଂହା ଯୁକ୍ତ୨ କଲେଜରେ ପ୍ରାଧ୍ୟାପକ ଗୋବିନ୍ଦ ମେହେରଙ୍କ ସଂଯୋଜନାରେ ଅଧକ୍ଷ ବସନ୍ତ କୁମାର ମନହୀରା, ପ୍ରାଧ୍ୟାପକ ବିମଳ କିଶୋର ସାହୁ, ଧୋବାଇ ଚରଣ ପଟେଲ, ଦୁର୍ବାଦଳ ଘିଭେଲା ପ୍ରମୁଖ ଗୁରୁ ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ। ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ପରିଚାଳିତ ଶିଶୁ ସେବା ଅନୁଷ୍ଠାନରୁ ନିର୍ଦ୍ଦେଶକ କ୍ଷମାନିଧି ମେହେରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ କାର୍ତ୍ତିକ ଷଡଙ୍ଗୀ, ସଙ୍ଗୀତ ନିର୍ଦ୍ଦେଶକ ଶିବ ପ୍ରସାଦ ସାହୁ, ଆଇସିଡିଏସ କର୍ମୀ ଇଲା ସାହୁ, ସାବିତ୍ରି ମାଝି ପ୍ରମୁଖ ଯୋଗଦେଇଥିଲେ।


ଗୁରୁଦିବସ ଉପଲକ୍ଷେ ଚାରା ରୋପଣ କରାଯାଉଛି।

# ଗୁରୁ ଦିବସରେ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ


ସଭାରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷକମାନେ।

**ଲୋଇସିଂହା, ୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଆଦିବାସୀ ଭବନରେ ଓଡିଶା ମୋ ପରିବାର ଓ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଗୁରୁ ପୂଜନ ସମାରୋହ ସୋମବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅଞ୍ଚଳର ଏକ ଶହରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି, ବିଭୂତିଭୂଷଣ ସହାଣୀ ମୁଖ୍ୟବକ୍ତା, ପର୍ଶୁରାମ ସାହୁ, ଶଶୀଭୂଷଣ ଶତପଥୀ, ଶ୍ୟାମସୁନ୍ଦର ଭୋଇ, କୈଳାସ ବିଶ୍ୱାଳ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଯୁବନେତା ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଗୁରୁଙ୍କ ବିନା ଦିଗ୍‌ଦର୍ଶନରେ ଛାତ୍ରୀଛାତ୍ର ଆଗକୁ ବଢିବା ଅସମ୍ଭବ ବୋଲି କହିଥିଲେ। ପ୍ରାରମ୍ଭରେ ସରସ୍ୱତୀ ଓ ମହାନ ଦାର୍ଶନିକ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁରୁପୂଜନ ପରେ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଦନ୍ତେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ

**ବେହେରା,୫।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ପଞ୍ଚାୟତ ଦନ୍ତେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ରିଷିରାମ ବେହେରା ସଭାପତିତ୍ୱ କରିଥିବା ବେଳେ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା ଚକ୍ରଧର ବାରିକ। ମୁଖ୍ୟବକ୍ତା ସଚ୍ଚିଦାନନ୍ଦ ଗୌଡ, ଧନ୍ୟବାଦ ଅର୍ପଣ ନରେନ୍ଦ୍ର ନାଏକ ତଥା ମହେନ୍ଦ୍ର ପଟ୍ଟନାୟକ ଓ ହରେକୃଷ୍ଣ ନାଏକ କାର୍ଯ୍ୟକ୍ରମରେ ସହେଯାଗ କରିଥିଲେ। ପ୍ରେମଲାଲ କାଣ୍ଡ, ଜିତେନ୍ଦ୍ର ନାଏକ, ମୋନାଲିସା ନାଏକ, ଚନ୍ଦନ ରାଉତ, କୃପାସିନ୍ଧୁ ବେହେରା, ରମେଶ ବେହେରା, ହରେକୃଷ୍ଣ ପଧାନ ପ୍ରମୁଖ ଅଭିଭାଷଣ ରଖିଥିଲେ। ଶେଷରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଶ୍ୟତ କାମନା କରିଥିଲେ।

# ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ବଲାଙ୍ଗୀର ଅଫିସ,୫।୯**

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟଘାଟ ଜିଲା ପୂର୍ବତନ ସୈନିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଭାପତି ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାର ସହୀଦ ହୋଇଥିବା ୫ଯବାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ପାଦକ ବସନ୍ତ ଆଚାର୍ଯ୍ୟ ସଂଘ ପୂର୍ବ ବୈଠକ ବିବରଣୀ ପାଠ କଲା ପରେ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ମହାସଂଘ ସଂଗଠକ ଅମୂଲ୍ୟ ପତିଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ସଭାପତି ଘାସିରାମ ମିଶ୍ର ପବିତ୍ର ନୂଆଁଖାଇ ଉତ୍ସବର


ଭେଟ୍‌ଘାଟ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଓ ଅତିଥି।

ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ ପଶ୍ଚିମ ଓଡିଶା ମହାସଂଘ ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ ଜିଲାରୁ ଆସିଥିବା ପ୍ରତିନିଧି ଯୋଗ ଦେଇଥିଲେ। ଏହି ସଭାରେ ପଶ୍ଚିମ ଓଡିଶାର ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ପ୍ରତାପ ରଥ, ଯଥା ବିଶ୍ୱାଳ, ବୃନ୍ଦାବନ ବରାଳ, ଗୋପବନ୍ଧୁ ପୁରୋହିତ, ଶଶୀଭୂଷଣ ପୁରୋହିତ, ଶିବପ୍ରସାଦ ଖୁଆସ, ପର୍ଶୁରାମ ନାଏକ, ଭଞ୍ଜ କିଶୋର ନାଗ, ରଣଜିତ ଛତର ଯୋଗଦାନ କରିଥିଲେ। ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ ଧନ୍ୟବାଦ ଦେଇଥିଲେ।

# ୨୬ ଆଦର୍ଶ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ

**ଭବାନୀପାଟଣା,୫।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଚଞ୍ଚରାପଡାସ୍ଥିତ ବାପୁଜି ଆଶ୍ରମଠାରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁରେନ୍ଦ୍ର ମୋହନ ଯୋଶୀ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ ଯୋଗଦେଇ ଗୁରୁ ଦିବସର ମହତ୍ୱ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡା. ନୃପରାଜ ସାହୁ, ସମ୍ମାନିତ ଅତିଥି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାର, ଜୟପାଟଣା ବ୍ଲକ ଶିକ୍ଷାଧିକାରୀ ଧରମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଷ୍ଠାପର ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ମାନବ ସଭ୍ୟତାକୁ ଆଦର୍ଶ ଓ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରରେ ସୁନାଗରିକ ଗଢି ଉଠୁଛି ବୋଲି ଅତିଥିମାନେ କହିଥିଲେ। ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଲଳିତ କୁମାର ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଧୀରେନ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜିଲାର ୧୩ଜଣ ଆଦର୍ଶ ଶିକ୍ଷୟିତ୍ରୀଶିକ୍ଷକ ଓ ୧୩ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।


ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ୨୬ ଆଦର୍ଶ ଶିକ୍ଷୟିତ୍ରୀ ଶିକ୍ଷକ।

# ଆଁଟ ଜମି ସ୍ଥିତି ବୁଲି ଦେଖିଲେ ଏଆର୍‌ସିଏସ୍

**ବଲାଙ୍ଗୀର ଅଫିସ,୫।୯**

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ନିବନ୍ଧକ ସମୂହ ସମବାୟ ସମିତି (ଏଆରସିଏସ୍) ପ୍ରଭାକର ନାଏକ ସୋମବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୃଷୁଣି ପାକ୍ସ ଅନ୍ତର୍ଗତ ଚାଷ ଜମି ଯାଞ୍ଚ କରୁଥିଲେ। ବର୍ତ୍ତମାନ ଆଟ ଜମିର ଚାଷ ସ୍ଥିତି କ'ଣ ରହିଛି, ବାସ୍ତବରେ ଚାଷ ହୋଇଛି କି ନାହିଁ ଏଆରସିଏସ୍ ନାଏକ ତାହାର ସରଜମିନ ତଦାରଖ କରୁଥିଲେ। ଖବର ପାଇ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ସେଠାରେ ପହଞ୍ଚି ଏଆରସିଏସ୍‌ଙ୍କ ସହ ଆଲୋଚନା କରିଥିଲେ। ଚାଷୀ ଚାଷ କରିବା ପରେ କିଭଳି ସରକାରୀ ସୁବିଧା ସୁଯୋଗ ପାଇବ ଏବଂ ବର୍ଷାଭାବ


ବିଧାୟକ ଡ ମୁକେଶ ମହାଲିଙ୍ଗ ମୃଷୁଣିଠାରେ ଚାଷଜମି ତଦାରଖ କରୁଥିବା ଏଆରସିଏସ୍‌ଙ୍କ ସହ ଆଲୋଚନା କରୁଛନ୍ତି।

**ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କଲେ ବିଧାୟକ**

ଯୋଗୁଁ କିଭଳି ସ୍ଥିତିରେ ଚାଷ ରହିଛି ତାର ପ୍ରକୃତ ରିପୋର୍ଟ ସଂଗ୍ରହ ଉପରେ ଯୋର ଦେଇଥିଲେ। ଏହାଦ୍ୱାରା ପ୍ରକୃତ ଚାଷୀମାନେ ଲାଭବାନ ହେବେ ବୋଲି ପରାମର୍ଶ ଦେଇଥିଲେ। ଏଆରସିଏସ୍ ନିଜେ ଚାଷଜମିରେ ପହଞ୍ଚି ତଦାରଖ କରୁଥିବାରୁ ସ୍ୱାଗତ ଜଣାଇ ପ୍ରକୃତ ରିପୋର୍ଟ ଦେବାକୁ କହିଥିଲେ। ବିଧାୟକଙ୍କ ସହ ତାଙ୍କ ପ୍ରତିନିଧି, ପାକ୍ସ ସମ୍ପାଦକ ଓ ଷ୍ଟାଫ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖୁଦୁରୁକୁଣୀ ଓଷାରେ ନୃତ୍ୟ ପ୍ରତିଯୋଗିତା

**ବରପାଲି, ୫।୯(ଡି.ଏନ.ଏ.):** ବରପାଲି ନିକଟସ୍ଥ କୃଷକପଲ୍ଲୀ ଗ୍ରାମରେ ଖୁଦୁରୁକୁଣୀ ଓଷା ଅବସରରେ ଜଣାଅଜଣା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଖୁଦୁରୁକୁଣୀ ଓଷା କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ସରପଞ୍ଚ ବିନୟ ଗଡତିଆ ମୁଖ୍ୟ ଅତିଥି, ରସାନନ୍ଦ ଥାପା, ସୁଧୀର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବିକ୍ରମ ମହାନନ୍ଦ ଓ ସତୀଶ ଭୋଇଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ପରିବେଶ ସୁରକ୍ଷା କମିଟିକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସୁରେଖା ଗଡତିଆ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଶ୍ରୀରାମ ମହାବିଦ୍ୟାଳୟରେ ଗୁରୁଦିବସ ପାଳନ

**ଡୁଙ୍ଗୁରିପାଲି, ୫।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଶ୍ରୀରାମ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଡକ୍ଟର ଲିଙ୍ଗରାଜ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧାପକ ଅଶ୍ୱିନୀ କୁମାର ପର୍ଡିଆ, ଅଧାପକ ଟିକେଚାନ୍ଦ ବାଗ ଗୁରୁ ଶିଷ୍ୟର ମହାନ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରରେ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ଗୁରୁମାନଙ୍କୁ ସମ୍ମାନର ପ୍ରତୀକ ସ୍ୱରୂପ ଶ୍ରୀଗଣେଶଙ୍କ ତୈଳଚିତ୍ର ପ୍ରଦାନ କରିଥିଲେ।

### ଯୋଗ ସମିତିର କାର୍ଯ୍ୟକର୍ତ୍ତା ଚୟନ

**ପଦ୍ମପୁର ୫।୯(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ସୂର୍ଯ୍ୟନଗର ଭାଗବତ ମଣ୍ଡପରେ ପଦ୍ମପୁର ଯୋଗ ସମିତିର ଏକ ବୈଠକ ଜିଲା ପ୍ରଭାରୀ ନବୀନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ତହସିଲ ଯୋଗ ସମିତିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଅବସରପ୍ରାପ୍ତ ବିଚାରପତି ରାମଚନ୍ଦ୍ର ତ୍ରିପାଠୀ ଉପଦେଷ୍ଟା, ତହସିଲ ପ୍ରଭାରୀ ପ୍ରକାଶ ପାଣିଗ୍ରାହୀ, ତହସିଲ ସ୍ୱାଭିମାନ ପ୍ରଭାରୀ ଭାସ୍କର ଦାଶ, ଯୁବ ପ୍ରଭାରୀ ହେମନ୍ତ ମେହେର, ମିଡିଆ ସେଲ୍ ପ୍ରଭାରୀ ଆଶୀଷ ସାହୁ, କୃଷକ ସଙ୍ଗଠନ ପ୍ରଭାରୀ ଅଲେଖ ପ୍ରଧାନ, ସ୍ୱାଭିମାନ ସହ ପ୍ରଭାରୀ ଅରୁଣ ସାହୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଆଗାମୀ ୧୨ତାରିଖରେ ସମ୍ବଲପୁରଠାରେ ହେବାକୁ ଥିବା ଯୋଗ ଶିବିର ପାଇଁ ସଭ୍ୟ ଚୟନ କରାଯାଇଥିଲା।

### ଜନଶୁଣାଣି ଶିବିରରେ ୧୭୨ ଅଭିଯୋଗ ପଞ୍ଜୀକୃତ

**ପଦ୍ମପୁର,୫।୯(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳ ମୋନିଷା ବାନାର୍ଜୀ ଓ ଏସ୍‌ପି ପି. ଏସ୍. ପୁରୁଷୋତ୍ତମଦାସଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୭୨ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ଜିଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଯୋଗଦାନ କରିଥିଲେ। ଏଡିଏମ୍ କୃତ୍ତିବାସ ବିଶ୍ୱାଳ, ପଦ୍ମପୁର ଉପ ଜିଲାପାଳ ତ୍ରିଲୋଚନ ପାତ୍ର, ବିଡିଓ ବିଶ୍ୱନାଥ ସାହୁ, ତହସିଲଦାର ସଞ୍ଜନ ସେଠ, ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ସହ ଜିଲାପାଳ ଅଶୋକ ମିଶ୍ର, ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ଅଧୀକ୍ଷକ ଡା. ଯଦୁମଣି ସାହୁ, ଜନସ୍ୱାସ୍ଥ୍ୟ, ପରିମଳ, କୃଷି, ଯୋଗାଣ, ପଞ୍ଚାୟତି ରାଜ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଭାଗବତ ପାରାୟଣ ଉଦ୍‌ଘାଟିତ

**ପାଇକମାଳ, ୫।୯(ଡି.ଏନ.ଏ.):** ପଶ୍ଚିମାଞ୍ଚଳ ଓଡିଶା ଓ ଛତିଶଗଡ଼ କୁବେର ସମାଜ ମହାସଭା ତରଫରୁ ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ଠାରେ ସୋମବାର ଭାଗବତ ପାରାୟଣ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସତ୍ୟ ସନାତନ ଦାଶ ପ୍ରବଚନ ଦେଉଥିବା ବେଳେ ପାରାୟଣ ଗାୟକ ବିପିନ ବିହାରୀ ଶତପଥୀ, ଦିଲୀପ ପଟେଲ, ମହେନ୍ଦ୍ର ସାହୁ ବାଦ୍ୟ ପରିଚାଳନା କରୁଛନ୍ତି। ମହାସଭା ସଭାପତି ଲକ୍ଷ୍ମଣ ସାହୁ ଓ ସ୍ତ୍ରୀ ରେଣୁକା ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ବରଗଡ ଜୋନ୍ ସଭାପତି ତାରାଚାନ୍ଦ ସାହୁ, ମାତୃମଞ୍ଚ ସଭାନେତ୍ରୀ ଦିପ୍ତୀମୟୀ ସାହୁ, ସମ୍ପାଦିକା ରଶ୍ମିତା ସାହୁ, ବଉଳ ସାହୁ, ଲକ୍ଷ୍ମୀ ସାହୁ, ସରୋଜିନୀ ସାହୁ, ବୀଣାପାଣି ସାହୁ, ପିଙ୍କି ସାହୁ ପ୍ରମୁଖ ସହଯୋଗ କରୁଛନ୍ତି । ୧୦ ତାରିଖ ପର୍ଯ୍ୟନ୍ତ ଭାଗବତ ପାରାୟଣ ଚାଲିବ ବୋଲି ଲକ୍ଷ୍ମଣ ସାହୁ ଜଣାଇଛନ୍ତି ।

# ନୂଆଁଖାଇ ସରିଲା, ଦାଦନ ଯିବାକୁ ସଜବାଜ

## ସୁବର୍ଣ୍ଣପୁର ଜିଲାରେ ସକ୍ରିୟ ହେଲେଣି ମଧ୍ୟସ୍ଥ

**ସୋନପୁର, ୫।୯(ନି.ପ୍ର.)**

ଗଣପର୍ବ ନୂଆଁଖାଇ ଗତ ୧ତାରିଖରେ ସରିଛି। ସୁବର୍ଣ୍ଣପୁର ଜିଲାର କୃଷକ, ଗରିବ ଓ ଶ୍ରମଜୀବୀ ଖୁସି ମନାଇଛନ୍ତି। ଗଣପର୍ବ ପୂର୍ବରୁ ଦାଦନ ସର୍ଦ୍ଦାରମାନେ ଗାଁଗାଁ ବୁଲି ସେମାନଙ୍କୁ ଅଗ୍ରୀମ ଟଙ୍କା ଦେଇଥିଲେ। ନୂଆଁଖାଇ ପରେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ କଥା ହୋଇଥିଲେ। ପ୍ରବାସୀ ଶ୍ରମିକଙ୍କ ହାତରେ ଏବେ କାମଧନ୍ଦା ନାହିଁ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବନ୍ଧ, ପୋଖରୀ ଓ ଫାର୍ମପଣ୍ଡ କାମ ଶ୍ରମିକଙ୍କ ବଦଳରେ ମେଶିନରେ ହେଉଛି। ସେହିପରି ଜମି ମାଲିକଙ୍କ ପାଇଁ ଚାଷ କାର୍ଯ୍ୟ ଆଉ ଲାଭଜନକ ହୋଇ ରହିନାହିଁ। ତେଣୁ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ଗାଁ ଗାଁରେ ଦାଦନ ଶ୍ରମିକ ମଧ୍ୟସ୍ଥ ଏବେ ମାତିଲେଣି। ଗାଁରେ ଡେରା ପକାଇ ସ୍ଥାନୀୟ ବେକାର ଯୁବକଙ୍କୁ ହାତ କରି ଶ୍ରମିକ ଯୋଗାଡରେ ସେମାନେ ବ୍ୟସ୍ତ ଅଛନ୍ତି। ଆଉ ଏକ ସପ୍ତାହ ପରେ ପେଟକୁ ଦାନା ଯୋଗାଡ ପାଇଁ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, ଗୁଜୁରାଟ, ମୁମ୍ବାଇ ଓ ତେଲଙ୍ଗାନା ଭଳି ରାଜ୍ୟକୁ ଶ୍ରମିକମାନେ ଦାଦନ ଖଟିଯିବେ। ନୂଆଁଖାଇ ପାଇଁ ରାଜ୍ୟ ବାହାରେ ଥିବା ଶ୍ରମିକ ଗାଁକୁ ଫେରିଥିଲେ। ଏଠାରେ କାମ ନ ଥିବାରୁ ସେମାନେ ହାତବାନ୍ଧି ବସିଛନ୍ତି। ଏଭଳି ଶ୍ରମିକ ମଧ୍ୟସ୍ଥଙ୍କ ଜାଲରେ ପଡୁଛନ୍ତି।

ସୁବର୍ଣ୍ଣପୁର ଜିଲାରେ ଦାଦନ ଚାଲାଣ ହୁଏନି ବୋଲି ଜିଲା ପ୍ରଶାସନ କହୁଥିଲା। ହେଲେ ଲକ୍‌ଡାଉନ୍ ସମୟରେ ଜିଲାର ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଅନ୍ୟ ରାଜ୍ୟରୁ ଘରକୁ ଫେରିବା ପରେ ସତ ସାମନାକୁ ଆସିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ପଞ୍ଜୀକୃତ ଦାଦନ ଶ୍ରମିକ ଥିଲେ ମାତ୍ର ୧୯ଜଣ। ଅନ୍ୟ ରାଜ୍ୟର ଶିଳ୍ପାନୁଷ୍ଠାନରେ କାମ କରୁଥିବା କୁଶଳୀ ଶ୍ରମିକଙ୍କ କାର୍ଯ୍ୟ ଦକ୍ଷତା ଅନୁସାରେ ଜିଲାରେ କର୍ମସଂସ୍ଥାନର ସୁଯୋଗ ନାହିଁ। ତେଣୁ ମଧ୍ୟସ୍ଥଙ୍କ ହାବୁଡରେ ପଡି ପୁଣି ୬ମାସ ଗାଁ ଛାଡି ଚାଲିଯିବାକୁ ଶ୍ରମିକ ପରିବାର ସଜବାଜ ହେଲେଣି। ଏପରିକି ଡୁଙ୍ଗୁରିପାଲି ଓ ବିନିକା ପରି ଜଳସେଚିତ ଅଞ୍ଚଳରୁ ଲୋକେ ଦାଦନ ଖଟିବାକୁ ଯାଉଛନ୍ତି। ଅଣଜଳସେଚିତ ତରଭା, ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ପରିସ୍ଥିତି ଜଟିଳ। ଏ ସମ୍ପର୍କରେ ତରଭା ବ୍ଲକ ସରଗଜ ପଞ୍ଚାୟତ ଜୁରାବନ୍ଧ ଗାଁର ରାମେଶ୍ୱର ସା(୪୦)ଙ୍କ ସହିତ କଥା ହୋଇଥିଲୁ । ସେ କହିଥିଲେ ଯେ, ତରଭା ବ୍ଲକ ଏକ ଅଣଜଳସେଚିତ ଅଞ୍ଚଳ। ଏଠାରେ ସରକାରୀ ଭାବେ କୌଣସି କାମ ମିଳୁନି। ତେଣୁ ଆମେ ଘରଦ୍ୱାର ପରିବାର ଛାଡି ବାହାରକୁ ଯାଉଛୁ। ଗତ ୫ ବର୍ଷ ହେବ ସେ ତାମିଲନାଡୁକୁ କାମ କରିବାକୁ ଯାଉଛନ୍ତି। ସେଠାରେ ଏକ ଚିଙ୍ଗୁଡି ଫାର୍ମରେ କାମ କରୁଛନ୍ତି। ଖାଇବା ରହିବା ସହ ମାସିକ ୧୨ ହଜାର ଟଙ୍କା ରୋଜଗାର ହେଉଛି। ତାଙ୍କ ସହିତ ଗ୍ରାମର ଅନ୍ୟ ଯୁବକମାନେ ସେଠାରେ କାମ କରୁଛନ୍ତି। ନୂଆଁଖାଇର ୭ରୁ ୮ ଦିନ ପୂର୍ବରୁ ଘରକୁ ଆସିଛନ୍ତି । ଏକ ସପ୍ତାହ ପରେ ପୁଣି କର୍ମକ୍ଷେତ୍ରକୁ ଯିବେ ବୋଲି କହିଛନ୍ତି ।

ଦାଦନ ଯିବା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ ବ୍ୟବସ୍ଥା ରହିଛି। ଶ୍ରମିକମାନେ କେଉଁଠିକୁ କାମ କରିବାକୁ ଯିବେ, ସେଠାରେ କେତେଦିନ ରହିବେ ତାହାର ବିବରଣୀ ପ୍ରଶାସନ ନିକଟରେ ରହିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା କେଉଁ ପଞ୍ଚାୟତ କାର୍ଯ୍ୟାଳୟରେ କେତେ ଜଣ ଶ୍ରମିକ ରାଜ୍ୟ ବାହାରକୁ ଯିବା ପାଇଁ ନିଜ ନାମ ପଞ୍ଜିକରଣ କରାଇଛନ୍ତି ସେ ତଥ୍ୟ ପ୍ରଶାସନ ନିକଟରେ ନାହିଁ। କାର୍ଯ୍ୟବ୍ୟସ୍ତତା ଆଳରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏହି କାର୍ଯ୍ୟ କରି ପାରୁ ନଥିବା ଆଳ ଦେଖାଉଛନ୍ତି। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା କୁହନ୍ତି, ଅନ୍ୟ ରାଜ୍ୟକୁ ଦାଦନ ଯିବାକୁ ଆଗ୍ରହୀ ଶ୍ରମିକମାନେ ସ୍ୱେଚ୍ଛାକୃତଭାବେ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ। କିନ୍ତୁ ଆମ ନିକଟରେ ସେମିତି କୌଣସି ତଥ୍ୟ କିମ୍ବା ଆଗୁଆ ସୂଚନା ନଥିବା ଶ୍ରମ ଅଧିକାରୀ କହିଛନ୍ତି।

## ସିଏନ୍‌ଆଇ ଚର୍ଚ୍ଚରେ ନୂଆଁଖାଇ ଭେଟ୍‌ଘାଟ୍



ସିଏନ୍‌ଆଇ ଚର୍ଚ୍ଚରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍‌ରେ ଆୟୋଜକ ଓ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୫।୯**

ବରଗଡ଼ ସିଏନ୍‌ଆଇ ଚର୍ଚ୍ଚରେ ପ୍ରାରମ୍ଭିକ ଉପାସନା ପରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଧାର୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସପତ୍ନୀକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ନୂଆଁଖାଇ ଭେଟ୍‌ଘାଟ୍ ଭାଇଚାରାର ପ୍ରତିଫଳନ ଏବଂ ସାଂସ୍କୃତିକ ମିଳନର ପର୍ବ ବୋଲି କହିଥିଲେ। ସିଏନ୍‌ଆଇ ଚର୍ଚ୍ଚର ସମ୍ପାଦକ ଚନ୍ଦ୍ରଶେଖର ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁମୁଦିନୀ ବାଗ, ସୁବାଶିନୀ ନନ୍ଦ, ଅପର୍ଣ୍ଣା କୁମ୍ଭାର, ଜ୍ୟୋସ୍ନା ଦୀପ୍, ବିଶାଲ ବାଗ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଚାର୍ଯ୍ୟ ଅନୁସରଣ ତାଣ୍ଡି, ଅମୂଲ୍ୟ ସୁନାଙ୍କ ଆଶିଷ ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

## ଜାତୀୟ ସ୍ତରରେ ସମ୍ମାନିତ ହେଲା ମହାନଦୀ ନେତ୍ର ଚିକିତ୍ସାଳୟ




ଅତିଥିଙ୍କ ଠାରୁ ଲେପ୍ରାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚେକ୍ ଓ ମୋମେଣ୍ଟୋ ଗ୍ରହଣ କରୁଛନ୍ତି ।

**ସୋନପୁର,୫।୯(ନି.ପ୍ର.)**

ଦେଶର ଅଗ୍ରଣୀ ଚକ୍ଷୁ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ସଂସ୍ଥା ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ନେଇ ବାର୍ଷିକ ଉତ୍ସବ ଭିଜନ-୨୦୨୦ ଆୟୋଜିତ ହୋଇଯାଇଛି। ପଶ୍ଚିମବଙ୍ଗର ସିଲିଗୁଡିସ୍ଥିତ ଗ୍ରେଟର ଲାୟନ୍ସ ବିଦ୍ୟାସାଗର ଓସ୍ୱାଲ ଚକ୍ଷୁ ଚିକିତ୍ସାଳୟରେ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜାତୀୟସ୍ତରରେ ଆୟୋଜିତ ଏହି ସମ୍ମିଳନୀରେ ୫୦୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ଚକ୍ଷୁ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ସଂସ୍ଥା ଯୋଗଦାନ କରିଥିଲେ। ଉତ୍ତମ ମାନର ଚକ୍ଷୁ ସେବା ପ୍ରଦାନ, ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଚକ୍ଷୁ ରୋଗ ଚିହ୍ନଟ ଓ ନିରାକରଣ ସହିତ ଚକ୍ଷୁ ସେବା ପ୍ରଦାନକାରୀ ସଂସ୍ଥାମାନେ କିପରି ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉନ୍ନତମାନର ଚକ୍ଷୁ ସେବା ପ୍ରଦାନ ପାଇଁ ବୀରମହାରାଜପୁର ବ୍ଲକ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟକୁ ସମ୍ମାନିତ କରାଯାଇଛି। ଚକ୍ଷୁସେବାରେ ଶ୍ରେଷ୍ଠତା ପ୍ରତିପାଦନ ସକାଶେ ୨୦୨୨ ମସିହା ପାଇଁ ଏହି ଚିକିତ୍ସାଳୟକୁ ଜି ଡି ଅଗ୍ରୱାଲ ଗୋମାବାଇ ନେତ୍ରାଳୟ ଆୱାର୍ଡ ପ୍ରଦାନ କରାଯାଇଛି। ମହାନଦୀ ନେତ୍ର ଚିକିତ୍ସାଳୟକୁ ମୋମେଣ୍ଟୋ ଓ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ମହାନଦୀ ନେତ୍ର ଚିକିତ୍ସାଳୟ ୨୦୦୫ରେ ପ୍ରତିଷ୍ଠା ହୋଇଥିବା ବେଳେ ଡାକ୍ତରଖାନା ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧ଲକ୍ଷ ୩୦ହଜାର ସଫଳ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଛି। ଅନ୍ଧତ୍ୱ ଦୂରୀକରଣ କ୍ଷେତ୍ରରେ ସଫଳ ପ୍ରୟାସ ପାଇଁ ଚିକିତ୍ସାଳୟକୁ ଜାତୀୟ ସ୍ତରରେ ସମ୍ମାନ ମିଳିଛି। କାର୍ଯ୍ୟକ୍ରମରେ ଭିଜନ - ୨୦୦୦ର ସଭପତି ଆର ଏନ ମହାନ୍ତି, ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ଫଣିନ୍ଦ୍ର ବାବୁ ବୁକେଲା, ଲାୟନ୍ସର ୩ୟ ଉପସଭାପତି ଲାୟନ ଏ.ବି.ସିଂହ ଓ ଲାୟନ୍ସର ରାଷ୍ଟ୍ର ମୁଖ୍ୟ ଏ ମଦନଗୋପାଳ ଉପସ୍ଥିତ ଥିଲେ। ଲେପ୍ରା ଅନୁଷ୍ଠାନ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାଏକ ଏହି ସମ୍ମାନ ଗ୍ରହଣ କରିଥିବା ବେଳେ ମହାନଦୀ ନେତ୍ର ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଦେବେନ୍ଦ୍ର କୁମାର ସାହୁ ଓ କାର୍ଯ୍ୟକ୍ରମ ପରିଚାଳକ ଅଶ୍ୱିନୀ କୁମାର ଶତପଥୀଙ୍କ ସହ ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ ।

## ନୂଆଁଖାଇ ଭେଟ୍‌ଘାଟ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବରଗଡ ଅଫିସ, ୫।୯**

ବରଗଡ ଜିଲା ଗାଇସିଲେଟ ବ୍ଲକ ଅଧୀନ ଜଗଲପାଟ ଗ୍ରାମପଞ୍ଚାୟତର ଭାଙ୍ଗମୁଣ୍ଡା ଗ୍ରାମରେ କୋସଲ ରାଏଜ ମୁକ୍ତିମୋର୍ଚ୍ଚା ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ନାଚ, ଗୀତ, କବିତା ସହ ସମ୍ବଲପୁରୀ ଡ୍ରାମା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ଦୁର୍ଗା ପ୍ରସାଦ ତ୍ରିବେଦୀ, ସମାଜସେବୀ ରତିକାନ୍ତ ପଧାନ, ସରପଞ୍ଚ ବନମାଳି ନାଏକ, କ୍ରାନ୍ତିକବି ହରିଲାଲ ସାହୁ, ରଙ୍କମଣି ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗାଇସିଲେଟ ଥାନାଧିକାରୀ ବିରବର ଭଗତ, ଚାଷୀନେତା ରମେଶ ମହାପାତ୍ର ମୁଖ୍ୟବକ୍ତା, ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ କୁମାର ସାହୁ, ଚାଷୀ ନେତା ଅରବିନ୍ଦ ପଣ୍ଡା, ଏମ୍‌ପି ପ୍ରତିନିଧି ପ୍ରବୀଣ କୁମାର ପାଣିଗ୍ରାହୀ, ମଞ୍ଚ କଳାକାର ସରୋଜ ସାହୁ, ଯୁବ ସମାଜସେବୀ ରଞ୍ଜନ କୁମାର ପଣ୍ଡା, ଜଗଲପାଟ ସରପଞ୍ଚ ରାଧାକାନ୍ତ ବୁଡେକ, ସମିତି ସଭ୍ୟ ଜିନ୍ଦା ଭୋଇ, ସମାଜସେବୀ ସଞ୍ଜୀବ କୁମାର ପଣ୍ଡା, କୋସଲ ସଂଗ୍ରାମୀ ଅର୍ପଣ ଦାଶ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗାଁ ଗଉନ୍ତିଆ ବିଦ୍ୟାଧର ସାହୁ, ଗାଁ କମିଟି ସଭାପତି ବିପିନ ସାହୁ, ୱାର୍ଡସଭ୍ୟ ଭାଗରଥୀ ଦୀପ, ପଦ୍ମନ ସାହୁ, ଘନ ସାହୁ, ସୁବାଷ ସାହୁ, ଗଜପତି ସାହୁ, ଛବିଲାଲ ଦୀପ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ନାଟ୍ୟ ନିର୍ଦ୍ଦେଶକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବରଗଡ଼ ଅଫିସ, ୫।୯**

ଭଗବାନ ମିଶ୍ର ସ୍ମୃତି ସମିତି ତରଫରୁ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ଶିକ୍ଷାବିତ୍ ତଥା ଜାତୀୟ ପୁରସ୍କାରପ୍ରାପ୍ତ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନଙ୍କ ପ୍ରତିମୂର୍ତ୍ତି ସୋମବାର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ଶାଖା ପାଖରେ ଉନ୍ମୋଚିତ ହୋଇଛି। ଏଥିରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ ଏବଂ ପୋର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସମିତିର ଅଧକ୍ଷ ଅମରେନ୍ଦ୍ର ନାରାୟଣ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, ସନ୍ତୋଷ ପଣ୍ଡା, କଳାକାର ଜଗଦାନନ୍ଦ ମିଶ୍ର, କମଳ ଯୋଶୀ, ବାଳକୃଷ୍ଣ ମିଶ୍ର, ନିଳାମ୍ବର ମେହେର, ରାମ ଠାକୁର, କାମିନୀ ଦାଶ, ମନୋରମା ଷଡଙ୍ଗୀ ପ୍ରମୁଖ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ନାଟ୍ୟ ନିର୍ଦ୍ଦେଶକଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଉଛି।

## ବ୍ରାହ୍ମଣ ସମାଜର ଇନ୍ଦ୍ରପୂଜା

**ବରପାଲି,୫।୯(ଡି.ଏନ୍.ଏ.):** ବରପାଲି ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ଆନୁକୁଲ୍ୟରେ ସୋମବାର ବରପାଲି ଜଗନ୍ନାଥ ମନ୍ଦିର ପରିସରରେ ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହାଇଥିଲା। ପିନାକୀ ଦାଶ, ହଳଧର ପାଣିଗ୍ରାହୀ, ଶରତ ଚନ୍ଦ୍ର ପାଣିଗ୍ରାହୀ, ବିଜୟ ମିଶ୍ର, ହେମନ୍ତ ମିଶ୍ର, ବାଳକୃଷ୍ଣ ପୂଝାରୀ, ନରେନ୍ଦ୍ର ହୋତା, ରବିନ୍ଦ୍ର ଦାଶ, ବୀର ଦାଶ ପ୍ରମୁଖ ଇନ୍ଦ୍ରପୂଜା ସମୟରେ ଉପସ୍ଥିତ ଥିଲେ।

## ଅକ୍ଟୋବର ୨ରୁ ଅତାବିରା ତିହାର ଲୋକ ମହୋତ୍ସବ

**ଜାମଟିକ୍ରା, ୫।୯(ଡି.ଏନ.ଏ.)**

ଆସନ୍ତା ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଅକ୍ଟୋବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ଲୋକ ମହୋତ୍ସବ ତିହାର ଅନୁଷ୍ଠିତ ହେବ। ଏ ନେଇ ସୋମବାର ସ୍ଥାନୀୟ ଅଗ୍ରସେନ ଭବନ ଠାରେ ପୂର୍ବତନ ବିଧାୟକ ତଥା ଲୋକ ମହୋତ୍ସବ ତିହାର କମିଟି ଅଧକ୍ଷ ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୁରେନ୍ଦ୍ର ନାୟକ, ଉନ୍ନିକ୍ରିଷ୍ଣା ନାୟାର, ଅରବିନ୍ଦ ପାତ୍ର, ଦୀପକ ରାୟ, ପପୁନ ପଧାନ, ଅଶୋକ ପଧାନ, ରବିନାରାୟଣ ପଣ୍ଡା, ମନୋଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମିନାର ବନ୍ଧ ପଡିଆରେ ଏହି ମହୋତ୍ସବ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ୧୧ରେ ଏଏପିର ଜିଲା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଦଳର ନେତୃବୃନ୍ଦ।

**ବରଗଡ ଅଫିସ,୫।୯**

ବରଗଡ଼ ସାମ୍ବାଦିକ ଭବନରେ ସୋମବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଦଳର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଥିଲେ, ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନରୁ ବାହାରିଥିବା ଆମ୍ ଆଦ୍‌ମୀ ପାର୍ଟି ପ୍ରଥମେ ଦିଲ୍ଲୀ ଓ ପରେ ପଞ୍ଜାବରେ ସରକାର ଗଠନ କରିବା ପରେ ସାରା ଦେଶରେ ଲୋକପ୍ରିୟତା ବୃଦ୍ଧି ପାଉଛି। ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ରୋଜଗାରର ରାଜନୀତିକୁ ବଢେଇବା ପାଇଁ ପାର୍ଟି ଏବେ ସଙ୍ଗଠନକୁ ମଜବୁତ କରୁଛି। ଆସନ୍ତା ୧୧ତାରିଖରେ ବରଗଡ ବିଜୁ ପଟ୍ଟନାୟକ ଟାଉନ ହଲରେ ଦଳର ଜିଲା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ଦଳର ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଝାରବନ୍ଧ ବ୍ଲକର ବଲ୍ମୀକି ନାଏକ, ଅତାବିରାରୁ ଜୟକିଶନ ଛୁରିଆ, ଯଦୁମଣି ପ୍ରଧାନ, ପବିତ୍ର ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ସମାଜ ଗଠନର ସ୍ଥପତି

**ବରଗଡ଼ ଅଫିସ/ପଦ୍ମପୁର/ଜାମଟିକ୍ରା/ପାଇକମାଳ, ୫।୯**



ଗୁରୁଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ରୀତା ସାହୁ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବରଗଡ଼ ଜିଲା ବିଜେପୁର ଏସ୍‌ଏଚ୍‌ସି ଭବନରେ ବ୍ଲକସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ମୋତିରାମ ସାହୁ, ବିଇଓ ସୁରେଶ କୁମାର ରାଉତରାୟ, ଶିକ୍ଷକ ନେତା ଭୋଜେଶ୍ୱର ଠାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସଂଘ ସଭାପତି ଭାଗବତ ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ପୁରୁଣା ପେନଶନ ଲାଗୁ ପାଇଁ ମନ୍ତ୍ରୀଙ୍କୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମରାଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଡ଼ଃ ଜୟଦେବ ସାହୁଙ୍କ ଅଧକ୍ଷତାରେ ଗୁରୁ ଦିବସ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚଞ୍ଚଳ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଳା ଶିକ୍ଷକ ଦୁଃଖୀ ସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଣା ପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଗୁରୁମା, ଗୁରୁଜୀଙ୍କ ପଦଧୌତ କରି ଗୁରୁ ପୂଜନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଗୁରୁମା ମିନା ପଣ୍ଡା ଓ ନୃତ୍ୟ ନିର୍ଦ୍ଦେଶକ ଗୁରୁ ରାଜେଶ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମପୁର ଉପଖଣ୍ଡ ଜମଲା ଡିଗ୍ରୀ କଲେଜରେ ଅଧକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳନ ହୋଇଥିଲା। ଅଧାପକ ଡ. ଖ୍ୟାତିମୟ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅଧାପକ ଦୁର୍ଗାଶିଷ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ମିନତୀ ଦେବତା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅଧାପକ ଆଶୀଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଗୁରୁଦିବସ ପାଳିତ ହୋଇଛି । ଏବିଇଓ ଶିବ ପ୍ରସାଦ ଯୋଶୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଅନିଲ କୁମାର କାଳିଆ, ବିଶ୍ୱନାଥ ସାହୁ, ସୁବାସ ଚନ୍ଦ୍ର ସାହୁ, ପୂର୍ଣ୍ଣୀରାମ ସା, ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରଗ ସହର ଉପକଣ୍ଠ ଅମ୍ବାପାଲି ସ୍ଥିତ ସମଲେଶ୍ୱରୀ ସରକାରୀ ହାଇସ୍କୁଲରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଗୁରୁଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିଲ କୁମାର ସାବତ ଅଧକ୍ଷତା କରିଥିଲେ। ଅତାବିରା ଶିକ୍ଷକ ଭବନଠାରେ ସୋମବାର ବ୍ଲକସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରାଥମିକ ଶିକ୍ଷା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆୟୋଜିତ ସଭାରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ଅଧାପକ ପ୍ରମୋଦ ଚନ୍ଦ୍ର ଦୋରା ମୁଖ୍ୟ ବକ୍ତା, ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଓ ତପନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ପ୍ରକାଶ ଚନ୍ଦ୍ର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ ଜିଲା ବରପାଲି ଗଙ୍ଗାଧର କଲ୍ୟାଣମଣ୍ଡପ ମଣ୍ଡପଠାରେ ବରପାଲି ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୋମବାର ବ୍ଲକସ୍ତରୀୟ ଗୁରୁ ଦିବସ ସମାରୋହ ସଂଘ ସଭପତି ଚନ୍ଦ୍ରଶେଖର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ତତନ୍ତ, ବୟନ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବରପାଲି ନଗରପାଳ ଦିନେଶ ଗହୀର, ବିଇଓ ମୁକୁନ୍ଦ ମାହାର ଓ ଅବସରପ୍ରାପ୍ତ ଏବିଇଓ ଦିଲୀପ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂଜନ ଉତ୍ସବ

ସମ୍ବଲପୁର (ବ୍ୟୁରୋ) ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂଜନ ଉତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦିଲିପ କୁମାର ପାଢ଼ୀ ଓ ପରିଚାଳନା ସମିତି ସଭାପତି ଡ. ଉତ୍ତମ କୁମାର ପ୍ରଧାନ ଗୁରୁଦିବସ ବିଷୟରେ କହିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ରାଣୀ ପଣ୍ଡା ସଂଯୋଜନା ଓ ସସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଯୋଗଦେଇ ଗୁରୁଦିବସ ପାଳନ କରିଥିଲେ।

## ସଂକ୍ଷେପରେ

### କୁଚିଣ୍ଡା ଏନ୍‌ଏସି ପକ୍ଷରୁ ବଡ଼ାଖାନା କାର୍ଯ୍ୟକ୍ରମ

କୁଚିଣ୍ଡା,୫।୯(ଡି.ଏନ.ଏ.): କୁଚିଣ୍ଡା ଏନ୍‌ଏସି ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ରବିବାର ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଉପଜିଲାପାଳ ତଥା ଏନ୍‌ଏସି ନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ, ତହସିଲଦାର ପ୍ରତିମା ପିଙ୍ଗ, ଉପାଧକ୍ଷା ଦେବଜାନୀ କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ପରିମଳ କର୍ମଚାରୀଙ୍କ ସହ ପୌର କର୍ମଚାରୀଙ୍କ କିଭଳି ସୁସମ୍ପର୍କ ରକ୍ଷା ହୋଇପାରିବ ସେଥି ନିମନ୍ତେ ସରକାର ଏହି କାର୍ଯ୍ୟକ୍ରମ ଆୟୋଜିତ କରିଥିବା ସୂଚନା ଦେଇଥିଲେ। ପରେ ଅତିଥିଗଣ ପରିମଳ କର୍ମଚାରୀଙ୍କୁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାର ବ୍ୟଞ୍ଜନ ପରିବେଷଣ କରିଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

କୁଚିଣ୍ଡା,୫।୯(ଡି.ଏନ.ଏ.): କୁଚିଣ୍ଡା ବ୍ଲକର କୁଟୁରାଚୁଆଁଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ବିଡିଓ ନିରଞ୍ଜନ ସା,ଏବିଡିଓ ସହଦେବ ନନ୍ଦ, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ନାୟକ, କୁଚିଣ୍ଡା ଆଇଆଇସି ଶୋଭାକର ସେଠଙ୍କ ସମେତ ବିଦ୍ୟୁତ୍, ପାନୀୟ ଜଳ, କୃଷି, ଶିକ୍ଷା ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କୁଟୁରାଚୁଆଁ, ହାଡ଼ିପାଲି, କୁଳେଇଗଡ, ଖଣ୍ଡୋକଟା, ବକ୍ସମା, ଚନ୍ଦନୀମାଲ ପଞ୍ଚାୟତର ମୋଟ ୫୨ ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୪୬ ଗୋଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ରହିଥିଲା। ୧୨ ଗୋଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା। ଏହି ଅବସରରେ ୨ଜଣଙ୍କୁ ମଧୁବାବୁ ପେନ୍‌ସନ୍ ପ୍ରଦାନ କରାଯାଇଥିଲା। ବ୍ଲକ କାର୍ଯାଳୟର ତରୁଣ ବିଶ୍ୱାଳ, ବିପିଏମ୍ ଟିପେନସନ ବେହେରା, ପିଇଓ ଆରତୀ ସାହୁ, ଦୀପକ ପଟେଲ, ଉଦୟଭାନୁ ପଟେଲ, ଜୟକୃଷ୍ଣ ବଲୁଆ, ହିମାଂଶୁ ପଟେଲ ପ୍ରମୁଖ ଏଥିରେ ସହାୟତା କରିଥିଲେ।

### ବାଳିକା ହାଇସ୍କୁଲରେ ଗୁରୁଦିବସ

କୁଚିଣ୍ଡା, ୫।୯(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅର୍ଡାବାହଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଗୁରୁଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ଦାସ ମୁଖ୍ୟଅତିଥି, ସହକାରୀ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ବିରେନ୍ଦ୍ର କୁମାର ନାଏକ, ଶିକ୍ଷୟିତ୍ରୀ ଶିବାନୀ ମରେଇ, ଝିଲ୍ଲି ପ୍ରଧାନ, ସୁଷମା ପାଣି, ବିଣାରାଣୀ ପଟ୍ଟନାୟକ, ଜେନାମଣି ନାଏକ, ଗୀତାରାଣୀ ମାଝି, ପିଇଟି ଚନ୍ଦନ କୁମାର ମାକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତର ପ୍ରଥମ ଉପରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିବସକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ରାଧାକ୍ରିଷ୍ଣନ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିଗଣ କହିଥିଲେ। ଛାତ୍ରୀ ତିଲୋତ୍ତମା ବାଘ, ପୁନମ ପ୍ରଧାନ ଓ ଧରିତ୍ରୀ କାଲୋ ଗୁରୁ ବନ୍ଦନା କରିଥିବାବେଳେ ଛାତ୍ରୀ ଶୁଭଶ୍ରୀ ସାହୁ, ମନିଷା କଣ୍ଟା, ଈଶା ଡନସନା, ଉର୍ମିଳା ଏକ୍କା ଓ ଅଲିଭା ପ୍ରମୁଖ ଗୁରୁ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶିବାନୀ ମରେଇ ଧନ୍ୟବାଦ ଦେଇଥିଲେ।

# ୧୧୬୩ ଚାଷୀ ୭ ଶହ ଏକରରେ କରିବେ ଚାଷ

ସମ୍ବଲପୁର, ୫।୯(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ସବ୍‌ଡିଭିଜନ ଅନ୍ତର୍ଗତ ଲଙ୍କାଚାଷୀଙ୍କୁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଦିଆଯିବ। ପ୍ରଶାସନର ସମସ୍ତ ସୁବିଧା ସୁଯୋଗକୁ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ଥାନୀୟ ମା' ମେଟାକାନୀ ନାମକ ଏକ ଘରୋଇ ସଂସ୍ଥାକୁ ନିୟୋଜିତ କରାଯାଇଛି। ଚାଷୀଙ୍କୁ ଲଙ୍କା ଚାରା ଦେବାଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ। ଚାଷୀମାନଙ୍କ ଉତ୍ପାଦିତ ଫସଲ ମଧ୍ୟ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ଦ୍ୱାରା କିଣା ହେବ। ଚାଷୀମାନେ କିପରି ଉଚିତ ଦରରେ ଓ ସୁବିଧାରେ ଉତ୍ପାଦିତ ଫସଲ ବିକ୍ରି କରିପାରିବେ ସେ ନେଇ ଜିଲାପାଳ ଅନନ୍ୟା ଦାସ ଏକ ବୈଠକ କରି ବିଭାଗୀୟ ଅଧିକାରୀମାନଙ୍କୁ ସହଯୋଗ କରିବାକୁ କହିଛନ୍ତି।

ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବିଗତ ବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଜମିରେ ଲଙ୍କା ଚାଷ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ଚାଷୀମାନଙ୍କୁ ସଚେତନ କରିବା ସହ ଗ୍ରାମଗୁଡିକରେ ବୈଠକ ହୋଇଥିଲା। ଚାଷୀମାନେ ମଧ୍ୟ ଉତ୍ସାହିତ ଅଛନ୍ତି। ଲଙ୍କାଚାଷ ପାଇଁ ଚାଷୀମାନଙ୍କୁ ଚାରା, କୀଟନାଶକ, ଜୈବିକ ସାର



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ।

### ଲଙ୍କା ଚାଷୀଙ୍କୁ ପ୍ରଶାସନର ପ୍ରୋତ୍ସାହନ

ପ୍ରଦାନ କରାଯିବ। ଘରୋଇ ସଂସ୍ଥା ଉନ୍ନତମାନର ଲଙ୍କା ଚାରା କରି ୪୦ଦିନ ପରେ ଚାଷୀମାନଙ୍କୁ ପ୍ରଦାନ କରିବେ। ବିଲରେ କିଭଳି ଚାରା ରୋପଣ କରିବେ ସେ ନେଇ ବିଶେଷଜ୍ଞମାନେ ତାଲିମ ଦେବେ। ଏ ନେଇ ମହାରାଷ୍ଟ୍ରର ସଚିନ ପଲକର ନାମର ଜଣେ ଲଙ୍କା ଚାଷୀ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି। ଫସଲରେ କିଭଳି ରାସାୟନିକ ସାର କମ୍ ବ୍ୟବହାର କରାଯିବ ସେ ନେଇ ଚାଷୀମାନଙ୍କୁ ପରାମର୍ଶ ଦିଆଯିବ। ଜିଲା ପ୍ରଶାସନର ଆର୍‌ଏମ୍‌ସି, ଓଏଲ୍‌ଏମ୍, ଓର୍‌ମାସ୍, କୁଚିଣ୍ଡା ଆଇଟିଡିଏ ବିଭାଗ ଚାଷୀମାନଙ୍କ ସହ ସିଧାସଳଖ ଯୋଡି ରହିବା ସହ ସମବାୟ ବିଭାଗ ଋଣ ଦେବାରେ ସହଯୋଗ କରିବେ। ଏହିସବୁ ସଂସ୍ଥା ପର୍ଯ୍ୟାୟକ୍ରମେ ଚାଷକାର୍ଯ୍ୟ ବୁଲି ଦେଖିବା ସହ ଚାଷୀଙ୍କ ଯାହା ସମସ୍ୟା ଥିବ ସମାଧାନ କରିବେ। ଫସଲ ଅମଳ ହେବା ପରେ ବଜାର ସୁବିଧା ମଧ୍ୟ ଦିଆଯିବ। କମ ପରିମାଣ ରାସାୟନିକ ସାର ବ୍ୟବହାର କଲେ ଲଙ୍କାର ମାନ ପୂର୍ବ ଅପେକ୍ଷା ଉନ୍ନତ ହେବ ଓ ବଜାରରେ ଚାହିଦା ବୃଦ୍ଧି ପାଇବ। ଚଳିତବର୍ଷ ୭ ଶହ ଏକର ଜମିରେ ଚାଷ କରିବା ଲକ୍ଷ୍ୟ ରହିଛି। ଏଥିରେ ୧୧୬୩ ଜଣ ଚାଷୀ ଉପକୃତ ହେବ। ସେମାନେ ମଧ୍ୟ ଇଚ୍ଛା ପ୍ରକାଶ କରି ଆବେଦନ କରିଛନ୍ତି। ଧାର୍ଯ୍ୟ ସମୟ ଅନୁସାରେ ଫସଲ ହେବା ନେଇ ସମସ୍ତ ପ୍ରସ୍ତୁତି କରାଯାଇଛି। ୧୦ ହଜାର କୁଇଣ୍ଟାଲ ଲଙ୍କା ଉତ୍ପାଦନ ହେବ ବୋଲି ଲକ୍ଷ୍ୟ ରହିଛି। ପୂର୍ବ ଅପେକ୍ଷା ଉତ୍ପାଦନ ବୃଦ୍ଧି ହେଲେ ଚାଷୀମାନେ ଅଧିକ ଲାଭ ପାଇପାରିବେ। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଜୈବିକ ସାର ବ୍ୟବହାର କରି ଚାଷ କଲେ ଚାଷୀଙ୍କ ଖର୍ଚ୍ଚକାଟ ମଧ୍ୟ ହେବ। ଏପଟେ ଅଧିକ ଅମଳ ସହ ଉନ୍ନତମାନର ଲଙ୍କା ଉତ୍ପାଦନ କରି ଅଧିକ ଦରରେ ବିକ୍ରି କରିପାରିବ। ଅନ୍ୟପଟେ କମ୍ ଖର୍ଚ୍ଚ କରି ସଞ୍ଚୟ ହେବ। ତେଣୁ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବା ସହ ଆର୍ଥିକ, ସାମାଜିକ ସ୍ଥିତିରେ ସୁଧାର ଆଣିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କୁଚିଣ୍ଡା ଲଙ୍କାକୁ ଜିଆଇ ଟ୍ୟାଗ ପାଇଁ ଆବେଦନ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ନମୁନା ପଠାଯିବା ସହ ଏହି ପ୍ରକ୍ରିୟା ଜାରି ରହିଛି । ଚାଷୀମାନଙ୍କ ଉତ୍ପାଦିତ ଲଙ୍କାକୁ ଗୁଣ୍ଡ କରି ବିକ୍ରି କରିବା ପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ କୁଚିଣ୍ଡାରେ ପ୍ରୋସେସର ୟୁନିଟ କରାଯାଇଛି, ଯାହା ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି।

## ପୋଖରୀ ଖୋଳାରେ ଅନିୟମିତତା ଅଭିଯୋଗ

ସମ୍ବଲପୁର,୫।୯(ବ୍ୟୁରୋ)

ଜମନକିରା ବ୍ଲକ ଅର୍ଜୁନପାଲି ଗ୍ରାମର ଚାଷୀ ଦୁଷ୍ମନ୍ତ ଖଡିଆ ପୋଖରୀ ଖୋଳାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ କ୍ରମେ ମୃତ୍ତିକା ସଂରକ୍ଷଣ ବିଭାଗରୁ ପୋଖରୀ ଖୋଳିବା ପାଇଁ ଅନୁମୋଦନ ହୋଇଥିଲା। ଏଥିପାଇଁ ସେ ତାଙ୍କ ଜମି ବିବରଣୀ ଓ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ହେଲେ ପୋଖରୀ ଖୋଳା ଗଲା ନାହିଁ। କିଛିଦିନ ପରେ ତାଙ୍କ ନାମରେ ଅନୁମୋଦନ ହୋଇଥିବା ପ୍ରକଳ୍ପରୁ ୯୬ହଜାର ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଜେଇ ବିଭୂତି ମିଶ୍ର କହିଛନ୍ତି, କାମ କରାଯାଇ ଟଙ୍କା ଉଠାଯାଇଛି। କୌଣସି ଅନିୟମିୟତା କରାଯାଇ ନାହିଁ।

## ଦୁର୍ଘଟଣା ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା ଅଫିସ୍,୫।୯

ଝାରସୁଗୁଡା ଜିଲା ବେଲପାହାଡ଼ରୁ କନକତୋରା ୪୯ନଂ. ଜାତୀୟ ରାଜପଥରେ ବେପାରୁଆ ଦ୍ରୁତ ଗାଡିଚାଳନା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେବାରେ ଲାଗିଛି। ଏହି ରାସ୍ତା ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଅବସରରେ ଲଖନପୁରର ସ୍ୱେଚ୍ଛାସେବୀ ଯୁବକ ପୁରୁଷୋତ୍ତମ ଜୟଶ୍ୱାଲଙ୍କ ନେତୃତ୍ୱରେ ରବିବାର ଦୁର୍ଯ୍ୟୋ କିଷାନ, ଚନ୍ଦ୍ର ମେହେର, କେଦାର ବାରିକ, ପୁରନ୍ଦର ଭୋଇ ପ୍ରମୁଖ ଯୁବକମାନେ ବେହେରାଗୁଡା ଛକରେ ବ୍ୟାନର, ପୋଷ୍ଟର ଓ ଫ୍ଲାଗ୍‌କାର୍ଡ ଧରି ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କୁ ଦୁର୍ଘଟଣା ରୋକିବା ଦିଗରେ ସଚେତନତା କରାଇଥିଲେ। ଏଥିମଧ୍ୟରେ ବାଇକ୍ ଚଳାଇବାବେଳେ ହେଲ୍‌ମେଟ୍ ପିନ୍ଧିବା, ନିଶା ସେବନକରି ଗାଡି ଚଳାଇବା ନାହିଁ। ଦ୍ରୁତଗତିରେ ଗାଡି ଚଳାଇବା ନାହିଁ। ଦ୍ରୁତଗତି ମହାବିପତି, ହେଲ୍‌ମେଟ୍ ପିନ୍ଧିବା ନିଜ ଜୀବନକୁ ବଞ୍ଚାଇବା ଆଦି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରାଇଥିଲେ।

## ଜିଲାପାଳଙ୍କ ମହାସମାଧାନ ଶିବିର

ଝାରସୁଗୁଡ଼ା ଅଫିସ,୫।୯

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୮ ଅଭିଯୋଗ ଶୁଣାଣି ହୋଇଛି। ଏଥିମଧ୍ୟରେ ୯ଟି ସାମୂହିକ ଓ ୩୯ଟି ବ୍ୟକ୍ତିଗତ ରହିଥିଲା। ଝାରସୁଗୁଡ଼ା ପୌର ପରିଷଦର ୫ନଂ ୱାର୍ଡ ବବୁଆବଗିଚା ଅଞ୍ଚଳରେ ନର୍ଦ୍ଦମା ସଫା, ଅଲଟ୍ରାଟେକ କାରଖାନା ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ, ବେଦାନ୍ତ ଦ୍ୱାରା ଭାଗିପାଲି ଗ୍ରାମର ବିସ୍ଥାପିତ ସମସ୍ୟା, ଭୁର୍କାମୁଣ୍ଡା ଗ୍ରାମକୁ ଅଧିଗ୍ରହଣ, ପୁରୁଣାବସ୍ତିରେ ପୋଖରୀ ପୁନରୁଦ୍ଧାର, ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ପ୍ରଭାବିତ ଖପରାପାଲି ଗ୍ରାମର ୨୪୦ଜଣଙ୍କୁ ଥଇଥାନ, ତେଲେନପାଲି ଶାସ୍ତ୍ରୀ ନଗରଠାରେ ଘରବାରି ପାଇଁ ସ୍ଥାୟୀ ଜମା ପଟ୍ଟା ପ୍ରଦାନ ଆଦି ୯ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ସେହିପରି ଜମିଜମା ବିବାଦ, ଚିକିତ୍ସା ସକାଶେ ଆର୍ଥିକ ସହାୟତା, ପଲସଦା ସ୍କୁଲ କାମ ବାବଦକୁ ବକେୟା ପ୍ରାପ୍ୟ, କଳାକାର ଭତ୍ତା, ମ୍ୟୁନିସିପାଲିଟି ଦୋକାନ ଗୃହ ଯୋଗାଣ, ବାସହୀନଙ୍କୁ କଲୋନୀ ଗୃହ ଯୋଗାଣ ଆଦି ୩୯ଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ ପାଣ୍ଠିରୁ ୫ଜଣଙ୍କୁ ୨୨ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିଲା। ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀ ଯଥା ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ସାମଲ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଜିଲାପାଳ ସାମଲ, ଏସ୍‌ପି ରାହୁଲ ଜୈନ, ଡିଏଫ୍‌ଓ ଲଳିତ କୁମାର ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିବାହୀ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ଓ ଗୀତିକା ନାଏକ, ଆସିଷ୍ଟାଣ୍ଟ କଲେକ୍ଟର କିଶୋର ସାହୁ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

## କୁଟୁରାଚୁଆଁ କଲେଜ ପ୍ରତିଷ୍ଠା ଦିବସ




ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କୁଚିଣ୍ଡା,୫।୯(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ ଦୁଇ ଜୁନିଅର କଲେଜରେ ସୋମବାର ୩୨ତମ ପ୍ରତିଷ୍ଠା ଦିବସ ଓ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ ଜମିଦାତା କାର୍ତ୍ତିକେଶ୍ୱର ମହାପାତ୍ର ପତାକା ଉତ୍ତୋଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ଶିକ୍ଷା ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତି ପିଲାମାନେ ରୁଚି ରଖିଲେ ମା'ମାଟିର ମହତ୍ତ୍ୱ ବଢ଼ିବ ବୋଲି କହିଥିଲେ। ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜମିଦାତା କାର୍ତ୍ତିକେଶ୍ୱର ପୂଜାରୀ, ପୂର୍ବତନ ପ୍ରତିଷ୍ଠାତା ସମ୍ପାଦକ ହିମାଂଶୁ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନଙ୍କୁ କଲେଜ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅଧାପିକା ଭାବନା ପାଣ୍ଡେ ବିବରଣୀ ପାଠ ଓ ଅଧାପକ ସତ୍ୟନାରାୟଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ଧନ୍ୟବାଦ ଦେଇଥିଲେ।

## ଗୁରୁଶିଷ୍ୟ ପରମ୍ପରା ରହିଛି ରହିଥିବ

ସମ୍ବଲପୁର,୫।୯(ବ୍ୟୁରୋ)

ଗୁରୁଶିଷ୍ୟ ପରମ୍ପରା କେଉଁ ପ୍ରାଚୀନ କାଳରୁ ରହିଛି ଓ ଭବିଷ୍ୟତରେ ରହିବ। ଆଧୁନିକତା ଏହି ପରମ୍ପରାକୁ କ୍ଷୁଣ୍ଣ କରିପାରିବ ନାହିଁ। ସୋମବାର ସନ୍ଧ୍ୟାରେ ସାମ୍ବାଦିକ ଭବନଠାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍‌ମାନେ ଏହା କହିଛନ୍ତି। ଗଙ୍ଗାଧର ମେହେର କଲେଜର ୧୯୭୪-୭୬ ବ୍ୟାଚ ଇଂରାଜୀ ବିଭାଗ ଛାତ୍ର ପ୍ରତିନିଧି ବୈକୁଣ୍ଠ ପାଣିଗ୍ରାହୀଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। କଲେଜର ପ୍ରାକ୍ତନ ପ୍ରଫେସର ମୀନକେତନ ପୁରୋହିତ, ପ୍ରଫେସର ନନ୍ଦକିଶୋର ପୂଜାରୀ ଓ ପ୍ରଫେସର ଭୋଜରାଜ ପ୍ରଧାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ପୁରାତନ ଛାତ୍ରମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅଞ୍ଚଳରୁ ପୁରାତନ ଛାତ୍ରମାନେ ସାମିଲ ହୋଇଥିଲେ।

## ବିଜେଡି ଗୋଷ୍ଠୀ କନ୍ଦଳ: ଥାନାରେ ପୃଥକ୍ ମାମଲା

ବ୍ରଜରାଜନଗର,୫।୯(ଡି.ଏନ.ଏ.)

ବ୍ରଜରାଜନଗର ବିଜୁ ଜନତା ଦଳରେ ଗୋଷ୍ଠୀ କନ୍ଦଳ ଧୀରେ ଧୀରେ ପଦାରେ ପଡ଼ିବାରେ ଲାଗିଛି। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡ଼ିଆ ଏକତା ମଞ୍ଚର ସଭାପତି ନୃପ ତାଣ୍ଡିଆ ଓ ପୂର୍ବତନ କାଉନସିଲର ରାହୁଲ ପାଣ୍ଡେଙ୍କ ମଧ୍ୟରେ ପ୍ରଥମେ ଫୋନରେ ବଚସା ଓ ପରେ ମାରପିଟ ହୋଇଥିବା ନେଇ ଉଭୟ ପକ୍ଷରୁ ପୃଥକ୍ ଅଭିଯୋଗ ହୋଇଛି। ପୋଲିସ ଦୁଇଗୋଟି ମାମଲା ରୁଜୁ କରି ତଦନ୍ତ କରୁଥିବା ବ୍ରଜରାଜନଗର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରକାଶ କରିଛନ୍ତି। ନୃପ ତାଣ୍ଡିଆଙ୍କ ଅଭିଯୋଗ ଅନୁଯାୟୀ ରାହୁଲ ପ୍ରଥମେ ଫୋନରେ ଗାଳିଗୁଲଜ କରି ମାରିବାକୁ ଧମକ ଦେଇଥିଲେ। ପରେ ସେ ତାଙ୍କ ଭାଇ ଅଭିଷେକ ପାଣ୍ଡେଙ୍କ ସହିତ ଗୋପବନ୍ଧୁ ଛକଠାରେ ଥିବା ତାଙ୍କ କାର୍ଯ୍ୟାଳୟକୁ ଆସି ଜାତିଆଣ ଆକ୍ଷେପ କରିଥିଲେ। ଏହାକୁ ଭିତ୍ତିକରି ବ୍ରଜରାଜନଗର ଥାନାରେ ଆଇପିସି ଧାରା ୨୯୪, ୫୦୬, ୩୪ରେ ମାମଲା (ନଂ.୨୭୦/୨୨) ରୁଜୁ ହୋଇଛି। ସେହିପରି ରାହୁଲଙ୍କ ଅଭିଯୋଗକ୍ରମେ ସେ ଗୋପବନ୍ଧୁ ଛକ ଦେଇ ଗାନ୍ଧୀ ଛକକୁ ଯାଉଥିବା ବେଳେ ନୃପ ତାଣ୍ଡିଆ ସମର୍ଥକଙ୍କ ସହ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏହାକୁ ଆଧାର କରି ପୋଲିସ ଆଇପିସି ଧାରା ୩୪୧, ୨୯୪, ୩୨୩, ୩୦୭ ଓ ୩୪ରେ ମାମଲା (ନଂ.୨୭୧/୨୨) ରୁଜୁ କରିଛି।

## ସ୍କୁଲରେ ବୃକ୍ଷରୋପଣ, ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୫।୯(ବ୍ୟୁରୋ)

ବିଜୁ ଜନତା ଦଳ ସମ୍ବଲପୁର ମହାନଗର ନିଗମ ଆୟୋଜନରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ସୋମବାର ଗୁରୁନାନକ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ଓ ବୃକ୍ଷରୋପଣ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଜେଡି ମହାନଗର ନିଗମ ସଭାପତି ପ୍ରଫୁଲ୍ଲ କୁମାର ଦାଶ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ତଥା ରାଜ୍ୟ ପ୍ରବକ୍ତା ସଞ୍ଜୟ କୁମାର ବାବୁ, ହରଦୀପ ସିଂ ଭୁରଜି, ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ସଞ୍ଜିତ ମହାନ୍ତି, ବସନ୍ତ ମିଶ୍ର, ମୀତାରାଣୀ ଚୌଧୁରୀ ପ୍ରମୁଖ ସାମିଲ ଥିଲେ। ଗୁରୁଦ୍ୱାରା ପ୍ରବନ୍ଧକ କମିଟିର ନରେନ୍ଦ୍ର ସିଂ, ଭଗତ ସିଂ, ରନଜିତ ସିଂ, ମହେନ୍ଦର ସିଂ ମଧ୍ୟ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଗୁରୁଦିବସ ପାଳିତ

ବ୍ରଜରାଜନଗର,୫।୯(ଡି.ଏନ.ଏ.)

ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ଓ ଝାରସୁଗୁଡା ଜିଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଜିଲାସ୍ତରୀୟ ଗୁରୁ ଦିବସ ବ୍ରଜରାଜନଗର ରବୀନ୍ଦ୍ର ଭବନରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି, ଇବ୍ ଭେଲି ଜିଏମ୍ ଶ୍ରୀ ଗୁପ୍ତା, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ନାୟକ, ଝାରସୁଗୁଡା ବିଇଓ ଯଶୋବନ୍ତ ସାହୁ ସମ୍ମାନିତ ଅତିଥି ଥିଲେ। ଅଧାପକ ତପନ କୁମାର ବାରିକ ମୁଖ୍ୟବକ୍ତା ଓ ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ ମହାସଚିବ କମଳା କାନ୍ତ ତ୍ରିପାଠୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ସଭାପତି ଅନିତ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ୭୫ ବର୍ଷରେ ପଦାର୍ପଣ କରିଥିବା ଜିଲାର ଅବସରପ୍ରାପ୍ତ ୨୫ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାରେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ଟପ୍ପର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ଅତିଥି।

## ଶିକ୍ଷାର ଢାଞ୍ଚାଗତ, ଗୁଣାତ୍ମକ ପରିବର୍ତ୍ତନ ଆବଶ୍ୟକ

ସମ୍ବଲପୁର,୫।୯(ବ୍ୟୁରୋ)

ଶିକ୍ଷାର ଢ଼ାଞ୍ଚାଗତ, ଗୁଣାତ୍ମକ ପରିବର୍ତ୍ତନ ଆବଶ୍ୟକ ରହିଛି। ୧୯୬୮ ଓ ୧୯୮୬ ମସିହା ପରେ ୨୦୨୦ରେ ଜାତୀୟ ଶିକ୍ଷାନୀତି ପାରିତ ହୋଇଛି। ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାର ଲକ୍ଷ୍ୟ ରଖିଛି। ହେଲେ ଏପର୍ଯ୍ୟନ୍ତ ଆମର ଜାତୀୟ ପାଠ୍ୟକ୍ରମ ପ୍ରସ୍ତୁତି ଜାତୀୟସ୍ତରରେ ସମ୍ପୂର୍ଣ୍ଣ ହୋଇନାହିଁ। ତାହା ୨୦୨୩-୨୪ ଶିକ୍ଷାବର୍ଷରୁ ଉଭୟ ସ୍କୁଲ ଓ ଉଚ୍ଚଶିକ୍ଷା ସ୍ତରରେ ଲାଗୁ ହେବାକୁ ଆଶା କରାଯାଉଛି ବୋଲି ସେତୁ ଅନୁଷ୍ଠାନର ରୌପ୍ୟଜୟନ୍ତୀ ପାଳନ ଅବସରରେ ମତପ୍ରକାଶ ପାଇଥିଲା।

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ସହଭାଗିତାରେ ଗଙ୍ଗାଧର ମେହେର ବିଶ୍ୱବିଦାଳୟ ସଭାକକ୍ଷରେ ରାଜସ୍ତରୀୟ ସମ୍ମାନ ଆୟୋଜିତ ହୋଇଥିଲା। ସେତୁର ସଭାପତି ଡ. ମୀନକେତନ ପାଠୀ ଅଧକ୍ଷତା କରିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗରାଜୁ ମୁଖ୍ୟଅତିଥି ଓ ମାଧ୍ୟମିକ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଓଷ୍ଟାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ଶିକ୍ଷା ଓ ଗବେଷଣା ପରିଷଦ (ଏନ୍‌ସିଇଆର୍‌ଟି) ନୂଆଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ




ଆଲୋଚନାଚକ୍ରରେ ମଞ୍ଚସୀନ ଅତିଥି।

### 'ସେତୁ'ର ରୌପ୍ୟଜୟନ୍ତୀ ବକ୍ତୃତାମାଳା

ପ୍ରଫେସର ହୃଷୀକେଶ ସେନାପତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସେତୁ ସମ୍ପାଦକ ସୁକାନ୍ତ କୁମାର କର ସଂଯୋଜନା ଓ ଓଷ୍ଟା ସମ୍ବଲପୁର ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନରେ ପଶ୍ଚିମ ଓଡ଼ିଶାର ୧୦ ଜିଲାରୁ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପ୍ରତିନିଧି ଯୋଗ ଦେଇଥିଲେ। ଅଧିବେଶନରେ ଓଷ୍ଟାର ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଓ ଜିଏମ୍‌ୟୁ ପୂର୍ବତନ ଇଂରାଜୀ ବିଭାଗ ପ୍ରଫେସର ଡ. କାମଦେବ ସାହୁ ୨ଟି ଆଲୋଚନାପତ୍ର ଉପସ୍ଥାପନ କରିଥିଲେ। ବୈଷୟିକ ଅଧିବେଶନରେ ବଲାଙ୍ଗୀର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଉମେଶ ପ୍ରସାଦ ଖାଡ଼ଙ୍ଗା ଅଧକ୍ଷତା କରିଥିଲେ। କଳାହାଣ୍ଡି ଶିକ୍ଷକ ଶିକ୍ଷା ମହାବିଦାଳୟ ଅଧକ୍ଷ ଡ. ଗରୁଡ଼ଧ୍ୱଜ ବାରିକ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଅଧାପିକା ସୁରୁଚି ସାହୁ ଆଲୋଚନାର ନିର୍ଯାସ ଉପସ୍ଥାପନ କରିଥିଲେ। ଏନ୍‌ସିଇଆର୍‌ଟି ପ୍ରଫେସର ସେନାପତି କହିଲେ, ନୂତନ ଶିକ୍ଷାନୀତିରେ ଭାରତୀୟ ସଂସ୍କୃତି ସହ ଶିଶୁର ସାମଗ୍ରିକ ବିକାଶକୁ ଗୁରୁତ୍ୱାରୋପ କରାଯାଇଛି। ବସୁଧୈବ କୁଟୁମ୍ବକମ୍‌କୁ ନେଇ କେବଳ ପାଠକ୍ରମ ଶିକ୍ଷା ନୁହେଁ, ତାକୁ ସବୁକ୍ଷେତ୍ରରେ ସକ୍ଷମ କରାଯିବ। ଅପହଞ୍ଚ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦିଆଯିବା, ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା, ବହୁଭାଷୀ ଶିକ୍ଷା, ସମାଜ ବା ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିବା ଉପରେ ଏହି ଶିକ୍ଷାନୀତିରେ ଧାନ ଦିଆଯାଇଛି। ଏଥିରେ ଶିକ୍ଷକମାନଙ୍କ ଭୂମିକା ସ୍ୱତନ୍ତ୍ର ଓ ଦାୟିତ୍ୱ ଅଧିକ ରହିବ।

**୪୪୨ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ**

**ମୁମ୍ବାଇ:** ବିଦେଶୀ ବଜାରରେ ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ସୋମବାର ଭାରତୀୟ ଶେୟାର ବଜାରରେ ଭଲ କାରବାର ହୋଇଛି। ଫଳରେ ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ଇଣ୍ଡେକ୍ସ ୪୪୨.୬୫ ପଏଣ୍ଟ ବୃଦ୍ଧି ପାଇ କାରବାର ଶେଷ ବେଳକୁ ୫୯,୨୪୫.୯୮ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୧୨୬.୩୫ ପଏଣ୍ଟ ବୃଦ୍ଧି ପାଇ ୧୭,୬୬୫.୮୦ ପଏଣ୍ଟରେ ପହଞ୍ଚିଛି। ଏସିଆ ବଜାରରେ ଭଲ ପ୍ରଦର୍ଶନ ଦେଖିବାକୁ ମିଳିଥିବାବେଳେ ଦୁର୍ବଳ ୟୁରୋପୀୟ ବଜାର ନିବେଶକଙ୍କ ମନୋଭାବକୁ ପ୍ରଭାବିତ କରିଥିଲା। ସେମାନେ ମେଟାଲ, ବ୍ୟାଙ୍କିଙ୍ଗ୍ ଏବଂ କ୍ୟାପିଟାଲ ଗୁଡ୍ସ ଷ୍ଟକ୍ ଉପରେ ବାଜି ଲଗାଇଥିଲେ।

## ସଂକ୍ଷେପରେ

### କୋଟାକ ମ୍ୟୁଚୁଆଲ ଫଣ୍ଡର ସ୍ମାର୍ଟ ସୁବିଧା

**ନୂଆଦିଲ୍ଲୀ,୫।୯:** କୋଟାକ ମ୍ୟୁଚୁଆଲ ଫଣ୍ଡ ସମସ୍ତ ନିବେଶକଙ୍କ ନିମନ୍ତେ ଏସ୍‌ଆଇପି, ଏସ୍‌ଟିପି ଏବଂ ଏସ୍‌ଡବ୍ଲ୍ୟୁପି ପାଇଁ ସ୍ମାର୍ଟ ସୁବିଧା ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ବୈଶିଷ୍ଟ୍ୟ ପାରମ୍ପରିକ ଏସ୍‌ଆଇପି-ଏସ୍‌ଟିପି-ଏସ୍‌ଡବ୍ଲ୍ୟୁପି ସୁବିଧାକୁ ଆଉ ପାଦେ ଆଗେଇ ନେଉଛି,ଯେଉଁଠାରେ ନିବେଶକଙ୍କର କିସ୍ତି ବଜାର ମୂଲ୍ୟାୟନ ଆଧାରରେ ଭିନ୍ନ ଭିନ୍ନ ହୋଇଥାଏ। ଏହି ନୂଆ ସୁବିଧା ସମସ୍ତ ଓପନ ଏଣ୍ଡେଡ୍ ଯୋଜନା ସମୂହ, ଇକ୍ୱିଟି ଇଣ୍ଡେକ୍ସ ଫଣ୍ଡ ଏବଂ କୋଟାକ ଇକ୍ୱିଟି ହାଇବ୍ରିଡ୍ ଫଣ୍ଡ ନିମନ୍ତେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ କମ୍ପାନୀର ଗ୍ରୁପ୍ ପ୍ରେସିଡେଣ୍ଟ ନୀଲେଶ ଶାହ କହିଛନ୍ତି, କୋଟାକ ମ୍ୟୁଚୁଆଲ ଫଣ୍ଡର 'ସ୍ମାର୍ଟ ସୁବିଧା' ଦୀର୍ଘାବଧି ଲକ୍ଷ୍ୟ ନିମନ୍ତେ ଏକ ଇକ୍ୱିଟି ମୂଲ୍ୟାୟନ ଆଧାରିତ ନିବେଶ ଆଭିମୁଖ୍ୟ ରଖୁଥିବା ନିବେଶକଙ୍କୁ ସହାୟକ ହେବ।

### ଆକ୍ସିସ୍‌ର ନୂତନ ଫଣ୍ଡ୍ ଶୁଭାରମ୍ଭ

**ନୂଆଦିଲ୍ଲୀ,୫।୯:** ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ ଆକ୍ସିସ୍ ସିଲ୍‌ଭର୍ ଇଟିଏଫ୍ ଓ ଆକ୍ସିସ୍ ସିଲ୍‌ଭର ଫଣ୍ଡ୍ ଅଫ୍ ଫଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ୍ ଏଣ୍ଡେଡ୍ ସ୍କିମ୍ ଯାହା ଦେଶ ଭିତରେ ରୁପା ଦାମ୍‌କୁ ଟ୍ରାକ୍ କରିଥାଏ। ସେହିପରି ଆକ୍ସିସ୍ ସିଲ୍‌ଭର ଫଣ୍ଡ୍ ଅଫ୍ ଫଣ୍ଡ୍ ହେଉଛି ଏକ ଓପନ୍ ଏଣ୍ଡେଡ୍ ଫଣ୍ଡ୍ ଅଫ୍ ଫଣ୍ଡ୍ ସ୍କିମ୍ ଯେଉଁଥିରେ ଆକ୍ସିସ୍ ସିଲ୍‌ଭର୍ ଇଟିଏଫ୍ ୟୁନିଟ୍‌ଗୁଡ଼ିକରେ ନିବେଶ କରାଯାଏ। ଏଥିରେ ସର୍ବନିମ୍ନ ଆବେଦନ ରାଶି ପରିମାଣ ଆବେଦନ ପିଛା ୫୦୦ ଟଙ୍କା ରହିଛି ଏବଂ ଏହା ପରେ ୧ ଟଙ୍କାର ଗୁଣିତକ ହିସାବରେ ତାହାକୁ ବୃଦ୍ଧି କରାଯାଇପାରିବ। ସବ୍‌ସ୍କ୍ରିପ୍‌ସନ୍ ପାଇଁ ଉଭୟ ଫଣ୍ଡର ଏନ୍‌ଏଫ୍‌ଓ ୨ରୁ ଖୋଲିଛି ଓ ୧୫ ତାରିଖରେ ବନ୍ଦ ହେବ। ଇଟିଏଫ୍ ଜରିଆରେ ରୁପାରେ ନିବେଶ ସୁବିଧା ନିବେଶକ ହାସଲ କରିଥିବାରୁ ଭବିଷ୍ୟତରେ ଏକ ପ୍ରତିଶ୍ରୁତିପୂର୍ଣ୍ଣ ସମ୍ପତ୍ତି ଭାବେ ଏହି ଧାତୁର ମୂଲ୍ୟ ଆହୁରି ବୃଦ୍ଧି ପାଇବ ବୋଲି ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଚନ୍ଦ୍ରେଶ ନିଗମ କହିଛନ୍ତି।

## ଓପେକ୍‌ର ଉତ୍ପାଦନ ହ୍ରାସ ନିଷ୍ପତ୍ତି

# ମହଙ୍ଗା ହେବ ତେଲ



ନୂଆଦିଲ୍ଲୀ,୫।୯

ପେଟ୍ରୋଲିୟମ ରପ୍ତାନି ରାଷ୍ଟ୍ର ସଂଘ (ଓପେକ୍) ଏବଂ ଏହାର ସହଯୋଗୀ ତୈଳ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପରେ ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଭାରତରେ ପେଟ୍ରୋଲ ଓ ଡିଜେ ଦର ବଢ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଓପେକ୍ ଦୈନିକ ଲକ୍ଷେ ବ୍ୟାରେଲ୍ ତୈଳ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଅକ୍ଟୋବର ୫ରେ ବୈଠକରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର୍ସ ୩.୪୩ ଡଲାର ବୃଦ୍ଧି ପାଇ ୯୬.୪୫ ଡଲାର ହୋଇଛି। ସେହିପରି ଆମେରିକା ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ କ୍ରୁଡ୍ ୨.୯୪ ଡଲାର ଅର୍ଥାତ୍ ୩.୪ ପ୍ରତିଶତ ବୃଦ୍ଧି ପାଇ ୮୯.୮୭ ଡଲାର ହୋଇଥିବା ଜଣାପଡ଼ିଛି। ମାନ୍ଦାବସ୍ଥା ଆଶଙ୍କାରେ ଅଶୋଧିକ ତୈଳ ହ୍ରାସ ପାଇଥିବାରୁ ଉତ୍ପାଦନକାରୀ ରାଷ୍ଟ୍ର ଅସନ୍ତୁଷ୍ଟ ଥିଲେ। ବର୍ଷେରୁ ଊର୍ଦ୍ଧ୍ୱ ସମୟ ପରେ ରୁଷିଆ ସମେତ ଓପେକ୍ ରାଷ୍ଟ୍ର ତୈଳ ଉତ୍ପାଦନ କମାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯେକୌଣସି ସମୟରେ ତୈଳ ଉତ୍ପାଦନ ହ୍ରାସ ପାଇଁ ନିଷ୍ପତ୍ତି ହୋଇପାରେ ବୋଲି ଗତ ମାସରେ ସାଉଦି ଆରବ ଶକ୍ତି ମନ୍ତ୍ରୀ ସୂଚନା ଦେଇଥିଲେ।

### ୱିଣ୍ଡଫଲ୍ ଟ୍ୟାକ୍ସକୁ ଅର୍ଥମନ୍ତ୍ରୀଙ୍କ ସମର୍ଥନ

**ନୂଆଦିଲ୍ଲୀ,୫।୯(ପି.ଟି.):** ପଟ୍ରୋଲିୟମ ସାମଗ୍ରୀ ଏବଂ ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ଅତିରିକ୍ତ ନୁହେଁ, ଶିଳ୍ପସଂସ୍ଥା ସହ ନିୟମିତ ପରାମର୍ଶକ୍ରମେ ଏହି ଟିକସ ଲାଗୁ ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର କହିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, ୱିଣ୍ଡଫଲ୍ ଟ୍ୟାକ୍ସକୁ ଆତ୍ମହକ ବା ଅନୈପଚାରିକ ଟିକସ କହିବା ଠିକ୍ ନୁହେଁ। ୱିଣ୍ଡଫଲ୍ ଟ୍ୟାକ୍ସ ପ୍ରସ୍ତାବ ଆସିବା ବେଳେ ଏନେଇ ପେଟ୍ରୋଲିୟମ ଶିଳ୍ପ ସହ ଆଲୋଚନା କରାଯାଇଥିଲା। ପ୍ରତି ୧୫ ଦିନରେ ଥରେ ଟ୍ୟାକ୍ସ ହାରରେ ସଂଶୋଧନ କରାଯିବ ବୋଲି ସେମାନଙ୍କୁ ଜଣାଇ ଦିଆଯାଇଥିଲା। ସେହି ଅନୁଯାୟୀ ସରକାର ଟ୍ୟାକ୍ସ ଧାର୍ଯ୍ୟ କରୁଛନ୍ତି।

## ଯଶ୍‌ପ୍ରୀତ୍ ବୁମ୍‌ରା ପରଫର୍‌ମ୍ୟାକ୍ସ ଆକ୍ଟିଭ୍‌ୱେୟାରର ବ୍ରାଣ୍ଡ୍ ଆମ୍ବାସାଡର

ମୁମ୍ବାଇ,୫।୯




ରିଲାଏନ୍ସ ରିଟେଲ୍‌ର ଫ୍ୟାଶନ ଓ ଲାଇଫଷ୍ଟାଇଲ୍ ପୋର୍ଟଫୋଲିଓର ସ୍ପୋର୍ଟସ୍ ବ୍ରାଣ୍ଡ୍ ପରଫର୍‌ମ୍ୟାକ୍ସ ଆକ୍ଟିଭ୍‌ୱେୟାର ପକ୍ଷରୁ ଭାରତୀୟ କ୍ରିକେଟର ଯଶ୍‌ପ୍ରୀତ୍ ବୁମ୍‌ରାଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ପରଫର୍‌ମ୍ୟାକ୍ସ ହେଉଛି ଏକ ଭାରତୀୟ ବ୍ରାଣ୍ଡ୍ ଯାହା ବିଶ୍ୱର ସ୍ପୋର୍ଟସ୍ ୱେୟାର ଓ ଆକ୍ଟିଭ୍ ୱେୟାର ବଜାରରେ ନିଜ ସ୍ଥିତି ଦୃଢ଼ କରିବାକୁ ଚାହୁଁଛି। ରିଲାଏନ୍ସ ରିଟେଲ୍‌ର ଫ୍ୟାଶନ ଓ ଲାଇଫଷ୍ଟାଇଲ୍‌ର ସିଇଓ ଅଖିଳେଶ ପ୍ରସାଦ କହିଛନ୍ତି, ଯଶ୍‌ପ୍ରୀତ୍‌ଙ୍କ ସହିତ ସହଯୋଗିତା ବିଷୟରେ ଘୋଷଣା କରୁଥିବାରୁ ଆମେ ବହୁତ ଖୁସି । ଯଶ୍‌ପ୍ରୀତ୍ କିଛି ବର୍ଷ ଧରି ଭାରତର ଦ୍ରୁତ ବୋଲିଂ କ୍ଷେତ୍ରର ନେତୃତ୍ୱ ନେଉଛନ୍ତି । ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ହାସଲ କରିଥିବା ପ୍ରଥମ ଭାରତୀୟ ସ୍ପୋର୍ଟସ୍ ବ୍ରାଣ୍ଡ୍ ଭାବେ ଆମେ ପରଫର୍‌ମ୍ୟାକ୍ସକୁ ଉପସ୍ଥାପନ କରିବାକୁ ଚାହୁଁଛୁ। ସେହିଭଳି ଯଶ୍‌ପ୍ରୀତ୍ ବୁମ୍‌ରା କହିଛନ୍ତି, ଜଣେ ଖେଳାଳି ଭାବେ ମୁଁ ସେହି ଗିୟରକୁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରେ, ଯାହାର ଠିକ୍ ଫିଟିଂ ମୋ ଖେଳକୁ ଆହୁରି ଉନ୍ନତ କରିବାରେ ସହାୟକ ହୋଇଥାଏ।

## ଏମ୍‌ଜି ପକ୍ଷରୁ 'ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟର୍' ଉନ୍ମୋଚିତ

ନୂଆଦିଲ୍ଲୀ,୫।୯




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମୋରିସ ଗ୍ୟାରେଜ (ଏମ୍‌ଜି)ର ବହୁ ପ୍ରତୀକ୍ଷିତ ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟର୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏମ୍‌ଜି ମୋଟର ପକ୍ଷରୁ ନିକଟରେ 'ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟର୍'ର ସର୍ବଭାରତୀୟସ୍ତରରେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଭାରତର ପ୍ରଥମ ଅଟୋନୋମସ୍ (ଲେଭେଲ୍-୧) ପ୍ରିମିୟମ ଏସ୍‌ୟୁଭି ଏବେ ନୂଆ ଓ ଆଡ୍‌ଭାନ୍ସଡ୍ ସେଫ୍ଟି, ଷ୍ଟାଇଲ୍ ଓ ଟେକ୍ନୋଲୋଜି ଏନ୍‌ହାନ୍ସମେଣ୍ଟ ସହ ଆସିଛି। ଗ୍ଲୋଷ୍ଟର୍‌ର ଆଡ୍‌ଭାନ୍ସଡ୍ ଡ୍ରାଇଭର ଆସିଷ୍ଟ ସିଷ୍ଟମ (ଏଡିଏଏସ୍)ରେ ଡୋର୍ ଓପନ୍ ୱାର୍ନିଂ (ଡିଓଡବ୍ଲ୍ୟୁ), ରିୟର କ୍ରସ୍ ଟ୍ରାଫିକ୍ ଆଲର୍ଟ (ଆର୍‌ସିଟିଏ) ଓ ଲେନ୍ ଚେଞ୍ଜ୍ ଆସିଷ୍ଟ (ଏଲ୍‌ସିଏ) ଭଳି ଅତିରିକ୍ତ ଫିଚର ରହିଛି। ୩୦ଟି ଷ୍ଟାଣ୍ଡାର୍ଡ ସେଫ୍ଟି ଫିଚର ସହ ଅନ୍ତର୍ଭୁକ୍ତ ନୂଆ ଫିଚରଗୁଡ଼ିକ ଆଡ୍‌ଭାନ୍ସଡ୍ ଗ୍ଲୋଷ୍ଟର୍‌କୁ ଏକ ସୁରକ୍ଷିତ ଓ ସୁଗମ ଡ୍ରାଇଭ୍‌ରେ ପରିଣତ କରିଛି। ନୂଆକରି ଶୁଭାରମ୍ଭ ହୋଇଥିବା 'ଡିପ୍ ଗୋଲ୍ଡେନ୍' ରଙ୍ଗ ବିକଳ୍ପରେ ଏହାକୁ ଏବେ ପ୍ରଦାନ କରାଯାଉଛି, ଯାହା ଏସ୍‌ୟୁଭିର ବିଳାସପୂର୍ଣ୍ଣ ଆବେଦନକୁ ଉନ୍ନତ କରୁଛି। ଏହା ପୂର୍ବରୁ ବିଦ୍ୟମାନ ଥିବା ମେଟାଲ ବ୍ଲାକ୍, ମେଟାଲ୍ ଆଶ୍ ଓ ୱାର୍ମ ହ୍ୱାଇଟ୍ ରଙ୍ଗରେ ସାମିଲ ରହିଛି। ଏମ୍‌ଜି ମୋଟର ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରାଜୀବ ଛାବା କହିଛନ୍ତି, ଏଥିରେ ବୈଷୟିକ ବ୍ୟାଘାତ, କ୍ରମାଗତ ବିବର୍ତ୍ତନ ଓ ସର୍ବୋତ୍ତମ ଶ୍ରେଣୀର ଗ୍ରାହକ ଅଭିଜ୍ଞତା ଆଦି ଆମ ପାଇଁ ପ୍ରମୁଖ ପ୍ରାଥମିକତା । ଏହାର ପ୍ରାରମ୍ଭିକ ମୂଲ୍ୟ (ଏକ୍ସ ଶୋ'ରୁମ୍ ନୂଆଦିଲ୍ଲୀ) ୩୧.୯୯ ଲକ୍ଷ ଟଙ୍କା ରହିଛି।

## ରଣମେଳାକୁ ବ୍ୟାଙ୍କ ୟୁନିୟନର ବିରୋଧ

ମୁମ୍ବାଇ,୫।୯(ପି.ଟି.)

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆୟୋଜିତ ଋଣ ମେଳାକୁ ମହାରାଷ୍ଟ୍ର ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ଉପଯୁକ୍ତ ଅନୁଧ୍ୟାନ କରା ନ ଯାଇ ମେଳା ଜରିଆରେ ଋଣ ପ୍ରଦାନ କରାଯିବା ଦ୍ୱାରା ଅଣକାର୍ଯ୍ୟକାରୀ ପୁଞ୍ଜି (ଏନ୍‌ପିଏ) ପରିମାଣ ବଢ଼ିଚାଲିଥିବା ଫେଡେରେଶନ ପକ୍ଷରୁ ଦର୍ଶାଇଛନ୍ତି। ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଏକ ଋଣମେଳାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨,୯୦୦ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଏଭଳି ଋଣ ନେଉଥିବା ଲୋକେ ପରିଶୋଧ କରୁନାହାନ୍ତି। ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଋଣ ଛାଡ଼ ଦାବି କରୁଥିବାରୁ ଋଣ ଆଦାୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ୟୁନିୟନ କହିଛି।

## ଓରିହୋମ୍ ପକ୍ଷରୁ ଗୃହ ନିର୍ମାଣ ସଲ୍ୟୁଶନ

ଭୁବନେଶ୍ୱର,୫।୯(ବ୍ୟୁରୋ)

ORI-HOME
Plan Smarter, Build Better...

ରାଜ୍ୟର ପ୍ରଥମ ଟେକ୍ନୋଲୋଜିଭିତ୍ତିକ କନ୍‌ଷ୍ଟ୍ରକ୍‌ଶନ କମ୍ପାନୀ ଓରିହୋମ୍ କନ୍‌ଷ୍ଟ୍ରକ୍‌ଶନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗୃହ ନିର୍ମାଣ ସଲ୍ୟୁଶନ ସମ୍ପର୍କରେ ଘୋଷଣା ହୋଇଛି। କମ୍ପାନୀ ବିଶେଷ କରି ୪ ପ୍ରମୁଖ ସେବା ଯୋଗାଉଛି। ଏହା ମଧ୍ୟରେ ନୂଆ ଘର ନିର୍ମାଣ, ଇଣ୍ଟେରିୟର ଏବଂ ଏକ୍ସଟେରିୟର, ଜମି ସହ କଷ୍ଟମାଇଜ ପ୍ରପର୍ଟି ଏବଂ ମେଣ୍ଟେନାନ୍ସ ଓ ରିନୋଭେସନ ରହିଛି। ଗ୍ରାହକମାନେ ବାସଗୃହ ନିର୍ମାଣ ସହ ଅନ୍ୟ ଆନୁଷଙ୍ଗିକ ସୁବିଧା ଏକ ସଙ୍ଗରେ ପାଇପାରିବେ। ଏକ ପ୍ରଫେଶନାଲ ସଂସ୍ଥା ଭାବେ ଲୋକଙ୍କ ବାସଗୃହ ନିର୍ମାଣର ବିଭିନ୍ନ ଦିଗକୁ ଧ୍ୟାନରେ ରଖି ସେବା ଯୋଗାଣ କରାଯାଉଥିବା କମ୍ପାନୀ ପକ୍ଷକୁ କୁହାଯାଇଛି। ଘର ନିର୍ମାଣ ପାଇଁ ମାଟି ପରୀକ୍ଷା ସହ ପ୍ରାୟ ୩୦୦ ଅତ୍ୟାଧୁନିକ ଟେଷ୍ଟ ସାମିଲ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ କମ୍ପାନୀ ଏହାର ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛି। ପ୍ରଫେଶନାଲ ଇଞ୍ଜିନିୟରିଂ ଜ୍ଞାନକୌଶଳ ସହିତ ଜର୍ମାନ ଟେକ୍ନୋଲୋଜି ଗ୍ରାହକଙ୍କର ଗୃହ ନିର୍ମାଣରେ ବ୍ୟବହାର କରାଯାଉଛି। ଲୋକମାନେ ଯେପରି ବିଶ୍ୱସ୍ତରୀୟ ଅନୁଭୂତି ଲାଭ କରିପାରିବେ ତାକୁ ଧ୍ୟାନରେ ରଖାଯାଉଥିବା ଓରିହୋମ୍ ପକ୍ଷରୁ କୁହାଯାଇଛି। ଗ୍ରାହକ ଉତ୍ପାଦ ଏବଂ ସେବା ସମ୍ପର୍କିତ ସୂଚନା ପାଇଁ ଟୋଲ ଫ୍ରି ନଂ.- ୧୮୦୦୩୦୯୪୩୦୨ରେ ଯୋଗାଯୋଗ କରିପାରିବେ କିମ୍ବା ଝାରପଡାସ୍ଥିତ ଭଗବାନ ଟାୱାର କାର୍ଯ୍ୟାଳୟ ସହ ସମ୍ପର୍କ କରିପାରିବେ ବୋଲି କମ୍ପାନୀର କମର୍‌ସିଆଲ ମୁଖ୍ୟ ଇଂ. ବର୍ଷା ଦାସ୍‌ଙ୍କ ପକ୍ଷରୁ ସୂଚନା ମିଳିଛି।

## ଫୁର୍‌ସତ୍

# ଡିଏନ୍‌ଏ ମରାମତି କରିପାରେ ଜେଲିଫିଶ୍

**ମାଡ୍ରିଡ୍:** ପୃଥିବୀରେ ଜନ୍ମ ମାନେ ମୃତ୍ୟୁ ସୁନିଶ୍ଚିତ। କିନ୍ତୁ ଜେଲିଫିଶ୍‌ର ଏକ ପ୍ରଜାତି ନିକଟରେ ବୁଢ଼ା ନ ହେବା ଏବଂ ଅମର ହେବା ଭଳି ବିଶେଷ ଗୁଣ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। ନିକଟରେ କରାଯାଇଥିବା ଏକ ଅଧ୍ୟୟନରେ ଏହି ଜେଲିଫିଶ୍ ନ ମରିବା ଭଳି ପ୍ରକୃତିର କାରଣ ବାବଦରେ ଗବେଷକମାନେ ଜାଣିବାକୁ ପାଇଛନ୍ତି। ସ୍ପେନ୍ ବୈଜ୍ଞାନିକଙ୍କ ଏହି ରିସର୍ଚ୍ଚ ରିପୋର୍ଟ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍‌ରେ ପ୍ରକାଶ ପାଇଛି। କେତେକ ଜେଲିଫିଶ୍ ବାରମ୍ବାର ବୃଦ୍ଧାବସ୍ଥାରୁ ନିଜ ଯୁବ ଅବସ୍ଥାକୁ ଫେରିପାରିଥାନ୍ତି। ନିଜ ଡିଏନ୍‌ଏର ଅବିକଳ କପି ବନାଇବା ସହ ଆବଶ୍ୟକସ୍ଥଳେ ଏହାକୁ ମରାମତି କରିପାରିଥାନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି। ଟୁରିଟୋପିସିସ୍ ଡୋହର୍‌ନି ପ୍ରଜାତିର ଜେଲିଫିଶ୍ ଅମର ହେବା ପଛର କାରଣ ଜାଣିବା ପାଇଁ ଜେନେଟିକ୍ ସିକ୍ୱେନ୍ସିଂ କରାଯାଇଥିଲା। ସେଥିରେ ଏକ ସ୍ୱତନ୍ତ୍ର ଜିନୋମ ରହିଛି ଯାହାକି କେବଳ ବୃଦ୍ଧାବସ୍ଥାକୁ ରୋକେ ନାହିଁ ବରଂ



ମୃତ୍ୟୁ ହେବାରୁ ମଧ୍ୟ ବଞ୍ଚାଇଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।

ଟୁରିଟୋପିସିସ୍ ଡୋହର୍‌ନି ସମେତ ପ୍ରାୟ ସମସ୍ତ ଜେଲିଫିଶ୍ ୨ଟି ଜୀବନ ଚକ୍ର ଦେଇ ଗତିକରିଥାନ୍ତି। ଏହାର ଆସେକ୍ସୁଆଲ ବା ଯୌନ ପ୍ରଜନନ ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ଖାଦ୍ୟାଭାବ ପରିସ୍ଥିତିରେ ଜେଲିଫିଶ୍ ସମୁଦ୍ର ଚଟାଣରେ ପଡ଼ିରହି ଜୀବିତ ରହିଥାଏ। ଯେତେବେଳେ ପରିସ୍ଥିତି ଅନୁକୂଳ ହୁଏ ଜେଲିଫିଶ୍ ଯୌନ ପ୍ରଜନନ କରିପାରେ। ଅନେକ ଜେଲିଫିଶ୍ ସେମାନଙ୍କ ଜୀବନର ପୂର୍ବାବସ୍ଥା ଏପରିକି ଲାର୍ଭା ଅବସ୍ଥାକୁ ଯାଇପାରନ୍ତି। କିନ୍ତୁ ଯୌନ ପରିପକ୍ୱତା ଅବସ୍ଥାରେ ପହଞ୍ଚିବା ପରେ ଅଧିକାଂଶ ଜେଲିଫିଶ୍‌ଙ୍କଠାରେ ଏହି କ୍ଷମତା ହ୍ରାସ ପାଇଥାଏ। ତେବେ ଟୁରିଟୋପିସିସ୍ ଡୋହର୍‌ନି ପ୍ରଜାତିର ଜେଲିଫିଶ୍‌ଠାରେ

### ଅମର ହେବା ପଛର କାରଣ ଖୋଜିଲେ ବୈଜ୍ଞାନିକ

ଏହାର ବ୍ୟତିକ୍ରମ ଘଟିଥାଏ। ଏହାର କାରଣ ଜାଣିବା ପାଇଁ ବୈଜ୍ଞାନିକମାନେ ଉକ୍ତ ପ୍ରଜାତି ଏବଂ ଯୌନ ପ୍ରଜନନ ପରେ ଯୁବାବସ୍ଥାକୁ ଫେରିବା କ୍ଷମତା ହରାଉଥିବା ଟୁରିରୋପ୍‌ସିସ୍ ରୁବ୍ରା ପ୍ରଜାତିର ଜେନେଟିକ୍ ସିକ୍ୱେନ୍ସକୁ ତୁଳନା କରିଥିଲେ। ଏଥିରୁ ଜଣାପଡ଼ିଥିଲା ଯେ, ଟୁରିଟୋପିସିସ୍ ଡୋହର୍‌ନିର ଜିନୋମ୍‌ଠାରେ କେତେକ ବ୍ୟତିକ୍ରମ ରହିଛି, ଯାହା କି ଏହି ପ୍ରଜାତିର ଡିଏନ୍‌ଏକୁ ଆହୁରି ବିକଶିତ କରି ତାହାର ନକଲ ବନାଇବା ଏବଂ ଆବଶ୍ୟକସ୍ଥଳେ ଡିଏନ୍‌ଏ ମରାମତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହାବାଦ୍ ଏକ ନିର୍ଦ୍ଦିଷ୍ଟ କ୍ରୋମୋଜୋମ୍ 'ଟେଲୋମିଅର୍ସ'ର ଲମ୍ବ ବଜାୟ ରଖିଥାଏ। ସାଧାରଣତଃ ମଣିଷ କ୍ଷେତ୍ରରେ ବୟସ ବଢ଼ିବା ସାଙ୍ଗକୁ ଟେଲୋମିଅର ଲମ୍ବ କମିଯାଇଥାଏ।

## ୨୩ରେ 'ବାବ୍‌ଲି ବାଉନ୍ସର'

**ମୁମ୍ବାଇ:** ଆଉ ଏକ ଦମଦାର ଫିଲ୍ମ ସହ ନୂଆ ଲୁକ୍‌ରେ ନଜରକୁ ଆସୁଛନ୍ତି ଅଭିନେତ୍ରୀ ତମ୍ମନା ଭାଟିଆ। ଛୋଟ ସହରର ଜଣେ ଝିଅଙ୍କ ଚରିତ୍ରରେ ସେ 'ବବ୍‌ଲି ବାଉନ୍ସର'ରେ ନଜର ଆସିବେ। ସୋମବାର ଏହାର ଟିଜର ରିଲିଜ ହୋଇଛି। ଟ୍ରେଲରରେ ଦେଖିବାକୁ ମିଳିଛି, ଆସୋଲା ଫତେପୁରର ଝିଅ ବବ୍‌ଲି ଚାକିରି ପାଇଁ ଦିଲ୍ଲୀ ଯାଇଛନ୍ତି। ଦିଲ୍ଲୀର ଏକ କ୍ଲବରେ ତାଙ୍କୁ ବାଉନ୍ସର ଚାକିରି ମିଳିଛି। ଏଥିରେ ତମନ୍ନାଙ୍କ କେତେକ ଆକ୍ସନ ସିନ୍ ମଧ୍ୟ ରହିଛି। ତାଙ୍କ ମା' ବାପା ବବ୍‌ଲିଙ୍କ ବିବାହ କରିଦେବାକୁ ଚାହୁଁଥିବାବେଳେ ସେ ଏଥିପାଇଁ ରାଜି ନ ହୋଇ ନିଜ ଜୀବନରେ ଆଗକୁ ବଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ସିନେମା ଆସନ୍ତା ୨୩ରେ ଓଟିଟି ପ୍ଲାଟଫର୍ମ 'ହଟ୍‌ଷ୍ଟାର'ରେ ହିନ୍ଦୀ, ତେଲୁଗୁ, ତାମିଲ ଭାଷାରେ ରିଲିଜ୍ ହେବାକୁ ଯାଉଛି। ମଧୁର ଭଣ୍ଡାରକର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବିନିତ ଜୈନ, ଷ୍ଟାର ଷ୍ଟୁଡିଓ, ଅମ୍ରିତା ପାଣ୍ଡେ ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ଅଭିନେତ୍ରୀ ତମ୍ମନା ଏ ପର୍ଯ୍ୟନ୍ତ ଅନେକ ତେଲୁଗୁ, ତାମିଲ, ହିନ୍ଦୀ ସିନେମାରେ ରୋମାଣ୍ଟିକ ଚରିତ୍ରରେ ନଜରକୁ ଆସିଥିବାବେଳେ ଆଗାମୀ ଫିଲ୍ମ ଏଥର ତାଙ୍କୁ ଜଣେ ବାଉନ୍ସରଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ତମ୍ମନାଙ୍କ ସମେତ ସୌରଭ ଶୁକ୍ଳା, ଅଭିଷେକ୍ ବଜାଜ୍, ସାହିଲ ବୈଦ, ସୁପ୍ରିୟା ଶୁକ୍ଳା, ପ୍ରିୟମ୍ ଶାହା, ସୁନିଲ ଯାଦବ, ଯୋହାନୀ ପ୍ରମୁଖ ନଜରକୁ ଆସିବେ। ସେହିପରି ସମାନ ତାରିଖରେ ତମନ୍ନାଙ୍କ ଅଭିନୀତ ଆଉ ଏକ ରୋମାଣ୍ଟିକ୍ ଡ୍ରାମା 'ଗୁରତୁଣ୍ଡ ସୀତକାଳ' ମୁକ୍ତିଲାଭ କରିବାକୁ ଯାଉଛି।



ତମ୍ମନା ଭାଟିଆ

### କାଫେରେ ବାଥ୍‌ରୁମ୍ ବିଲ୍

**ଆଗ୍ରା:** ଆଜିକାଲି ସମୟରେ କୌଣସି ସାମଗ୍ରୀ ମାଗଣାରେ ମିଳିବା କଷ୍ଟକର। ପିଇବା ପାଣି ସହ ଶୌଚାଳୟ ପାଇଁ ମଧ୍ୟ ମୂଲ୍ୟ ଦେବାକୁ ପଡିଥାଏ। ହେଲେ ସାଧାରଣତଃ କୌଣସି ରେଷ୍ଟୁରାଣ୍ଟକୁ ଯାଇଥିବାବେଳେ ସେଠାରେ ଟଏଲଟ୍ କିମ୍ବା ବାଥ୍‌ରୁମ୍ ବ୍ୟବାହାର ବାବଦରେ ଅର୍ଥ ଦେବା ଘଟଣା ବିରଳ। ଆଗ୍ରା ରେଲ୍‌ୱେ ଷ୍ଟେଶନରେ ଏକ କାଫେରେ ଜଣେ ବ୍ୟକ୍ତିଙ୍କୁ ଏପରି କିଛି ସାମ୍ନା କରିବାକୁ ପଡ଼ିଛି। ସେ କାଫେକୁ କିଛି ଖାଇବାକୁ ଯାଇଥିଲେ। ଖାଇବା ପରେ ସେ ବିଲ୍ ମଗାଇଥିଲେ। ହେଲେ ବିଲ୍ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବିଲ୍‌ରେ ତାଙ୍କ ଖାଇବା ମୂଲ୍ୟ ସହିତ ବାଥ୍‌ରୁମ୍ ଯିବା ବବାଦ ଅର୍ଥ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ବିଲ୍‌ର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ବିଭିନ୍ନ ପ୍ରକାର କମେଣ୍ଟ ଦେଇଛନ୍ତି। ପ୍ରତିକ୍ରିୟା ରଖି ଜଣେ ବ୍ୟକ୍ତି କହିଛନ୍ତି, କାଫେରେ କିପରି ପବନ ପାଇଁ ମୂଲ୍ୟ ନେଇ ନାହାନ୍ତି ତାହା ଆଶ୍ଚର୍ଯ୍ୟକର।

# ୫ ହଜାର କାର୍ ଚୋରି କରିଛନ୍ତି ଅଟୋ ଚାଳକ

ନୂଆଦିଲ୍ଲୀ

୨୭ ବର୍ଷ ଧରି କାର୍ ଚୋରି, ଦିଲ୍ଲୀ, ମୁମ୍ବାଇ ସମେତ ଭାରତର ବିଭିନ୍ନ ସ୍ଥାନରେ ସମ୍ପତ୍ତି, ୩ ସ୍ତ୍ରୀଙ୍କ ସହ ବିଳାସପୂର୍ଣ୍ଣ ଜୀବନ କାଟୁଥିବା ଜଣେ ଅଟୋ ରିକ୍ସା ଚାଳକ ଦିଲ୍ଲୀ ପୋଲିସ ହାତରେ ଧରାପଡ଼ିଛନ୍ତି। ୧୯୯୫ରୁ ଅଦ୍ୟାବଧି ୫ ହଜାରରୁ ଅଧିକ କାର୍ ଚୋରି କରିଥିବା ଅନିଲ ଚୌହାନ(୫୨)ଙ୍କୁ ପୋଲିସ ଭାରତର ସବୁଠୁ ବଡ଼ କାର୍‌ଚାଳକ କହିଛି। ସୂଚନା ପାଇଁ ସେଣ୍ଟ୍ରାଲ ଦିଲ୍ଲୀ ପୋଲିସର ସ୍ପେଶାଲ ଷ୍ଟାଫ୍ ତାଙ୍କୁ ଦେଶ ବନ୍ଧୁ ଗୁପ୍ତା ରୋଡ୍‌ରୁ ଗିରଫ କରିଛି। ସେ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣରେ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ କହିଛି। ଉତ୍ତରପ୍ରଦେଶରୁ ଅସ୍ତ୍ରଶସ୍ତ୍ର ନେଇ ଉତ୍ତରପୂର୍ବ ରାଜ୍ୟରେ ନିଷିଦ୍ଧ ଘୋଷଣା କରାଯାଇଥିବା ସଙ୍ଗଠନଗୁଡ଼ିକୁ ଯୋଗାଉଥିଲେ ବୋଲି ଜଣାପଡ଼ିଛି।



ସୂଚନା ଅନୁସାରେ, ଅନିଲ ପୂର୍ବରୁ ଦିଲ୍ଲୀର ଖାନ୍‌ପୁର ଅଞ୍ଚଳରେ ଅଟୋ ଚଳାଉଥିଲେ। ୧୯୯୫ ପରେ ସେ କାର୍ ଚୋରି ଆରମ୍ଭ କରିଥିଲେ। ସେହି ସମୟରେ ସେ କେବଳ ମାରୁତି ୮୦୦ ଗାଡ଼ିକୁ ଟାର୍ଗେଟ କରୁଥିଲେ। ଭାରତର ବିଭିନ୍ନ ସ୍ଥାନରୁ କାର୍ ଚୋରି କରି ସେ ସେଗୁଡ଼ିକୁ ଜମ୍ମୁ-କଶ୍ମୀର, ଉତ୍ତର ପୂର୍ବ ରାଜ୍ୟ ସମେତ ଦେଶ ବାହାରକୁ ପଠାଇଦେଉଥିଲେ। ଚୋରି ବେଳେ ସେ ଅନେକ ଟାକ୍ସି ଡ୍ରାଇଭରଙ୍କୁ ମଧ୍ୟ ହତ୍ୟା କରିଛନ୍ତି। ପରେ ସେ ଆସାମ ଯାଇ

- ୨୭ ବର୍ଷ ହେଲା ଚୋରି, ଅସ୍ତ୍ରଶସ୍ତ୍ର କାରବାର
- ଅଛନ୍ତି ୩ ସ୍ତ୍ରୀ, ୭ ସନ୍ତାନ

ସେଠାରେ ବସବାସ କରୁଥିଲେ। ଚୋରି ଅର୍ଥରେ ସେ ଅନେକ ସ୍ଥାନରେ ଜମି ଓ ଅନ୍ୟାନ୍ୟ ସମ୍ପତ୍ତି କିଣିଛନ୍ତି। ତାଙ୍କ ନାଁରେ ୧୮୦ ମାମଲା ରହିଛି। ୨୦୧୫ରେ ତାଙ୍କୁ ଗିରଫ କରାଯାଇଥିବାବେଳେ ୫ ବର୍ଷ ଜେଲ୍‌ରେ ରହି ମୁକୁଳିଥିଲେ। ତାଙ୍କର ୩ ସ୍ତ୍ରୀ ଓ ୭ ସନ୍ତାନ ରହିଥିବା ପୋଲିସ କହିଛି। ଅନିଲଙ୍କଠାରୁ ୬ ପିସ୍ତଲ ଏବଂ ୭ କ୍ୟାଟ୍ରିଜ୍ ଜବତ କରାଯାଇଛି। ଆସାମ ସରକାରଙ୍କ ସେ ଜଣେ କଣ୍ଟ୍ରାକ୍ଟର ରହିବା ସହ ଅନେକ ସ୍ଥାନୀୟ ନେତାଙ୍କ ସହ ସମ୍ପର୍କରେ ଥିଲେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ

**ନର୍ଲା/ରୂପ୍ରା ରୋଡ଼/କୋକସରା, ୫।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୂପ୍ରାରୋଡ ସରସ୍ୱତୀ ଶିଶୁ ମନ୍ଦିରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ଶ୍ୟାମସୁନ୍ଦର ଶର୍ମା, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ସଞ୍ଜିବ ଦାସ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଗୁରୁମା ମାନସୀ ବିଶ୍ୱାଳ ଓ ଗୁରୁଜୀ ଜିତେନ୍ଦ୍ର ଗଡତ ଧନ୍ୟବାଦ ଦେଇଥିଲେ। ସେହିପରି ନର୍ଲା ବ୍ଲକ ବେହେରାପାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ, ସହଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲ ଶିକ୍ଷା ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରଲେଖା ମହାପାତ୍ରଙ୍କ ସହ ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ଜ୍ୟୋତିର୍ମୟୀ ବେହେରା, ଶିକ୍ଷକ ଅଭୟ ନାଏକ ଓ ଶିକ୍ଷା ପରିଚାଳନା କମିଟି ସମସ୍ତ ସଦସ୍ୟ ଯୋଗଦେଇଥିଲେ। କୋକସରା ବ୍ଲକ ଆମପାଣି ବୁଢାରଜା ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ ସଭାପତିତ୍ୱରେ ମୁଖ୍ୟଅତିଥି ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ମୁଖ୍ୟବକ୍ତା ଶିକ୍ଷକ ଚିରନ ଠାକୁର ଯୋଗଦେଇଥିଲେ। ସମ୍ମାନିତ ଅତିଥି ସିଆରସି ପ୍ରମୋଦ କୁମାର ପୁରୋହିତ, ଈଶ୍ୱରୀ ପ୍ରସାଦ ଅଗସ୍ତି, ଅଶ୍ୱିନୀ କୁମାର ଦାସ, ଅନିଲ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ।

### ପରିତ୍ୟକ୍ତ କୂଅ ଭିତରୁ ମହିଳାଙ୍କ ମୃତଦେହ ଠାବ

**ବାଉଁଶୁଣୀ, ୫।୯(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ଥାନା ତାଳସରଡା ଗ୍ରାମ ପଞ୍ଚାୟତ ଡମ୍ବରୁଗଡ ଜଙ୍ଗଲ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ଜଣେ ଅଜଣା ମହିଳାଙ୍କ ମୃତଦେହ ଠାବ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗ୍ରାମ ନିକଟ ଜଙ୍ଗଲ ମଧରେ ଥିବା ପରିତ୍ୟକ୍ତ କୂଅ ଭିତରେ ଗଳିତ ଅବସ୍ଥାରେ ଥିବା ମୃତଦେହର ଗନ୍ଧ ଆସିବା ପରେ ସ୍ଥାନୀୟ ଲୋକ ଅନୁସନ୍ଧାନ କରି ମହିଳାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ସୋମବାର ଅପରାହ୍ନରେ ବାଉଁଶୁଣୀ ଥାନାକୁ ଖବର ଦିଆଯାଇଥିଲା। ବାଉଁଶୁଣୀ ପୋଲିସର ଗାଡି ନ ଥିବାରୁ ଦୁଇ ଜଣ ହୋମଗାର୍ଡ ନିଜ ବାଇକ ଯୋଗେ ଘଟଣା ସ୍ଥଳରେ ରାତି ପ୍ରାୟ ସାଢେ ୭ରେ ପହଞ୍ଚିଥିଲେ । ରାତି ହୋଇ ଯାଇଥିବା ହେତୁ ମୃତଦେହ ଉଦ୍ଧାର ହୋଇ ପାରି ନ ଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ପରିଚୟ ମିଳି ପାରିନାହିଁ।

### ଗୁରୁଦିବସ ସମାରୋହ

**ବାଉଁଶୁଣୀ, ୫।୯(ଡି.ଏନ.ଏ.):** ବୌଦ୍ଧ ଜିଲା ମନୁପାଲି ପଞ୍ଚାୟତରେ ସୋମବାର ଗୁରୁ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଖଲିଆପାଲି ସରପଞ୍ଚ ସଂଯୁକ୍ତା ମେହେର,ମନୁପାଲି ପଞ୍ଚାୟତର ଭାରତୀ ମଲ୍ଲିକ, ୱାଇସିଡିଏର ସମ୍ପାଦକ ରାଜେନ୍ଦ୍ର ମେହେର, ଡ. ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ଯୋଗଦେଇ ଗୁରୁଦିବସ ଅବସରରେ ଗୁରୁଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା କିପରି ସୃଷ୍ଟି କରାଯାଇ ପାରିବ ପ୍ରକାଶ କରିଥିଲେ। ୱାଇସିଡିଏର କର୍ମୀ ଗିରିଶ ମେହେର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରରେ ୫ଟି ବିଦ୍ୟାଳୟର ୧୬ ଶିକ୍ଷକ, ୬୦ଛାତ୍ରଛାତ୍ରୀ ଯୋଗ ନେଇଥିଲେ । ଶେଷରେ ଷ୍ଟାର ସ୍କୁଲ ପ୍ରୋଗ୍ରାମର ମୁଖ୍ୟ ଅଜୟ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୫।୯(ସ୍ୱ.ପ୍ର):**ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଏକ ଗଞ୍ଜେଇ ମାମଲାର ବିଚାର କରି ସୋମବାର ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶଯେ, ଗତ ୧୩।୩।୨୦୧୯ ତାରିଖ ସକାଳ ୯ଟାରେ ମନମୁଣ୍ଡା ଥାନା ଅନ୍ତର୍ଗତ ଆଙ୍କୁନ ଗ୍ରାମର ନିରଞ୍ଜନ କହଁର ଓ ଅନ୍ୟ ଜଣେ ଏକ ନାଲି ରଙ୍ଗର ମୋଟରସାଇକେଲରେ ଦୁଇଗୋଟି ଜରି ବସ୍ତାରେ ୭୦ କିଲୋ ଗଞ୍ଜେଇ ନେଇ ଯାଉଥିଲେ। ବୌଦ୍ଧ ଅବକାରୀ କର୍ମଚାରୀଙ୍କ ଦ୍ୱାରା ଧରାପଡିଯିବା ଭୟରେ ଗଞ୍ଜେଇ ଭର୍ତ୍ତି ବସ୍ତା ଦ୍ୱୟକୁ ଲୁଚାଇବାକୁ ଉଦ୍ୟମ କରୁଥିବାବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ ଦ୍ୱାରା ଧରାପଡି କୋର୍ଟ ଚାଲାଣ ହୋଇଥିଲେ। ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (୨ ଏସିସି ନମ୍ବର ୫/୨୦୧୯) ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ସର୍ବମୋଟ ୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ନିରଞ୍ଜନ କହଁରକୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାଯାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜିବୀ ରାଜୀବ କୁମାର ଦଲାଲ ମୋକଦ୍ଦମା ପରିଚାଳନା କରିଥିଲେ।

# ଟ୍ରେନ୍ ଚଳାଚଳ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ,୫।୯**

ଜଏଣ୍ଟ କୋଅର୍ଡିନେସନ କମିଟି ବଲାଙ୍ଗୀର ଏବଂ ବରଗଡ ସଂଘ ପକ୍ଷରୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏମ୍‌ପିଙ୍କ ପାଟଣାଗଡ ବାସଭବନରେ ସାକ୍ଷାତ୍ କରି ରେଳ ଉପଭୋକ୍ତାଙ୍କ ବିଭିନ୍ନ ସୁବିଧା ଏବଂ ବିଭିନ୍ନ ରେଳ ଚଳାଚଳ ଦାବି ଉପରେ ଆଲୋଚନା କରାଯାଇଥିଲା। କମିଟି ଆବାହକ ତଥା ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ଓ ବରଗଡ ଜିଲା ସଭାପତି ପ୍ରଦୀପ ଦେବତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଥିଲେ। ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସକୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ, ୬୦ବର୍ଷର ବଲାଙ୍ଗୀର ଓ ବରଗଡ ରେଳ ଲାଇନକୁ ଭାରତର ରାଜଧାନୀ ଦିଲ୍ଲୀ ସହ ସଂଯୋଗ, ହୀରାକୁଦ-ବିଶାଖାପାଟଣା ଏକ୍ସପ୍ରେସକୁ ୩ଦିନ ପାଇଁ ବିଶାଖାପାଟଣା-ଟିଟିଲାଗଡ-ବଲାଙ୍ଗୀର-ବରଗଡ-ସମ୍ବଲପୁର ଦେଇ ଦିଲ୍ଲୀ ଯିବା ଆସିବା ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଏନେଇ ଏମ୍‌ପି ସିଂଦେଓ ପୂର୍ବରୁ ଦାବିଗୁଡିକ ଉପସ୍ଥାପନ କରିଥିବା ଜଣାଇଥିଲେ। ଆଗକୁ ମଧ ଏହି ଦାବି ଶୀଘ୍ର କିପରି ପୂରଣ ହୋଇପାରିବ ସେନେଇ ରେଳମନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ ସଭାପତି ମିଶ୍ର ବଲାଙ୍ଗୀର ରେଳ ଷ୍ଟେଶନ ସୁବିଧା ଅସୁବିଧା ନେଇ ଏମ୍‌ପିଙ୍କୁ ଅବଗତ କରାଯିବ। ଅଲୋଚନା ସମୟରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ଥିଲେ। ବରଗଡ ରେଳ ଉପଭୋକ୍ତା ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ପାଦକ କମଳ କୁମାର ଯୋଶୀ, ସହସମ୍ପାଦକ କିଶୋର ରଥ, କୋଷାଧକ୍ଷ ଅଭିଜିତ୍ ପ୍ରତିହାର ଓ ସଞ୍ଜୟ ମେହେର, ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ ସହସମ୍ପାଦକ ଦିବାକର ହୋତା, କୋଷାଧକ୍ଷ ଅଶୋକ କୁମାର ଚାନ୍ଦ, କାର୍ଯ୍ୟକାରିଣୀ ସଦସ୍ୟ ରୁତୁରାଜ ସିଂ, ରାମ କିଶୋର ସାଏ, କମ୍ବୁପାଣି ପୁଝାରୀ, ଜିତୁ ଦାଶ, ଚର୍ଚ୍ଚିଲ ମିଶ୍ର ଉପସ୍ଥିତ ଥିଲେ।



ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଶ୍ୱଶୁର,ସମ୍ପର୍କୀୟଙ୍କୁ ୧୦ ବର୍ଷ ଜେଲ

**ବରପଦର ସୌରଭ ଦଣ୍ଡିଆଙ୍କ ଗୋଡକଟା ମାମଲା**

**ବୌଦ୍ଧ,୫।୯(ସ୍ୱପ୍ର)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ବରପଦର ଗ୍ରାମର ସୌରଭ ଦଣ୍ଡିଆଙ୍କ ଗୋଡ଼କଟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଅଭିଯୁକ୍ତ ଶ୍ୱଶୁର ଓ ସମ୍ପର୍କୀୟଙ୍କୁ ବୌଦ୍ଧ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାଏ ୧୦ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେବା ସହ ୫୦ ହଜାର ଟଙ୍କା ଲେଖାଁଏ ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ କନ୍ଧମାଳ ଥାନା ବରପଦର ଗ୍ରାମର ସୌରଭ ଦଣ୍ଡିଆ ଡୁଙ୍ଗୁରୀଗୋରା ଗ୍ରାମର ଶିଶି ଓରଫ ଶଶୀଧର ମହାଲିଙ୍ଗଙ୍କ ଝିଅ ଜ୍ୟୋତ୍ସ୍ନା ମହାଲିଙ୍ଗଙ୍କୁ ପ୍ରେମ ବିବାହ କରିଥିଲେ। କିନ୍ତୁ ଏହି ପ୍ରେମ ବିବାହରେ ଜ୍ୟୋତ୍ସ୍ନାଙ୍କ ପରିବାର ଲୋକଙ୍କ ସହମତି ନ ଥିଲା । ଏନେଇ ସୌରଭ ସହିତ ଜ୍ୟୋତ୍ସ୍ନା ପରିବାର ଗଣ୍ଡଗୋଳ କରିଆସୁଥିଲେ। ଜ୍ୟୋତ୍ସ୍ନା ଡୁଙ୍ଗୁରିଗୋରା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ । ଅଗଷ୍ଟ୨୦୧୯ ମସିହାରେ ଜ୍ୟୋତ୍ସ୍ନା ଓ ସୌରଭ ମିଶି ଡୁଙ୍ଗୁରିଗୋରା ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିଲେ । ଅଙ୍ଗନୱାଡି କେନ୍ଦ୍ରରେ ସୌରଭ ଓ ଜ୍ୟୋତ୍ସ୍ନା ଥିବାବେଳେ ଦିନ ୨ଟା ସମୟରେ ଶ୍ୱଶୁର ଶଶିଧର ମହାଲିଙ୍ଗ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ମହାଲିଙ୍ଗ ଓ ସମ୍ପର୍କୀୟ ସୁରୁ ମହାଲିଙ୍ଗ ଓ ଗଣେଶ୍ୱର ମହାଲିଙ୍ଗ ଆସି ଉଭୟଙ୍କ ସହ ପ୍ରେମ ବିବାହକୁ ନେଇ ଝଗଡା କରିଥିଲେ। ୪ ଜଣ ଅଭିଯୁକ୍ତ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ମାଡ ମାରିବା ସହ ଅଭିଯୁକ୍ତ ଶଶିଧର ମହାଲିଙ୍ଗ ଏକ ଟାଙ୍ଗିଆରେ ସୌରଭଙ୍କ ବାମ ଗୋଡକୁ ହାଣି ସମ୍ପୂର୍ଣ୍ଣ ଅଲଗା କରିଦେଇଥିଲେ। ଜ୍ୟୋତ୍ସ୍ନା ମହାଲିଙ୍ଗଙ୍କୁ ମାଡ ମାରି ମୁଣ୍ଡ ଫଟାଇ ଦେଇଥିବା ନେଇ ଅଭିଯୋଗ ହୋଇଥିଲା । ଉଭୟ ଗୁରୁତର ହେବାରୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ପଠାଇଥିଲେ । ଅଗଷ୍ଟ୨୦୧୯ ରେ କନ୍ଧମାଳ ଥାନାରେ ସୌରଭଙ୍କ ବାପା ବ୍ରିସେନ ଦଣ୍ଡିଆ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କଂଟାମାଳ ପୋଲିସ ୧୪୦/୧୯ରେ ଏକ ମାମଲା ୪ ଜଣ ଅଭିଯୁକ୍ତଙ୍କୁ ବିରୋଧରେ ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଏହି ଘଟଣାରେ ପୋଲିସ ଶଶୀଧର ଓ ସୁରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗଣେଶ୍ୱର ଓ ବାସନ୍ତୀ ଫେରାର ଅଛନ୍ତି। ପରବର୍ତ୍ତୀ ସମୟରେ ମାମଲାଟି ଅଭିଯୁକ୍ତ ଶିଶିଧର ଓ ସୁରୁଙ୍କ ବିରୋଧର ବୌଦ୍ଧ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏସଟି୯/୨୧ ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତିକରି ପ୍ରମାଣ ଥିବା ନେଇ ମାନ୍ୟବର ଅଦାଲତ ଅଭିଯୁକ୍ତ ଶ୍ୱଶୁର ଶଶୀଧର ମହାଲିଙ୍ଗ ଓ ସୁରୁ ମହାଲିଙ୍ଗଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେବା ସହ ୫୦ ହଜାର ଟଙ୍କା ଲେଖାଏଁ ଜରିମୋନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି ମାମଲା ପରିଚାଳନା କରୁଥିଲେ ।

# ଗୁରୁଦିବସ ପାଳିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ

**ଲାଞ୍ଜିଗଡ,୫।୯(ଡି.ଏନ.ଏ.)**

ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଲେଖିକା ଡ. ସୁନୀତି ମୁଣ୍ଡ, ସମ୍ମାନିତ ଅତିଥି ସଂସ୍କୃତି ସଙ୍ଗଠକ ଡ. ଅଜୟ ମିଶ୍ର, ପୂର୍ବତନ ବିଆରସିସି ଗୋପବନ୍ଧୁ ପୁଷ୍ଟି, ସ୍ୱାଧୀନ ପାତ୍ର, ମା' ହିରାନୀଳା ଯୁକ୍ତ ୨ କଲେଜ ଅଧକ୍ଷ କଙ୍କଣ ରାଏ, ସଂଘ ରାଜ୍ୟ ସମ୍ପାଦକ ଅକ୍ଷୟ ଖୁଣ୍ଟିଆ, ନୂଆପଡା ସଂଘ ସାଧାରଣ ସମ୍ପାଦକ ତ୍ରିଲୋଚନ ନାଗ, ଜିଲା ସଭାପତି ବରୁଣ ସୁନା ମଞ୍ଚାସୀନ ଥିଲେ। ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ ବିବରଣୀ ପାଠ କରିଥିଲେ। ସଭା ପରିଚାଳନା କରିଥିଲେ ଶିକ୍ଷକ ଦୁର୍ଯ୍ୟୋଧନ ମାଝି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ନେତା ଧନଞ୍ଜୟ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରିବ ବିନିକା ସ୍ପୋର୍ଟସ କ୍ଲବ

**ବିନିକା, ୫।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବର ଏକ ବୈଠକ ସଭାପତି ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମନୋଜ ଦାସ ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ସହସମ୍ପାଦକ ବାଦଲ କୁମାର ମହାଲିଙ୍ଗ ଆଗାମୀ ଦିନରେ କ୍ରିକେଟ ଖେଳର କିପରି ଅଧିକ ସୁଦୃଢ ହେବ ତାହା ଉପରେ କହିଥିଲେ। ସଦସ୍ୟ ସୃଜନ କୁମାର ପଣ୍ଡା ବିଭିନ୍ନ ଖେଳ ଆୟୋଜନ କରି ନୂତନ ଖେଳାଳି ଚୟନ ସହ କ୍ରୀଡାର ବିକାଶ ପାଇଁ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଖେଳାଳିମାନଙ୍କ ପାଇଁ ଭଲ ପଡିଆ ନିର୍ମାଣ ସହିତ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମକୁ ଦଶହରା ସୁଦ୍ଧା ମରାମତି କରାଯିବ ବୋଲି ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ ପ୍ରତିଶ୍ରୁତି ଦେଇଥିଲେ। କ୍ଲବର କାର୍ଯ୍ୟକାରୀ ସଦସ୍ୟ ଲବ କୁମାର ମାହାଣା, ବିରଞ୍ଚି ବେରିହା, ବୁଲୁ ଦଣ୍ଡିଆ, ହିମାଂଶୁ ଶେଖର ପୁଟେଲ ଓ ରଞ୍ଜନ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କ୍ରୀଡା କ୍ଷେତ୍ରରେ ଅଭିଜ୍ଞତା ଥିବା ଆଗ୍ରହୀ ମହିଳା ଓ ପୁରୁଷଙ୍କୁ ସ୍ପୋର୍ଟସ କ୍ଲବରେ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଅକ୍ଟୋବର ୨ରେ ମାରାଥନ ସହ କ୍ରିକେଟ, ଫୁଟବଲ, ଭଲିବଲ, କବାଡି, ଖୋଖୋ, କ୍ୟାରେମ, ଚେସ୍, ବ୍ୟାଡମିଣ୍ଟନ, ଦୌଡକୁଦ ଆଦି ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ବରିଷ୍ଠ କ୍ରୀଡ଼ାବିତ ବାବୁଲାଲ ସାହୁଙ୍କୁ ନୂତନ ଟିମ ମ୍ୟାନେଜର ଓ ପ୍ରତାପ ସାହୁଙ୍କୁ ପୁଣି ଅଧିନାୟକଭାବେ ଦାୟିତ୍ୱ ଦିଆଯାଇଥିଲା। ସଭାପତି ମିଶ୍ର ଆସନ୍ତା ବର୍ଷ ସୁଦ୍ଧା ସ୍ପୋର୍ଟସ କ୍ଲବ ଉପର ମହଲାରେ ଅତ୍ୟାଧୁନିକ ବ୍ୟାୟାମଶାଳ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁନୀଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବିନିକା, ୫।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ଅମରେଶ ପଣ୍ଡାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୯ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଦରଖାସ୍ତ ୪୫ଟି ଓ ସାମୁହିକ ଦରଖାସ୍ତ ୪ଟି ରହିଥିଲା । ସେଥିରୁ ୧୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ବାକି ୩୦ଟି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ବିଡିଓ ବ୍ୟାସଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ କର୍ମଚାରୀ ଯୋଗଦାନ କରିଥିଲେ ।



ଶିବିରରେ ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ବିଶିପାଲି, ଚଣ୍ଡିଭଟାରେ ନୂଆଁଖାଇ ଭେଟ୍‌ଘାଟ୍

**ପଦ୍ମପୁର,୫।୯(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ଗ୍ରାମପଞ୍ଚାୟତର ବିଶିପାଲି ଗ୍ରାମରେ ସୋମବାର ଜୟ ଜଗନ୍ନାଥ କ୍ଲବ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ଏଥିରେ ଶିରୀଶ ବହିଦାର ମୁଖ୍ୟ ଅତିଥି, ଆଶିଷ ବହିଦାର, ରାଜେଶ ବହିଦାର, ସରପଞ୍ଚ ନେପୁର ସୁନା, ନାଏବ ସରପଞ୍ଚ ସୁଦାମ ସାହୁ ସମ୍ମାନିତ ଅତିଥି ଏବଂ ନାଟ୍ୟକାର ରାଜକୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗାଁର ବୟୋଜ୍ୟେଷ୍ଠଙ୍କୁ ସମ୍ମାନିତ ହୋଇଥିଲା। ବଡଙ୍କୁ ସମ୍ମାନ, ମିଳାମିଶା, ଭାଇଚାରାର ସମନ୍ୱୟ ଏହି ନୂଆଁଖାଇ ପର୍ବ ବୋଲି ମୁଖ୍ୟ ବକ୍ତା ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ। ପରେ କୁନି କୁନି କଳାକାରଙ୍କ ନୃତ୍ୟ ସହ ସଚେତନ ହେମା ନାଟ୍ୟ ଅନୁଷ୍ଠାନର ନାଟକ 'ମୋର କାଏଁ ଦୋଷ' ମଞ୍ଚସ୍ଥ ହୋଇଥିଲା। ଚନ୍ଦ୍ରମଣି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ସାହୁ, କୁଳମଣି ସାହୁ ଏବଂ ଗ୍ରାମ୍ୟ କମିଟି ସଦସ୍ୟ ସହଯୋଗ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଝାରବନ୍ଧ ବ୍ଲକ ଚଣ୍ଡିଭଟା ଲାୟନ୍ସ ସ୍ପୋର୍ଟିଂ କ୍ଲବ ଓ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ନୂଆପଡା ଜିଲା ଡେପୁଟି କଲେକ୍ଟର ମହେନ୍ଦ୍ର କୁମାର ବଡେଇ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦେଦାଦର ଗାଁ ଗୌନ୍ତିଆ ସୁନିଲ ରାୟ, ରୋହିତ ପ୍ରଧାନ, ସରପଞ୍ଚ ତୁଳାରାମ ପଟେଲ, ଜ୍ୟୋତିର୍ମୟୀ ପ୍ରଧାନ, ଲାୟନ୍ସ ସ୍ପୋର୍ଟିଂର ସଭାପତି ମନୋଜ କୁମାର ନାୟକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ ନନ୍ଦ, ସମାଜସେବୀ ଡାକ୍ତର ନରେନ୍ଦ୍ର ପଧାନ, ଆଡ୍‌ଭୋକେଟ ଯୋଗେନ୍ଦ୍ର ଭୋଇ, ଶ୍ୟାମସୁନ୍ଦର ସେଟ, ରଞ୍ଜୁ ବରିହା, ଡଃ ମାନସ ପ୍ରଧାନ, ଧୀରେନ ପ୍ରଧାନ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**No.C-1146: P. H. DIVISION, CUTTACK**
e-mail ID:eephctcii@gmail.com, sephdctc521@gmail.com
**e-procurement Notice for Bid identification No. SEPH-DIVISION, CTC- 24 of 2022-23**

1. Name of the work :- 3 Nos of P.H. work
2. Estimated cost :- Rs.41.15 to 60.79 Lakhs
3. Period of completion :- 12 Months
4. Date & time of availability of bid document in the portal :- From 11.00 AM of 07.09.2022 to 5.00PM of 17.09.2022
5. Last date / time of receipt of bids in the portal :- 5.00 PM of 17.09.2022
6. Date & time of opening of bids :- 11.00 AM of 19.09.2022
7. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha.Ph. (0671) 2979063, email:- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.
Sd./-Superintending Engineer, P.H.Division, Cuttack
OIPR-13009/11/0017/2223

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553
OPTCL Lifeline of Odisha

No. CAD-1693
**TENDER ALERT**

1)**Tender Call Notice No.07/2022-23:** Engagement of commercial diesel run light vehicle Non AC (9 seated Bolero/ 5 seated Camper/ 7 seated Bolero) to be used at 132/33kV Grid S/S Angul under EHT O&M Circle, Chainpal.
2)**Tender Call Notice No.08/2022-23:** Engagement of commercial diesel run vehicle Non-AC (9 seated/5 seated/7 seated) to be used at 400kV Line S/D Meramundali under EHT O&M Circle, Chainpal.
3)**Tender Call Notice No.05/2022-23:** Supply of 01 no. Diesel run hired vehicle ( AC, 07 seated Bolero Neo or equivalent) for the GM (Elect), EHT O&M Circle, Jajpur Road.
4)**Tender Call Notice No.RKL-11/2022-23:** Repair and Service ( Overhauling) of Transformer Oil Filtration Plant of 4kLpH at 220/132kV GSS, Tarkera under EHT O&M Circle, Burla.
5)**E-Tender Call Notice No.18/2022-23:** Construction of PCC & Re-Metalling of 220kV Switch Yards at 220/132/33 kV Grid Sub-station, Tarkera under EHT O&M Division, Rourkela.

For more details please visit OPTCL's website: www.optcl.co.in. OIPR-04011/11/0088/2223 FIPR-38/2022-23

**JOIN INDIAN ARMY** No.KK-139
**AGNIVEER RECRUITMENT RALLY FOR MALE CANDIDATES FROM 09 SEP 2022 TO 14 SEP 2022 OF ARMY RECRUITING OFFICE, SAMBALPUR (ODISHA) AT SAMBALPUR AIRSTRIP, SAMBALPUR**

PLACE : SAMBALPUR AIRSTRIP, JAMADARPALI, SAMBALPUR
DATE : 09 SEPT 2022 TO 14 SEP 2022
REPORTING TIME : 0100 HRS TO 0600 HRS
IMPORTANT NOTE : No candidates will be allowed to attend the rally if he reports after 0600 Hrs.

| Category | Age Criteria | Born between |
|---|---|---|
| Agniveer General Duty (All Arms) | 17 1/2 to 23 Years # | 01 October 1999 to 01 April 2005 |
| Agniveer (Technical) (All Arms) | | |
| Agniveer (Clerk/Store Keeper Technical) (All Arms) | | |
| Agniveer Tradesmen 10th Pass (All Arms) | | |
| Agniveer Tradesmen 8th Pass (All Arms) | | |

#Note: The upper age limit has been relaxed from 21 years to 23 years as one time measure for the Recruiting Year 2022-23.

| Date/Day | Location | Category | Districts |
|---|---|---|---|
| 09 Sep 2022 (Friday) | Sambalpur Airstrip, Jamadarpali, Sambalpur | Agniveer (Tech) | All 10 district for Agniveer Tech & Agniveer Clk/SKT i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer (Clk/SKT) | |
| | | Agniveer (GD) | Jharsuguda & Sambalpur |
| 10 Sep 2022 (Saturday) | Sambalpur Airstrip, Jamadarpali, Sambalpur | Agniveer Tdn (8th) | All 10 district i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer Tdn (10th) | |
| 11 Sep 2022 (Sunday) | Sambalpur Airstrip, Jamadarpali, Sambalpur | Agniveer (GD) | Dhenkanal & Subarnapur |
| 12 Sep 2022 (Monday) | | Agniveer (GD) | Bargarh & Balangir |
| 13 Sep 2022 (Tuesday) | | Agniveer (GD) | Sundargarh & Keonjhar |
| 14 Sep 2022 (Wednesday) | | Agniveer (GD) | Angul & Deogarh |

N.B.:- For any other details candidates are requested to go through the Indian Army Website (www.joinindianarmy.nic.in)
OIPR-44014/11/0002/2223 Sd./- Collector & Dist. Magistrate, Sambalpur

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଟେନ୍ସା/ଲହୁଣୀପଡା, ୫।୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବରସୁଆଁ ନିକଟସ୍ଥ ରାଇକଳା ଗ୍ରାମ ନିକଟରେ ଏକ ମାଲ ବୋଝେଇ ଟ୍ରକ ଧକ୍କାରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ବାଇକ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡିଛି। ମିଳିଥିବା ତଥ୍ୟ ଅନୁଯାୟୀ ବରସୁଆଁ ନିକଟସ୍ଥ ରାଇକଳା ଗ୍ରାମର ସମା ମୁଣ୍ଡା(୪୮)ବରସୁଆଁ ସେଲରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସେ ଛୁଟି ହୋଇ ସନ୍ଧ୍ୟାରେ ନିଜ ବାଇକ୍‌ରେ ଘରକୁ ଆସୁଥିଲେ। ରାଇକଳା ଛକ ନିକଟରେ ତାଙ୍କୁ ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେବା ସହିତ କିଛି ବାଟ ଘୋଷାରି ନେଇଯାଇଥିଲା। ଫଳରେ ସମା ମୁଣ୍ଡାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ ମଧ ରାଇକଳା ଗ୍ରାମରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିବା ଜଣାପଡ଼ିଛି। ଗ୍ରାମବାସୀ ପୋଲିସକୁ ଖବର ଦେବାସହ କ୍ଷତିରଣ ଦାବିକରି କଲେଇପୋଷ ବରସୁଆଁ ରାସ୍ତା ଉପରେ ଶବ ରଖି ରାସ୍ତାରୋକୋ କରିଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକୋ ହଟାଇଥିଲେ । ହେଲେ ଗ୍ରାମବାସୀ ଶବ ଉଠାଇ ବାକୁ ଦେଲେ ନାହିଁ । ଟ୍ରକ ମାଲିକ ଆସି କ୍ଷତିପୂରଣ ଦେଉ ତେବେ ଯାଇ ଶବ ଉଠିବ ବୋଲି ଗ୍ରାମବାସୀ ଅଡ଼ି କରି ବସିଛନ୍ତି ।

### ବୁର୍ଲା ଡିଏଭିରେ ଗୁରୁଦିବସ

**ସମ୍ବଲପୁର,୫।୯(ବ୍ୟୁରୋ) :** ବୁର୍ଲାସ୍ଥିତ ଡିଏଭି ସ୍କୁଲରେ ସୋମବାର ଗୁରୁଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ରଶ୍ମି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଛାତ୍ର ସ୍ପନ୍ଦନ ମିଶ୍ର ଇଂରାଜୀରେ, ମୁସ୍କେହା ମେହେକ ହିନ୍ଦୀରେ ଓ କୁମକୁମ ପ୍ରଧାନ ଓଡ଼ିଆରେ ବକ୍ତୃତା ପ୍ରଦାନ କରିଥିଲେ। ଶିକ୍ଷକ ଅଭୟ ମିଶ୍ରଙ୍କ ନିର୍ଦ୍ଦେଶନାରେ ଲଘୁନାଟକ, ସଂଗୀତ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବିଦ୍ୟାର୍ଥୀମାନେ ଗୁରୁବନ୍ଦନା ଗାନ କରିଥିଲେ। ଛାତ୍ରୀ ଶୁଭଶ୍ରୀ ଦଣ୍ଡପାଟ ଓ ପ୍ରୀତି ପ୍ରଜ୍ଞା ମହାପାତ୍ର ସଂଯୋଜନା କରିଥିବା ବେଳେ ହେଡ ବଏ ପ୍ରୀତୋଶ ଶର୍ମା ଓ ହେଡଗର୍ଲ ଅବନ୍ତିକା ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଧସୁଛି ନବନିର୍ମିତ ପିଚୁ ରାସ୍ତା

**କୁତ୍ରା ୫।୯(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ଜଉରାମୁଣ୍ଡା ଆରଡି ରାସ୍ତାରୁ ଡାହିଜିରା ବାଳିକା ଆଶ୍ରମ ବିଦ୍ୟାଳୟ ପର୍ଯ୍ୟନ୍ତ ପିଚୁ ରାସ୍ତା ଗତ ୫ ମାସ ତଳେ ନିର୍ମାଣ କରାଯାଇଥିଲା।ହେଲେ ରାସ୍ତାର ମଧ ଭାଗରେ କିଛି ଦିନ ତଳେ ହୋଇଥିବା ପ୍ରବଳ ବର୍ଷାରେ ରାସ୍ତା ପାର୍ଶ୍ୱ ପିଚୁ ପ୍ରାୟ ୫୦ ମିଟର ଧୋଇହୋଇଯାଇଛି। ଧିରେ ଧିରେ ଧୋଇହୋଇଥିବା ରାସ୍ତାରୁ ଆହୁରି ପିଚୁ ଧସି ଧସି ଯାଉଛି। ଯଦି ଏହାର ଶିଘ୍ର ମରାମତି କରା ନ ଯାଇ କଡରେ ମାଟି ପକା ନ ଯାଏ ତେବେ ଖୁବ ଶିଘ୍ର ଧସି ଯିବାର ସମ୍ଭାବନା ରହିଛି। ଏପରିକି ସେହି ସ୍ଥାନରେ ରାସ୍ତା ପାର୍ଶ୍ୱ ଖାଲୁଆ ଥିବା ସହ ବର୍ଷା ପାଣି ବୋହୁଥିବାରୁ ପିଚୁ ସହ ରାସ୍ତା କଡ ମାଟି ଧୋଇହୋଇଯାଉଥିବା ଯୋଗୁଁ ଗାର୍ଡ ୱାଲ ନିର୍ମାଣର ଆବଶ୍ୟକତା ରହିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣକାରୀ କର୍ତ୍ତୃପକ୍ଷ ତୁରନ୍ତ ଏହାର ମରାମତି ସହ ଗାର୍ଡ ୱାଲ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଚିନିମହୁଲ ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍

**ଜମନକିରା,୫।୮(ଡି.ଏନ.ଏ.):** ଜମନକିରା ବ୍ଲକ ବଡରମା ପଞ୍ଚାୟତ ଚିନିମହୁଲ ଗ୍ରାମରେ ସୋମବାର ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାୟକ ମୁଖ୍ୟଅତିଥି, ଜିଲା ପରିଷଦ ଜୋନ ୧ ସୁଜାତା ଖୁଣ୍ଟିଆ, ଜମନକିରା ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ଅରୁଣ ପଟେଲ, ବଡରମା ସରପଞ୍ଚ ବିଜୟ କୁମାର ନାୟକ, ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଗ୍ରାମବାସୀଙ୍କ ସହ ମିଶି ନୂଆଁଖାଇ ଭେଟ ପାଳନ କରିଥିଲେ। ଏହି ଅବସରରେ କଳାକାର ସମ୍ମିଳନୀ, ଶିଶୁମାନଙ୍କ ନାଚଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଏଲ୍‌ଆଇସି ଅଭିକର୍ତ୍ତା ସଂଘର ବିକ୍ଷୋଭ

**ସମ୍ବଲପୁର,୫।୯(ବ୍ୟୁରୋ)**

ଅଇଁଠାପାଲି ନିକଟ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିଭିନ୍ନ ଦାବି ନେଇ ଏଲ୍‌ଆଇସି ଅଭିକର୍ତ୍ତା ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ନିୟମାନୁସାରେ ବର୍ଦ୍ଧିତ କମିଶନ, ରିନୁଆଲ କମିଶନ, ପଲିସିଧାରୀଙ୍କ ବୋନସ୍ ବୃଦ୍ଧି, ମାଚୁରିଟି ପଲିସିରେ ବୋନସ ବଢ଼ାଇବା, ଅଭିକର୍ତ୍ତାଙ୍କ ୱେଲଫେୟାର ଫଣ୍ଡ ସୃଷ୍ଟି ଓ ସାମାଜିକ ସୁରକ୍ଷା ପାଣ୍ଠି ଗଠନ କରି ପ୍ରଦାନ କରିବା ପ୍ରଭୃତି ଦାବି କରିଛନ୍ତି। ଏଲ୍‌ଆଇସି ସମ୍ବଲପୁର ଶାଖା ସଭାପତି ଭାସ୍କର ପାଣ୍ଡେଙ୍କ ପରିଚାଳନାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବ୍ରଜ ମୋହନ ସାମଲ, କୋଷାଧକ୍ଷ ଗିରିଧାରୀ ଯୋଶୀ, ବରିଷ୍ଠ ଅଭିକର୍ତ୍ତା ପ୍ରଫୁଲ୍ଲ ବେହେରା, କାଳିଦାସ ପଣ୍ଡା, ଅଭିଜିତ ରଏ, ଦୁଃଖିଶ୍ୟାମ ବାବୁ, ମାନସ ଶତପଥୀ, ଯଯାତୀ ମିଶ୍ର, ପ୍ରମୋଦ ତ୍ରିପାଠୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ଏଲଆଇସି ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଅଭିକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଦକ୍ଷତାକୁ ପରଖି ଶିକ୍ଷା ପ୍ରଦାନ କରିବା ଆବଶ୍ୟକ

**ରାଉରକେଲା ଅଫିସ,୫।୯**

ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ଗୁରୁଦିବସ ଅଭ୍ୟର୍ଥନା କମିଟି ପକ୍ଷରୁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ସୋମବାର ଗୁରୁଦିବସ ପାଳିତ ହୋଇଛି। ଏହି ଅବସରରେ ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଶିକ୍ଷକ ବିଦ୍ୟାର୍ଥୀଙ୍କ ଭିତରେ ଥିବା ଦକ୍ଷତାକୁ ପରଖି ତାଙ୍କୁ ସେହି ଶିକ୍ଷାଦାନ କଲେ ସେମାନେ ସୁନାଗରିକ ହୋଇ ବାହାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ନିରଞ୍ଜନ ପାଢ଼ି ମୁଖ୍ୟ ବକ୍ତା, ବିପିୟୁଟିର ଭିସି ଚିତ୍ତରଞ୍ଜନ ତ୍ରିପାଠୀ, ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ବିଶ୍ରା ବିଇଓ ପ୍ରଜ୍ଞା ପାରମିତା ଜେନା, ନୂଆଗାଁ ବିଇଓ ସସ୍ମିତା ବେହେରା, ଲାଠିକଟା ବିଇଓ ଦେବାନନ୍ଦ ସ, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବୀରମିତ୍ରପୁର, ରଘୁନାଥପାଲି ଓ ରାଉରକେଲାର ୧୫ଶହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୁରୁ ଶିଷ୍ୟର ସମ୍ପର୍କ ଓ ବୃତ୍ତିକୁ ନେଇ ନୃତ୍ୟନାଟିକା ପରିବେଷଣ କରାଯାଇଥିଲା। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ସୁଧୀର ସୁନ୍ଦର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଗୁରୁଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ୪ ଦଫା ଦାବି କଲା ଆର୍‌ଏସ୍‌ପି କର୍ମଚାରୀ ସଂଘ

**ରାଉରକେଲା ଅଫିସ,୫।୯:** ରାଉରକେଲା ସେକ୍ଟର-୫ ସ୍ଥିତ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ରମେଶ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିନଳୀରେ ସଂଘ ପକ୍ଷରୁ ୪ ଦଫା ଦାବି କରାଯାଇଥିଲା। କରୋନା ମହାମାରୀ ସମୟରେ ଆରଏସ୍‌ପିର ନିର୍ଦ୍ଦେଶକ୍ରମେ ୱାର୍କ ଫ୍ରମ୍ ହୋମ୍‌ରେ ରହି ବହୁ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ସେମାନଙ୍କୁ ଆଜିଯାଏ କୌଣସି ଦରମା ମିଳିନାହିଁ । ତେଣୁ ସେମାନଙ୍କୁ ଦରମା ତୁରନ୍ତ ପ୍ରଦାନ କରାଯାଉ ବୋଲି ସଂଘ ଦାବି କରିଥିଲା। ସେହିପରି ୩୯ ମାସର ବକେୟା ଏରିୟର ପ୍ରଦାନ, ବିଗତ ବର୍ଷ ଅପେକ୍ଷା ରାଉରକେଲା ଇସ୍ପାତ କାରଖାନା ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ୭୭୬ କୋଟି ଟଙ୍କାର ଲାଭ କରିଥିବାବେଳେ ଦୁର୍ଗାପୂଜା ପୂର୍ବରୁ ଉଚିତ ବୋନସ ପ୍ରଦାନ, ୨୦୧୯ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁଯାୟୀ, କଣ୍ଟ୍ରାକ୍ଟର ଲେବର ମାନଙ୍କୁ ମିନିମମ୍ ୱେଜେସ୍ ଆଧାରରେ ସମସ୍ତ ଶ୍ରମିକଙ୍କୁ ମଜୁରି ପ୍ରଦାନ କରିବା ପାଇଁ ସଂଘ ଆରଏସ୍‌ପି କର୍ତ୍ତୃପକ୍ଷ ଓ ଆରଏଲସିଙ୍କୁ ଦୃଷ୍ଟିଦେବାକୁ ଦାବି କରିଥିଲା। ଆଗାମୀ ଦିନରେ ଏହି ୪ ଦଫା ଦାବି ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟକାରୀ ନ କଲେ ସଂଘ ପକ୍ଷରୁ ଉଚିତ ଯବାବ ଦିଆଯିବ ବୋଲି ସାଧାରଣ ସମ୍ପାଦକ ସାହୁ ଚେତବନୀ ଦେଇଛନ୍ତି। ସମ୍ମିଳନୀରେ ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ସଭାପତି ବିନୋଦ ବିହାରୀ ତ୍ରିପାଠୀ, ସଞ୍ଜୟ କୁମାର ବଳ, ସୁରେନ୍ଦ୍ର ପ୍ରଧାନ, ସୁବାଷ ସମାତ, ଅମର ମହାନ୍ତି, ସର୍ବେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୌରାଙ୍ଗ ସେବା ଫାଉଣ୍ଡେଶନର ରାଧାଷ୍ଟମୀ ମହୋତ୍ସବ ପାଳନ

**ରାଉରକେଲା ଅଫିସ,୫।୯**

ଗୌରାଙ୍ଗ ସେବା ଫାଉଣ୍ଡେଶନ ତରଫରୁ ରବିବାର ରାଉରକେଲା ସ୍ଥିତ ତ୍ରିଶକ୍ତି ଧାମରେ ରାଧାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣଙ୍କୁ ଅଳଙ୍କାର, ଫୁଲମାଳ ଏବଂ ସୁଗନ୍ଧିତ ଫୁଲରେ ସୁସଜ୍ଜିତ କରାଯାଇଥିଲା। ଭକ୍ତମାନେ ଭଜନ କୀର୍ତ୍ତନ ସହିତ ନୃତ୍ୟ କରି ରାଧାକୃଷ୍ଣଙ୍କୁ ଏକ ପାଲିଙ୍କି ଶୋଭାଯାତ୍ରାରେ ନେଇଥିଲେ। ପରେ ବୈଦିକ ମନ୍ତ୍ର ଜପ କରି ଷୋଡଶ ଉପଚାରରେ ଭଗବାନଙ୍କର ଭବ୍ୟ ଅଭିଷେକ କରାଯାଇଥିଲା। ରାଧାକୃଷ୍ଣଙ୍କୁ ସୁଗନ୍ଧିତ ତେଲରେ ମାଲିସ କରାଯିବା ପରେ ପଞ୍ଚାମୃତ ସ୍ନାନ, ଫଳୋଦକ ସ୍ନାନ ଏବଂ ସମସ୍ତ ନଦୀରୁ ଆସିଥିବା ପବିତ୍ର ଜଳରେ ସ୍ନାନ କରାଯାଇଥିଲା। ଏହାପରେ ରାଧାକୃଷ୍ଣଙ୍କୁ ଚନ୍ଦନ ଲେପନ କରି ଗଙ୍ଗା ଜଳରେ ସ୍ନାନ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରକାରର ଫୁଲ ବୃଷ୍ଟି କରାଯାଇଥିଲା। ଶେଷରେ ଭଗବାନଙ୍କ ମହା ମଙ୍ଗଳ ଆରତୀ କରାଯାଇଥିଲା। ପରେ ସମସ୍ତ ଭକ୍ତଙ୍କୁ ଛପନ ଭୋଗ ବଣ୍ଟନ କରାଯାଇଥିଲା। ଭକ୍ତମାନେ ଝୁଲଣ ଉତ୍ସବ ସେବା ସମାରୋହରେ ଅଂଶଗ୍ରହଣ କରିଥିଲେ।



ରାଧାକୃଷ୍ଣଙ୍କୁ ବିଭିନ୍ନ ପ୍ରକାର ସ୍ନାନ କରାଯାଉଛି।

## ଚେତନା ନାଟ୍ୟ ଅନୁଷ୍ଠାନର ନୂଆଁଖାଇ ଭେଟ

**ସମ୍ବଲପୁର,୫।୯(ବ୍ୟୁରୋ)**

ଧନୁପାଲି ଚେତନା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅଭିନେତା ଓ ନିର୍ଦ୍ଦେଶକ ଉମେଶ ପ୍ରସାଦ ରଥ ମୁଖ୍ୟଅତିଥି, ବିଶିଷ୍ଟ ସଂଗୀତଜ୍ଞ ପ୍ରଫୁଲ୍ଲ ମିତ୍ର ଓ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ରଞ୍ଜନ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଅଞ୍ଚଳର ଗୌରବ ଓ ଗାରିମା ନୃତ୍ୟ ସଂଗୀତ ନାଟକକୁ ସମ୍ବଲପୁରର ଅବଦାନ ଉପରେ ଆଲୋକପାତ କରିଥିଲେ। ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ଓ ଅଭିନେତା ବିପିନ ବିହାରୀ ଦାଶଙ୍କୁ ଚେତନା ନାଟ୍ୟ ସମ୍ମାନ-୨୨ରେ ସମ୍ମାନିତ କରାଯାଇଥିଲା। ସନ୍ତୋଷ ରାୟଗୁରୁ ମାନପତ୍ର ପଠନ କରିଥିଲେ। ଅଭିନେତା ସୁରେଶ ତ୍ରିପାଠୀ, ସତ୍ୟରଞ୍ଜନ ବେହେରା, ରାମାଶିଷ ତ୍ରିପାଠୀ, ତ୍ରିଲୋଚନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ବାଗ, କାହ୍ନୁକେଶବ ବହିଦାର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପାଢ଼ୀ ପରିଚାଳନା କରିଥିବା ବେଳେ ସୁଶାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ପରିତ୍ୟକ୍ତ କୂଅ ଭିତରୁ ମହିଳାଙ୍କ ମୃତଦେହ ଠାବ

**ବାଉଁଶୁଣୀ, ୫।୯(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ତାଳସରଡା ଗ୍ରାମ ପଞ୍ଚାୟତ ଉମ୍ବରୁଗାଡ ଜଙ୍ଗଲ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ଜଣେ ମହିଳାଙ୍କ ମୃତଦେହ ଠାବ ହୋଇଛି। ସୂଚନା ଅନୁଯାୟୀ ଗ୍ରାମ ନିକଟ ଜଙ୍ଗଲ ମଧରେ ଥିବା ପରିତ୍ୟକ୍ତ କୂଅରେ ଗଳିତ ଅବସ୍ଥାରେ ଥିବା ମୃତଦେହର ଗନ୍ଧ ଆସିବା ପରେ ସ୍ଥାନୀୟ ଲୋକେ ମହିଳାଙ୍କ ମୃତଦେହ ପଡିଥିବା ଦେଖିଥିଲେ।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**ପଡ଼ିଆବାହାଲ,୫।୯(ଡି.ଏନ.ଏ.)**

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡ଼ିଆବାହାଲ ବଜାର ପ୍ରାଙ୍ଗଣରେ ୬ ପଞ୍ଚାୟତର ଅଧିବାସୀଙ୍କୁ ନେଇ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତର ପାଞ୍ଚଶହରୁ ଉର୍ଦ୍ଧ୍ୱ ଅଧିବାସୀ ଅଭିଯୋଗ ପତ୍ର ଦାଖଲ କରିଥିଲେ। ବିଡ଼ିଓ ନୀଳାମ୍ବର ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବାହାମ, ଡ଼ଙ୍ଗରପଡା, କୁକୁଡ଼ାପାଲି, କବରାପାଲି, ଘେନୁପାଲି ଓ ନୂଆବରଗାମାଳ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ପାଞ୍ଚ ଶହରୁ ଅଧିକ ଦରଖାସ୍ତ ହୋଇଥିବାବେଳେ ସେଥିରୁ ଅଧିକାଂଶ ଇନ୍ଦିରା ଆବାସ ଓ ରାଶନ କାର୍ଡ ପାଇଁ ରହିଥିଲା। ବିଡ଼ିଓ ମହାନନ୍ଦ ସମସ୍ତ ଅଭିଯୋଗର ତୁରନ୍ତ ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ।



ବାହାମଠାରେ ଅଭିଯୋଗ ଶୁଣାଣି ହେଉଛି ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ

**ଝାରସୁଗୁଡ଼ା ଅଫିସ,୫।୯**

ଝାରସୁଗୁଡା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମତିଥି ଅବସରରେ ଗୁରୁଦିବସ ପାଳିତ ହୋଇଯାଇଛି। ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଗୁରୁ ଦିବସ ଓ ନୂଆଁଖାଇ ଭେଟ୍ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଲ୍‌ଏନ୍ କଲେଜ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ମୁଖ୍ୟବକ୍ତା, ପୂର୍ବତନ ଶିକ୍ଷା ନିରୀକ୍ଷକ କ୍ଷୀରୋଦ ପ୍ରଧାନ, ସାମାଜିକ କର୍ମୀ ସନ୍ତୋଷ ରକ୍ସା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଅତିଥି ଓ ଗୁରୁଜୀ ଗୁରୁମାଙ୍କୁ ଫୁଲ, ଚନ୍ଦନ ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଛାତ୍ରୀ ସାଇକ୍ରିଷ୍ଣା ମାଝି ଗୁରୁଦିବସ ସମ୍ପର୍କିତ କବିତା ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଧନ୍ୟବାଦ ଦେଇଥିଲେ। ଝାରସୁଗୁଡା ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍କୁଲ୍ ପରିଚାଳନା ସଦସ୍ୟ ଗୌରୀଶଙ୍କର ତିୱାରୀ, ଆଇନ୍‌ଜୀବୀ ତାପସ ରାୟ ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।




ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**No.C-1146: P. H. DIVISION, CUTTACK**
e-mail ID:eephctcii@gmail.com, sephdctc521@gmail.com
**e-procurement Notice for Bid identification No. SEPH-DIVISION, CTC- 24 of 2022-23**

1. Name of the work :- 3 Nos of P.H. work
2. Estimated cost :- Rs.41.15 to 60.79 Lakhs
3. Period of completion :- 12 Months
4. Date & time of availability of bid document in the portal :- From 11.00 AM of 07.09.2022 to 5.00PM of 17.09.2022
5. Last date / time of receipt of bids in the portal :- 5.00 PM of 17.09.2022
6. Date & time of opening of bids :- 11.00 AM of 19.09.2022
7. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha.Ph. (0671) 2979063, email:- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./-Superintending Engineer, P.H.Division, Cuttack
OIPR-13009/11/0017/2223

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553

No. CAD-1693 **TENDER ALERT**

1)**Tender Call Notice No.07/2022-23:** Engagement of commercial diesel run light vehicle Non AC (9 seated Bolero/ 5 seated Camper/ 7 seated Bolero) to be used at 132/33kV Grid S/S Angul under EHT O&M Circle, Chainpal.
2)**Tender Call Notice No.08/2022-23:** Engagement of commercial diesel run vehicle Non-AC (9 seated/5 seated/7 seated) to be used at 400kV Line S/D Meramundali under EHT O&M Circle, Chainpal.
3)**Tender Call Notice No.05/2022-23:** Supply of 01 no. Diesel run hired vehicle ( AC, 07 seated Bolero Neo or equivalent) for the GM (Elect), EHT O&M Circle, Jajpur Road.
4)**Tender Call Notice No.RKL-11/2022-23:** Repair and Service ( Overhauling) of Transformer Oil Filtration Plant of 4kLpH at 220/132kV GSS, Tarkera under EHT O&M Circle, Burla.
5)**E-Tender Call Notice No.18/2022-23:** Construction of PCC & Re-Metalling of 220kV Switch Yards at 220/132/33 kV Grid Sub-station, Tarkera under EHT O&M Division, Rourkela.

For more details please visit OPTCL's website: **www.optcl.co.in.** OIPR-04011/11/0088/2223 FIPR-38/2022-23

**JOIN INDIAN ARMY** No.KK-139
**AGNIVEER RECRUITMENT RALLY FOR MALE CANDIDATES FROM 09 SEP 2022 TO 14 SEP 2022 OF ARMY RECRUITING OFFICE, SAMBALPUR (ODISHA) AT SAMBALPUR AIRSTRIP, SAMBALPUR**

PLACE : SAMBALPUR AIRSTRIP, JAMADARPALI, SAMBALPUR
DATE : 09 SEPT 2022 TO 14 SEP 2022
REPORTING TIME : 0100 HRS TO 0600 HRS
IMPORTANT NOTE : No candidates will be allowed to attend the rally if he reports after 0600 Hrs.

| Category | Age Criteria | Born between |
|---|---|---|
| Agniveer General Duty (All Arms) | 17 1/2 to 23 Years # | 01 October 1999 to 01 April 2005 |
| Agniveer (Technical) (All Arms) | | |
| Agniveer (Clerk/Store Keeper Technical) (All Arms) | | |
| Agniveer Tradesmen 10th Pass (All Arms) | | |
| Agniveer Tradesmen 8th Pass (All Arms) | | |

#Note: The upper age limit has been relaxed from 21 years to 23 years as one time measure for the Recruiting Year 2022-23.

| Date/Day | Location | Category | Districts |
|---|---|---|---|
| 09 Sep 2022 (Friday) | Sambalpur Airstrip, Jamadarpali, Sambalpur | Agniveer (Tech) | All 10 district for Agniveer Tech & Agniveer Clk/SKT i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer (Clk/SKT) | |
| | | Agniveer (GD) | Jharsuguda & Sambalpur |
| 10 Sep 2022 (Saturday) | Sambalpur Airstrip, Jamadarpali, Sambalpur | Agniveer Tdn (8th) | All 10 district i.e. Angul, Balangir, Bargarh, Deogarh, Dhenkanal, Jharsuguda, Keonjhar, Subarnapur, Sundargarh & Sambalpur |
| | | Agniveer Tdn (10th) | |
| 11 Sep 2022 (Sunday) | Sambalpur Airstrip, Jamadarpali, Sambalpur | Agniveer (GD) | Dhenkanal & Subarnapur |
| 12 Sep 2022 (Monday) | | Agniveer (GD) | Bargarh & Balangir |
| 13 Sep 2022 (Tuesday) | | Agniveer (GD) | Sundargarh & Keonjhar |
| 14 Sep 2022 (Wednesday) | | Agniveer (GD) | Angul & Deogarh |

N.B.:- For any other details candidates are requested to go through the Indian Army Website (www.joinindianarmy.nic.in)

OIPR-44014/11/0002/2223 Sd./- Collector & Dist. Magistrate, Sambalpur

ଫ୍ୟାଶନ୍

# ଆପଣ ପତଳା ହୋଇଥିଲେ...

➔ବ୍ଲାକ୍ ଟି' ଶର୍ଟ୍ସ ସହିତ ରାପିଂ ସ୍କର୍ଟ ଆପଣଙ୍କୁ ଭଲ ମାନିବ। ଏହା ଆପଣଙ୍କ ପର୍ସନାଲିଟିକୁ ବହୁତ ବୋଲ୍ଡ ଦେଖାଯିବାରେ ସାହାଯ୍ୟ କରିବ। ଆପଣ ଏହି ଆଉଟ୍‌ଫିଟ୍ ସହିତ ବ୍ଲାକ୍ ବୁଟ୍ ପିନ୍ଧିପାରିବେ, ଯାହା ଆପଣଙ୍କୁ ଅଧିକ ଷ୍ଟାଇଲିଶ୍ ଦେଖାଯିବାରେ ସାହାଯ୍ୟ କରିବ।

➔ଯଦି ଆପଣଙ୍କୁ ରେଟ୍ରୋ ଲୁକ୍ ପସନ୍ଦ, ତେବେ ତାକୁ ଆପଣ ଆଉଟ୍‌ଫିଟ୍‌ରେ ସାମିଲ କରିପାରିବେ।





➔ଆପଣଙ୍କ ଲୁକ୍‌କୁ ଅଧିକ ଷ୍ଟାଇଲିଶ୍ କରିବାକୁ ଚାହୁଁଛନ୍ତି କି, ତେବେ ଜିନ୍ସ ସହ ଆପଣ ଡେନିମ୍ ଜ୍ୟାକେଟ୍ କିମ୍ବା ଶ୍ରଗ୍‌କୁ ପେୟାର କରି ପିନ୍ଧିପାରିବେ।

➔ଶାଢ଼ି ଯଦି ଆପଣଙ୍କୁ ପସନ୍ଦ, ତେବେ ହ୍ୱାଇଟ୍ ଶାଢ଼ି ପିନ୍ଧିପାରିବେ। ଏହାକୁ ଆପଣ ଡେ' ଆଣ୍ଡ ନାଇଟ୍ ଇଭେଣ୍ଟରେ ପିନ୍ଧିପାରିବେ।

➔ବୋଲ୍ଡ ଲୁକ୍ ପାଇବାକୁ ହେଲେ ବୋଲ୍ଡ ପ୍ରିଣ୍ଟ ଡ୍ରେସ୍ ପିନ୍ଧନ୍ତୁ, ଯଦ୍ଵାରା ଆପଣ ଫ୍ରେଶ୍ ଲୁକ୍ ପାଇପାରିବେ।

## ଘରୋଇ ଉପାୟରେ ଟାଇଲ୍‌କୁ ଚମକାନ୍ତୁ



ସଫାସୁତୁରା ରହିବାକୁ ସମସ୍ତଙ୍କୁ ପସନ୍ଦ। କିନ୍ତୁ କେବେ ଭାବିଛନ୍ତି କି ଟାଇଲ୍‌ଗୁଡ଼ିକର କିପରି ଯତ୍ନ ନିଆଯିବ। ଟାଇଲ୍‌ର ଯଦି ଉପଯୁକ୍ତ ଯତ୍ନ ନିଆଯିବ, ତେବେ ଘର ଦେଖାଯିବ ସବୁବେଳେ ଚକାଚକ୍। ଏମିତିରେ ପୂରା ଘରକୁ ଆପଣ ଛୁଟିଦିନରେ ଚମକାଇ ପାରିବେ। ଯଦି ଏହାକୁ ଠିକ୍ ସମୟରେ ସଫା ନ କରାଯାଏ, ତେବେ ଏଥିରେ ଦାଗ ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହାକୁ ଠିକ୍ ସମୟରେ ସଫା କରିବା ଜରୁରୀ।

– ବାଥ୍‌ରୁମ୍‌ରେ ଲାଗିଥିବା ଟାଇଲ୍‌ର ଅପରିଷ୍କାରକୁ ସଫା କରିବାକୁ ହେଲେ ଏକ ପାତ୍ର ନିଅନ୍ତୁ। ସେଥିରେ କିଛି ବେକିଂ ସୋଡ଼ା ନିଅନ୍ତୁ। ଏବେ ଏହି ବେକିଂ ସୋଡ଼ାକୁ ଓଦା ସ୍ପଞ୍ଜ ସାହାଯ୍ୟରେ ଘଷନ୍ତୁ। କାନ୍ଥ ସଫା କରିବା ପରେ ତାକୁ ଗରମ ପାଣିରେ ଭଲଭାବେ ଧୋଇ ଦିଅନ୍ତୁ।

– ଟାଇଲ୍‌ଗୁଡ଼ିକୁ ସଫା କରିବାକୁ ହେଲେ ସିର୍କାକୁ ପ୍ରଭାବଶାଳୀ ବୋଲି କୁହାଯାଇପାରେ। ଏବେ ସିର୍କା ଓ ପାଣିର ସମାନ ମାତ୍ରା ନିଅନ୍ତୁ। ଏହାକୁ ଟାଇଲ୍ସ ଉପରେ ସ୍ପ୍ରେ କରନ୍ତୁ। ସ୍ପ୍ରେ ହୋଇଥିବା ଟାଇଲ୍‌କୁ କିଛି ସମୟ ଛାଡ଼ିଦିଅନ୍ତୁ। ଏହା କିଛି ସମୟ ରହିବା ପରେ ତାକୁ ବ୍ରଶ ସାହାଯ୍ୟରେ ସଫା କରନ୍ତୁ।

– ବାଥ୍‌ରୁମ୍ ଟାଇଲ୍‌କୁ ଚକାଚକ୍ କରିବାକୁ ହେଲେ ଏକ ସଫା କପଡ଼ା ନିଅନ୍ତୁ। ସେଥିରେ କିଛି ଲୁଣ ପକାଇ ଟାଇଲ୍ ଉପରେ ରଗଡ଼ନ୍ତୁ। ଏହାକୁ ଗୋଟିଏ ରାତି ସେମିତି ଛାଡ଼ିଦିଅନ୍ତୁ। ସକାଳୁ ତାକୁ ବ୍ରଶ୍ ସାହାଯ୍ୟରେ ସଫା କରନ୍ତୁ। ଦେଖିବେ ଦାଗ ଲାଗିଥିବା ଟାଇଲ୍‌ଗୁଡ଼ିକ ସଫା ଦେଖାଯାଉଛି।

ଖାଦ୍ୟରୁଚି

## ନଡ଼ିଆ ସୁଜି ହାଲ୍‌ୱା

**ଆବଶ୍ୟକ ସାମଗ୍ରୀ:** ଏକ କପ୍ ସୁଜି, କୋରା ହୋଇଥିବା ନଡ଼ିଆ ଦୁଇ ଚାମଚ, ଏକ କପ୍ ଦେଶୀ ଘିଅ, ଦୁଇ କପ୍ ଚିନି, ୫-୬ଟି ଛେଚା ହୋଇଥିବା ପିସ୍ତା ବାଦାମ, ୧୫-୨୦ଟି କିସ୍‌ମିସ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍‌ଚୁଲା ଅନ୍ କରି ସେଥିରେ କଡ଼େଇ ବସାନ୍ତୁ। ଏବେ ଏହି କଡ଼େଇରେ ଘିଅ ପକାଇ ସେଥିରେ ଏକ କପ୍ ସୁଜି ପକାଇ ଭାଜନ୍ତୁ, ଯେପର୍ଯ୍ୟନ୍ତ ସୁଜି ବ୍ରାଉନ୍ କଲର ନ ହୋଇଛି। ଭଜା ସୁଜିକୁ କାଢ଼ି ଏକ ପାତ୍ରରେ ରଖନ୍ତୁ। କଡ଼େଇ ବସାଇ ସେଥିରେ ଅଳ୍ପ ମାତ୍ରାରେ ଲୁଣ, ଚିନି ଓ ପାଣିକୁ ଏକ ସଙ୍ଗରେ ପକାନ୍ତୁ। ପାଣି ଫୁଟିବା ଆରମ୍ଭ କଲେ ଏଥିରେ ଭଜା ସୁଜିକୁ ପକାଇ ବାରମ୍ବାର ଚଲାନ୍ତୁ, ନହେଲେ ଏହା ବିଣ୍ଡା ହୋଇଯିବ। ଏବେ ଫୁଟା ହୋଇଥିବା କ୍ଷୀରକୁ ପକାନ୍ତୁ। ଚୁଲାରେ ବସିଥିବା କଡ଼େଇକୁ ଟିକେ ସିମ୍ କରିଦିଅନ୍ତୁ। ଯେତେବେଳେ ସୁଜି ଘିଅ ଛାଡ଼ିବା ଆରମ୍ଭ କରିବ, ସେଥିରେ ନଡ଼ିଆ ପକାଇ ଆଞ୍ଚରୁ କାଢ଼ିଦିଅନ୍ତୁ। ଏବେ ତା' ଉପରେ ପିସ୍ତା ବାଦାମ, କିସ୍‌ମିସ୍ ପକାନ୍ତୁ। ତା'ପରେ ଗରମ ଗରମ ପରଷନ୍ତୁ।



ସୌନ୍ଦର୍ଯ୍ୟ

# ସୁସ୍ଥ କେଶ ପାଇଁ ପିଆଜ ରସ



➤ପିଆଜ ରସରେ ଥିବା ସଲ୍‌ଫର କେଶକୁ ମୋଟା ଓ ଲମ୍ବା କରିବାରେ ସାହାଯ୍ୟ କରିଥାଏ।

➤ପିଆଜ ରସକୁ ହାତ ସାହାଯ୍ୟରେ ମୁଣ୍ଡରେ ଗୋଲ ଗୋଲ କରି ମସାଜ୍ କରନ୍ତୁ। ଏହାକୁ ମସାଜ୍ କରିବାର ଘଣ୍ଟାଏ ପରେ ଅଳ୍ପ ସାମ୍ପୋ ସାହାଯ୍ୟରେ ମୁଣ୍ଡକୁ ସଫା କରିଦିଅନ୍ତୁ। ଏପରି ସପ୍ତାହରେ ୨-୩ଥର କରନ୍ତୁ।

➤ପିଆଜ ତେଲ କେଶକୁ ମଜଭୁତ କରିବା ସହ ଝଡ଼ିବା ସମସ୍ୟା ଦୂର ହୋଇଥାଏ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ନଡ଼ିଆ ତେଲରେ ଛୋଟଛୋଟ ପିଆଜ ଖଣ୍ଡ ପକାଇ ଟିକେ ଫୁଟାଇ ଦିଅନ୍ତୁ। ଏହା ଫୁଟିଗଲା ପରେ ତାକୁ ଛାଣି ରଖିଦିଅନ୍ତୁ। ଏହି ତେଲ ଥଣ୍ଡା ହେଲା ପରେ ତାକୁ ମୁଣ୍ଡରେ ଲଗାଇ ହାଲୁକା ମସାଜ୍ କରନ୍ତୁ।



ଯଦି ଆପଣଙ୍କର କେଶ ପତଳା ହୋଇଥାଏ, ତେବେ ପିଆଜ ସାହାଯ୍ୟରେ କିପରି କେଶକୁ ମୋଟା କରିବେ ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

➤ପିଆଜ ରସରେ ଲେମ୍ବୁ ରସ, ଆମ୍ଳା ପାଉଡର ପକାଇ ଭଲଭାବେ ମିଶାନ୍ତୁ। ଏବେ ଏହି ପେଷ୍ଟକୁ କେଶରେ ଲଗାନ୍ତୁ। ଏବେ ଏହାକୁ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଅଧଘଣ୍ଟା ପରେ କେଶକୁ ଥଣ୍ଡା ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ।

➤କେଶକୁ ସୁସ୍ଥ ଓ ମୋଟା ରଖିବାକୁ ହେଲେ ସପ୍ତାହରେ ଦୁଇଥର ପିଆଜ ଜୁସ୍ ପିଅନ୍ତୁ। ଆପଣ ପ୍ରଥମେ ଗୋଟିଏ ପିଆଜ ନେଇ ତାକୁ କାଟି ମିକ୍ସଚରରେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହା ପରେ ତାକୁ ଛଣାରେ ଛାଣି ସେଥିରେ ଲେମ୍ବୁ ରସ ମିଶାଇ ପିଅନ୍ତୁ।

# ଘର ଭଡ଼ା ନେଉଥିଲେ...

ମନଲାଖି ଘରଭଡା ଟିଏ ମିଳିବା ବହୁତ କଷ୍ଟାସାଧ ହୋଇଗଲାଣି। ଘର ମାଲିକ କିପରି ତାହା ମଧ୍ୟ ଭଲ ଭାବେ ବୁଝିସୁଝି ନେଲେ ଭଲ। କୌଣସି କର୍ମଜୀବୀ ହୁଅନ୍ତୁ ଅବା ଶିକ୍ଷା କିମ୍ବା କୌଣସି ବିଷୟରେ ଟ୍ରେନିଂ ନେବାକୁ ସହରକୁ ଆସି ଘର ଭଡ଼ା ନେଇ ରହୁଥିଲେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...





ଆଜିକାଲି ଅନେକ ମହିଳା କର୍ମଜୀବୀ ହେବାକୁ ପସନ୍ଦ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରକୁ ଚଳାଇବାକୁ ସେମାନେ ଆଗେଇ ଆସୁଛନ୍ତି। ବାହାରେ ଚାକିରିଟିଏ ପାଇବା ପରେ ସେଠାରେ ଘର ଭଡ଼ା ନେଇ ରହୁଛନ୍ତି। ଏହି ସମୟରେ ସେମାନଙ୍କୁ କେତୋଟି ଦିଗ ପ୍ରତି ନଜର ଦେବା ଦରକାର। କାରଣ କେବଳ ରହିବା ପାଇଁ ଘରଟିଏ ମିଳିଗଲେ ହେବ ନାହିଁ, ତା'ସହ ସେଠାକାର ପରିବେଶ ଭଲ ରହିବା ଦରକାର। ସାମାନ୍ୟ ଭୁଲ ଯୋଗୁ ଘର ଭଡ଼ା ପାଇଁ ଅନେକେ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତାହାର ମଧ୍ୟ ଅନେକ ଉଦାହରଣ ରହିଛି। ସ୍ମିତା ରାଜଧାନୀର ଏକ ଘରୋଇ ସଂସ୍ଥାରେ ଫ୍ରଣ୍ଟଲାଇନ୍ ଏକ୍‌ଜିକ୍ୟୁଟିଭ ଭାବରେ କାମ କରନ୍ତି। ପାଠ ଶେଷ ହେବା ପରେ ସେ ଏହି ଚାକିରି ପାଇଥିଲେ। ତେଣୁ ଗାଁ ଛାଡ଼ି ସହରରେ ରହିବାକୁ ପଡ଼ିଥିଲା। ହଠାତ୍ ଘରଟିଏ ଖୋଜିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। ତେଣୁ ସେ ଜଣେ ସାଙ୍ଗଙ୍କ ସହ ଶେୟାର କରି ରହୁଥିଲେ। ପରବର୍ତ୍ତୀ ସମୟରେ ନିଜେ ଏକ ଭଡ଼ାଘର ନେଇ ରହିଲେ। ହେଲେ ସେଠାକାର ପରିବେଶ ବିଷୟରେ ଠିକ୍ ଭାବରେ ତର୍ଜମା କରିପାରି ନ ଥିଲେ ସେ। ଏଥିପାଇଁ ମାତ୍ର ମାସ କେଇଟାରେ ପୁଣି ଥରେ ତାଙ୍କୁ ଘର ବଦଳାଇବାକୁ ପଡ଼ିଥିଲା। ତେଣୁ କୌଣସି କର୍ମଜୀବୀ ହୁଅନ୍ତୁ ଅବା ଶିକ୍ଷା କିମ୍ବା କୌଣସି ବିଷୟରେ ଟ୍ରେନିଂ ନେବାକୁ ସହରକୁ ଆସି ଘର ଭଡ଼ା ନେଇ ରହୁଥିଲେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ସେ ସମ୍ପର୍କରେ କିଛି କଥା...

– ଯେଉଁଠି ଚାକିରି କରିଛନ୍ତି ତାହାର ପାଖ ଅଞ୍ଚଳରେ ଘରଭଡ଼ା ନେଲେ ଭଲ। ଯଦି କିଛି ଦୂରରେ ରହୁଛନ୍ତି, ତେବେ ସେଠାରୁ ଗମନାଗମନ ସୁବିଧା ଉପରେ ଦୃଷ୍ଟି ଦିଅନ୍ତୁ।

– ଘର ଭଡ଼ା ନେବା ପୂର୍ବରୁ ସେହି ଘରର ମାଲିକଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଭଡ଼ା ବିଷୟରେ ସିଧାସଳଖ ମାଲିକଙ୍କ ସହ କଥା ହୁଅନ୍ତୁ।

– ଘର ଭଡ଼ା ନେବା ପୂର୍ବରୁ ସେଠାରେ କ'ଣ କ'ଣ ସୁବିଧା ରହିଛି ଯଥା –ପାର୍କିଂ ବ୍ୟବସ୍ଥା ଇଲେକ୍ଟ୍ରି ,ପାଣି ବିଲ୍ ବିଷୟରେ ମଧ୍ୟ ଭଲ ଭାବରେ ଜାଣନ୍ତୁ।

– ଭଡ଼ାଘର ଦେଖିବା ସମୟରେ ସେହି ଘରର ଅବସ୍ଥା, ତାହାର ଭିତର ଏବଂ ବାହାର ପରିବେଶକୁ ଭଲ ଭାବରେ ତର୍ଜମା କରନ୍ତୁ।

– ଘର ଭଡ଼ା ନେବା ପୂର୍ବରୁ ନିଜ ବିଷୟରେ ବିଶଦ ବିବରଣୀ ଘର ମାଲିକଙ୍କୁ ଜଣାଇବାକୁ ଭୁଲନ୍ତୁ ନାହିଁ।

– ସେଠାରେ ଆପଣ ଏକୁଟିଆ ରହିବେ ନା ଆଉ କିଏ ସାଙ୍ଗରେ ରହିବେ ସେ ନେଇ ସୂଚନା ଦିଅନ୍ତୁ।

– ସବୁଠାରୁ ବଡ଼ କଥା ହେଲା ରେଣ୍ଟ ବା ଭଡ଼ା। କେତେ ଭଡ଼ା ଦେବେ ସେ ନେଇ ପ୍ରାରମ୍ଭରୁ ଠିକ୍ କରି ନିଅନ୍ତୁ।

– ଘର ଭଡ଼ା ନେବା ସମୟରେ ସ୍ଥାନୀୟ କୋର୍ଟରେ ଏଗ୍ରିମେଣ୍ଟ କରାଇ ନିଅନ୍ତୁ। ଏହାର ଟର୍ମ-କଣ୍ଡିଶନଗୁଡ଼ିକୁ ଭଲ ଭାବରେ ପଢ଼ି ସେଥିରେ ଦସ୍ତଖତ କରନ୍ତୁ। ତାହାର ଏକ ନକଲ (କପି) ପାଖରେ ରଖନ୍ତୁ।

– ନିର୍ଦ୍ଧାରିତ ସମୟ ପୂର୍ବରୁ ଘରଭଡ଼ା ଦେଇ ଦିଅନ୍ତୁ। ଯଦି କୌଣସି ମାସରେ ଭଡ଼ା ଦେବାରେ କିଛି ଅସୁବିଧା ହୁଏ, ତେବେ ତାହା ପୂର୍ବରୁ ଘର ମାଲିକଙ୍କୁ ଜଣାଇ ଦିଅନ୍ତୁ।

– ଭଡ଼ା ନେଇଥିବା ଘରେ କିଛି ସମସ୍ୟା ହେଲେ ତୁରନ୍ତ ଘର ମାଲିକଙ୍କୁ ଜଣାନ୍ତୁ।

– ଯଦି ଆପଣ ଘର ଛାଡ଼ିବାକୁ ଚାହୁଁଥାନ୍ତି, ତେବେ ସେ ବିଷୟରେ ଘର ମାଲିକଙ୍କ ସହ ଏ ସମ୍ବନ୍ଧରେ କେବେ ସୂଚନା ଦେବାକୁ ହେବ ତାହା ପଚାରି ବୁଝି ନିଅନ୍ତୁ।

– ଆପଣ ଯେଉଁ ଘରେ ରହୁଛନ୍ତି, ସେଠାକାର ଠିକଣା ନୋଟ୍ କରି ଗ୍ୟାସ୍ କମ୍ପାନୀଙ୍କୁ ଏ ବିଷୟରେ ସୂଚନା ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଗ୍ୟାସ୍ ସିଲିଣ୍ଡର ପାଇବାରେ କୌଣସି ଅସୁବିଧା ହେବ ନାହିଁ।

– ଯଦି ଆପଣ ନେଇଥିବା ଭଡ଼ାଘରକୁ ନେଇ ବାହାରର କୌଣସି ବ୍ୟକ୍ତି କିଛି ଖରାପ ମନ୍ତବ୍ୟ ଦେଲେ, ତେବେ ସେ ନେଇ ତର୍ଜମା କରିବା ପରେ ସେ ବିଷୟରେ ଚିନ୍ତା କରନ୍ତୁ।

– ବେଳେବେଳେ ନୂଆ ଭଡ଼ାଘରେ ନିଜକୁ ଖାପ ଖୁଆଇ ଚଳିବାକୁ କିଛି ଦିନ ଲାଗିଥାଏ। କାରଣ ସବୁ ଜାଗାରେ ସବୁ ପ୍ରକାର ସୁବିଧା ସୁଯୋଗ ନ ଥାଏ। ପରିସ୍ଥିତିରେ ପଡ଼ି ଘର ଭଡ଼ା ନେବାକୁ ପଡ଼େ। ତେଣୁ ଏ ନେଇ ନିଜକୁ ପ୍ରସ୍ତୁତ କରିନିଅନ୍ତୁ।

– କେତେକ ଭଡ଼ାଘରେ ନିଜର ବାର୍ଥ ଡେ ହେଉ ଅବା କୌଣସି ପୂଜାପାର୍ବଣକୁ ସେଲିବ୍ରେଟ୍ କରିଥାଆନ୍ତି। ତେବେ ଏହା ପୂର୍ବରୁ ଘର ମାଲିକଙ୍କ ସହ କଥା ହୋଇ ଯାଆନ୍ତୁ।

– ଯେଉଁଠି ଘର ଭଡ଼ା ନେଇଛନ୍ତି, ସେହି ଘରକୁ ନିଜ ଘର ବୋଲି ଭାବନ୍ତୁ। ଘରର କୌଣସି ମରାମତି କରିବାକୁ ପଡିଲେ କିମ୍ବା କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଘର ମାଲିକଙ୍କୁ ଜଣାନ୍ତୁ।

–ଯାହାକୁ ଆପଣ ଭଡା ଦେଉଛନ୍ତି ତାଙ୍କର ଠିକଣା ଏବଂ ଆଉଡି ପ୍ରୁଫ୍‌ର ନକଲ ଆପଣ ମାଗି ରଖନ୍ତୁ।



### କ'ଣ କହନ୍ତି ଏମାନେ



**ଭଡ଼ାଘର ବିଷୟରେ ବିଶଦ ଭାବରେ ବୁଝିନିଏ**
*(ଅବନ୍ତୀ ଜେନା, କର୍ମଜୀବୀ, ଭୁବନେଶ୍ୱର)*

ମୁଁ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଭୁବନେଶ୍ୱରରେ ରହୁଛି। ମୋ ସ୍ୱାମୀ କର୍ମଜୀବୀ। ମୁଁ ମଧ୍ୟ ଏକ ପ୍ଲେ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତା। ତେଣୁ ଘର ଭଡ଼ା ନେବା ସମୟରେ ମୁଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଥିଲି। ଘର ବିଷୟରେ ଏହାର ମାଲିକ ମୋତେ ବିଶଦ ଭାବରେ ବୁଝାଇ ଦେଇଥିଲେ। ଯେବେଠାରୁ ଏଠାରେ ମୁଁ ରହୁଛି ମୋର କୌଣସି ପ୍ରକାର ଅସୁବିଧା ହୋଇନାହିଁ। କୌଣସି ସମସ୍ୟା ହେଲେ ମୁଁ ବିଳମ୍ବ ନ କରି ଘର ମାଲିକଙ୍କୁ ଜଣାଇଥାଏ। ମୋ ଦୁଇ ଝିଅ ଏବେ ପଢ଼ୁଛନ୍ତି। ତେଣୁ ଘର ଭଡ଼ା ନେବା ପୂର୍ବରୁ ମୁଁ ସେଠାକାର ପରିବେଶ ପ୍ରତି ବିଶେଷ ଧ୍ୟାନ ଦେଇଥିଲି।



**ସବୁ ଦିଗ ପ୍ରତି ଦୃଷ୍ଟି ଦେଇଥିଲି**
*(ରଶ୍ମିତା ସାହୁ, ଗୃହିଣୀ, ଜିଜିପି କଲୋନୀ, ଭୁବନେଶ୍ୱର)*

ମୁଁ ପ୍ରାୟ ୧୫ ବର୍ଷ ହେବ ଭୁବନେଶ୍ୱରରେ ପରିବାର ସହ ରହୁଛି। ସ୍ୱାମୀ ତାଙ୍କ ବିଜ୍‌ନେସ୍‌ରେ ବ୍ୟସ୍ତ ରହନ୍ତି। ତେଣୁ ଘରର ପ୍ରତିଟି ବିଷୟ ପ୍ରତି ମୋତେ ନଜର ଦେବାକୁ ପଡ଼େ। ଯେହେତୁ ଆମେ ପରିବାର ସହ ବାହାରେ ରହୁଛୁ, ତେଣୁ ଭଡ଼ାଘରଟିଏ ଖୋଜିବା ସମୟରେ ଆମେ ଏହାର ପ୍ରତିଟି ଦିଗ ପ୍ରତି ଦୃଷ୍ଟି ଦେଇଥିଲୁ। ବିଶେଷ ଭାବରେ ପରିବାର ରହିବାକୁ ଘରଟି ଉପଯୁକ୍ତ କି ନାହିଁ ତାହା ଭଲ ଭାବରେ ପରଖି ନେଇଥିଲି। ଯେଉଁଠି ମୁଁ ରହୁଛି ଏଠି ସବୁ ପ୍ରକାର ସୁବିଧା ରହିଛି। ବିଶେଷଭାବରେ ମାର୍କେଟିଂରେ କୌଣସି ଅସୁବିଧା ହୋଇ ନଥାଏ। ମୋର ପୁଅ-ଝିଅ ପାଠ ପଢ଼ୁଛନ୍ତି। ସେମାନଙ୍କର ସ୍କୁଲ ମଧ୍ୟ ଅନତି ଦୂରରେ। ପାଖରେ ହସ୍‌ପିଟାଲ ମଧ୍ୟ ରହିଛି। ତେଣୁ ଏଠାକାର ପରିବେଶ ମୋତେ ବେଶ୍ ପ୍ରଭାବିତ କରିଥିଲା।

# କିପରି କମାଇବେ ବିଜୁଳି ବିଲ୍

ବିଜୁଳି ବିଲ୍‌କୁ ନେଇ ଆପଣ ଚିନ୍ତିତ କି? ଯଦି ହଁ, ତେବେ ନିମ୍ନୋକ୍ତ କେତୋଟି ଟିପ୍ସକୁ ଆପଣାଇଲେ କିଛିମାତ୍ରାରେ ବିଜୁଳି ବିଲ୍ କମାଇ ପାରିବେ...

➔ଯଦି ରୁମ୍‌ରେ କେହିନାହାନ୍ତି ଏବଂ ସେଠାରେ ଲାଇଟ୍ ଜଳୁଛି କିମ୍ବା ଫ୍ୟାନ୍ ବୁଲୁଛି, ତେବେ ସେ ରୁମ୍‌ର ଲାଇଟ୍ ଓ ଫ୍ୟାନ୍‌ର ସୁଇଚ୍ ଅଫ୍ କରିଦିଅନ୍ତୁ।

➔ବେଳେବେଳେ ଆପଣ ବାଥ୍‌ରୁମ୍ ଯାଇଥିବେ, କିନ୍ତୁ ଲାଇଟ୍ ଅନ୍ କରିଥିବେ। ସୁଇଚ୍ ଅଫ୍ କରିବାକୁ ଭୁଲିଯାନ୍ତି। ଏଥିପାଇଁ ସତର୍କ ରହିବା ଉଚିତ୍।

➔ରୋଷେଇ ଘରେ ଯଦି ଆବଶ୍ୟକ ପଡୁଛି ଲାଇଟ୍ ସୁଇଚ୍ ଅନ୍ କରନ୍ତୁ। ଯେତେବେଳେ ଆପଣ ରୋଷେଇ ଘରେ ନାହାନ୍ତି, ତେବେ ଲାଇଟ୍ ସୁଇଚ୍ ଅଫ୍ କରିଦିଅନ୍ତୁ।

➔ଯଦି ଆପଣ ଏସି କିମ୍ବା ଫ୍ରିଜ୍ କିଣୁଛନ୍ତି, ଚେଷ୍ଟା କରନ୍ତୁ ୫ ଷ୍ଟାର ଥିବା ଏସି କିମ୍ବା ଫ୍ରିଜ୍ କିଣିବା ପାଇଁ। ଏହା ଆପଣଙ୍କ ବିଜୁଳି ବିଲ୍ କମ୍ କରିବାରେ ସାହାଯ୍ୟ କରିବ।



➔ଯଦି ଆପଣ ଘରେ କିଛିଦିନ ରହୁନାହାନ୍ତି, ତେବେ ଫ୍ରିଜ୍ ସୁଇଚ୍ ଅଫ୍ କରିଦିଅନ୍ତୁ। ଲାଇଟ୍, ଟିଭି, କୁଲର, ଏସି ଆଦି ଆବଶ୍ୟକ ପଡିଲେ ଚଲାନ୍ତୁ। କୌଣସି ଜିନିଷ ଆବଶ୍ୟକ ନ ଥିଲେ ଚଲାନ୍ତୁ ନାହିଁ।

➔ଯଦି ବି ଆପଣ ଚାହୁଁଛନ୍ତି ଆପଣଙ୍କ ଇଲେକ୍‌ଟ୍ରିକ୍ ବିଲ୍ କମ୍ ହେଉ, ତେବେ ଘରେ ସବୁବେଳେ ଏଲଇଡି ଲାଇଟ୍ ବ୍ୟବହାର କରନ୍ତୁ।



ପୁଣେରେ ଅନୁଷ୍ଠିତ ସର୍ବପ୍ରଥମ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇ ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ଜଗରନଟ୍ସ ଦଳ।

# ବୋଲିଂରେ ସନ୍ତୁଳନ ଉପରେ ଗୁରୁତ୍ୱ

**ଏସିଆ କପ୍**

**ଭାରତ-ଶ୍ରୀଲଙ୍କା ମ୍ୟାଚ ଆଜି**

ଦୁବାଇ, ୫।୯ (ପି.ଟି.)

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର ଫୋର୍‌ରେ ମଙ୍ଗଳବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଭାରତ ନିଜର ପ୍ରଥମ ମ୍ୟାଚ ପାକିସ୍ତାନଠାରୁ ହାରି ଯାଇଛି। ତେଣୁ ଆଗାମୀ ମ୍ୟାଚରେ ଟିମ୍ ଇଣ୍ଡିଆ ପାଇଁ ନିହାତି ବିଜୟ ଆବଶ୍ୟକ ହୋଇପଡ଼ିଛି। ତେଣୁ ଅଧିକ ପରୀକ୍ଷା ନିରୀକ୍ଷା ନ କରି ବୋଲିଂରେ ସନ୍ତୁଳନ ବଜାୟ ରଖିବା ଭାରତ ପାଇଁ ଜରୁରୀ ହୋଇଛି। ଆହତ ରବୀନ୍ଦ୍ର ଜାଡେଜା, ହର୍ଷଲ ପଟେଲ ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ବୋଲିଂ ବିଭାଗରେ ଭାରତ ପାଇଁ ପର୍ଯ୍ୟାପ୍ତ ବିକଳ୍ପ ନାହିଁ। ଗତ ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତ ୫ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ମାତ୍ର ଏହା କାମ ଦେଇ ନ ଥିଲା। ଭୁବନେଶ୍ୱର କୁମାର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଟୁର୍ନାମେଣ୍ଟ ଆରମ୍ଭରେ ପାକିସ୍ତାନ ବିପକ୍ଷରେ ବିଜୟ ପରଠାରୁ ଭାରତର ବୋଲିଂ ଭଲ ରହିନାହିଁ। ହାର୍ଦ୍ଦିକ ପାଣ୍ଡ୍ୟା ଓ ଯୁଜବେନ୍ଦ୍ର ଚହଲ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ୫ ବୋଲର ଥିଓରି ହାର୍ଦ୍ଦିକଙ୍କ ୪ ଓଭରକୁ ଅଧିକ ଜଟିଳ କରି ଦେଉଛି। ତେଣୁ ଜାଡେଜାଙ୍କ ସ୍ଥାନରେ ଦଳରେ ସାମିଲ ହୋଇଥିବା ଅକ୍ଷର ପଟେଲଙ୍କୁ ନିଆଯାଇ ସନ୍ତୁଳନ ରକ୍ଷା କରାଯାଇପାରେ। ପାକିସ୍ତାନ ବିପକ୍ଷ ମ୍ୟାଚ ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିବା ଆଭେଶ ଖାଁଙ୍କୁ ମଧ୍ୟ ତୃତୀୟ ସ୍ୱଶାଳିଷ୍ଟ ପେସରଭାବେ ସୁଯୋଗ ଦିଆଯାଇପାରେ। ଆସନ୍ତା ବିଶ୍ୱକପ ପୂର୍ବରୁ ଶ୍ରେଷ୍ଠ ଏକାଦଶ ଚୟନ ଉପରେ କୋଚ୍ ରାହୁଲ ଦ୍ରାବିଡ ଗୁରୁତ୍ୱ ଦେଉଛନ୍ତି। ତେଣୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପରୀକ୍ଷା ନିରୀକ୍ଷାକୁ ଜାରି ରଖିପାରେ।

ଉଇକେଟ କିପର ଦୀନେଶ କାର୍ତ୍ତିକ ଓ ରିଷଭ ପନ୍ତଙ୍କୁ ନେଇ ବିତର୍କ ଜାରି ରହିଛି। କାର୍ତ୍ତିକଙ୍କ ସ୍ଥାନରେ ଦୀପକ ହୁଦାଙ୍କୁ ସାମିଲ ନିଷ୍ପତ୍ତି ମଧ୍ୟ କାମ ଦେଇ ନ ଥିଲା। ଭାରତ ନିକଟରେ ସମ୍ପ୍ରତି ବୋଲିଂ ବିଭାଗକୁ ନେଇ ପର୍ଯ୍ୟାପ୍ତ ବିକଳ୍ପ ନାହିଁ। ମାତ୍ର ଯଥାଶୀଘ୍ର ମିଡିଲ ଅର୍ଡର ବ୍ୟାଟିଂ ସୁଧାରିବା ଆବଶ୍ୟକ ହୋଇଛି। ପାକିସ୍ତାନ ବିପକ୍ଷ ମ୍ୟାଚରେ ସକାରାତ୍ମକ ଦିଗ ହେଲା ଟପ୍ ଅର୍ଡରର ୩ ଖେଳାଳି ରୋହିତ, ଲୋକେଶ ରାହୁଲ ଓ ବିରାଟ କୋହଲି ଆକ୍ରମଣାତ୍ମକ ବ୍ୟାଟିଂ କରି ଭାରତକୁ ଦ୍ରୁତ ଆରମ୍ଭ ଦେଇଥିଲେ। ଏସିଆ କପ୍‌ରେ କୋହଲି କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରି ନିଜ ସମାଲୋଚକଙ୍କ ମୁହଁ ବନ୍ଦ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଏହି ୩ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରନ୍ତୁ ବୋଲି ପ୍ରଶଂସକମାନେ ଆଶା ରଖିଛନ୍ତି।

ପ୍ରଥମ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷରେ ସଫଳ ଚେଜ୍ କରି ଶ୍ରୀଲଙ୍କା ଟ୍ରାକ୍‌କୁ ଫେରିଛି। ଚରିଥ ଆଶାଲଙ୍କାଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ଅଧିନାୟକ ଦସୁନ ଶନକା, କୁସାଲ ମେଣ୍ଡିସ, ଦନୁସ୍କା ଗୁଣତିଲକା ଓ ଭାନୁକା ରାଜପାକ୍ସା ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତେଣୁ ଭାରତ ଆଗାମୀ ମ୍ୟାଚକୁ ଗୁରୁତ୍ୱ ଦେଇ ଖେଳିବ। କାରଣ ଆଉ ଏକ ପରାଜୟ ଭାରତକୁ ଫାଇନାଲ ଖେଳିବାଠାରୁ ଦୂରରେ ରଖିବା ସମ୍ଭାବନା ରହିଛି।






# ଭାରତୀୟ ମହିଳା ଦଳ ପ୍ରଥମେ କାନାଡାକୁ ଭେଟିବ

**ଲାଉସାନେ, ୫।୯ (ପି.ଟି.):** ଏଫ୍ଆଇଏଚ୍ ନେଶନ୍ସ କପ୍ ହକି ଟୁର୍ନାମେଣ୍ଟ ସ୍ପେନର ଭାଲେନ୍‌ସିଆଠାରେ ଡିସେମ୍ବର ୧୧ରୁ ୧୭ ପର୍ଯ୍ୟନ୍ତ ହେବ। ୮ଟି ଦେଶକୁ ନେଇ ଆୟୋଜିତ ଏହି ଇଭେଣ୍ଟ ପରବର୍ତ୍ତୀ ସିଜନର ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଏକ କ୍ୱାଲିଫାୟର। ଟୁର୍ନାମେଣ୍ଟରେ କାନାଡା, ଜାପାନ ଓ ଦକ୍ଷିଣ ଆଫ୍ରିକା ସହ ଭାରତ ପୁଲ୍ 'ବି'ରେ ସ୍ଥାନ ପାଇଛି। ପୁଲ 'ଏ'ରେ କୋରିଆ, ଇଟାଲୀ, ଆୟୋଜକ ସ୍ପେନ ଓ ଆୟର୍ଲାଣ୍ଡ ରହିଛନ୍ତି। କାନାଡା ମ୍ୟାଚ୍ ପରେ ଭାରତ ଡିସେମ୍ବର ୧୨ରେ ଜାପାନକୁ ଭେଟିବ। ଡିସେମ୍ବର ୧୪ରେ ଦଳ ଏହାର ଅନ୍ତିମ ପୁଲ ମ୍ୟାଚ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଏହା ଡିସେମ୍ବର ୧୬ରେ ଖେଳାଯିବ। ଟୁର୍ନାମେଣ୍ଟର ଫାଇନାଲ ଡିସେମ୍ବର ୧୭ରେ ଖେଳାଯିବା ଲାଗି ସ୍ଥିର କରାଯାଇଛି। ଭାରତୀୟ ମହିଳା ଦଳ ଏଫ୍ଆଇଏଚ୍ ହକି ପ୍ରୋ-ଲିଗ୍ ସିଜନ ୨୦୨୧-୨୨ରେ ପ୍ରଥମ ପଦାର୍ପଣରେ ତୃତୀୟ ସ୍ଥାନ ଅଧିକାର କରିଥିଲା।

# ସମ୍ବିତଙ୍କୁ ଦ୍ୱିତୀୟ ଆଇଏମ୍ ନର୍ମ

ଭୁବନେଶ୍ୱର, ୫।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଚେସ୍ ତାରକା ସମ୍ବିତ ପଣ୍ଡା ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ ଦିଗରେ ଆଉ ଏକପାଦ ଆଗକୁ ବଢ଼ିଛନ୍ତି। ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ଦୁବାଇ ଓପନ ଚେସ୍ ଟୁର୍ନାମେଣ୍ଟରେ ସେ ଦ୍ୱିତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୪ ବିଜୟ, ୪ଡ୍ର ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଛନ୍ତି। ୪ର୍ଥ ରାଉଣ୍ଡରେ ଇଜିପ୍ଟ ଗ୍ରାଣ୍ଡମାଷ୍ଟର ଆଡ୍‌ଲି ଅହମଦଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିବା ସମ୍ବିତ ୮ମ ରାଉଣ୍ଡରେ ଆର୍ଜେଣ୍ଟିନା ଗ୍ରାଣ୍ଡମାଷ୍ଟର ସାଣ୍ଡ୍ରୋ ମାରେକୋ ଏବଂ ୯ମ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ତେଜାସ କୁମାର ଏମ୍‌ଏସ୍‌ଙ୍କୁ ହରାଇ ଉଲ୍ଲେଖନୀୟ ସଫଳତା ପାଇଥିଲେ। ଟୁର୍ନାମେଣ୍ଟ ଶେଷରେ ସେ ୩୦ତମ ସ୍ଥାନରେ ରହିଥିବାବେଳେ ତାଙ୍କୁ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସେ ୨୩୦୦ରୁ ୨୪୦୦ ରେଟିଂ ବର୍ଗରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ସେ କାନପୁରରେ ଅନୁଷ୍ଠିତ ଜାତୀୟ ସିନିୟର ଓପନ ଟୁର୍ନାମେଣ୍ଟରେ ହାସଲ କରିଥିଲେ। ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବାକୁ ହେଲେ ତାଙ୍କୁ ଆଉ ଏକ ନର୍ମ ହାସଲ କରିବାକୁ ପଡ଼ିବ। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ସହ ଅନ୍ୟ ସମସ୍ତ ସଦସ୍ୟ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ପ୍ରମୁଖ ସମ୍ବିତଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ସମ୍ବିତ ପଣ୍ଡା

# ରିଜୱାନ୍‌ଙ୍କର ହେବ ଏମ୍ଆର୍ଆଇ ସ୍କାନ୍

**ଦୁବାଇ, ୫।୯ (ପି.ଟି.):** ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାକିସ୍ତାନ ଉଇକେଟକିପର ବ୍ୟାଟର ମହମ୍ମଦ ରିଜୱାନ୍‌ଙ୍କର ଏମ୍ଆର୍ଆଇ ସ୍କାନ୍ କରାଯିବ। ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ଭାରତ ବିପକ୍ଷ ୫ ଉଇକେଟ ବିଜୟ ମ୍ୟାଚ ବେଳେ ତାଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ପାକିସ୍ତାନ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭାରତର ଇନିଂସ ବେଳେ ମହମ୍ମଦ ହାସ୍‌ନେନ୍‌ଙ୍କ ଏକ ଡେଲିଭରିକୁ ସଂଗ୍ରହ କରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ ଡାହାଣ ଗୋଡ଼ ମୋଡି ହୋଇଯାଇଥିଲା। ସେତେବେଳେ ରିଜୱାନ୍ ଯନ୍ତ୍ରଣା ଅନୁଭବ କରିଥିଲେ। ଆଘାତପ୍ରାପ୍ତ ସତ୍ତ୍ୱେ ରିଜୱାନ୍ ଇନିଂସ ଓପନ କରିଥିଲେ ଏବଂ ଏକ ମ୍ୟାଚ ବିଜୟୀ ୫୧ ବଲ୍‌ରୁ ୭୧ ରନ କରିଥିଲେ, ଫଳରେ ପାକିସ୍ତାନ ଭାରତର ୧୮୧/୭ ସ୍କୋରକୁ ୫ ଉଇକେଟ ବିନିମୟରେ ଚେଜ୍ କରିବାରେ ସଫଳ ହୋଇଥିଲା। ରିଜୱାନ୍ ତୃତୀୟ ଉଇକେଟରେ ୭୩ରନର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍‌ରେ ଅଂଶୀଦାର ରହିଥିଲେ।












# ମେଡ୍‌ଭେଡେଭ ବିଦା, କ୍ୱାର୍ଟରରେ ଗଫ୍

**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ନ୍ୟୁୟର୍କ, ୫।୯ (ଏ.ପି.)

ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱର ନମ୍ବର ୱାନ୍ ଖେଳାଳି ଡାନିଲ ମେଡ୍‌ଭେଡେଭ ଚଳିତ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର କୋକୋ ଗଫ୍। ଦର୍ଶକଭରା ଆର୍ଥର ଆଶେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ମ୍ୟାଚରେ ସେ ଚାଇନାର ଝାଙ୍ଗ୍ ଶୁଆଇଙ୍କୁ ପରାସ୍ତ କରିଛନ୍ତି। ଝାଙ୍ଗ୍ ଚ୍ୟାଲେଞ୍ଜ ଦେଇଥିଲେ ହେଁ ଶେଷରେ ଗଫ ୭-୫, ୭-୫ ସେଟ୍‌ରେ ବିଜୟୀ ହୋଇଥିଲେ। ୧୮ ବର୍ଷୀୟ ଏହି ଫ୍ଲୋରିଡ଼ା ଟେନିସ ତାରକା ବିଜୟୀ ହେବା ପରେ ଶୂନ୍ୟରେ ମୁଥ ମାରିବା ସହ ପରିହାସ ଛଳରେ ଅଙ୍ଗୁଳି ଦେଖାଇଥିଲେ। ଏଥିରେ ଉତ୍ସାହିତ ହୋଇ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଏତେ ଜୋରରେ କୋଳାହଳ କରିଥିଲେ ଯେ, ଝାଙ୍ଗ୍ ଦୁଇ କାନକୁ ହାତରେ ବନ୍ଦ କରି ଦେଇଥିଲେ। ଗତ ଜୁନ୍‌ରେ ଫ୍ରେଞ୍ଚ ଓପନ ରନର-ଅପ୍ ହୋଇଥିବା ଗଫ୍ ଆମେରିକାର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୦୯ରେ ୧୭ ବର୍ଷୀୟ ମେଲାନି ଓଡିନ ୟୁଏସ୍ ଓପନ କ୍ୱାର୍ଟରଫାଇନାଲ ଖେଳିଥିଲେ। ୧୨ତମ ସିଡ୍ ଗଫ୍ କ୍ୱାର୍ଟର ଫାଇନାଲରେ ବିଶ୍ୱର ୧୭ ନମ୍ବର ଖେଳାଳି ଫ୍ରାନ୍ସର କାରୋଲିନ ଗାର୍ସିଆଙ୍କୁ ଭେଟିବେ। ସିନ୍‌ସିନାଟି ହାର୍ଡକୋର୍ଟ ଟାଇଟଲ ଜିତି ଏଠାକୁ ଆସିଥିବା ଗାର୍ସିଆ ୨୯ ନମ୍ବର ଖେଳାଳି ଆମେରିକାର ଆଲିସନ ରିସ୍କେ-ଅମୃତରାଜଙ୍କୁ ୬-୪, ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ତୃତୀୟ ରାଉଣ୍ଡରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରିଥିବା ଆଜଲା ଟୋମଲଜାନୋଭିକ୍ କ୍ୱାର୍ଟର ଫାଇନାଲରେ ୫ ନମ୍ବର ଖେଳାଳି ଓ୍ୱିମ୍ବଲଡନ ରନର-ଅପ୍ ଓନ୍ସ ଜାବେଉରଙ୍କୁ ଭେଟିବେ। ଟୋମଲଜାନୋଭିକ୍ ୭-୬ (୮), ୬-୧ ସେଟ୍‌ରେ ଲିଉଡମିଲା ସାମ୍‌ସୋନୋଭା ଏବଂ ଜାବେଉର ୧୮ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଭେରୋନିକା କିଦରମେଟୋଭାଙ୍କୁ ୭-୬ (୧), ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୨୯ ବର୍ଷୀୟ ଅଷ୍ଟ୍ରେଲିଆନ ଟୋମଲଜାନୋଭିକ୍ ତୃତୀୟ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲ ଖେଳିବାକୁ ଯାଉଛନ୍ତି।

## ବିପର୍ଯ୍ୟୟ ଘଟାଇଲେ କିର୍ଗିଅସ

ଗତଥର ଟାଇଟଲ ହାସଲ କରିଥିବା ରୁଷିଆର ମେଡ୍‌ଭେଡେଭଙ୍କ ଅଭିଯାନ ଏଥର ପୁରୁଷ ସିଙ୍ଗଲ୍ସର ରାଉଣ୍ଡ ଅଫ୍ ୧୬ରୁ ଶେଷ ହୋଇଛି। ୨୩ତମ ସିଡ୍ ନିକ୍ କିର୍ଗିଅସ ୭-୬ (୧୧), ୩-୬, ୬-୩, ୬-୨ ସେଟ୍‌ରେ ମେଡ୍‌ଭେଡେଭଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏକ ହାଇ କ୍ୱାଲିଟି ମ୍ୟାଚରେ ଅଷ୍ଟ୍ରେଲିଆର କିର୍ଗିଅସ ନିଜର ପାରମ୍ପରିକ ବ୍ୟବହାର ପାଇଁ ଚେତାବନୀ ପାଇଥିଲେ ହେଁ ଶେଷରେ ବିଜୟୀ ହେବାରେ ସକ୍ଷମ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ସେ ୨୭ ନମ୍ବର ଖେଳାଳି କାରେନ ଖାଚାନୋଭଙ୍କୁ ଭେଟିବେ। ଅନ୍ୟଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଖାଚାନୋଭ ୪-୬, ୬-୩, ୬-୧, ୪-୬, ୬-୩ ସେଟ୍‌ରେ ସ୍ପେନର ପାବ୍‌ଲୋ କାରେନୋ ବୁଷ୍ଟାଙ୍କୁ ହରାଇ ଦେଇଥିଲେ।


ଶଟ୍ ଖେଳିବା ଅବସରରେ ଡାନିଲ ମେଡ୍‌ଭେଡେଭ।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ